RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | •VOLUME- 42 •ISSUE-343 •BHUBANESWAR •WEDNESDAY •11 JUNE 2025 •PAGE-12 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୪୩ •ଭୁବନେଶ୍ୱର •ବୁଧବାର •୧୧ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





## ଜନଜାଗରଣ ଅଭିଯାନରେ ବର୍ଷିଲେ ନବୀନ

# ଲମ୍ବାଲମ୍ବା ଭାଷଣ, ବଡ଼ବଡ଼ ବିଜ୍ଞାପନରେ ବିକାଶ ହୁଏନି



**ଲୋକଙ୍କ ସରକାରରେ ଲୋକେ ବେଶି ହଇରାଣ**

**ବିନା ଟଙ୍କାରେ ମିଳୁନାହିଁ ଡାକ୍ତରଖାନାରେ ଚିକିତ୍ସା**

**ଭାଙ୍ଗି ଯାଇଛି ମିଶନ ଶକ୍ତି ମା'ଙ୍କ ଆତ୍ମବିଶ୍ୱାସ**

**ମିଲରଙ୍କ ଦୟା ଉପରେ ନିର୍ଭର କରୁଛି ଚାଷୀ**

**ରେକର୍ଡ ପରିମାଣ ଋଣରେ ଚାଲିଛି ସରକାର**

■ **ଭୁବନେଶ୍ୱର, ୧୦।୬ (ସମିସ):** ଲମ୍ବାଲମ୍ବା ଭାଷଣ ଓ ବଡ଼ବଡ଼ ବିଜ୍ଞାପନରେ ରାଜ୍ୟର ବିକାଶ ହୁଏ ନାହିଁ। ରାଜ୍ୟ ବିଜେପି ସରକାର ନିଜକୁ ଲୋକଙ୍କ ସରକାର କହୁଛି; ମାତ୍ର ସମାଜର ପ୍ରତିଟି ବର୍ଗର ଲୋକେ ଏହି ସରକାରରେ ହଇରାଣ ହେଉଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି, ମିଶନ ଶକ୍ତି ମା'ମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗି ଯାଇଛି, ରାଜ୍ୟର ଚାଷୀ ମିଲରଙ୍କ ଦୟା ଉପରେ ନିର୍ଭର କରୁଛି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ଏକପ୍ରକାର ଠପ୍ ହୋଇପଡ଼ିଛି। ରାଜ୍ୟ ସରକାର ଏବେ ରେକର୍ଡ ପରିମାଣର ଋଣ କରି ଚାଲିଛନ୍ତି। ସରକାର କେବଳ ଘୋଷଣା ଓ ପ୍ରତିଶ୍ରୁତିରେ ସୀମିତ ରହିଛି ବୋଲି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମଙ୍ଗଳବାର ବିଜେଡିର ଜନ ▶ପୃଷ୍ଠା-୭

## ଆଜି ଦେବସ୍ନାନ ପୂର୍ଣ୍ଣିମା

# ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦିଅଁ

**ଭୋର୍ ୫ରୁ ଆରମ୍ଭ ହେବ ପହଣ୍ଡି**

**ଅପରାହ୍ଣ ସାଢ଼େ ୪ରେ ହାତୀବେଶ**

■ **ପୁରୀ, ୧୦।୬ (ସମିସ):** ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନବେଦୀରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁଦିଅଁ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ପୁଣି ହାତୀବେଶରେ ସଜେଇ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦୀ ପ୍ରସ୍ତୁତ ଥିବାବେଳେ ସେହି ଦିବ୍ୟ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ଆଉ ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ମଙ୍ଗଳବାର ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ▶ପୃଷ୍ଠା-୭

# ଜିଡିପିରେ ଆଗୁଆ, ଆୟରେ ପଛୁଆ

**ଅର୍ଥବ୍ୟବସ୍ଥାକୁ ନେଇ ଡବ୍ଲ୍ୟୁଇଏଫ୍‌ର ପୂର୍ବତନ ମହାନିର୍ଦ୍ଦେଶକଙ୍କ ଚେତାବନୀ**

■ **ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି):** ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଜାପାନକୁ ପଛରେ ପକାଇ ଭାରତ ଏହି କୃତିତ୍ୱ ହାସଲ କରିଛି। ଏହି ସଫଳତାକୁ ନେଇ କେନ୍ଦ୍ର ସରକାର ଆତ୍ମତୃପ୍ତି ଲାଭ କରୁଛନ୍ତି। ଏହି ସମୟରେ ଅର୍ଥନୀତିଜ୍ଞମାନେ ଭାରତକୁ ସତର୍କ କରାଇବା ସହ ଆତ୍ମସନ୍ତୋଷରେ ହର୍ଷୋତ୍‌ଫୁଲ୍ଲ ନ ହେବାକୁ ପରାମର୍ଶ ଦେଇଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ଲାଉଡ଼େ ସମଦ୍‌ଜା କହିଛନ୍ତି ଯେ ଭାରତ ଅର୍ଥନୀତିରେ ଜାପାନଠୁ ସାମାନ୍ୟ ଆଗରେ ରହିଛି। ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)

**ଆତ୍ମସନ୍ତୋଷ ଲାଭ କଲେ ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିବ**

୪୧୮୭ ବିଲିୟନ ଡଲାର ଥିବାବେଳେ ଜାପାନର ଜିଡିପି ୪୧୮୬ ବିଲିୟନ ଡଲାର ରହିଛି; କିନ୍ତୁ ମୁଣ୍ଡପିଛା ଆୟରେ ଭାରତ ଜାପାନଠୁ ବହୁତ ପଛରେ। ଭାରତର ଆର୍ଥିକ ଆକାର ▶ପୃଷ୍ଠା-୭

## ମୋହନ ସରକାରଙ୍କ ବର୍ଷପୂର୍ତ୍ତି

# ଆଗକୁ ଅନେକ ଆହ୍ୱାନ



■ **ଭୁବନେଶ୍ୱର, ୧୦।୬ (ସମିସ):** ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଆସନ୍ତାକାଲି ଏକ ବର୍ଷ ପୂରଣ କରିବ। ଘଟଣାବହୁଳ ଏହି ପ୍ରଥମ ବର୍ଷରେ ସରକାରଙ୍କ ପ୍ରଦର୍ଶନ, ଶାସନକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା ମଧ୍ୟରେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ମୋହନଙ୍କ କାର୍ଯ୍ୟଶୈଳି ଓ ଦକ୍ଷତାକୁ ମଧ୍ୟ ରାଜ୍ୟବାସୀ ତଉଲୁଛନ୍ତି।

ଏହି ଏକ ବର୍ଷର ଶାସନଯାତ୍ରାରେ ନିର୍ବାଚନୀ ଇସ୍ତାହାର ଓ ସଂକଳ୍ପପତ୍ରକୁ ଯୋଜନାରେ ରୂପାୟଣ ନେଇ ରାଜ୍ୟ ସରକାରଙ୍କ କାର୍ଯ୍ୟ ପ୍ରଶଂସା ଓ ସମାଲୋଚନାର ଶରବ୍ୟ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ, ସୁଶାସନକୁ ନେଇ ରାଜ୍ୟବାସୀଙ୍କ ଆଗରେ ଯେଉଁ ମଡେଲ ଉପସ୍ଥାପନ କରିଛନ୍ତି, ତାହାକୁ ଏବର ପିଢ଼ି ମୋହନଙ୍କ କାର୍ଯ୍ୟଶୈଳୀ ସହ ତଉଲିବେ ନିଶ୍ଚୟ।

ସରସ୍ୱତୀ ଶିଶୁ ମନ୍ଦିରରୁ ଅକସ୍ମାତ ରାଜନୀତିରେ ପ୍ରବେଶ। ତୃଣମୂଳ ରାଜନୀତିରେ ପ୍ରଥମେ ସରପଞ୍ଚ ଏବଂ ପରେ ୪ ଥରର ବିଧାୟକ। ଏହାପରେ ରାଜ୍ୟରେ ବିଜେପିର ପ୍ରଥମ ଥର ସରକାରରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ। ମୋହନଙ୍କର ଏହି ରାଜନୈତିକ ଯାତ୍ରା ଯେତିକି ଘଟଣାବହୁଳ, ସେତିକି ଆହ୍ୱାନପୂର୍ଣ୍ଣ କହିଲେ ▶ପୃଷ୍ଠା-୭

## ଠକ ପାଇଁ ପୁଲିସକୁ ପିଟିଲେ

# ଇନ୍‌ଫୋସିଟି ଥାନା ଭିତରେ ଭଙ୍ଗାରୁଜା

**ଥାନା ଅଧିକାରୀଙ୍କୁ ମାଡ଼, ମହିଳା ଏସ୍‌ଆଇଙ୍କୁ ଧକ୍କା**

**ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁକଲା ପୁଲିସ**

■ **ଭୁବନେଶ୍ୱର, ୧୦।୬ (ସମିସ):** ଠକ ଓ ଠକେଇ ଟଙ୍କାକୁ ନେଇ ଆଜି ରାଜଧାନୀରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଇନ୍‌ଫୋସିଟି ଥାନା ଭିତରେ ପଶି ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ପ୍ରଥମେ ଥାନା ଅଧିକାରୀଙ୍କୁ ଆକ୍ରମଣ କଲେ। ଆକ୍ରମଣରୁ ଅନ୍ୟ ପୁଲିସ କର୍ମଚାରୀ ବି ବର୍ତ୍ତି ପାରିନାହାନ୍ତି। ଏପରିକି ମହିଳା ଅଧିକାରୀଙ୍କୁ ମଧ୍ୟ ଠେଲାପେଲା କରିଛନ୍ତି। ଠକେଇ ମାମଲାରେ ଗିରଫ ଜଣେ ଅଭିଯୁକ୍ତକୁ ନେଇ ଥାନା ଭିତରେ ଏକପ୍ରକାର ଖଣ୍ଡଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଉଥିବା ବେଳେ ସ୍ଥାନୀୟ ଅଲସୁଆ ଗାଁ ଲୋକେ ବିରୋଧ କରିଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ ନକରି ତାଠାରୁ ଟଙ୍କା ଆଦାୟ କରିବା ଦାବିରେ ଗ୍ରାମବାସୀ ଅଡ଼ିବସିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ ଅଲସୁଆଁ ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଅଜୟ ମହାନ୍ତି ୪୨ଜଣ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। ▶ପୃଷ୍ଠା-୭

# 'ସେକ୍ସ କ୍ୱିନ୍' ଶ୍ୱେତାଙ୍କ ସହ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ

**ପୁରୀରେ ଅଶ୍ଳୀଳ ଭିଡ଼ିଓ ସୁଟିଂ ପାଇଁ ଯୋଗାଇଛନ୍ତି ସହାୟତା**

■ **ଭୁବନେଶ୍ୱର ୧୦।୬, (ସମିସ):** 'ସେକ୍ସ କ୍ୱିନ୍' ଭାବରେ ପରିଚିତ କୋଲକାତାର ଶ୍ୱେତା ଖାତୁନ ଓରଫ୍ ଶ୍ୱେତା ଖାନ ଓରଫ୍ ମୋହସିନା ବେଗମ୍ ଓରଫ ଫୁଲତୁସୀଙ୍କ ସହ ଜଣେ ବିଶିଷ୍ଟ ଓଡ଼ିଆ ବ୍ୟବସାୟୀଙ୍କ ସମ୍ପର୍କ ପଶ୍ଚିମବଙ୍ଗରେ ହଲଚଲ ସୃଷ୍ଟି କରିଛି । ଶ୍ୱେତା ଖାନ୍‌ଙ୍କ ପୂର୍ବତନ ସ୍ୱାମୀ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ପଶ୍ଚିମବଙ୍ଗ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଛି। ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସର କିଛି ନେତାଙ୍କ ସହ ସମ୍ପର୍କ ଦୃଷ୍ଟିରୁ ଶ୍ୱେତା ଓ ତାଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ଗିରଫ କରାଯାଉ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି।

ଶ୍ୱେତା ଓ ତାଙ୍କ ପୁଅ ଜଣେ ଯୁବତୀଙ୍କୁ ଚାକିରି ଦେବା ନାମରେ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ଅଶ୍ଳୀଳ ଭିଡ଼ିଓରେ ଅଭିନୟ କରିବା ପାଇଁ ଅରାଜି ହେବାରୁ ସମ୍ପୃକ୍ତ ଯୁବତୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିବା ପୀଡ଼ିତାଙ୍କ ପରିବାର ଶ୍ୱେତା ଓ ତାଙ୍କ ପୁଅ ବିରୋଧରେ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ଏହାପରେ ଉଭୟ ମା' ଓ ପୁଅଙ୍କର ପତ୍ତା ମିଳୁନାହିଁ। ଆଜି ବାଙ୍କୁରାରେ ଶ୍ୱେତାଙ୍କ ଫ୍ଲାଟ ପଛପଟରୁ କିଛି କଟା କେଶ ପୁଲିସ ଉଦ୍ଧାର କରିଛି ଓ ଏହି କେଶଗୁଡ଼ିକ ପୀଡ଼ିତାଙ୍କର ବୋଲି ତାଙ୍କ ପରିବାର ଦାବି କରିଛନ୍ତି ।

ବିଜ୍ଞାପନ ଏଜେନ୍ସି ଉହାଡ଼ରେ ଶ୍ୱେତା ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତ କରୁଥିଲେ ଓ ଓଡ଼ିଶାର ଜଣେ ବଡ଼ ବ୍ୟବସାୟୀଙ୍କ ସହ ତାଙ୍କର ଘନିଷ୍ଠ ସଂପୃକ୍ତି ଥିବା କୁହାଯାଉଛି। ବିଭିନ୍ନ ବଙ୍ଗଳା ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁସାରେ ସମ୍ପୃକ୍ତ ବ୍ୟବସାୟୀଙ୍କର ଦୀର୍ଘଦିନ ହେଲା ଶ୍ୱେତାଙ୍କ ସହ ସମ୍ପର୍କ ▶ପୃଷ୍ଠା-୭



## ଅବକାରୀ ଚଢ଼ଉ; ୪ ଗିରଫ

**ହାଟଡିହି, ୧୦।୬(ସମିସ):** ହାଟଡିହି ବ୍ଲକର ସୋସୋ ଓ ନନ୍ଦିପଦା ଥାନାଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ମଦ କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଢେଙ୍କା, ଡେଙ୍ଗାଚୁଆ, ଅଁରା, ମଧୁରଗଡିଆ ଆଦି ସ୍ଥାନରେ ଚଢଉ କରି ୧୦.୪ ଲିଟର ବିଅର, ୩.୦୬ ଲିଟର ବିଦେଶୀ ମଦ ଓ ୨୦ ଲିଟର ମହୁଲି ମଦ ଜବତକରିବା ସହିତ ୪ ଜଣ ଅଭିଯୁକ୍ତ ପ୍ରଭାକର ମହାନ୍ତି, ମିର୍ଜା ମାଝି, ଉଦୟ ଜେନା ଓ ନାରାୟଣ ପରିଡାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ହାଟଡିହି ଅବକାରୀ ଥାନାଧିକାରିଣୀ ସସ୍ମିତା ବେହେରା, ଏଏସଆଇ ସୁଶାନ୍ତ ରାଉତ ଓ କନେଷ୍ଟବଲ ସୁରେଶଚନ୍ଦ୍ର ବେହେରା ଓ ନିବେଦିତା ମାଝୀ ଚଢ଼ଉ ଦଳରେ ସାମିଲ ଥିଲେ।

## ଲକ୍ଷାଧିକ ଟଙ୍କାର ଶାଗୁଆନ ଓ ଗମ୍ଭାରୀ ପଟା ଜବତ



**ତୁରୁମୁଙ୍ଗା, ୧୦।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡା ଗ୍ରାମର ନବକିଶୋର ନାଏକଙ୍କ ଘରୁ ବିପୁଳ ପରିମାଣର ଗମ୍ଭାରୀ ଓ ଶଗୁଆନ କାଠ ପଟା ଜବତ କରିଛି ବନ ବିଭାଗ । ଏଠାରେ ବିପୁଳ ପରିମାଣର ପଟା ଗଛିତ ନେଇ ଅଭିଯୋଗ ହେବା ପରେ ମୋବାଇଲ ଷ୍ଟାଫ୍ ସହ ପାଟଣା ବନ ବିଭାଗ କର୍ମଚାରୀ ଚଢ଼ଉ କରି ୪୫ ଖଣ୍ଡ ପଟା ଜବତ କରିଛି। ଏଥିସହ ଅଭିଯୁକ୍ତ ନବକିଶୋର ନାଏକଙ୍କୁ ବନ ବିଭାଗ ଗିରଫ କରି ବେଲ୍‌ରେ ଛାଡ଼ିଛି। ଜବତ ହୋଇଥିବା ପଟା ଗୁଡିକର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର ବନବିହାରୀ ସର୍ଦ୍ଦାର କହିଛନ୍ତି। ଡେପୁଟି ରେଞ୍ଜର ସୁଲୋଚନା ସାହୁ, ବନପାଳ ପିଅନ ନାଏକ, ଭୂପତି ସେଠୀ, ବନରକ୍ଷୀ ରଞ୍ଜିତା ମହାନ୍ତ, ଦୀପକ ରଣା, ତପସ୍ୱିନୀ ନାୟକଙ୍କ ସମେତ ଏପିଆର ଫୋର୍ସ ଏବଂ ପାରା ଷ୍ଟାଫ୍ ଚଢ଼ଉ ଦଳରେ ସାମିଲ ଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ



**ବେଲବାହାଳି, ୧୦।୬(ସମିସ):** ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ଗ୍ରାମେ ପୋଖରୀରେ ବୁଡ଼ି ଜଣେ ଯୁବକ କୁନ ବାରିକଙ୍କ ପୁଅ ସନାତନ (୪୩)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ଗତ ଦୁଇ ଦିନ ତଳେ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ସୋମବାର ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ମଙ୍ଗଳବାର ସକାଳୁ ଗ୍ରାମର କିଛି ଯୁବକ ପୋଖରୀରେ ଏକ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମିନତୀ ସ୍ୱାଇଁଙ୍କ ପରଲୋକ



**ରାମଚନ୍ଦ୍ରପୁର, ୧୦।୬(ସମିସ):** ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଅନ୍ତର୍ଗତ ବେଲସୁନ୍ଦରୀ ଗ୍ରାମର ଧର୍ମପରାୟଣା ମହିଳା ମିନତୀ ସ୍ୱାଇଁ (୬୨)ଙ୍କ ସୋମବାର ରାତି ସାଢ଼େ ୧୧ଟା ସମୟରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ କ୍ଷମାକର ସହ ପରିବାର ବର୍ଗ ଉପସ୍ଥିତ ଥିଲେ। ମିନତୀଙ୍କ ଦେହାନ୍ତ ଖବର ମିଳିବା ପରେ ସକାଳୁ ସମାଜସେବୀ ଦେବାଶିଷ ପାତ୍ର, ସ୍ଥାନୀୟ ଅଳତି ସରପଞ୍ଚ ପ୍ରିୟବ୍ରତ ବରାଳ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗକୁ ସମବେଦନା ଜ୍ଞାପନ କରିଥିଲେ। ମିନତୀଙ୍କ ଅକାଳ ବିୟୋଗରେ ସମାଜସେବୀ ଡ. ରତିକାନ୍ତ ବରାଳ, ପ୍ରଭାତ ବରାଳ, ତେଜଜ୍ଞାନ ଫାଉଣ୍ଡେସନର କୋଦଣ୍ଡଧର ସାମଲ, ଶରତ ବରାଳ, ସ୍ଥପତି ହରେକୃଷ୍ଣ ମହାରାଣା, ପ୍ରମୋଦ ବରାଳ ଶୋକ ପ୍ରକାଶ କରିଛନ୍ତି। ସେ ବେଲସୁନ୍ଦରି ଗ୍ରାମର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ସକ୍ରିୟ ଭାବେ ଜଡିତ ରହି ଲୋକଙ୍କ ଅତି ପ୍ରିୟପାତ୍ର ହୋଇ ପାରିଥିଲେ। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମଝିଆ ପୁଅ ସତିଶ୍ ରଂଜନ ସ୍ୱାଇଁ ମୁଖାଗ୍ନି ଦେଇଛନ୍ତି।

### ୫ ବର୍ଷ ହେଲା ସରିନି 'ଆବାସ'

# କିସ୍ତି ଉଠାଇ ଠିକାଦାର ଛୁ'

**କେନ୍ଦୁଝର, ୧୦।୬(ସମିସ)**





ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ୨୦୨୧ରେ କାର୍ଯ୍ୟାଦେଶ ହୋଇଛି; ମାତ୍ର ଘର କାମ ସମ୍ପୂର୍ଣ୍ଣ ନକରି ଠିକାଦର ସମସ୍ତ କିସ୍ତି ଉଠାଣ କରି ଛୁ'। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝରଗଡ଼ ପୌରପାଳିକା ୧ନଂ ୱାର୍ଡ ସୁଲେଇ ଖମାର ଗାଁରେ। ସୂର୍ଯ୍ୟ ମୁଣ୍ଡା ଅତିଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିଥିଲା। ତେବେ ସେ ଘର ନିର୍ମାଣ କରିବାକୁ ଅସମର୍ଥ ଥିବା ଯୋଗୁଁ ସ୍ଥାନୀୟ ଠିକାଦାରଙ୍କୁ ଦିଆଯାଇଛି। ପ୍ରଥମେ ମାଟିତଳୁ ପ୍ଲିଟମେଣ୍ଟ କାମ ଆରମ୍ଭ କରି ଛାତ ଲେବୁଲ ପର୍ଯ୍ୟନ୍ତ ଘର କାମ ସାରି ଦେଇଛି। ତା'ପରେ ଅସଂପୂର୍ଣ୍ଣ କରି ଠିକାଦାର ଚାଲିଯାଇଛି। ସୂର୍ଯ୍ୟ ମୁଣ୍ଡାଙ୍କ ବ୍ୟାଙ୍କ ପାସବହି ନିଜ ପାଖରେ ରଖି ଚାଞ୍ଚକତା କରି ବ୍ୟାଙ୍କକୁ ତାଙ୍କୁ ସାଥିରେ ନେଇ ସମୁଦାୟ ତିନିଟି କିସ୍ତିରେ ୨ ଲକ୍ଷଟଙ୍କା ଠିକାଦାର ଉଠାଣ କରିନେଇଥିବା ଜଣାପଡିଛି। ଆଜକୁ ୫ବର୍ଷହେଲାଣି ସୂର୍ଯ୍ୟଙ୍କ ସ୍ୱାମୀ ପେଟୁ ମୁଣ୍ଡା, ଝିଅ ବାସନ୍ତି ମୁଣ୍ଡା (୧୩), ପୁଅ ଆକାଶ ମୁଣ୍ଡା (୧୦) ବିପଦସଙ୍କୁଳ ଭଙ୍ଗା କୁଡିଆରେ ଜରି ପାଲ ଟାଣି ରହୁଛନ୍ତି। ବର୍ଷାଦିନେ ଦୁର୍ଦ୍ଦଶା ବଢି ଯାଉଛି। ଘର ଉପରୁ ଦରଦର ପାଣି ଗଳୁଛି। ଫଳରେ ରୋଷେଇବାସ ଖାଇବା ପିଇବା ପାଇଁ

### ଜରିପାଲ ତଳେ ଜୀବନ

ପରିବାର ଭାରି ହଇରାଣ ହେଉଛନ୍ତି। ଉପରୁ ଦିନରେ ଖରା ରାତିରେ ତାରା ଦିଶୁଛି। ସରକାର ପ୍ରଧାନମନ୍ତ୍ରୀ ଅବାସ ହିତାଧିକାରୀଙ୍କୁ ଯୋଗାଇ ଦେଉଥିବାବେଳେ ଅସାଧୁ ଅଧିକାରୀ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଞ୍ଚକତା କରି ଟଙ୍କା ଉଠାଣ କରି ଦିଆଯାଉଛି। ଏହିପରି ଗାଁରେ ଏକାଧିକ ଲୋକଙ୍କ ଅବାସ ଟଙ୍କା ଉଠାଣ କରି ସାରିଥିବା ଜଣାପଡିଛି। ପରେ ମନଇଚ୍ଛା କିଛି ଲୋକଙ୍କ ଘର କାମ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତଦନ୍ତ କରି ଠିକାଦାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ତେଲକୋଇ ଆମ୍ରପଲ୍ଲୀ ଆମ୍ବର ଇଟାଲୀରେ ଚାହିଦା



**କେନ୍ଦୁଝର, ୧୦।୬(ସମିସ):** କେନ୍ଦୁଝର ଜିଲ୍ଲାର ତେଲକୋଇ ଅଞ୍ଚଳର ଆମ୍ବ ଏବେ ସୁଦୂର ଇଟାଲିରେ ଚାହିଦା ବୃଦ୍ଧି କରିଛି। ତେଲକୋଇ ଅଞ୍ଚଳରେ ଚାଷ ହେଉଥିବା ଆମ୍ରପଲି ଆମ୍ବର ସେଠାରେ ଆଦର ଅନେକ ଥିବାରୁ ତେଲକୋଇ ଅଞ୍ଚଳର ଚାଷୀ ଜାନକୀ ପ୍ରଧାନ, ମହେଶ୍ୱର ପ୍ରଧାନ, ଯଶୋଦା ପ୍ରଧାନ, ପଞ୍ଚାନନ ସାହୁଙ୍କ ବଗିଚାରୁ ଉନ୍ନତ ମାନର ଆମ୍ରପଲ୍ଲୀ ଆମ୍ବ ଚଳିତବର୍ଷ ଇଟାଲୀର ଖାଉଟି ବଜାର ଦଖଲ କରିଛି। ପ୍ରଥମ ପର୍ଯ୍ୟାୟରେ ଦୁଇଟନ ଆମ୍ରପଲି ଆମ୍ବକୁ ବିଜିନେସ ମ୍ୟାନେଜର ଗାୟତ୍ରୀ ପରିଡା, ସ୍କିଲ ମ୍ୟାନେଜର ଲକ୍ଷ୍ମୀଧର ମିଶ୍ର ପ୍ରକଳ୍ପ ନିର୍ବାହୀ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସିଧାସଳଖ ଆମ୍ବ ବଗିଚାରୁ ଉନ୍ନତ ମାନର ପ୍ୟାକିଂ କରାଯାଇ ଏଗ୍ରିକଲଚରାଲ ଏଣ୍ଡ ପ୍ରୋସେସଡ ଫୁଡ ପ୍ରଡକ୍ଟସ ଏକ୍ସପର୍ଟ ଡେଭଲପମେଣ୍ଟ ଅଥରିଟି କଲକାତା ଦ୍ୱାରା ମେସର୍ସ ଜୟ ଜଗନ୍ନାଥ ଏଣ୍ଟର ପ୍ରାଇଜେସ, ଦୁତା ପୁକୁର, ପଶ୍ଚିମବଙ୍ଗ ସହଯୋଗରେ ବିମାନ ଯୋଗେ ଇଟାଲି ପଠାଯାଇଛି। ଚାଷୀଙ୍କୁ ଆମ୍ବ କେଜି ପିଛା ୪୦ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ କୁମାର ନାଗଭୂଷଣ, ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ସପନ ଗୋସ୍ୱାମୀ ପ୍ରମୁଖ ଚାଷୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବଜାରରେ ଆଠ ଟନରୁ ଅଧିକ ଆମ୍ବ ସୁଲଭ ମୂଲ୍ୟରେ ଜିଲ୍ଲାର ଗ୍ରାହକଙ୍କୁ ଯୋଗାଇ ଦିଆଯାଇଛି। ଓରମାସ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ସହଯୋଗରେ କାଞ୍ଜିପାଣି ଫାର୍ମାର୍ସ ପ୍ରଡ୍ୟୁସର କମ୍ପାନୀ ତେଲକୋଇ ଦ୍ୱାରା ୧୦କେ ଏଫପିଓ ସ୍କିମ ସହିତ ଓରମାସର କ୍ଲଷ୍ଟର ବେସ୍ଡ ବିଜିନେସ ଅର୍ଗାନାଇଜେସନ ଦ୍ୱାରା ଏହି ଇଟାଲିର ଖାଉଟି ବଜାର ଦଖଲ ଉଦ୍ୟମ ଜିଲ୍ଲାର ଚାଷୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

## ଆନନ୍ଦପୁର ଶିଶୁ ସାହିତ୍ୟ କର୍ମଶାଳା ଓ ଆଲୋଚନା



**ଆନନ୍ଦପୁର, ୧୦।୬ (ସମିସ):** ଆନନ୍ଦପୁରର ଶାଳପଡାଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକ କୀର୍ତ୍ତନ ସାହୁଙ୍କ ସଂଯୋଜନାରେ ଏକ ଶିଶୁ ସାହିତ୍ୟ କର୍ମଶାଳା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାବନ୍ଧିକ ଡ ଅଭିନ୍ନଚନ୍ଦ୍ର ସାହୁ। ସାହିତ୍ୟିକ ରତ୍ନାକର ଦାସଙ୍କ ସଂଯୋଜନାରେ ଏକ ଶିଶୁ ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇ ଶିଶୁ ମନସ୍ତତ୍ତ୍ୱକୁ ଆଧାର କରି ସରଳ ଶବ୍ଦ ପ୍ରୟୋଗ ମାଧ୍ୟମରେ କିପରି ଶିଶୁ ସାହିତ୍ୟ ରଚନା କରି ପିଲା ମାନଙ୍କୁ ଆକୃଷ୍ଟ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରା ଯାଇ ଥିଲା। କବି ହଳଧର ପଣ୍ଡା, ଗୋବର୍ଦ୍ଧନ ସାହୁ, କୀର୍ତ୍ତନ ସାହୁ, ରାମଚନ୍ଦ୍ର ଜେନା, ପଙ୍କଜିନି ସାହୁ ସମେତ ଉପସ୍ଥିତ ସମସ୍ତେ ସ୍ୱରଚିତ ଶିଶୁ କବିତା ଆବୃତ୍ତି କରିଥିଲେ। ପ୍ରତ୍ୟେକ କବିତାର ଭଲମନ୍ଦ ଦିଗ ବିଶ୍ଳେଷଣ କରାଯାଇ ଥିଲା। ଶିଶୁ ସାହିତ୍ୟିକ କୀର୍ତ୍ତନ ସାହୁଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଇଥିଲା। ପଙ୍କଜିନି ସାହୁ ଧନ୍ୟବାଦ ଦେଇଥିଲେ।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ତୁରୁମୁଙ୍ଗା, ୧୦।୬(ସମିସ):** ସାହାରପଡ଼ା ବ୍ଲକ ପରିସରରେ ମିଶନ ଶକ୍ତି ବିଭାଗ ତରଫରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଣଜିତ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୨୫ଟି ଏସଏଚଜି ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୀନା ନାୟକ, ବିଡିଓ ରଂଜିତ କୁମାର ମହାନ୍ତ ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଖୁଣ୍ଟାପଡା ପଞ୍ଚାୟତର ମା' ଗୋଜବାୟାଣୀ ଏସଏଚଜି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶଙ୍ଖୁଆର ଲକ୍ଷ୍ମୀ ଭଣ୍ଡାର ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସ୍ଥାନୀୟ ତହସିଲଦାର ଲୀଳାବତୀ ନାଏକ, ସିଡିପିଓ ଦିପ୍ତିମୟୀ ନାୟକ ଓ ଜିପିଇଓ ଅନ୍ତର୍ଯ୍ୟାମୀ ସେଠୀ ପ୍ରମୁଖ ବିଚାରକ ରହିଥିଲେ। ଉଭୟ ଏସ୍‌ଏଚଜିଙ୍କୁ ୫୦୦୦ ଓ ୪୦୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ରାଜୁ ମହାନ୍ତ, ଦୀପାଞ୍ଜଳି ରାଉତ, ପ୍ରିୟରଞ୍ଜନ ଟୁଡୁଙ୍କ ସହ ମିଶନ ଶକ୍ତି ବିଭାଗର ଅଧିକାରୀ ଯୋଗ କରିଥିଲେ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

**କେନ୍ଦୁଝର, ୧୦।୬(ସମିସ):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବିସ୍ତାପାଳ ରଜ ମହୋତ୍ସବ କମିଟି ପକ୍ଷରୁ ରଜ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଗ୍ରାମର ପାର୍ବତୀ ପୀଠ ଆମ୍ବତୋଟା ପଡ଼ିଆଠାରେ ଏକ ବଡ଼ ଦୋଳି ସହ ୫ଟି ଛୋଟ ପଟା ଦୋଳି ନିର୍ମାଣ ଚାଲିଛି। ଆଦିବାସୀ ପାରମ୍ପରିକ ନୃତ୍ୟ ପରିବେଷଣ ଓ ରଜ ଦୋଳି ଗୀତ ପ୍ରତିଯୋଗିତା ସମେତ ଡ୍ୟାନ୍ସ ଧମାକା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ପ୍ରମାନନ୍ଦ ସିଂ, ସମ୍ପାଦକ ଚନ୍ଦ୍ରଶେଖର ବାଙ୍କିରୀ, ସଦସ୍ୟ ଚୁଲୁ ବାଙ୍କିରା, ଲାଲମୋହନ ବାଙ୍କିରା, ଉପଦେଷ୍ଟାମଣ୍ଡଳୀ ଜୟରାମ ବାଙ୍କିରା, ଦିଲ୍ଲୀପ ବେହେରା, ଦୁର୍ଯ୍ୟୋଧନ ପାତ୍ର, ରଞ୍ଜନ ବେହେରା, କିର୍ତ୍ତନ ବିହାରୀ ନାଏକ, ମହେଶ୍ୱର ନାଏକ, ଚିତ୍ତରଞ୍ଜନ ନାଏକ, ଗଣନାଥ ପାତ୍ର, ବେଣୁଧର ପାତ୍ର, ଶୁକଦେବ ନାଏକ, ତ୍ରିଲୋଚନ ନାଏକ, ହାତୀରାମ ମହାରଣା, ଅକ୍ଷୟ ନାଏକ, ସମିତିସଭ୍ୟ ସଞ୍ଜୟ ନାଏକ, ବରିଷ୍ଠ ସଦସ୍ୟ ରଘୁମଣି ନାଏକ, ଚକ୍ରଧର ନାଏକ, ପଥୁରୁ ନାଏକ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ବଜାର ରାସ୍ତା କର୍ଦ୍ଦମାକ୍ତ



**କେନ୍ଦୁଝର, ୧୦।୬(ସମିସ):** କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ଦୈନିକ ବଜାର ରାସ୍ତାରେ ବର୍ଷାପାଣି ଜମା ହୋଇଛି। ବର୍ଷବର୍ଷ ଧରି ଆରଏମ୍‌ସି ବଜାର ସଂସ୍ଥା ମାଟି ମୁଠାଏ ପକାଉନଥିବାରୁ ସାଧାରଣ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପରିବା ବ୍ୟବସାୟୀମାନେ ଭାରି ହଇରାଣ ହେଉଛନ୍ତି। ଏହାଛଡ଼ା ପରିବା ବଜାରକୁ ଆସୁଥିବା ଲୋକେ ଚଳପ୍ରଚଳ ବେଳେ ପାଣି କାଦୁଅ ଗୋଡ଼ରେ ଲାଗିଯାଉଛି। ଖାଲଗୁଡ଼ିକରେ ପୋଖରୀ ପାଣି ଜମୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ତେବେ ରାସ୍ତା ମରାମତି ପାଇଁ ଅଭିଯୋଗ ହୋଇ ଆସୁଥିଲେହେଁ ଆରଏମ୍‌ସି ବଜାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବଜାର ରାସ୍ତା ମରାମତି କରାଯିବାକୁ ଦାବି ହୋଇଛି।

## ମଦ ବିରୋଧୀ ଅଭିଯାନର ନେତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ



**ରାମଚନ୍ଦ୍ରପୁର, ୧୦।୬(ସମିସ):** ମହିଳାମାନେ ସଂଗଠିତ ହୋଇ ମଦ ବିରୋଧୀ ଅଭିଯାନ ଚଳାଇଥିବା ବେଳେ ଏହାର ଜଣେ ନେତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଭୀମ୍ ଆର୍ମୀ ସଂଗଠନ ପକ୍ଷରୁ ଦୁଇ ମାସ ହେଲା ଘସିପୁରା ବ୍ଲକର ବିଭିନ୍ନ ଗ୍ରାମରେ ନିଶାମୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। କର୍ମୀମାନେ ଗାଁକୁ ଗାଁ ବୁଲି ନିଶାଠାରୁ ଦୂରେଇ ରହିବାକୁ ଲୋକଙ୍କୁ ସଚେତନ କରିବା ସହ ବେଆଇନ ନିଶା କାରବାରରେ ଲିପ୍ତଥିବା ବ୍ୟକ୍ତି ବିଶେଷଙ୍କୁ ଚରମ ବାଣୀ ଶୁଣାଇଥିଲେ, ହେଲେ ଗତକାଲି ବିଳମ୍ବିତ ରାତ୍ରିରେ ବାତୋ ଗ୍ରାମର କେତେକ ଅସାମାଜିକ ଯୁବକ ଭୀମ୍ ଆର୍ମୀ ସଂଗଠନର ମହିଳା ନେତ୍ରୀ ଯମୁନା ଜେନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଯମୁନା ସହିତ ଭୀମଆର୍ମୀ ବ୍ଲକ ସଭାପତି ରଶ୍ମିରଂଜନ ଜେନା, ଅନେକ ସକ୍ରିୟ ସଦସ୍ୟ ରାମଚନ୍ଦ୍ରପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ମହିଳା ନେତ୍ରୀଙ୍କ ଏତଲା ଆଧାରରେ ରାମଚନ୍ଦ୍ରପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସେପଟେ ଏହି ଆକ୍ରମଣ ଘଟଣାରେ ବିରୋଧୀ ଗୋଷ୍ଠୀଙ୍କ ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଏଭଳି ଘଟଣାକୁ ଭୀମଆର୍ମୀ ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା ତୀବ୍ର ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଦୋହରାଇଛନ୍ତି।

### ହରି ଭରସାରେ ହରେକୃଷ୍ଣ; ଥଇଥାନ ଦାବି

# ଭଙ୍ଗା କୁଡ଼ିଆରେ ୮ ବର୍ଷ ହେଲା ଦୁର୍ବିସହ ଜୀବନ

**ରାମଚନ୍ଦ୍ରପୁର, ୧୦।୬(ସମିସ)**

ଗରିବୀ ସିମାରେଖା ତଳେ ରହୁଥିବା ଯୋଗ୍ୟ ହିତାଧିକାରୀଙ୍କୁ ସରକାର ପକ୍କାଘର ନିର୍ମାଣ ପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ହେଲେ କେତେକ ସ୍ଥାନରେ ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଖାଲି ସେତିକି ନୁହେଁ ବ୍ଲକସ୍ତରରେ ଦିବ୍ୟାଙ୍ଗ ଶିବିର ଆୟୋଜିତ ହେଉଥିଲେ ମଧ୍ୟ ଏହାର ସୁଫଳ ପାଇନାହାନ୍ତି ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ବଡ଼ପଦନା ଗ୍ରାମର ହରେକୃଷ୍ଣ ଗୁମାନ (୩୪)। ବାପା ମାଆଙ୍କ ଚାରି ପୁଅ ମଧ୍ୟରୁ ହରେକୃଷ୍ଣ ସବୁଠୁ ସାନ। ଅର୍ଥାଭାବରୁ ପାଠପଢାରେ ଡୋରି ବନ୍ଧାହେଲା। ବୟସ ବଢ଼ିବା ସଙ୍ଗେସଙ୍ଗେ ନିଜେ ରୋଜଗାରକ୍ଷମ ହେବାକୁ ମନବଳାଇ ଯାଜପୁର କଳିଙ୍ଗନଗର ଶିଳ୍ପ କାରାଖାନାରେ ଠିକାସଂସ୍ଥା ଜରିଆରେ କାମ ଆରମ୍ଭ କରିଥିଲେ। ସେଥିରୁ ଦିପଇସା ପାରିଶ୍ରମିକ ମିଳୁଥିଲା। ହେଲେ ତାହା ବେଶି ଦିନ ବଳବତ୍ତର ରହିଲାନାହିଁ, କାରଖାନାରେ କାର୍ଯ୍ୟରତ ବେଳେ ହଠାତ ବିସ୍ଫୋରଣ ଘଟିଥିଲା। ଏଥିରେ ଅନେକ ମୃତାହତ ହେଲେ, ମାତ୍ର ସେହି ଦୁର୍ଘଟଣାରେ ହରେକୃଷ୍ଣ ମଧ୍ୟ ଗୁରୁତର ଆହାତ ହୋଇଥିଲେ। ଜୀବନ ସିନା ବଞ୍ଚିଗଲା ହେଲେ; କାରଖାନାର ତରଳ ଲୌହ ସଂସ୍ପର୍ଶରେ ଆସି ଗୋଟିଏ ହାତ ଏବଂ ଡାହାଣ ପାର୍ଶ୍ୱ ସମ୍ପୂର୍ଣ୍ଣ ଅକାମି ହୋଇଗଲା। ଦୀର୍ଘଦିନ ଚିକିତ୍ସା ପରେ ସୁସ୍ଥ ହୋଇ ସେ ଘରକୁ ଫେରିଲେ। ହେଲେ ପୂର୍ବଭଳି କାମଧନ୍ଦା କରିବାକୁ ତାଙ୍କ ପାଖରେ ଆଉ ବଳ ନଥିଲା। ଫଳରେ ଘର ନିକଟରେ ପଙ୍ଗୁ ହୋଇ ବସିରହିଲେ। ଭାଇ ସାହିରେ ମାଗିଯାଚି ପେଟ ଚାଖଣ୍ଡକ ସିନା ପୁରିଗଲା, ହେଲେ ଘର ଖଣ୍ଡିଏ



ତିଆରି ପାଇଁ ସାହାସ ଜୁଟାଇ ପାରିଲେନି। ଜରିପାଲ ଟାଣି ଭଙ୍ଗା କୁଡ଼ିଆରେ ଆଜକୁ ୮ ବର୍ଷ ହେବ ଦୁର୍ବିସହ ଜୀବନ ଜିଇଁଛନ୍ତି। ନାଁ ତାଙ୍କୁ ମିଳିଛି ଭିନ୍ନକ୍ଷମ ପ୍ରମାଣ ପତ୍ର, ନାଁ ସରକାରୀ ଆବାସ। ସେମିତି ନିଜ ଭାଗ୍ୟକୁ ଆଦରି ଦୀର୍ଘ ୮ ବର୍ଷ ହେଲା ହରି ଭରଷାରେ ଦୁର୍ବିସହ ଜୀବନ କାଟୁଛନ୍ତି ହରେକୃଷ୍ଣ। ସରକାରୀସ୍ତରରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଦିବ୍ୟାଙ୍ଗ ଶିବିର ଆୟୋଜନ ହେଉଛି। ଘରକୁ ଘର ବୁଲି ସରକାରୀ ଅଧିକାରୀ ଆବାସ ଯୋଜନାର ତାଲିକା ପ୍ରସ୍ତୁତ କରୁଥିବା ବେଳେ ହରେକୃଷ୍ଣଙ୍କ ଉପରେ ପ୍ରଶାସନର ଦୃଷ୍ଟି ନପଡ଼ିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ତଥା ବ୍ଲକ ପ୍ରଶାସନ ହରେକୃଷ୍ଣଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ବନ୍ଧରେ ଅନୁଧ୍ୟାନ କରି ଯଥାଶୀଘ୍ର ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବାକୁ ଅନେକ ଦାବି କରିଛନ୍ତି।

## ଜୁନ ୧୮ରେ ପାଟଣା ବ୍ଲକ୍ ଅଧକ୍ଷା ପଦ ପାଇଁ ଉପନିର୍ବାଚନ




**ତୁରୁମୁଙ୍ଗା, ୧୦।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧକ୍ଷା ପଦ ପାଇଁ ଉପନିର୍ବାଚନ ତାରିଖ ରାଜ୍ୟ ନିର୍ବାଚନ କମିଶନ ୧୮ ଜୁନ ଦିନ ୧୨.୩୦ରେ ଧାର୍ଯ୍ୟ କରିଛନ୍ତି। ବ୍ଲକ ଅଧକ୍ଷା ସୁକାନ୍ତି ନାଏକଙ୍କ ବିରୋଧରେ ସମିତିସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ଗତ ୧୪ ଫେବୃଆରୀରେ ଭୋଟ ହୋଇଥିଲା। ଏଥିରେ ସୁକାନ୍ତି ନାଏକ ହାରିବା ପରେ ଉପାଧକ୍ଷା ବୀଣାପାଣି ନାୟକ ଭାରପ୍ରାପ୍ତ ବ୍ଲକ ଅଧକ୍ଷା ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ନାମା ପରେ ପାଟଣା ବ୍ଲକରେ ରାଜନୀତିକ ଉଷ୍ମତା ପରିଲକ୍ଷିତ ହୋଇଛି। ଉଭୟ ବୀଣାପାଣି ଓ ସୁକାନ୍ତି ଉଭୟ ବିଜେଡି ଦଳର ହୋଇଥିଲେ ହେଁ ବୀଣାପାଣିଙ୍କ ସପକ୍ଷରେ ଶାସକ ବିଜେପିର କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ସମର୍ଥନ ରହିଥିବାରୁ ବୀଣାପାଣି ସୁବିଧାଜନକ ସ୍ଥିତିରେ ଥିବା କୁହାଯାଉଛି। ଏଥିପାଇଁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଜୁନ ୧୧ରେ ବିଜ୍ଞାପନ ପ୍ରକାଶ ପାଇବ। ଜୁନ ୧୮ ତାରିଖ ନାମାଙ୍କନପତ୍ର ନେବା ଓ ଦାଖଲ ପ୍ରକ୍ରିୟା ପୂର୍ବାହ୍ନ ୧୦ଟାରୁ ୧୧ଟା ଯାଏ ଏବଂ ୧୧ଟାରୁ ୧୧.୩୦ ଯାଏ ଏହାକୁ ଯାଞ୍ଚ କରାଯିବ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ଥିବା ବେଳେ ଆବଶ୍ୟକ ପଡିଲେ ଅପରାହ୍ନ ୧୨ଟା ୩୦ରୁ ୨ଟା ଯାଏ ଭୋଟ ଗ୍ରହଣ କରାଯିବା ପରେ ଗଣତି ପ୍ରକ୍ରିୟା ସହ ଫଳାଫଳ ଘୋଷଣା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କୁ ପତ୍ର ଲେଖିଛନ୍ତି।

## ୧୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ ଦାବି

# ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ଦୋଳନ ଚେତାବନୀ

ଅନୁଗୋଳ, ୧୦।୬(ସମିସ)

ତାଳଚେର ତାଳବେଡ଼ା ଛକଠାରୁ ବଅଁରପାଳ ପର୍ଯ୍ୟନ୍ତ ଦୈନିକ ଦୁର୍ଘଟଣା ଘଟି ବହୁ ଧନଜୀବନ ଚାଲିଯାଉଛି। ଗତ ୦୫/୦୬/୨୦୨୫ ଗୁରୁବାର ଗୋଟିଏ ଦିନରେ ପୃଥକ ପୃଥକ ଦୁର୍ଘଟଣାରେ ୩ଟି ନିରୀହ ଜୀବନ ଚାଲିଯାଇଛି। ପ୍ରତ୍ୟେକ ଦିନ ଜାତୀୟ ରାଜପଥରେ ହଜାର ହଜାର ଭାରୀଯାନ ଯିବାଆସିବା ଫଳରେ ସର୍ବସାଧାରଣ ଯାତାୟାତ ନିମନ୍ତେ ସୁରକ୍ଷିତ ମଣୁନାହାନ୍ତି। ଜାତୀୟ ରାଜପଥ ସବୁବେଳେ ବିପଦପୂର୍ଣ୍ଣ। ଭାରୀଯାନଗୁଡ଼ିକର ଦ୍ରୁତଗତି ଓ ବେପରୁଆ ଗାଡି ଚାଳନା ସହ ପିଚୁ ନଥିବାରୁ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଖାଲଖମଣା ଯାତ୍ରୀମାନଙ୍କୁ ବିପଦକୁ ଟାଣି ନେଉଛି ବୋଲି ଏକ ୫ ଦଫା ଦାବି ଅନୁଗୋଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ସନ୍ଥପଡା ସରପଞ୍ଚ, ସମିତିସଭ୍ୟା ଅନିତା ପାଣି, ଜିଲ୍ଲା ପରିଷଦ ସଭ୍ୟ ବଭୃପ୍ରସାଦ ପତି, ପୌର ପରିଷଦ ନଗରପାଳ ପବିତ୍ର ଭୂତିଆ, ବ୍ଲକ ଚେୟାରମ୍ୟାନ ହେମଲତା ମହାନ୍ତି, ବିନତୀ ପରିଡା, ଶୁଭଶ୍ରୀ ଦେବତା, ବ୍ରଜନାଥପୁର ସରପଞ୍ଚ ନରେଶ ବେହେରା, କରୁଣାକର ସାହୁ, ଆନନ୍ଦ ପ୍ରଧାନ, ନରେଶଚନ୍ଦ୍ର ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ତାଳବେଡା ଛକଠାରୁ ବହ୍ଲର ଛକ ଦେଇ ବଅଁରପାଳ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ପିଚୁ, ରାସ୍ତାର ସଂପ୍ରସାରଣ ଓ ମଝିଭାଗରେ ଡିଭାଡର ସହ ନୂତନ ରାସ୍ତା ନିର୍ମାଣ, ଉକ୍ତ ରାଜପଥରେ ଭାରୀଯାନ ବା ହାଲୁକା ଯାନ ସମସ୍ତଙ୍କ ଘଣ୍ଟା ପ୍ରତି ୨୦କିମି ବେଗ, ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଥିବା ଗ୍ରାମଗୁଡିକର ପ୍ରତି ଛକରେ ଟ୍ରାଫିକ ପୁଲିସ୍ ନିୟୋଜିତ, ଯାନବାହନ ଚଳାଚଳ ନିୟନ୍ତ୍ରଣ କରାଯାଉ, ପିଚୁ ରାସ୍ତା ଉପରେ କୌଣସି ଭାରୀଯାନ ହାଲୁକା ଯାନ ପାର୍କିଙ୍ଗ କରିବା ନିଷେଧ କରାଯାଉ ଓ ଆଇନକୁ କଡାକଡି ଭାବେ ପାଳନ କରାଯାଉ, ତାଳବେଡା ଛକଠାରୁ ବଅଁରପାଳ ପର୍ଯ୍ୟନ୍ତ ଆଲୋକୀକରଣ ଇତ୍ୟାଦି କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ରାସ୍ତାରୋକ କରିବାକୁ ପ୍ରତିନିଧିମଣ୍ଡଳୀ ଚେତାବନୀ ଦେଇଛନ୍ତି।

## ନାକଚିରେ ବିର୍ସାମୁଣ୍ଡାଙ୍କ ବଳିଦାନ ଦିବସ

**କିଶୋରନଗର, ୧୦।୬(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ନାକଚି ପଥପ୍ରାନ୍ତଠାରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ହୃଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ବିର୍ସାମୁଣ୍ଡାଙ୍କ ୧୨୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିର୍ସାମୁଣ୍ଡାଙ୍କ ଫଟୋ ଚିତ୍ରରେ ଧୂପଦୀପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭାରେ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଆଠମଲ୍ଲିକ ସଂଯୋଜକ ଡାକ୍ତର ଅଲେଖ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆଠମଲ୍ଲିକ ଏନଏସି ନୋମିନି ଶଙ୍କର ହୋତା, ପୂର୍ବତନ ସରପଞ୍ଚ ଶୀଧେଶ୍ୱର ସାହୁ, ପୂର୍ବତନ ମଣ୍ଡଳ ସଭାପତି ରମେଶ ଜେନାମଣି, ଚୈତନ୍ୟ ପ୍ରଧାନ, କାଳିଆ ସାହୁ, ପୂର୍ବତନ ସମିତି ସଭ୍ୟ ଜେନାମଣି ପ୍ରଧାନ, ଧନେଶ୍ୱର ସାହୁ, ସରପଞ୍ଚ, ସମିତିସଭ୍ୟ ଓ ବିଜେପିର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଅନୁଗୋଳ ଜଗନ୍ନାଥ ସେନା ପକ୍ଷରୁ ଗଣଆନ୍ଦୋଳନ



**ଅନୁଗୋଳ, ୧୦।୬(ସମିସ):** ଅନୁଗୋଳ ଜଗନ୍ନାଥ ସେନାର ଡକରାରେ ଜିଲ୍ଲାର ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଗଣଆନ୍ଦୋଳନ କରିଥିଲେ। ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ କମିଟିରେ ନୂତନ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ମନ୍ଦିରର ସାମଗ୍ରିକ ବିକାଶ ସାଙ୍ଗକୁ ନୀତି ନିର୍ଘଣ୍ଟର ସୁପରିଚାଳନା ପାଇଁ ମନ୍ଦିରକୁ ସରକାର ଦେବୋତ୍ତର ବିଭାଗ ଅଧୀନରେ ପରିଚାଳନା କରନ୍ତୁ ବୋଲି ମଧ୍ୟ ଦାବି କରିଛନ୍ତି। ତେବେ ଲୋକ ପ୍ରତିନିଧିଙ୍କୁ ଏହି ପ୍ରସ୍ତାବ ଦିଆଯାଉ ଓ ସେମାନେ ଚାହିଁଲେ ସୁବିଧାରେ ଏହି ପରିଚାଳନା ସମିତି ପରିବର୍ତ୍ତନ କରାଯାଇପାରିବ ବୋଲି ଜିଲ୍ଲାପାଳ କହିଥିଲେ। ସମସ୍ତ ଦାବିଗୁଡ଼ିକ ଅନୁଧ୍ୟାନ କରି ଆଇନ୍ ସଚିବଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପତଞ୍ଜଳି ଯୋଗ ସମିତି, ଆର୍ଟ ଅଫ ଲିଭିଙ୍ଗ, ଆମ୍ବେଦକର ଫାଉଣ୍ଡେସନ, ଅନୁଗୋଳ ଜିଲ୍ଲା ବ୍ରାହ୍ମଣ ସଂଘ, ଅନିମଲ ୱେଲଫେୟାର ଟ୍ରଷ୍ଟ, ରାଷ୍ଟ୍ରୀୟ ସ୍ୱୟଂମ ସେବକ ସଂଘ, ସ୍ମାଇଲ, ଭାରତୀୟ ମଜଦୁର ସଂଘ, ଶୈଳ କ୍ଷେତ୍ର କାର ଡ୍ରାଇଭର ସଂଘ, ଅନୁଗୋଳ ବସ୍ ମାଲିକ ସଂଘ ସମେତ ବିଜେପି, ବିଜେଡି ଓ କଂଗ୍ରେସ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଦାବିପତ୍ର ଦେଲା ସମୟରେ ଉପସ୍ଥିତ ଥିଲେ।

## ଅବକାରୀ ସଚେତନତା ରଥର ଶୁଭାରମ୍ଭ

**ତାଳଚେରସଦର, ୧୦।୬(ସମିସ):** ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଗୋଷ୍ଠୀଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳଙ୍କ ଦ୍ୱାରା ତାଳଚେର ଉପଖଣ୍ଡସ୍ତରୀୟ ଅବକାରୀ ସଚେତନ ରଥର ଶୁଭାରମ୍ଭ ହୋଇଯାଇଛି। ଅବକାରୀ ଉପନିରୀକ୍ଷକ ନିଳାଦ୍ରୀ ନାୟକ, ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଭାରପ୍ରାପ୍ତ ଅଧିକାରୀ ହଟିଆ ବେହେରା, ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପପୁନ୍ ପ୍ରଧାନ, କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ସହର ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ କରାଯାଇଥିଲା। ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା କେଉଁ ପ୍ରକାର କ୍ଷତି ହେଉଛି ଓ ସମାଜ ଉପରେ ଏହାର କ'ଣ ପ୍ରଭାବ ପଡୁଛି ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବାର ମୂଳଲକ୍ଷ୍ୟ ରହିଛି।

## ଅଣଗେଜେଟେଡ୍ ବନସେବା ସଂଘର ଦାବିପତ୍ର



**ଅନୁଗୋଳ, ୧୦।୬(ସମିସ):** ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜରେ ପାଟ୍ରୋଲିଂ ସମୟରେ ଶିକାରୀ ଗୁଳିରେ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ମୃତ୍ୟୁକୁ ନିନ୍ଦା କରିବା ସହ ଅନୁଗୋଳ ସର୍କଲର ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ସମସ୍ତ ବନକ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୁଲିସ୍ ଭଳି "ସାଲାରି ପ୍ୟାକେଜ ଇନସ୍ୟୁରାନ୍ସ' ପ୍ରଦାନ କରାଯିବା ଆଦି ଦାବି ନେଇ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତିନିଦଫା ଦାବି ପୂରଣ ନ ହେଲେ ଜୁନ ୧୫ରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତୀକ ଅନଶନ ସ୍ୱରୂପ ସମସ୍ତ ସଭ୍ୟ/ ସଭ୍ୟା କଳାବ୍ୟାଜ ପିନ୍ଧି ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ପାଟ୍ରୋଲିଂ ନ କରିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ପରେ ଜୁନ ୨୨ ତାରିଖରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଭ୍ୟ/ସଭ୍ୟାମାନେ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସାମ୍ନାରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଈଶ୍ୱରନଗରରେ ବିକଶିତ କୃଷି ସଂକଳ୍ପ କର୍ମଶାଳା

**ପାଲଲହଡ଼ା, ୧୦।୬(ସମିସ):** ମଙ୍ଗଳବାର କୃଷି ବିଭାଗ ପକ୍ଷରୁ ପାଲଲହଡା ବ୍ଲକ ଈଶ୍ୱରନଗର ପଞ୍ଚାୟତର ଟମ୍ପର ଗାଁ ଖେଳ ପଡ଼ିଆଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହୃଦାନନ୍ଦ ସାହୁ, ଭୁବନେଶ୍ୱରର କେନ୍ଦ୍ରୀୟ କୃଷି ଉଦ୍ୟାନ ବିଭାଗର ବୈଜ୍ଞାନିକ ଡାକ୍ତର ଗୋବିନ୍ଦ କୁମାର ଆଚାର୍ଯ୍ୟ, ଅନଗୁଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିୟକ କୁମାର ସାମନ୍ତ, ଅନଗୁଳ କୃଷି ସମ୍ପ୍ରସାରଣ ବିଜ୍ଞାନ କେନ୍ଦ୍ରର ବିଷୟ ବସ୍ତୁ ବିଶେଷଜ୍ଞ ସୁନିତାରାଣୀ ସେଠୀ, ପାଲଲହଡା କୃଷି ବିଭାଗର ସହକାରୀ କୃଷି ଅଧିକାରୀ ମାନସୀ ମୋନାଲିସା ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ରିତୁରାଣୀ ସିଠ ଓ ଗ୍ରାମ୍ୟ କୃଷି କର୍ମଚାରୀ ଅମ୍ରିତା ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୨୫୦ରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଡାକ୍ତର ଗୋବିନ୍ଦଚନ୍ଦ୍ର ଆଚାର୍ଯ୍ୟ ଚାଷୀଙ୍କୁ ଚାଷ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ କୃଷି ରଥ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗାଁକୁ ପରିକ୍ରମା କରି କୃଷି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା।

## ଶୈଳଶ୍ରୀ କ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**ଅନୁଗୋଳ, ୧୦।୬(ସମିସ):** ଚଳିତ ମାସ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜିଉମାନଙ୍କର ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଶ୍ରୀଗୁଣ୍ଡିଚାଯାତ୍ରା ଓ ଜୁଲାଇ ୫ ତାରିଖରେ ହେବାକୁ ଥିବା ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଅପରାହ୍ଣରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହେମନ୍ତ ଦାସ ସମସ୍ତଙ୍କ ସହଯୋଗ କାମନା କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ଉଚ୍ଚବିଦ୍ୟାଳୟଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ମରାମତି, ଶୃଙ୍ଖଳା ଗଛଡାଳ କାଟିବା, ଅସ୍ଥାୟୀ ଦୋକାନଗୁଡ଼ିକର ସ୍ଥାନାନ୍ତର ଇତ୍ୟାଦି କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ଭ୍ରାମ୍ୟମାଣ ଗାଡ଼ିରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ, ଆଲୋକ ବ୍ୟବସ୍ଥା ତଥା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ପୌରନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଭବାନୀ ପ୍ରସାଦ ମିଶ୍ର, ଆନନ୍ଦଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



## ୬ ଫୁଟ୍‌ର ନାଗ ଉଦ୍ଧାର

**ତାଳଚେରସଦର, ୧୦।୬(ସମିସ):** ଲିଙ୍ଗରାଜ ଖୋଲାମୁହଁ କୋଇଲା ଖଣି ସାଇଲୋଠାରେ ଏକ ନାଗସାପକୁ କର୍ମଚାରୀମାନେ ଦେଖିଲା ପରେ ଖବର ପାଇ ସର୍ପମିତ୍ର ସଞ୍ଜୟ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିବା ସହ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ବର୍ଷାଋତୁର ଆଗମନ ହେତୁ ଅନାବନା ଗଛ, ଲଟା, ଘାସ ଇତ୍ୟାଦି ବୃଦ୍ଧି ପାଉଥିବାରୁ ସାପ ଓ ଅନ୍ୟାନ୍ୟ ଜୀବଙ୍କ ପ୍ରାଦୁର୍ଭାବ ବଢ଼ିବାର ଆଶଙ୍କା ରହୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମେଡିକାଲଗୁଡିକରେ ଜରୁରୀ କାଳୀନ ଔଷଧ ମହଜୁଦ ରଖିବାକୁ ସାଧାରଣରେ ଦାବି ହେଉଛି।

## ଭୂ-ଅର୍ଜନ ଅଧିକାରୀ ଓ ଜମିହରାଙ୍କ ମିଳିତ ଅଭିଯୋଗ ଶୁଣାଣି

**ତାଳଚେରସଦର, ୧୦।୬(ସମିସ):** ମହାନଦୀ କୋଲଫିଲଡସ୍ ଲିମିଟେଡର ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ୪ର୍ଥ ପାଇଁ ମିଳିତ ଜମିହରା ପ୍ରଜାଙ୍କ ତାଳଚେର ଉପଜିଲ୍ଲାପାଳଙ୍କ ସଭାଗୃହଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଉପଜିଲ୍ଲାପାଳ ସମୀର ଜେନା ଅଧ୍ୟକ୍ଷତା କରିଥିଲେ। ଶିବିରରେ ମହାନଦୀ କୋଲଫିଲଡସ୍ ଲିମିଟେଡର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପ୍ରତାପ ହରି ପ୍ରଧାନ ସମସ୍ତ କ୍ଷେତ୍ରର ଅଧିକାରୀ ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ କାର୍ଯ୍ୟାଳୟର ଅଧିକାରୀ ପ୍ରେମାନନ୍ଦ ପ୍ରଧାନଙ୍କ ସହ ବିଭିନ୍ନ ଗ୍ରାମର ଜମିହରା ପ୍ରଜାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ସମୁଦାୟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି ହୋଇଥିଲା। ଏହି ୧୬ଟି ଅଭିଯୋଗ ମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ବୋଲି ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଅବିରତ ବସ୍ ଚଳାଚଳ ପାଇଁ ବିଡିଓଙ୍କୁ ଦାବିପତ୍ର

**କଣିହାଁ, ୧୦।୬(ସମିସ):** କଣିହାଁ ବ୍ଲକ ମହକୁମାଠାରୁ ଝରାବେରେଣୀ, ଖଜୁରିଆ, ସାପକଟା, ଅନ୍ଧାରୀ, ନିଆଲୁ, ବଳରାମପୁର, ଲୋଧାଝରୀ କୁଆଦରା, କାଳିଆଦମା, ପଳଶାବାହାଲି ଆଦି ଗାଁ ଦେଇ ବାଲିପଶି ପର୍ଯ୍ୟନ୍ତ ଅବିରତ ଭାବେ ମୁଖ୍ୟମନ୍ତ୍ରୀ ବସ ସେବା କରାଇବା ଦାବିରେ ନାରୀ ନିର୍ଯ୍ୟାତନା ବିରୋଧୀ ଗଣ କମିଟି ପକ୍ଷରୁ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଗ୍ରାମଗୁଡିକର ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଗମନାଗମନ ପାଇଁ କୌଣସି ବସ ସେବା ନାହିଁ। ଏହି ଅଞ୍ଚଳରୁ କଣିହାଁ ଡାକ୍ତରଖାନା, ବ୍ଲକ ଅଫିସ, ତହସିଲ ଅଫିସ, ହାଟ ବଜାର, ଏନଟିପିସି କାରଖାନା ତଥା ବନ୍ଧୁବାନ୍ଧବଙ୍କ ଘରକୁ ବହୁ ଅଭାବୀ ଗରିବ ଲୋକ ସାଇକଲରେ, ପାଦରେ ଚାଲି ଚାଲି ଯିବା ଆସିବା କରିଥାନ୍ତି। ଅନେକ ଛାତ୍ରଛାତ୍ରୀ ମଧ୍ୟ କଣିହାଁ ମହାବିଦ୍ୟାଳୟକୁ ପାଠ ପଢିବା ପାଇଁ ଯିବାଆସିବା କରନ୍ତି। ଏହି ରାସ୍ତା ଜଙ୍ଗଲ ମଧ୍ୟ ଦେଇ ଯାଇଥିବାରୁ ବହୁ ହିଂସ୍ର ଜନ୍ତୁ ସମେତ ହାତୀ ଆକ୍ରମଣର ଭୟ ଲାଗି ରହିଥାଏ। ଏପରି ଅବସ୍ଥାରେ ଲେକମାନେ ପାରିବାରିକ ଓ ସାମାଜିକ କାମରେ ଯାତାୟାତ କରିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ବାଲିପଶି ସରପଞ୍ଚ ହାଡ଼ିବନ୍ଧୁ ସେଠୀ ପ୍ରକାଶ କରିଛନ୍ତି। ମହିଳା, ଛାତ୍ରୀ ତଥା ସର୍ବସାଧାରଣଙ୍କ ଯିବା ଆସିବାର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବସ ସେବା ମାଧ୍ୟମରେ ବସ ଚଳାଚଳ କରିବା ପାଇଁ ଗଣକମିଟିର କର୍ମକର୍ତ୍ତା ଓ ଗ୍ରାମଗୁଡିକର ପ୍ରତିନିଧିମାନେ କଣିହାଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଥିଲେ। ଏହି ଦାବିପତ୍ର ପ୍ରଦାନରେ ବିଶାଖା ସାହୁ, ଗୀତାଞ୍ଜଳି ସାହୁ, ଜାନକୀ ସେଠୀ, ସୁଭଦ୍ରା ପ୍ରଧାନ, ସୂର୍ଯ୍ୟ ଦେହୁରୀ, ଜେମାମଣି ନାଏକ, ରୁପବତୀ ଗଡନାୟକ, ଗୌତମ ସେଠୀ, ପରମାନନ୍ଦ ସାହୁ, ରମା ସାହୁ, ମାନସୀ ସ୍ୱାଇଁ, ମିନତୀ ସାମଲ, ପ୍ରଗତି ନାୟକ, ପଙ୍କଜିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀର ଟାଙ୍ଗିଆ ଚୋଟରେ ଆହତ ସ୍ତ୍ରୀଙ୍କ ମୃତ୍ୟୁ

**ପାଲଲହଡ଼ା, ୧୦।୬(ସମିସ):** ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ହୋଇ ଚିକିତ୍ସାଧୀନ ଥିଲା ବେଳେ ମଙ୍ଗଳବାର କଟକ ବଡ଼ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ଗୀତା ମୁଣ୍ଡା। ଗତ ସପ୍ତାହ ଗୁରୁବାର ପାଲଲହଡା ଥାନା ଅନ୍ତର୍ଗତ ପେଚାମୁଣ୍ଡି ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ଗୀତା ମୁଣ୍ଡା ଓ ତାଙ୍କ ସ୍ୱାମୀ ସିଧୁଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସିଧୁ ଏକ ଟାଙ୍ଗିଆରେ ସ୍ତ୍ରୀ ଗୀତାଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଗୀତାଙ୍କୁ ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରେ ଅବସ୍ଥା ଶୋଚନୀୟ ହେବାରୁ ପ୍ରଥମେ ଅନଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାମୀ ସିଧୁ ମୁଣ୍ଡା ଘଟଣା ଦିନରୁ ଫେରାର ଥିବାବେଳେ ପାଲଲହଡା ପୁଲିସ ଆକ୍ରମଣ ଘଟଣାକୁ ଏବେ ହତ୍ୟା ମାମଲା ରୁଜୁକରି ତଦନ୍ତ ଚାଲୁ ରଖିଛି।

## ନାବାଳିକା ଅପହରଣ ଅଭିଯୋଗ

**କଣିହାଁ,୧୦।୬(ସମିସ):** କଣିହାଁ ବ୍ଲକ୍ ସମଲ ଥାନାଞ୍ଚଳରେ ନାବାଳିକା ଅପହରଣ ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଟିମ ଗଠନ କରିଛି। ନାବାଳକ ଓ ନାବାଳିକା ସମଲ ଥାନାଞ୍ଚଳର ଗୋଟିଏ ବିଦ୍ୟାଳୟରେ ଏକାଠି ପଢୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସାଥୀ ନାବାଳକ ଜଣକ ତାକୁ ଅପହରଣ କରି ନେଇଥିବା ଗତକାଲି ଜଣାପଡିବା ପରେ ପରିବାର ପକ୍ଷରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅପହୃତାକୁ ଠାବ କରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରିଛି। ଅପହୃତା ଜଣକ ସମଲ ଥାନା ଇଲାକାର ହୋଇଥିବା ବେଳେ ଅପହରଣକାରୀ ନାବାଳକ ଜଣକ ଢେଙ୍କାନାଳ ଜିଲ୍ଲାର ହୋଇଥିବା ପ୍ରକାଶ। ପୁଲିସ ପକ୍ଷରୁ ଅଭିଯୁକ୍ତ ଗିରଫ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଥିବା ନେଇ ଜଣାପଡ଼ିଛି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ, ଜଣେ ଗିରଫ

**କଣିହାଁ,୧୦।୬(ସମିସ):** କଣିହାଁ ବ୍ଲକ୍ ସମଲ ଥାନା ଶିପୁର ସାମଲସାହି ଛକରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ପ୍ରାଣବାୟୁ ଚାଲିଯାଇଛି। ମୃତ ବୃଦ୍ଧ ଜଣକ ହେଲେ ଶିପୁର ଗ୍ରାମର ମଙ୍ଗୁଲୁ ସାମଲ(୭୪)। ଛକ ଆଡୁ ନିଜ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ନୃସିଂହ ସାହୁ(୨୬) ଖମାର ଆଡୁ ପରାବିଲ ଅଭିମୁଖେ ବାଇକ ଯୋଗେ ଯାଉଥିବା ବେଳେ ଧକ୍କା ଦେଇଥିଲା। ଖମାର ଡାକ୍ତରଖାନାରେ ମଙ୍ଗୁଲୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ରତ୍ନାକର ସାମଲ(୫୦) ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ବାଇକ ଚାଳକ ନୃସିଂହକୁ କୋର୍ଟଚାଲାଣ କରିଛି।

## ବାଇକ୍‌କୁ ଧକ୍କାଦେଲା କାର୍; ବାପା-ଝିଅ ଗୁରୁତର

**ଅନୁଗୋଳ, ୧୦।୬(ସମିସ):** ନିଶା ଶିଳ୍ପାଞ୍ଚଳ ଥାନା ମୋନେଟ କାରଖାନା ଫାଟକ ସମ୍ମୁଖରେ କାର ଧକ୍କାରେ ଗୁରୁତର ହୋଇଛନ୍ତି ବାପ-ଝିଅ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ବାପା-ଝିଅ ହେଲେ ଜରପଡା ଥାନା ଅନ୍ତର୍ଗତ ବକଳ ଗାଁର ବୀରବର ସିଂହ (୪୦) ଓ ତାଙ୍କ ଝିଅ ପ୍ରିୟଙ୍କା ସିଂହ(୧୦)। ଉଭୟ ବାଇକ ଯୋଗେ ଛେଣ୍ଡିପଦାସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ମୋନେଟ କାରଖାନା ଫାଟକ ସମ୍ମୁଖରେ ଏକ କାର୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ବାଇକ ଭାଙ୍ଗି ଚୁରମାର ହୋଇ ଯାଇଥିଲା। ଦୁର୍ଘଟଣାରେ ବୀରବର ଓ ପ୍ରିୟଙ୍କା ରାସ୍ତାରେ ଗୁରୁତର ହୋଇ ପଡିଥିବା ବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରିୟଙ୍କାଙ୍କ ମୁହଁ, ହାତ, ଗୋଡ ଖଣ୍ଡିଆ ହୋଇଥିବା ବେଳେ ବୀରବରଙ୍କ ମୁଣ୍ଡ, ଛାତି, ହାତ, ଗୋଡ଼ରେ ଗଭୀର କ୍ଷତ ହୋଇଛି। ସେମାନଙ୍କ ଚିକିତ୍ସା ଚାଲିଥିବା ଜଣାଯାଇଛି।

## ବାଳିକା ସଶକ୍ତିକରଣ ଅଭିଯାନ ଉଦ୍‌ଯାପିତ

**ତାଳଚେରସଦର, ୧୦।୬(ସମିସ):** ଏନଟିପିସି ତାଳଚେର ଥର୍ମାଲରେ ବିଗତ ୪ସପ୍ତାହ ଚାଲୁଥିବା ବାଳିକା ସଶକ୍ତିକରଣ ଅଭିଯାନ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ବିଦ୍ୟାଳୟର ୪୦ ଜଣ ଷଷ୍ଠଶ୍ରେଣୀର ଛାତ୍ରୀ ଯୋଗଦେଇ ଜୀବନ ବିଭିନ୍ନ କ୍ଷେତ୍ର ଉପରେ ବଞ୍ଚିବାର ଶିକ୍ଷାଲାଭ କରି ଉଦବୁଦ୍ଧ ହୋଇଥିଲେ। ତାଳଚେର ଥର୍ମାଲ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଏନଟିପିସିର ଏହି କାର୍ଯ୍ୟକ୍ରମରେ ସମାଜରେ ବାଳିକାମାନଙ୍କୁ ଏକ ସକ୍ଷମ ଓ ସଶକ୍ତ କରି ଗଢ଼ି ତୋଳିବା ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଗରିକା ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ବିଭା ଅଗ୍ରୱାଲ ଓ ଅଭିଭାବକ, ଅଭିଭାବିକାମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ନୈତିକ କଳା, ନୃତ୍ୟ, କମ୍ପୁଟର୍, ଯୋଗ ଇତ୍ୟାଦି ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇଥିଲେ। ଏନଟିପିସିର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

# ମହିଳାଙ୍କ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଅନୁଗୋଳ,୧୦।୬(ସମିସ)







ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଗୋଳ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଗୋଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଶ୍ୱ ଭୂଷଣଙ୍କ ପୌରହିତ୍ୟରେ ଉଦଘାଟିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ପଞ୍ଚାୟତସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ। ପଞ୍ଚାୟତସମିତି ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ, ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ରିତାଞ୍ଜଳି ପ୍ରଧାନ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟରଞ୍ଜନ ପ୍ରଧାନ, କାର୍ଯ୍ୟକ୍ରମର ବିଚାରକମଣ୍ଡଳୀ, ପ୍ରକଳ୍ପ ସଂଯୋଜକ ଦେବୀ ଧରିତ୍ରୀ କର, ପ୍ରକଳ୍ପ ପରିଚାଳକ ଅକ୍ଷୟ ନାଏକ, ଜିବିକା ମିଶନ ସଂଯୋଜକ ମାନସୀ ତ୍ରିପାଠୀ, ସାଗରିକା ପ୍ରଧାନ, ସଞ୍ଜୀବ କୁମାର ପ୍ରଧାନ, ସୌଦାମିନୀ ବେହେରା, କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୯ଟି ଗ୍ରାମପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫ଟି ସହରାଞ୍ଚଳ ସ୍ୱୟଂ ସହାୟକ ଗୋଷ୍ଠୀର ୪୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବଣିଆବାହଳ ନାରୀ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଓ ବଡକନ୍ତକୁଳ ଗ୍ରାମ ପଞ୍ଚାୟତର ପୁରୁଷୋତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପୁରସ୍କୃତ ହୋଇଥିଲେ।

**କିଶୋରନଗର:** କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସୁବ୍ରତ ବେହେରା, ସିଡ଼ପିଓ ଆରତୀ ସିଂହ, ଏବିଡିଓ ଦିଲ୍ଲୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ଦାଶ, କିଶୋରନଗର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୨୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଷ୍ଟଲ ଖୋଲିଥିଲେ। ଅତିଥି ମାନେ ଷ୍ଟଲ ବୁଲି ଖାଦ୍ୟ ପରଖିଥିଲେ। ବାମୁର ଓମ୍‌ସାଇ ଶକ୍ତି ଏସଏଚଜି ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରି ୫୦୦୦ ଟଙ୍କା ଅର୍ଥ ରାଶି ଓ ଜଏରାଟ ମା'ତାରିଣୀ ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରି ୪୦୦୦ ଟଙ୍କା ଅର୍ଥ ରାଶିରେ ପୁରସ୍କୃତ ହୋଇଥିଲେ। ଏଥିରେ ବିପିଏମ୍ (ଓଏଲଏମ୍) ମମତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଏଲସି (ଓଏଲଏମ୍) ସୁଜିତ ପ୍ରଧାନ, ସାଗକାନ୍ତ ରାଉତ, ଜିତେନ୍ଦ୍ର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

**ବଅଁରପାଳ:** ବଅଁରପାଳ ପଞ୍ଚାୟତସମିତି ସଭାଗୃହରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସମସ୍ତ ମହିଳା ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଡ଼ିଓ ଲୋଚନ ସାହୁ, ଏବିଡ଼ିଓ ମାଧବ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ମୀରା ଗଡ଼ନାୟକ, ସିଡିପିଓ ଲିଲି ଦାସ, ବିପିଏମ ସୁନୀତା ପାଳ, ରିଡର ହୋମ ସାଇନ୍ସ ପ୍ରମୋଦା କୁମାରୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିପିଏ ଅଜିତ ବେହେରା, ବିଏଲସି ସୁବ୍ରତ ଦାସ, କୃତାର୍ଥ ବିଶ୍ୱାଳ ଓ ଜ୍ୟୋସ୍ନାମୟୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଲୁପ୍ତପ୍ରାୟ ବୁଢାସମ୍ବରିଆ ଘୋଡ଼ା ନାଚ

# ପୁନର୍ଜୀବିତ କରିବାକୁ ଅଣ୍ଟା ଭିଡ଼ିଲେ ରାଜକୁମାର




**ପଦ୍ମପୁର, ୧୦।୬ (ସମିସ):** ପଦ୍ମପୁର ଉପଖଣ୍ଡ ଅଞ୍ଚଳର ବହୁ ପ୍ରଚୀନ ପାରମ୍ପରିକ ଲୋକନାଟ୍ୟ ଶୈଳୀ ବୁଢାସମରିଆ ଘୋଡାନାଚ ଦିନକୁ ଲୁପ୍ତ ହେବାରେ ଲାଗିଛି। ଏହାକୁ ପୁର୍ନଜୀବିତ କରିବାକୁ ଢୋଲବନ୍ଧ ଗ୍ରାମରେ ଥିବା ସଚେତନ ହେମା କଳାକାର ରାଜକୁମାର ସାହୁ ଅଣ୍ଟା ଭିଡିଛନ୍ତି। ବୁଢାସମରିଆ ଘୋଡାନାଚକୁ ପୁନର୍ଜୀବିତ କରିବା ଓ ନୂଆ ଆକୃତି ଦେଇ ପୁନର୍ଗଠନ କରିବା ପାଇଁ ସେ ଆଗେଇ ଆସିଛନ୍ତି। ଲୁପ୍ତପ୍ରାୟ ଏହି ବୁଢାସମ୍ବର ସାଂସ୍କୃତିକ ପରମ୍ପରାକୁ ଆଗାମୀ ପିଢି ପାଇଁ ସୁରକ୍ଷିତ କରିବା ଓ ପ୍ରଚାର କରିବା ଉଦ୍ଦେଶ୍ୟରେ ତାଙ୍କର ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ପୂର୍ବ କାଳରେ ବୁଢାସମ୍ବର ଅଞ୍ଚଳରେ ଘୋଡାନାଚ ଦେଖାଯାଉଥିଲେ କିନ୍ତୁ ସଂଗଠିତ ଭାବେ ପ୍ରସ୍ତୁତ ହୋଇନଥିଲେ। ନାଟ୍ୟକାର ଶ୍ରୀ ସାହୁ ଏହି ଶୈଳୀକୁ ଏକ ବହୁମାତ୍ରିକ ଲୋକନାଟ୍ୟ ଅନୁଭବ ଭାବରେ ପୁନର୍ନିର୍ମାଣ କରୁଛନ୍ତି। ଏହାର ଉପଦେଷ୍ଟା ଗୁରୁ ଆନନ୍ଦ ବାଗ ଥିବା ବେଳେ ବୁଢାସମ୍ବରର ଗାଥା, ଲୋକକଥା ଓ ପୌରାଣିକ ବିଷୟକୁ ଆଧାର କରି ଏହି ପ୍ରୟାସ କେବଳ ଏକ ନାଟ୍ୟ ଅଭିନୟ ନୁହେଁ, ବରଂ ଏହା ବୁଢାସମ୍ବରର ଅସ୍ତିତ୍ୱ, ସ୍ମୃତି, ସଂସ୍କୃତିର ଏକ ଉତ୍ସବ ଓ ଏକ ଆନୁଷ୍ଠାନିକ ଲୋକନାଟ୍ୟ, ନୃତ୍ୟ ଶୈଳୀ; ଯେଉଁଥିରେ କାଠର ଘୋଡା ପୁତୁଳି, ପୌରାଣିକ ଗାଥା ଓ ବୀରତା ରସରେ ଭରିଥିବା ତାଳମୟ ଅଭିନୟ ଦେଖିବାକୁ ପାଇବେ ବୋଲି ରାଜକୁମାର ସୂଚାଇଛନ୍ତି। ବହୁ ପୁରୁଣା କଳାକାରଙ୍କ ଠାରୁ ଜ୍ଞାନ ଆହରଣ କରି ସଚେତନ ହେମା କଳାକାରଙ୍କ ଦ୍ୱାରା ଏହା ପୁର୍ନଜୀବିତ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

● ଗାଇସିଲେଟ୍‌ରେ କିଡ୍‌ନୀ ରୋଗ ବ୍ୟାପିବା ଘଟଣା

# ଆକ୍ରାନ୍ତଙ୍କ ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍



**ପଦ୍ମପୁର, ୧୦।୬ (ସମିସ):** ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଅଞ୍ଚଳରେ ଦିନକୁ ଦିନ କିଡ଼ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର କାରଣ ଏବଂ ପ୍ରତିଷେଧକ ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ମଙ୍ଗଳବାର ଗାଇସିଲେଟ୍‌ର ବିଭିନ୍ନ ଗ୍ରାମରେ ପହଞ୍ଚିଛନ୍ତି। ଆଜି ଭୀମସାର ବୁର୍ଲାରୁ ଏକ ଡାକ୍ତରୀ ଟିମ୍ ସହ ଗାଇସିଲେଟର ଡାକ୍ତରୀ ଟିମ୍, ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସାମିଲ ଥିଲେ। ଗାଇସିଲେଟର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା ଏହି ଟିମ୍ ସହ ଗାଇସିଲେଟ ଅଞ୍ଚଳର ବିଭିନ୍ନ ଗ୍ରାମକୁ ପରିଦର୍ଶନ କରି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିଡ୍‌ନୀ ରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ଲୋକଙ୍କୁ ସଚେତନ କରିବା ସହ ଫୁଟା ପାନୀୟ ଜଳ ବ୍ୟବହାର କରିବାକୁ ସଚେତନ କରିଥିଲେ।

## ରଥଯାତ୍ରା ପରିଚାଳନା କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଭଟଲି, ୧୦।୬(ସମିସ):** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ପୂଣ୍ୟ ପବିତ୍ର ଭଟଲିର ଦଧିବାମନଙ୍କ ରଥଯାତ୍ରା ଆସନ୍ତା ଜୁନ୍ ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ସଂଧ୍ୟାରେ ରଥଦାଣ୍ଡ ପଡ଼ିଆରେ ଅବସ୍ଥାପିତ ମାଉସୀ ମା' ମନ୍ଦିର ପରିସରରେ ରଥଯାତ୍ରା ପରିଚାଳନା କମିଟିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭଟଲି ବିଧାୟକ ଇରାସୀସ ଆଚାର୍ଯ୍ୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ପରିଚାଳନା କମିଟିର ସଭାପତି ମୋତିଲାଲ ବନଛୋର, ପ୍ରହଲ୍ଲାଦ ପଧାନ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ସାହୁ, ସନ୍ତୋଷ ସାହୁ, ବଳରାମ ସାହୁ, ସାମ୍ବାଦିକ ଅର୍ଜୁନ ସାହୁ, ନରସିଂହ ସାହୁ, ମାଧବ ସାହୁ, ସଞ୍ଜୀବ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଶ୍ଚିମ ଓଡ଼ିଶା ତେଲି ସମାଜର ବୈଠକ

**ପାଇକମାଲ, ୧୦।୬(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ମାଉସୀ ମନ୍ଦିର ପରିସରରେ ରାଜୀବ ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓବିସି ଆକ୍ଟ ଉପରେ ଆଲୋଚନା କରାଯାଇ ତାହାକୁ ଓଡ଼ିଶାରେ ଲାଗୁ କରାଯିବାକୁ ଦାବି କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ରଙ୍କମଣୀ ସାହୁ, ଉପସଭାପତି ଭାବେ ମାଧବ ସାହୁ ଓ ହରିଶ୍ଚନ୍ଦ୍ର ସାହୁ, ସମ୍ପାଦକ ଭାବେ ଦିଲ୍ଲୀପ ସାହୁ, କୋଷାଧ୍ୟକ୍ଷ ଭା।ବେ ଭରତ ସାହୁଙ୍କୁ ମନୋନୀତ କରାଯାଇଛି। ହେମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



## ରାଇ ଦାମୋଦର ମନ୍ଦିରର ରତ୍ନ ମୁଦ ଉତ୍ସବ

**ବରଗଡ଼, ୧୦।୬(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବଗେଇବିରା ଗ୍ରାମରେ ନବ ନିର୍ମିତ ରାଇ ଦାମୋଦର ମନ୍ଦିରର ରତ୍ନ ମୁଦ ଉତ୍ସବ ସମ୍ପନ୍ନ ହୋଇଛି। ତିନିଦିନ ଧରି ଆୟୋଜିତ ହୋଇଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଅନୁଷ୍ଠିତ ନାମ ଯଜ୍ଞରେ ଆଖପାଖ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇ ରାଇ ଦାମୋଦରଙ୍କ କୀର୍ତ୍ତନ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଭାସିନୀ ପ୍ରଧାନ ଓ ପୁଷ୍ପା ଭୋଇ, ରୋହିତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାମ ଯଜ୍ଞ କମିଟି ଓ ରାଇ ଦାମୋଦର କମିଟି ମନୋହର ବିଭାର, ରଞ୍ଜିତ ତାଣ୍ଡି, ଅଶୋକ ମୁଗ୍ରୀ, ଶଙ୍କର ନାଗ, ନିଗମାନନ୍ଦ ବିଭାର, ରୋହିତ ଦୀପ୍, ତପନ ଦରଦ ମେଘ, ରାଜୀବ କୁଅଁର, ସୁନ୍ଦର ଭୋସାଗର, ସଚିନ ତାଣ୍ଡି, ନିଲୁ ତାଣ୍ଡି, ମନବୋଧ ଭୋସାଗର, ସଚିତ୍ର ଦୀପ, ରାଜକୁମାର ମଲ୍ଲିକ, ସଦାନନ୍ଦ ତାଣ୍ଡି, ଗଜେନ୍ଦ୍ର କୁଅଁର, ସୁଧିର ଭୋସାଗର, ଗୋପାଳ ଦୀପ୍, ଡାକ୍ତର ଦୀପ୍, ସଚିତ୍ର ଦୀପ୍, ଇଶ୍ୱର କୁଅଁର, ଶ୍ରୀକାନ୍ତ ବିଭାର, ସତ୍ୟ ଦରଦ ମେଘ, ଚନ୍ଦନ ଦରଦ ମେଘ, ବିନୋଦ କୁଅଁର ଓ ପୁରନ୍ଦର ଭୋସାଗରଙ୍କର ସହଯୋଗ କରିଥିଲେ।



## ଗଣ୍ଡା ସମାଜର ସଚେତନତା ବୈଠକ



**ବରଗଡ଼, ୧୦।୬(ସମିସ):** ଲକ୍ଷେଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକ କମିଟି ପକ୍ଷରୁ ଏକ ସଚେତନତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଣ୍ଡୀଭଟା ଗ୍ରାମ ପଞ୍ଚାୟତର ବେହେରା ପଡ଼ାଠାରେ ଅନୁଷ୍ଠିତ ବୈଠକରେ ସମାଜର ଯୁବ ବର୍ଗ ଉଚ୍ଚ ଶିକ୍ଷା ଗ୍ରହଣ କରି କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏକ ସୁସ୍ଥ ସମାଜ ଗଠନ କରିବେ ଓ ନିଶାରୁ ଦୂରରେ ରହିବେ ସେ ଉପରେ ଆଲୋଚନା କରାଯାଇଥିଲା। ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ସମ୍ପାଦକ ରସିକ କୁମ୍ଭାର, ଉପଦେଷ୍ଟା ଭରତ ମହାନନ୍ଦ, ଅଙ୍ଗଦ ମୁଙ୍ଗରି ପ୍ରମୁଖ ଯୋଗଦେଇଥିଲେ। ଗଣ୍ଡା ସମାଜର ସାମାଜିକ, ଆର୍ଥିକ ତଥା ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି ହେବ ଏବଂ ମହିଳାମାନଙ୍କୁ କିପରି ଶିକ୍ଷିତ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଚଣ୍ଡୀଭଟା ଓ ଲୌଡିଦର୍ହା ଗ୍ରାମପଞ୍ଚାୟତର କମିଟି ଗଠନ ହୋଇଥିଲା। ଚଣ୍ଡୀଭଟା ପଞ୍ଚାୟତର ସଭାପତି ଭାବେ ଚନ୍ଦ୍ର ମଣି ସୁନା, ଉପସଭାପତି ଭାବେ ଅଭିମନ୍ୟୁ ଛତର, ସମ୍ପାଦକ ଭାବେ ମୋହନ ତାଣ୍ଡି, ସହସମ୍ପାଦକ ଭାବେ ଲୋକନାଥ ଛତର ଏବଂ କୋଷାଧ୍ୟକ୍ଷ ଭାବେ ବୃନ୍ଦାବନ ତାଣ୍ଡି ମନୋନୀତ ହୋଇଛନ୍ତି। ସେହିପରି ଲୌଡିଦର୍ହା ପଞ୍ଚାୟତର ସଭାପତି ଭାବେ ସୁବାଷ ସୁନା, ଉପସଭାପତି ଭାବେ ସବିତ ମହାନନ୍ଦ, ସମ୍ପାଦକ ଭାବେ କୃଷ୍ଣ ଚରଣ ସାଗର, ସହ ସମ୍ପାଦକ ଭାବେ ଅମୃତ ଲୁହାର ମନୋନୀତ ହୋଇଛନ୍ତି। ଉଭୟ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଦୁଇ ଜଣଙ୍କୁ ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଭତ୍ତାରୁ ବଞ୍ଚିତ ବର୍ଷୀୟାନ କଳାକାର

**ଦହିତା, ୧୦।୬ (ସମିସ):** ପଦ୍ମପୁର ବ୍ଲକ ଅଧୀନ ବୁଡେନ ଗ୍ରାମର ବର୍ଷିଆନ୍ ଦଣ୍ଡ କଳାକାର ରଣଜିତ ନାଗ (୬୫) କଳାକାର ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେ ମାତ୍ର ୧୫ ବର୍ଷ ବୟସରୁ ଦଣ୍ଡ କଳା ଜଗତରେ ପାଦ ଦେଇଥିଲେ। ଦୀର୍ଘ ୫୦ ବର୍ଷର କଳାକାର ଜୀବନ ଯାତ୍ରାରେ ବର୍ତ୍ତମାନ ସୁଦ୍ଧା ପାଦ ଥକି ନାହିଁ। ବିଭିନ୍ନ ପର୍ବ ପର୍ବାଣୀରେ ଏବେ ବି ସେ କଳା ପ୍ରଦର୍ଶନ କରୁଛନ୍ତି। ସେ ଅନେକ ସରକାରୀ କାର୍ଯ୍ୟକ୍ରମରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିଥିବା ସତ୍ତ୍ୱେ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ସେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏପରି ଯୋଗ୍ୟ କଳାକାରଙ୍କୁ କଳାକାର ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



## ହୋଟେଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବରଗଡ଼, ୧୦।୬(ସମିସ): ବରଗଡ଼ର ହୋଟେଲ ଶ୍ରୀୟାରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଟାଉନ ପୁଲିସ। ମୃତକ ଜଣକ ବଲାଙ୍ଗିର ଜିଲ୍ଲା ବୁଢ଼ି ସିଣ୍ଡୋଲ ଗ୍ରାମର ରୁଜୁ ସେଠ୍(୨୧) ବୋଲି ଜଣାପଡ଼ିଛି। ଯୁବକ ଜଣକ ଆର୍‌ଟିଓ ଅଫିସ ପାଖରେ ଥିବା ଶ୍ରୀୟା ହୋଟେଲରେ କାର୍ଯ୍ୟ କରୁଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ରୁଜୁଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ତିନିଦିନ ତଳେ ପରିବାରରେ ଅସୁବିଧା ଥିବା ନେଇ ହୋଟେଲ ମାଲିକ ବିନାୟକ କୁମାର ମେହେରଙ୍କୁ ଜଣାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ଗାଁ ବଲାଙ୍ଗୀର ଜିଲ୍ଲା ସିନ୍ଦୋଲ ଗ୍ରାମକୁ ପଠାଇଥିବା ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ ବିକଶିତ କୃଷି ସଂକଳ୍ପ ଅଭିଯାନ



**ବରଗଡ଼, ୧୦।୬(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକସ୍ତରୀୟ ବିକଶିତ କୃଷିକ ସଂକଳ୍ପ ଅଭିଯାନ ତୁର୍ଲା ଏବଂ ଅମଠି ପଞ୍ଚାୟତର ବୈତାଳିଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, କେଭିକେ ବୈଜ୍ଞାନିକ ସଂଘମିତ୍ରା ବିଶ୍ୱାଳ, ବ୍ଲକ କୃଷି ଅଧିକାରୀ ନୀତା ଶବର, ଅମଠି ସରପଞ୍ଚ ଶାନ୍ତି ଥପା, ସହକାରୀ କୃଷି ଅଧିକାରୀ ପୁଷ୍ପକ ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ସମୀର କୁମାର ଚାନ୍ଦ, ଏସ୍‌ସିଇଡବ୍ଲ୍ୟୁ ବିକାଶ ଜେନା, ଉଦ୍ୟାନ ପରିଦର୍ଶକ ପ୍ରଦୀପ ପଟ୍ଟନାୟକ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ଏଗ୍ରୋ ସର୍ଭିସ ସେଣ୍ଟର ତଥା ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ସୁବିଧା, ଧାନର ପରବର୍ତ୍ତୀ ଫସଲ, କ୍ଲଷ୍ଟର ବୋରୱେଲ, ସମନ୍ୱିତ କୃଷି ପ୍ରଣାଳୀ, ଜୈବିକ ଚାଷ, ମାଟିର ଯତ୍ନ ଓ ପରୀକ୍ଷଣ, ଉନ୍ନତ ବିହନ ପ୍ରୟୋଗ, ଉନ୍ନତମାନର କୃଷି ପ୍ରଣାଳୀ, ସାର ଓ କୀଟନାଶକ ଦ୍ରବ୍ୟର ସଠିକ ପ୍ରୟୋଗ, ସିଏମ୍ କିଷାନ, ପିଏମ କିଷାନ ଯୋଜନା, କୃଷକ ପଞ୍ଜିକରଣ, ଡିବିଟି ଆଇଡି, ଖେତ ପୋଖରୀ ଯୋଜନା, ବୟୋ ଫ୍ଲକ୍, ମୃତ୍ତିକା ସଂରକ୍ଷଣ, ଜଳଧାରା ଯୋଜନା, ବୁନ୍ଦା ଜଳସେଚନ ପ୍ରଣାଳୀ ପ୍ରମୁଖ ଯୋଜନା ବିଷୟରେ ଚାଷୀଙ୍କୁ ବୁଝାଯାଇଥିଲା। ମଞ୍ଚ ପରିଚାଳନା ବ୍ଲକ କୃଷି ଅଧିକାରୀ ନୀତା ଶବର କରିଥିଲେ। କୃଷି ଅଧୀଦର୍ଶକ ବିକ୍ରମ ଭୋଇ ସହଯୋଗ କରିଥିଲେ। ଏଥିରେ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

## ଅଘୋଷିତ ବିଦ୍ୟୁତ କାଟ୍; ଲୋକେ ହନ୍ତସନ୍ତ

ଅମ୍ବାଭୋନା, ୧୦।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ଅଞ୍ଚଳରେ ଦିନକୁ ଦିନ ଅଘୋଷିତ ବିଦ୍ୟୁତ କାଟ୍ ବଢ଼ିବାରେ ଲାଗିଛି। ଫଳରେ ଅସହ୍ୟ ଗୁଳୁଗୁଳି ସହ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଅସହ୍ୟ ଗରମ ସମୟରେ ଏଭଳି ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କୁ ଅତିଷ୍ଠ କରିଛି। ସରକାର ଓ ବିଦ୍ୟୁତ ବିଭାଗୀୟ ଉଚ୍ଚ ପଦାଧିକାରୀ ବିଦ୍ୟୁତ କାଟ ହେବ ନାହିଁ ବୋଲି ବିଭିନ୍ନ ଜନସଭାରେ ଘୋଷଣା କରିଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପାଗ ଭଲ ଥିଲେ ସୁଦ୍ଧା ରକ୍ଷଣାବେକ୍ଷଣ, ଗଛ ଡାଳ ସଫା ଓ ୩୩ କେଭିର ମରାମତି ଆଳ ଦେଖାଇ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣଦାବି

# ଅତିରିକ୍ତ ଜିଲ୍ଲାପାଳଙ୍କୁ କୃଷକ ସଂଗଠନର ଦାବିପତ୍ର



**ବରଗଡ଼, ୧୦।୬(ସମିସ):** ବରପାଲି ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅଦିନ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ରବି ଋତୁ ତଥା ମେ ମାସରେ କାଳ ବୈଶାଖୀର ପ୍ରଭାବରେ ହୋଇଥିବା ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁଁ ବରଗଡ଼ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ସଂଗଠନ ତରଫରୁ କ୍ଷୟକ୍ଷତି ଆକଳନ ପାଇଁ ଲିଖିତ ଭାବେ ଜଣାଯିବା ପରେ ସ୍ଥାନୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେଇଛନ୍ତି। ହେଲେ ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ତରଫରୁ ମେ ୨୩ ରୁ ୩୦ ପର୍ଯ୍ୟନ୍ତ ହୋଇଥିବା ମୌସୁମୀ ବର୍ଷା ଯୋଗୁଁ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଇନପୁଟ ସବ୍‌ସିଡି ବଣ୍ଟନ ପାଇଁ ବରଗଡ଼ ଜିଲ୍ଲାକୁ ୭ କୋଟି ୫୫ ଲକ୍ଷ ୪୪ ହଜାର ୮୫୫ ଟଙ୍କା ମିଳିଥିବା ସୂଚନା ରହିଛି। ହେଲେ ବରପାଲି ବ୍ଲକର୍ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବା ସଂଗଠନ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗତ ମେ ମାସରେ ବରଗଡ଼ ଜିଲ୍ଲାରେ ୧୨୨ ମିଲିମିଟର ବର୍ଷା ହୋଇଛି। ବରଗଡ଼ ବ୍ଲକରେ ୧୦୨ ମିଲିମିଟର, ଅତାବିରା ବ୍ଲକରେ ୬୭ ମିଲିମିଟର, ୫୨ ମିଲିମିଟର ବର୍ଷା ଗୋଟିଏ ଦିନରେ ହୋଇଥିଲା। ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଥିଲା। କିନ୍ତୁ କ୍ଷତିପୂରଣ ରାଶି ପାଇବାରୁ ପଦ୍ମପୁର, ଗାଇସିଲଟ, ଅମ୍ବାଭାନା, ବିଜେପୁର ଏବଂ ବରପାଲି ବ୍ଲକର ଚାଷୀ ବଞ୍ଚିତ ହୋଇଛନ୍ତି। ଜିଲ୍ଲାର ଭେଡେନ ବ୍ଲକର୍ ୨୫୮୪ ହେକ୍ଟର, ଅତାବିରା ୮୫୭, ବରଗଡ଼ ୫୫୫, ଝାରବନ୍ଧ ୨୯୩, ଭଟଲି ୨୫୭, ସୋହେଲା ୧୪, ପାଇକମାଲ ୧.୯୧ ହେକ୍ଟରକୁ ମିଶାଇ ମୋଟ ୪୩୦୯ ହେକ୍ଟର ଜମିର କ୍ଷତିପୂରଣ ସହାୟତା ରାଶି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ କରାଯାଇଛି। ତେବେ ବରପାଲି ବ୍ଲକର ଚାଷୀମାନେ କାହିଁକି କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଲେ ବୋଲି ସଂଗଠନ ପ୍ରଶ୍ନ କରିଛି। ତୁରନ୍ତ ପୁନଃ ବିଚାର କରାଯାଇ ବରପାଲି ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ସଂଗଠନ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନ ସଭାପତି ତପନ ମିଶ୍ର, ସଭାପତି କାରଣ ସାହୁ, ଟେକରାଜ ପଧାନ, ଟିକେଶ୍ୱର ଦେହେରୀ, ସୁରେଶ ବିଶି, ଯୋଗେଶ ବିଶି ଏବଂ ରମେଶ ମହାପାତ୍ର ଓ ସୁରେଶ ନିକେଣ୍ଟି ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଆଁ

**● ଅଳ୍ପକେ ବର୍ତ୍ତିଲେ କର୍ମଚାରୀ, ପୋଡ଼ିଗଲା ଫାଇଲ**

ବାଲେଶ୍ୱର,୧୦।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ନିଆଁ ଲାଗିଥିଲା। କାର୍ଯ୍ୟରତ କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲାଗିଥିବା ଏମ୍‌ସିବି ସୁଇଚରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତେବେ ପ୍ରଥମେ ଏହି ସୁଇଚ ବୋର୍ଡରେ ନିଆଁ ଲାଗି ନିକଟରେ ଥିବା ଏକ ଆଲମାରୀକୁ ବ୍ୟାପି ଥିଲା। ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ନିଆଁ ଦେଖି ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। କାର୍ଯ୍ୟାଳୟ ଚାଲିଥିବା ସମୟରେ ନିଆଁ ଲାଗିଥିବାରୁ କର୍ମଚାରୀଙ୍କ ଉପସ୍ଥିତି ଯୋଗୁଁ ଅଧିକ କ୍ଷୟକ୍ଷତି ହୋଇନାହିଁ।



## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ଗଣ୍ଡଗୋଳ

ବାଲେଶ୍ୱର,୧୦।୬(ସମିସ): ବାଲେଶ୍ୱର ଟାଉନଥାନା ଅର୍ନ୍ତଗତ ବଡଖୁଆ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ରାସ୍ତାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଯାଉଥିବା କିଛି ଯୁବକଙ୍କୁ ସ୍ଥାନୀୟ ଲୋକେ ଅଟକାଇ ପ୍ରତିବାଦ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଗୋଟିଏ ପରିବାରର ମା’ ଓ ପୁଅଙ୍କ ଉପରେ ଆକ୍ରମଣ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ପହଞ୍ଚିଥିଲେ। ସେଠାରେ ଫୋର୍ସ ମୁତୟନ କରାଯାଇଥିଲା। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା।



## ଆମ ଶୌଚାଳୟ ଉଦ୍‌ଘାଟିତ

ବାଲେଶ୍ୱର, ୧୦।୬(ସମିସ): ସର୍ବ ସାଧାରଣଙ୍କ ସୁବିଧା ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ୧୮ନମ୍ବର ୱାର୍ଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ୨୯ନମ୍ବର ୱାର୍ଡର ଯକ୍ଷ୍ମା ଡାକ୍ତରଖାନା ପରିସରରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଦୁଇଟି ଆମ ଶୌଚାଳୟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଆମ ଶୌଚାଳୟକୁ ଉଦଘାଟନ କରିଥିଲେ। ପୌରପରିଷଦ ଅଧକ୍ଷା ସବିତା ସାହୁ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଲେ ଏହି ଦୁଇଟି ଶୌଚାଳୟ ୮୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ପୂର୍ବରୁ ପୁଲିସ ଲାଇନ ଠାରେ ଗୋଟିଏ ଆମ ଶୌଚାଳୟ ନିର୍ମାଣ ହୋଇସାରିଛି। ଆଗାମୀ ଦିନରେ ଆଉ ଅଧିକ ଶୌଚାଳୟ ନିର୍ମାଣ ହେବ ବୋଲି କହିଥିଲେ। ଏହି ଶୌଚାଳୟକୁ ଇଂଟରନ୍ୟାସନାଲ ସୋସିଆଲ ସର୍ଭିସ ଏବଂ ପୌରପାଳିକା ପକ୍ଷରୁ ରକ୍ଷଣାବେକ୍ଷଣା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ୧୮ନମ୍ବର ୱାର୍ଡ କାଉନସିଲର ଅର୍ପିତା ପ୍ରିୟଦର୍ଶନୀ ପଟ୍ଟନାୟକ, ୨୯ନମ୍ବର ୱାର୍ଡ କାଉନସିଲର କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସମେତ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ଏମଇ ସୀମାଂଚଳ ମିଶ୍ର, ସାନିଟାରୀ ଟିମ୍‌ର ଉତ୍ସବ ଭଦ୍ର, ବିସ୍ମିତା ବେହୁରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ତିରୋଧାନ ତିଥି



ବାଲେଶ୍ୱର,୧୦।୬ (ସମିସ): ବଳଦେବ ବିଦ୍ୟାଭୂଷଣ ଟ୍ରଷ୍ଟ ଆନୁକୂଲ୍ୟରେ ବଳଦେବଙ୍କ ଜନ୍ମପୀଠ ଅଠାନ୍ତରରେ ଶ୍ରୀପାଦ ବିଦ୍ୟାଭୂଷଣଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନମାଳୀ ମହାରାଜ ମୁଖ୍ୟଅତିଥି, ଗବେଷକ ହରେକୃଷ୍ଣ ଗିରି ମୁଖ୍ୟବକ୍ତା, କବି ନିରଞ୍ଜନ ସାହୁ, ଅଚିନ୍ତ୍ୟ କୁମାର ଦାସ, ବଳଦେବ ବିଦ୍ୟାଭୂଷଣ ସ୍ମୃତି ମନ୍ଦିରର ମୁଖ୍ୟ ସେବକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଯୋଗେଶ ଚନ୍ଦ୍ର ବେହେରା, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ସମ୍ମାନିତ ଅତିଥି ବଳଦେବଙ୍କ ତତ୍ତ୍ୱ ଓ ଭକ୍ତିଦର୍ଶନ ସମ୍ପର୍କରେ ଆଲୋଚନା କରି ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ବୈଷ୍ଣବ ଧର୍ମ ଧାରାରେ ଏକ ନବଦିଗନ୍ତ ଉନ୍ମୋଚିତ ହେବ ବୋଲି ମତପ୍ରକାଶ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାରଣା, ଗୋପାଳ ଚନ୍ଦ୍ର ଦାସ, ଅଂଶୁମାନ ଗିରି, ରଶ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଲିଜା ଗିରି, ଭାଗ୍ୟଶ୍ରୀ ପଣ୍ଡା, ସସ୍ମିତା ଜେନା, ବନ୍ଦନା ରାଉତ, ଦିବ୍ୟାଶ୍ରୀ ପଣ୍ଡା, ଆୟୁଷ ନାୟକ ପ୍ରମୁଖ ଗୀତା ପାଠ କରିଥିଲେ। ସଚ୍ଚିଦାନନ୍ଦ ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

**ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

# ସମସ୍ତ ବିଭାଗ ସ୍ଥାନାନ୍ତର ପରେ ରୋଗୀ ହନ୍ତସନ୍ତ

ବାଲେଶ୍ୱର,୧୦।୬ (ସମିସ)



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସବୁ ବିଭାଗ ସ୍ଥାନାନ୍ତର ହେବା ପରେ ବିପର୍ଯ୍ୟସ୍ତ ହୋଇପଡିଛି ସ୍ୱାସ୍ଥ୍ୟସେବା। ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର ଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଲୋକଙ୍କୁ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲ ଯିବାକୁ କୁହାଯାଉଛି। ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ଯାତାୟାତ ପାଇଁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ଜିଲ୍ଲା ମୁଖ୍ୟ ହସ୍ପିଟାଲ୍‌ରୁ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ଆସିବା ପାଇଁ ନିହାତି ଗାଡ଼ି ସୁବିଧା ଦରକାର ବୋଲି ଦାବି ହୋଇଛି। ସେଥିପାଇଁ ବାଲେଶ୍ୱରର ସଚେତନ ନାଗରିକ ଆଜି ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଭେଟି ଏହି ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ରେମୁଣା ମେଡିକାଲ କଲେଜ ଯିବା ଆସିବା ପାଇଁ ସୁଲଭ ମୂଲ୍ୟରେ ଅଟୋ ରିକ୍ସା, ଆମ୍ବୁଲାନ୍ସ ଇତ୍ୟାଦିର ସୁବିଧା କରିବା ପାଇଁ ଆରଟିଓଙ୍କୁ ଦାବିପତ୍ର ଦେବା ସହ ଆଲୋଚନା କରାଯାଇଛି।

ସୂଚନାଯୋଗ୍ୟ, ନିକଟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ଧରି ଚାଲୁଥିବା ବିଭିନ୍ନ ବିଭାଗ ଯଥା ଅସ୍ଥିଶଲ୍ୟ, ନାକ-କାନ-ଗଳା ରୋଗ ଏବଂ ଚକ୍ଷୁ, ଗାଇନିକ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକୁ ରେମୁଣାସ୍ଥିତ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଅନେକ ଲୋକ ବିଶେଷକରି ସୁଲଭ ପରିବହନ ଉପରେ ନିର୍ଭରଶୀଳ ରୋଗୀମାନେ, ଅତ୍ୟାବଶ୍ୟକ ଚିକିତ୍ସା ପାଇଁ ରେମୁଣା ହସ୍ପିଟାଲ ଯିବାକୁ ବାଧ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏବଂ ବାଲେଶ୍ୱର ରେଳ ଷ୍ଟେସନରୁ ରେମୁଣା ହସ୍ପିଟାଲକୁ ଯାତ୍ରା ପାଇଁ ସ୍ଥାନୀୟ ଅଟୋ-ରିକ୍ସା ଚାଳକମାନେ ଅଧିକ ଭଡ଼ା ଦାବି କରୁଛନ୍ତି। ଏହା ରୋଗୀମାନଙ୍କ ଉପରେ ଅଯଥା ଆର୍ଥିକ ଚାପ ସୃଷ୍ଟି କରୁଛି, ଯେଉଁମାନେ ପୂର୍ବରୁ ରୋଗ ଏବଂ ସୀମିତ ସମ୍ବଳ ସହିତ ସଂଘର୍ଷ କରୁଛନ୍ତି। ନିୟନ୍ତ୍ରିତ ଭଡ଼ା ବ୍ୟବସ୍ଥାର ଅଭାବ ସେମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବୃଦ୍ଧି କରୁଛି, ଯାହା ଫଳରେ ସ୍ୱାସ୍ଥ୍ୟସେବା କେବଳ ଭୌଗୋଳିକ ଦୃଷ୍ଟିରୁ ଦୂରସ୍ଥ ନୁହେଁ, ଆର୍ଥିକ ଦୃଷ୍ଟିରୁ ମଧ୍ୟ ଦୁର୍ଗମ ହେଉଛି। ତେଣୁ ଉପରୋକ୍ତ ସ୍ଥାନଗୁଡ଼ିକରୁ ରେମୁଣା ହସ୍ପିଟାଲକୁ ଅଟୋ-ରିକ୍ସା ସେବା ପାଇଁ ଏକ ନିର୍ଦ୍ଧାରିତ ଭଡ଼ା ନିର୍ଦ୍ଧାରଣ କରାଯାଉ। ଯାତ୍ରୀ ଏବଂ ଚାଳକ ଉଭୟଙ୍କ ପାଇଁ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ନିଶ୍ଚିତ କରିବାକୁ ସେୟାର ଅଟୋ-ରିକ୍ସା ଯାତ୍ରାକୁ ପ୍ରୋତ୍ସାହନ ଦେବାର ପ୍ରସ୍ତାବ ଦିଆଯାଇଛି। ଯାହା ଯାତ୍ରୀମାନଙ୍କୁ ସୁଲଭ ଭଡ଼ାରେ ଯାତାୟାତ କରିବାକୁ ସୁବିଧା ଦେବ ଏବଂ ଚାଳକମାନଙ୍କୁ ଏକ ଯାତ୍ରାରେ ଅଧିକ ଯାତ୍ରୀ ନେଇ ଅଧିକ ଆୟ କରିବାର ସୁଯୋଗ ପ୍ରଦାନ କରିବ। ଏହି

**▶▶ ସୁଲଭ ମୂଲ୍ୟରେ ଗାଡ଼ି ବ୍ୟବସ୍ଥା ଦାବି**

**▶▶ ଆରଟିଓଙ୍କୁ ଭେଟିଲେ ସଚେତନ ନାଗରିକ**

ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଜନସାଧାରଣ ଏବଂ ଅଟୋ-ରିକ୍ସା ଚାଳକମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇପାରେ, ଯାହା ଏକ ସନ୍ତୁଳିତ ଏବଂ ଚିରସ୍ଥାୟୀ ସମାଧାନରେ ସହାୟକ ହେବ। ଏହି ବିଷୟରେ ତୁରନ୍ତ ଏବଂ ସହାନୁଭୂତିପୂର୍ଣ୍ଣ ପଦକ୍ଷେପ ବାଲେଶ୍ୱରର ଜନସାଧାରଣ, ବିଶେଷକରି ସବୁଠାରୁ ଦୁର୍ବଳ ବର୍ଗଙ୍କ ପାଇଁ ଅପାର ସାହାଯ୍ୟ ପ୍ରଦାନ କରିବ। ଏକ ନିୟନ୍ତ୍ରିତ ଭଡ଼ା ବ୍ୟବସ୍ଥା କାର୍ଯ୍ୟକାରୀ କରି ଆରଟିଓ ସ୍ୱାସ୍ଥ୍ୟସେବାରେ ସମାନ ପ୍ରବେଶାଧିକାର ନିଶ୍ଚିତ କରିପାରିବ ବୋଲି ବାଲେଶ୍ୱରର ନାଗରିକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଜେଡ୍‌ଏସ୍‌ଆଇ ହାକାଥନ୍‌ରେ ଏଫ୍‌ଏମ୍‌ୟୁର ସଫଳତା



ବାଲେଶ୍ୱର,୧୦।୬ (ସମିସ): ଜୈବବିବିଧତା ସଂରକ୍ଷଣ ଉପରେ ଆଧାରିତ ଜେଡ଼୍‌ଏସଆଇ (ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ)ର ୧୧୦-ଘଣ୍ଟିଆ ହାକାଥନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ ଛାତ୍ରଛାତ୍ରୀଙ୍କ ଦଳ ଜାତୀୟ ପରିସରରେ ଉଲ୍ଲେଖନୀୟ ସ୍ଥାନ ଅଧିଗ୍ରହଣ କରିଛନ୍ତି। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ତାଙ୍କର ୧୧୦ ବର୍ଷୀୟ ବିଜ୍ଞାନ ସେବାକୁ ଉଦ୍‌ଯାପନ କରିବା ଉଦ୍ଦେଶ୍ୟରେ ଏହି ହାକାଥନର ଆୟୋଜନ କରିଥିଲେ। ମେରାଇନ ଆକ୍ୱାରିୟମ୍ ଏବଂ ଆଞ୍ଚଳିକ କେନ୍ଦ୍ର (ଏମଏଆରସି)-ଦିଘାରେ ଆୟୋଜିତ ଆଞ୍ଚଳିକ ପର୍ଯ୍ୟାୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦଳ-ସୌମ୍ୟରଞ୍ଜନ ଦାଶ (ଦଳନେତା ଓ ଅନୁସନ୍ଧାନ ସହଯୋଗୀ, ଭାରତୀୟ ହର୍ସ-ସ୍ୟୁ କ୍ରାବ ସଂରକ୍ଷଣ ଓ ଅନୁସନ୍ଧାନ କେନ୍ଦ୍ର) ସହିତ ଅନନ୍ୟା ଦେବସ୍ମିତା ପାତ୍ର ଓ ଭାସ୍କର ବେଜା (ସ୍ନାତକୋତ୍ତର ଜୀବ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ) ପ୍ରଥମସ୍ଥାନ ଅଧିକାର କରିଥିଲେ। “କ୍ୟାପ୍ଟିଭ୍ ବ୍ରିଡ଼ିଂ ମଡେଲ ମାଧ୍ୟମରେ ହର୍ସ-ସ୍ୟୁ କ୍ରାବ ଜନସଂଖ୍ୟା ପୁନରୁଦ୍ଧାର’ ଯାହା ଏକ ପ୍ରାଚୀନ ଓ ପରିବେଶ ପ୍ରତି ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ସଂରକ୍ଷଣ ପାଇଁ ଗଭୀର ଅନୁସନ୍ଧାନ ଅଭିଗମର ତଥ୍ୟ ଉପରେ ଆଧାରିତ ଏକ ଉପସ୍ଥାପନ ଛାତ୍ରଛାତ୍ରୀ ପ୍ରଦାନ କରିଥିଲେ। ଜେଡ଼୍‌ଏସଆଇ, ପୁଣେ ଆଞ୍ଚଳିକ କେନ୍ଦ୍ରରେ ଆୟୋଜିତ ଜାତୀୟ ପର୍ଯ୍ୟାୟରେ ଏହି ଦଳକୁ ପ୍ରତିନିଧିତ୍ୱ କରି ସୌମ୍ୟରଞ୍ଜନ ଦାଶ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁପମ ପ୍ରେରଣା, ନିରନ୍ତର ଉଦ୍ୟମ ଏହି ସଫଳତା ପଛର କାରଣ ବୋଲି ବିଭାଗ ମୁଖ୍ୟ ମତପ୍ରକାଶ କରିଛନ୍ତି। ଦଳର ଏହି ସଫଳତାରେ ଦିଗଦର୍ଶନ ଦେଇଥିବା ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ, ଡ. ନୀଳାଦ୍ରି ଭୂଷଣ କର ଓ ଡ. ଭାରତ ଭୂଷଣ ପଟ୍ଟନାୟକଙ୍କ ଅବଦାନ ରହିଛି। ଫାଇନାଲ ରାଉଣ୍ଡକୁ ଅଗ୍ରସର ହେବା ସହିତ ଏହି ଦଳ ବିଶ୍ୱବିଦ୍ୟାଳୟର ଗୌରବ ସହିତ ଏକ ଗଭୀର ସମାଜମୂଳକ ସଂରକ୍ଷଣ ଦୃଷ୍ଟିକୋଣ ଓ ଗବେଷଣାତ୍ମକ ପରିବେଶଗତ ସୁଧାର ଭାବନାକୁ ଉପସ୍ଥାପନ କରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରମୁଖ ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବାଲେଶ୍ୱରରେ ଏବିଭିପିର ୧୫ ହଜାର ସଦସ୍ୟତା ଲକ୍ଷ୍ୟ




ବାଲେଶ୍ୱର,୧୦।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ବାଲେଶ୍ୱର ତରଫରୁ ସ୍ଥାନୀୟ ଗୋପାଳ ଗାଁସ୍ଥିତ ଆୟୁଷ୍ମାନ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଜୁନ ୫, ୬, ୭, ୮ ଚାରି ଦିନ ଧରି ବାରିପଦାସ୍ଥିତ ସାଇ ବିଦ୍ୟା ମନ୍ଦିର ଠାରେ ପ୍ରାନ୍ତ ଅଭ୍ୟାସ ବର୍ଗ ସମ୍ପନ୍ନ ହୋଇଯାଇଛି। ଏହି ପ୍ରାନ୍ତ ଅଭ୍ୟାସ ବର୍ଗରେ ବିଦ୍ୟାର୍ଥୀ ପରିଷଦର ଆଗାମୀ ଏକ ବର୍ଷର ଯୋଜନା ସ୍ଥିର ହେବା ସହିତ ସାରା ଓଡ଼ିଶାରେ ଏକ ଲକ୍ଷ ଚାଳିଶ ହଜାର ସଦସ୍ୟତା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହି ଅଭ୍ୟାସ ବର୍ଗରେ ଓଡ଼ିଶା ପୂର୍ବ ପ୍ରାନ୍ତର ପାଖାପାଖି ୨୩ ଟି ସାଂଗଠନିକ ଜିଲ୍ଲାରୁ ୨୫୦ରୁ ଅଧିକ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ଏବଂ ଜିଲ୍ଲାର ଦାୟିତ୍ୱ ମଧ୍ୟ ଘୋଷଣା କରାଯାଇଛି। ପ୍ରାନ୍ତ ଅଭ୍ୟାସ ବର୍ଗ ଅବସରରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ ୧୫୦୦୦ ସଦସ୍ୟତାର ଲକ୍ଷ୍ୟ ସ୍ଥିର କରାଯାଇଛି। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କ ଘୋଷଣାକୁ ବିଦ୍ୟାର୍ଥୀ ପରିଷଦ ସ୍ୱାଗତ କରିବା ସହିତ ବିଜୟର ଧ୍ୱଜା ମଧ୍ୟ ଉଡ଼ାଇବ ବୋଲି ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି। ଏହି ଅବସରରେ ବାଲେଶ୍ୱର ବିଭାଗ ଓ ଜିଲ୍ଲାର ଦାୟିତ୍ୱ ମଧ୍ୟ ଘୋଷଣା କରାଯାଇଛି। ବାଲେଶ୍ୱର ବିଭାଗ ପ୍ରମୁଖ ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ବିଭାଗ ସହ ପ୍ରମୁଖ ଭାବେ ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ, ବିଭାଗ ସଂଯୋଜକ ଭାବେ ଛାତ୍ର ନେତା ସଞ୍ଜୀବ ମହାରଣା, ଜିଲ୍ଲା ସଂଯୋଜକ ଭାବେ ସୁଶ୍ରୀ ଜ୍ୟୋତିରେଖା ଭୂୟାଁ, ଜିଲ୍ଲା ସହ ସଂଯୋଜକ ଭାବେ ପାର୍ଥବିଜୟୀ ପାତ୍ର ଏବଂ ଜିତମ୍ କୁମାର ଦାସ। ବିଭାଗ ଛାତ୍ରୀ ପ୍ରମୁଖ ଭାବେ ପ୍ରିୟାଶା ମହାପାତ୍ର, ବିଭାଗ ସିଡିଡି ସଂଯୋଜକ ଭାବେ ସୌମ୍ୟଶ୍ରୀ ପଣ୍ଡା, ବିଭାଗ ଖେଲୋଭାରତ ସଂଯୋଜକ ଭାବେ ଖିତିସ ପଣ୍ଡା, ବିଭାଗ ରାଷ୍ଟ୍ରୀୟ କଳାମଞ୍ଚ ସଂଜୋଜିକା ଭାବେ ସୌମ୍ୟାଶ୍ରୀ ବିଶି, ବିଭାଗ ଜନଜାତି ପ୍ରମୁଖ ଭାବେ ରଘୁନାଥ ମାଝୀ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସମ୍ପାଦିକା ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ, ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ବାଲେଶ୍ୱର ଜିଲ୍ଲା ସଂଯୋଜିକା ସୁଶ୍ରୀ ଜ୍ୟୋତିରେଖା ଭୂୟାଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟାଶା ମହାପାତ୍ର ଏବଂ ବାଲେଶ୍ୱର ନଗର ସମ୍ପାଦକ ଜୀତମ୍ ଦାସ ଉପସ୍ଥିତ ଥିଲେ।

**ସ୍ତ୍ରୀ ଓ ପ୍ରସୂତି ବିଭାଗ ସ୍ଥାନାନ୍ତର ପରେ ହନ୍ତସନ୍ତ ରୋଗୀ**

## ଅବହେଳା ପାଇଁ ଗର୍ଭସ୍ଥ ଶିଶୁ ମୃତ୍ୟୁ ଅଭିଯୋଗ

ବାଲେଶ୍ୱର,୧୦।୬ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର ହୋଇଯାଇଛି। ସେହି କ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ରେମୁଣା ସ୍ଥାନାନ୍ତର କରାଯାଇଛି। କିନ୍ତୁ ଏହି ବିଷୟରେ ଚିକିତ୍ସାଳୟ କର୍ତ୍ତୃପକ୍ଷ ରୋଗୀ କିମ୍ବା ସେମାନଙ୍କ ଘର ଲୋକଙ୍କୁ କିଛି ଜଣାଇନଥିଲେ। ହଠାତ ସବୁ କରିବା ପରେ ବହୁତ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ସକାଳରୁ ଅନେକ ରୋଗୀ ଲେବର୍ ରୁମ୍ ସମ୍ମୁଖରେ ଅପେକ୍ଷା କରି ନିରାଶ ହୋଇଥିବା ଜଣାପଡିଛି। ସବୁଠୁ ବଡ଼ ଦୁଃଖର କଥା ଆଜି ଚିକିତ୍ସାଳୟର ଅବହେଳା ପାଇଁ ପୁଣି ଗୋଟିଏ ପିଲା ମା’ ପେଟରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। କାରଣ ନା ଡାକ୍ତର ରୋଗୀ ଦେଖୁଛନ୍ତି ନା ୱାର୍ଡକୁ ଯାଉଛନ୍ତି। କର୍ମଚାରୀ ମଧ୍ୟ ନାହାନ୍ତି। ଏହି ଖବର ପାଇବା ମାତ୍ରେ ସଚେତନ ନାଗରିକମାନେ ଚିକିତ୍ସାଳୟରେ ପହଞ୍ଚି ସମସ୍ତ ଡାକ୍ତର ଓ ପୁଲିସ ସହ କଥା ହୋଇ ସମସ୍ତ କଥା ବୁଝିଥିଲେ। ଏଥିସହ ହ୍ରିତିକ ନାୟକ, ଗିରିଜା ଶଙ୍କର ଦାସ ଓ ସାହିରୁଲ ହକ୍ ପ୍ରମୁଖ ଅନ୍ୟମାନେ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କ ନିକଟରେ ପହଞ୍ଚିବା ସହ ହସ୍ପିଟାଲ୍ କର୍ତ୍ତୃପକ୍ଷ ତଥା ଏଡିଏମଓଙ୍କ ସହ ଆଲୋଚନା କରାଯାଇଥିଲା। ଜିଲ୍ଲା ଚିକିତ୍ସାଳୟ ଓ ମେଡିକାଲ କଲେଜ ମଧ୍ୟରେ ରୋଗୀ ରୋଗୀମାନେ ଏପରି ହନ୍ତସନ୍ତ ହେଉଛନ୍ତି। ଏପରି ସ୍ଥିତିରେ ନିର୍ବାଚିତ ପ୍ରତିନିଧିମାନେ କେହି ହସ୍ପିଟାଲରେ ପହଞ୍ଚି ଏବାବଦରେ ବୁଝାବୁଝି ଏବଂ ରୋଗୀଙ୍କୁ ଆଶ୍ୱାସନା ଦେଇନଥିବାରୁ ସଚେତନ ନାଗରିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜ ଭିତରେ ତାଳମେଳ ରହୁନଥିବାରୁ ରୋଗୀମାନେ ହତାଶ ହେଉଛନ୍ତି। ଡାକ୍ତର, ନର୍ସଙ୍କ ଦେଖା ମିଳୁନି। ରୋଗୀଙ୍କୁ ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ଯିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ କହୁଛନ୍ତି। ଯାହାକୁ ନେଇ ରୋଗୀ ଏବଂ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି।




**ପଟିଦିଅଁ ଅଙ୍କନ ଉତ୍ସବର ଚତୁର୍ଥ ସନ୍ଧ୍ୟା**

## ଶାସ୍ତ୍ରୀୟ ସଙ୍ଗୀତରେ ମନ୍ତ୍ରମୁଗ୍ଧ ହେଲେ ଶ୍ରୋତା




ବାଲେଶ୍ୱର,୧୦।୬ (ସମିସ): ନୋସି କଲଚରାଲ ଏକାଡେମି ଓ ବାଲେଶ୍ୱରୀ କଳା କେନ୍ଦ୍ର ପକ୍ଷରୁ ନୋସିରେ ୧୧ତମ ପଟିଦିଅଁ ଅଙ୍କନ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ବିଶିଷ୍ଟ ଶାସ୍ତ୍ରୀୟ କଳାକାରଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ସଂଗୀତ, ସନ୍ତୁର, ବଂଶୀ, ବେହେଲା ଓ ତବଲା ଇତ୍ୟାଦିରେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ବାନ୍ଧି ରଖିଥିଲେ। ସଭାକାର୍ଯ୍ୟକୁ ମୁଖ୍ୟଅତିଥି ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା କବି ଜୟନ୍ତ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ନୋସିର ଉପସଭାପତି ସୁବ୍ରତ ନାୟକ ଯୋଗ ଦେଇଥିଲେ। ସଭାକାର୍ଯ୍ୟକୁ ଶିଳ୍ପୀ କେଶୁ ଦାସ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସନ୍ଧ୍ୟାକୁ ଅଜିତାନନ୍ଦ ଦେବଗୋସ୍ୱାମୀ ସଞ୍ଚାଳନ କରିଥିଲେ। ସୁନିତା ପଣ୍ଡା ହିନ୍ଦୁସ୍ଥାନୀ ସଂଗୀତରେ ରାଗ ପୂରିୟାକଲ୍ୟାଣ, ବଂଶୀରେ ଓମ୍ ପ୍ରକାଶ ଗିରି ଓ ସଂଗ୍ରାମ କେଶରୀ ଗିରି ରାଗ ଝିଞ୍ଜୋଟି, ସନ୍ତୁରରେ ନନ୍ଦ କିଶୋର ଦାସ ରାଗ ନନ୍ଦକଂଶ, ବେହେଲାରେ ମନୋରଞ୍ଜନ ପଣ୍ଡା ରାଗ ଯୋଗ, ହିନ୍ଦୁସ୍ଥାନୀ ସଂଗୀତରେ ମିଆଁ ମହ୍ଲାର, ତବଲାରେ ତସୀତ ନାୟକ, ପ୍ରିୟବ୍ରତ ନାୟକ, ଶକ୍ତିପ୍ରକାଶ ଜେନା, କୃତି ମାଧବ ସାହୁ, ଋତୁରାଜ, ସୁପ୍ରିୟ ସାହୁ ପ୍ରମୁଖ ସନ୍ତୁର ବାଦନ ସହଯୋଗ କରିଥିବା ବେଳେ ଅଜିତାନନ୍ଦ ଦେବଗୋସ୍ୱାମୀ ଓ ହର ପ୍ରଶନ ରାଉତ ତବଲାରେ ହିନ୍ଦୁସ୍ଥାନୀ ସଂଗୀତରେ ସହଯୋଗ କରିଥିଲେ। ଶେଷରେ ଚିତ୍ରକର ଦେବାଶିଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ। ଅନନ୍ତ ବାସୁଦେବ (ବଳଭଦ୍ର), ଭୁବନେଶ୍ୱରୀ (ସୁଭଦ୍ରା ) ଓ ଅନନ୍ତ ନାରାୟଣ (ଜଗନ୍ନାଥ) ପାଇଁ ଅକ୍ଷୟ ତୃତୀୟାରେ ଚିତ୍ରକରଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ନୀଳଗିରି, ଜୟଦେବ କସବା, ଶାସଙ୍ଗ, ଗଣେଶ୍ୱରପୁର, ମାଧିପୁର, ଦୁବଲାଗଡି ଓ ବେତନଟୀ ଜଗନ୍ନାଥ ମନ୍ଦିରରୁ ସ୍ୱୀକୃତି ମିଳିଛି।

**ରବିଧାନ କିଣାରେ ଅବ୍ୟବସ୍ଥା, ଜିଲ୍ଲାପାଳଙ୍କୁ ଦାବିପତ୍ର**

# ୩ ଦିନରେ ଧାନ କିଣା ନ ହେଲେ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର, ୧୦।୬ (ସମିସ)

ରେମୁଣା ବ୍ଲକ ଅର୍ନ୍ତଗତ ପୂଆପାଢ଼ୀ, ଦୁର୍ଗାଦେବୀ, ନରହରିପୁର, ବଡପଲ, ପତ୍ରିପାଳ ସେବା ସମବାୟ ସମିତିରେ ଚଳିତ ରବି ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନେ ଧାନ ବିକ୍ରି କରିପାରୁ ନଥିବା ନେଇ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଏହି ସେବା ସମବାୟ ସମିତିର ପଞ୍ଜିକୃତ ଚାଷୀମାନଙ୍କ ନିକଟକୁ ଗତ ମାସ ୧୫ତାରିଖ ଏବଂ ୧୬ତାରିଖ ଠାରୁ ଧାନ କିଣିବା ପାଇଁ ଟୋକନ ଆସିଛି। ଯାହାର ସମୟ ସୀମା ୨୮ଦିନ ରହିଛି। ହେଲେ ଦୁଃଖର ବିଷୟ ଏହି ଯେ, ଆଜକୁ ଟୋକନ ମିଳିବାର ୨୫ ଦିନ ହୋଇଯାଇଥିଲେ ମଧ୍ୟ ସମିତି କିଛି ଜାଗାରେ ଧାନ କିଣୁନାହାନ୍ତି। ଯେଉଁ ସମିତି ଧାନ କିଣୁଛି ସେମାନଙ୍କଠାରେ ଟାର୍ଗେଟ ନାହିଁ। କିଛି ସମିତିର ଅଧା ଧାନ ନେବ ବୋଲି କହୁଛନ୍ତି। ସମିତିକୁ ଟାର୍ଗେଟ ନ ଦେଲେ ସମସ୍ତ ଚାଷୀ କିପରି ଭାବେ ଧାନ ବିକ୍ରୟ କରିପାରିବେ। ଏ ନେଇ ବିଭିନ୍ନ ସୋସାଇଟି ଏବଂ ଚାଷୀମାନେ ମଧ୍ୟ ପୂର୍ବରୁ ଅଭିଯୋଗ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏବେ ବର୍ଷା ଯୋଗୁ ଧାନ ଗୁଡିକ ଗଜା ହେବାର ଅଧିକ ସମ୍ଭାବନା ମଧ୍ୟ ରହିଛି। ଚାଷୀଙ୍କଠାରୁ ଧାନ କିଣା ନ ହେଲେ ଆଗାମୀ ଦିନରେ ରାଜରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବାକୁ ବାଧ ହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏଣୁ ତୁରନ୍ତ ଚାଷୀମାନଙ୍କର ସମସ୍ୟାକୁ ସମାଧାନ କରାଯିବା ସହ ଧାନ ବିକ୍ରୟ ପାଇଁ ସୋସାଇଟିକୁ ସମୟ ସୀମା ବୃଦ୍ଧି କରାଯିବା ସହ ଆସନ୍ତା ତିନି ଦିନ ମଧ୍ୟରେ ଚାଷୀମାନଙ୍କଠାରୁ ଧାନ କିଣା ଆରମ୍ଭ ନ ହେଲେ ୧୩ତାରିଖ ଶୁକ୍ରବାର ଦିନ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚାଷୀ ଅନିରୁଦ୍ଧ ଲେଙ୍କା, ପ୍ରେମରଞ୍ଜନ ପାତ୍ର, ଜଗନ୍ନାଥ ଦାସ, ଅକ୍ଷୟ ରଣା, ବିଜୟ କୁମାର ବେହେରା, ଅଶୋକ କୁମାର ନାୟକ, ରମେଶ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ କହିଛନ୍ତି।

### ଦାବି ମାନିଲା ପ୍ରଶାସନ

# ପାଞ୍ଚଦିନ ପରେ ଆମରଣ ଅନଶନ ପ୍ରତ୍ୟାହୃତ

ରାଜନଗର, ୧୦।୬ (ସମିସ)



ରାଜନଗରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ଥାନା ଆଗରେ ୪୦ରୁ ଊର୍ଦ୍ଧ୍ୱ ନିର୍ବାଚିତ ଲୋକ ପ୍ରତିନିଧି ୩ ଦିନ ଅନଶନ ଓ ଦୁଇଦିନ ଧରି ଆମରଣ ଅନଶନରେ ବସିବା ପରେ ପ୍ରଶାସନ ଦାବି ମାନି ନେଇଛି। ଆଜି ଅନଶନ ସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ପହଞ୍ଚି ଆମରଣ ଅନଶନକାରୀଙ୍କ ସହ ବସିଥିଲେ। କେନ୍ଦ୍ରାପଡ଼ା ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳ ରାଜନଗର ଥାନାରେ ପହଞ୍ଚିଥିଲେ। ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ ବିଧାୟକ ଓ ଆମରଣ ଅନଶନକାରୀଙ୍କ ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ୩୧ ତାରିଖ ଦିନ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ବିଧାୟକ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା କରୁଥିବାବେଳେ ବିଡିଓଙ୍କ କବାଟକୁ ଗୋଇଠା ମାରି ଅରାଜକତା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜନଗର ବିଡିଓ ଏତଲା ଦେବେ। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଡିଓ ବାତ୍ୟା ଆଶ୍ରୟସ୍ଥଳୀର କର୍ମକର୍ତ୍ତା ତାଲିକା ଥାନାକୁ ଦେବେ। କମିଟି ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାମ କରିବ। ଅନ୍ୟ କେହି ସେଠାରେ ଅରାଜକତା ସୃଷ୍ଟି କାଲେ ପୁଲିସ ପଦକ୍ଷେପ

### ଅନଶନକାରୀଙ୍କ ସହ ଏସ୍‌ପି, ଏଡିଏମ୍‌ଙ୍କ ଆଲୋଚନା

ନେବ। ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳୀରେ ଚୋରି ଓ ସମ୍ପାଦକଙ୍କୁ ମାଡ଼ ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି। ଆଇଆଇସି ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ରାଜନଗରର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ଆଇନଶୃଙ୍ଖଳା ବିପର୍ଯ୍ୟୟ ପ୍ରତିବାଦରେ ଚଳିତ ମାସ ୬ ତାରିଖଠାରୁ ରାଜନଗର ଥାନା ଆଗରେ ଅନଶନ ଆରମ୍ଭ କରିଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ୯ ତାରିଖଠାରୁ ଆମରଣ ଅନଶନ ଆରମ୍ଭ କରିଥିଲେ। ଗତକାଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରପଡ଼ାରେ ଆଇନଶୃଙ୍ଖଳା ସମୀକ୍ଷା କରିଥିବାବେଳେ ରାଜନଗର ବିଧାୟକ ଆମରଣ ଅନଶନ ପ୍ରସଙ୍ଗ ଉଠାଇଥିଲେ। ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳ ଆମରଣ ଅନଶନକାରୀଙ୍କ ପାଖରେ ପହଞ୍ଚି ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଦୁର୍ଘଟଣାରେ ନୀଳକଣ୍ଠପୁର ସରପଞ୍ଚଙ୍କ ମୃତ୍ୟୁ



ପଟ୍ଟାମୁଣ୍ଡାଇ,୧୦।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଲୋକପ୍ରିୟ ନେତା ତଥା ନୀଳକଣ୍ଠପୁର ପଞ୍ଚାୟତର ଯୁବ ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀ (୪୬) ଦୁର୍ଘଟଣାର ଶିକାର ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ପଟ୍ଟାମୁଣ୍ଡାଇର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଗତକାଲି ଅପରାହ୍ନରେ ବର୍ଷା, ପବନ ଲାଗି ରହିଥିବାବେଳେ ଶ୍ରୀ ଖଣ୍ଡାୟୀ ବୁଲେଟ୍‌ରେ କେନ୍ଦ୍ରାପଡ଼ା ଯାଉଥିବା ସମୟରେ ଚୂନଡିହଠାରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ଭ୍ୟାନ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଶ୍ରୀ ଖଣ୍ଡାୟୀ ଛିଟିକି ରାସ୍ତା ଉପରେ ପଡିଯିବା ପରେ ପିକଅପ ଭ୍ୟାନ୍ ତାଙ୍କ ଉପରେ ଚଢିଯାଇଥିଲା। ତାଙ୍କ ବାମ ହାତ କହୁଣୀ ପାଖରୁ ହାତ କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟା ହାତ ଯୋଡିବା ପାଇଁ କଟକ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କୁ କଟକର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମ୍ପାଦକ ପ୍ରିୟବ୍ରତ ଓଝା ପ୍ରମୁଖ ପହଞ୍ଚି ଚିକିତ୍ସା ବ୍ୟବସ୍ଥା କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧୧ଟା ୫୫ ମିନିଟ ସମୟରେ ହୃଦଘାତରେ ଜ୍ଞାନରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଆଜି ଅପରାହ୍ନରେ କଟକରୁ ଜ୍ଞାନରଞ୍ଜନଙ୍କ ମରଶରୀର ପଟ୍ଟାମୁଣ୍ଡାଇ ବ୍ଲକ୍ ପରିସରକୁ ଅଣାଯାଇଥିଲା। ସେଠାରେ ବିଡିଓ, ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ ବିଭିନ୍ନ ବିଭାଗ ଅଧିକାରୀ ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନୀଳକଣ୍ଠପୁର ପଞ୍ଚାୟତ ଅଫିସକୁ ନିଆଯାଇ ପଞ୍ଚାୟତ ପରିକ୍ରମା ପରେ ଜନ୍ମସ୍ଥାନ ଗୋବିନ୍ଦପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତିସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଆଳି କଂଗ୍ରେସର ସମ୍ବିଧାନ ବଞ୍ଚାଅ ପଦଯାତ୍ରା




ରାଜକନିକା,୧୦।୬(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭରଠାରେ ଆଳି କଂଗ୍ରେସ ପକ୍ଷରୁ ଗଣତନ୍ତ୍ର ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଅନୁଷ୍ଠିତ ହୋଇଛି। କେନ୍ଦ୍ରରେ ବିଜେପି ସରକାରରେ ଭ୍ରଷ୍ଟାଚାର, ଅରାଜକତା ବଢ଼ି ବଢ଼ି ଚାଲିଥିବାବେଳେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଥିବା ପ୍ରତିବାଦରେ ଜାତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ସାରା ଦେଶରେ ଗଣତନ୍ତ୍ର ବଞ୍ଚାଅ, ସମ୍ବିଧାନ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏ ଅବସରରେ ଆଳି କଂଗ୍ରେସ ପକ୍ଷରୁ ବ୍ଲକ୍ ସଭାପତି ମଙ୍ଗୁଳିଚରଣ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଆରାଧ ଦେବୀ ମା' କାଳୀଙ୍କ ମନ୍ଦିର ପାଖରୁ ଏହି ପଦଯାତ୍ରା ବାହାରି ବଳରାମପୁର ଦେଇ ଓଳାଭର କଲେଜ ପାଖରେ ଶେଷ ହୋଇଥିଲା। ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରାଯାଇଥିଲା। ଏହି ପଦଯାତ୍ରାରେ ରାଜ୍ୟ କଂଗ୍ରେସ କମିଟି ସମ୍ପାଦିକା ଡାକ୍ତର ଦେବସ୍ମିତା ଶର୍ମା, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗଣତନ୍ତ୍ରମାରଣ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳି ବ୍ଲକ୍ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ପିସିସି ସଭ୍ୟ ବାବୁରାମ ଜେନା, ଜୋନ ସଭାପତି ସତ୍ୟ ପରିଡା, ରଙ୍ଗଲାଲ ମଲିକ, ବରିଷ୍ଠ ନେତା ଦୁର୍ଯ୍ୟୋଧନ ମହାନ୍ତି, ବିଦ୍ୟାଧର ବରଜ, ଆନନ୍ଦ ପୃଷ୍ଟି, ମେହେତାଜ୍ ଖାନ, କୃତ୍ତିବାସ ନାୟକ, ଅରୁପାନନ୍ଦ ଶତପଥୀ, ପ୍ରଫୁଲ୍ଲ କରଣ, ପ୍ରମିଳା ସାହୁ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## କେନ୍ଦ୍ରାପଡ଼ାରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ




କେନ୍ଦ୍ରାପଡ଼ା,୧୦।୬(ସମିସ): କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ଜାତୀୟ କଂଗ୍ରେସ ପକ୍ଷରୁ ଡ. ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ସମ୍ବିଧାନ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ତିନିମୁହାଣିସ୍ଥ ଗାନ୍ଧୀ ସ୍ମାରକୀ ପୀଠରେ ମାଲ୍ୟାର୍ପଣ କରି କେନ୍ଦ୍ରାପଡ଼ା କଂଗ୍ରେସ ଭବନ ପର୍ଯ୍ୟନ୍ତ ଏକ ବିଶାଳ ସମାବେଶ ଶୋଭାଯାତ୍ରାରେ ଯାଇ ସେଠାରେ ଏକ ଜନସଭା କରାଯାଇଥିଲା। ଉକ୍ତ ସଭାକୁ ଜିଲ୍ଲା କଂଗ୍ରେସର ସଂଯୋଜକ ପ୍ରଫୁଲ୍ଲ ଦାସ ସଂଯୋଜନା କରିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉପସଭାପତି ସସ୍ମିତା ବେହେରା, ସମ୍ପାଦକ ମୋହନ ହେମ୍ବ୍ରମ୍ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଡ. ସିପ୍ରା ମଲ୍ଲିକ ନିଜର ଅଭିଭାଷଣରେ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଦାୟିତ୍ୱରେ ଥିବା ସସ୍ମିତା ବେହେରା ଜୟ ବାପୁ ଜୟ ଭୀମ ଜୟ ସମ୍ବିଧାନ ଡାକରାର ମର୍ମକ ଅନୁଶୀଳନ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ସମୟୋଜିତ ଡାକରା ନିମନ୍ତେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ପଣ୍ଡା, କଂଗ୍ରେସ ନେତା ଫକିର ଖଟୁଆ, ପୂର୍ବତନ ପୌରାଧ୍ୟକ୍ଷ ଆକବର ଅଲ୍ଲୀ, ମହେନ୍ଦ୍ର ପରିଡା, ଉମେଶ ପାଢ଼ୀ, ବସନ୍ତ ସେଠୀ, ଅପର୍ଣ୍ଣା ମିଶ୍ର, ବିଧୁଭୂଷଣ ମହାପାତ୍ର, ଯୁବ ନେତା ରଶ୍ମିରଞ୍ଜନ ଚୌଧୁରୀ, ଉମେଶ ପାଢୀ, ହିମାଂଶୁ ନନ୍ଦ, ହରିଶ ପଟ୍ଟନାୟକ, ସତ୍ୟପ୍ରିୟ ସାମଲ, ପ୍ରହ୍ଲାଦ ବେହେରା, ପ୍ରମୋଦ ସେଠୀ, ତରନୁମ୍ ଆରା, ପଲ୍ଲବ ପ୍ରିୟଦର୍ଶୀ, ରଞ୍ଜନ ରାଉତ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ବ୍ଲକ୍ ସମ୍ମୁଖ ଜବରଦଖଲ, ଲୋକେ ହୀନସ୍ତା

ରାଜକନିକା,୧୦।୬(ସମିସ): ରାଜକନିକା ବ୍ଲକ୍ ଅଫିସ୍ ମୁଖ୍ୟଫାଟକ ଏବେ ଜବରଦଖଲରେ ରହିଛି। ଫଳରେ ସାଧାରଣ ଲୋକ ସମସ୍ୟା ଭୋଗ କରୁଛନ୍ତି। ବ୍ଲକ୍ କାର୍ଯ୍ୟାଳୟ ଫାଟକର ଉଭୟ ପାଶ୍ୱର୍ରେ ଗାଡ଼ି ପାର୍କିଂ, ସମ୍ମୁଖରେ ବିଭିନ୍ନ ରାଜନୈତିକ ଦଳର ନୂଆବର୍ଷ ତୋରଣ, ସମ୍ମୁଖ ରାସ୍ତା ଓ ରାସ୍ତା କଡ଼ରେ ବୁଲା ଗୋରୁଗାଈଙ୍କ ଆଡ୍ଡା। ଯଦ୍ୱାରା ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି।



ଏଭଳି ଅବସ୍ଥା ଦେଖିଲେ ରାଜକନିକା ବ୍ଲକ୍ ପ୍ରଶାସନର ପାରିବାପଣିଆ ଓ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ନେଇ ନାନା ପ୍ରଶ୍ନ ସୃଷ୍ଟି କରିଛି। ବ୍ଲକ୍ କାର୍ଯ୍ୟାଳୟ ଆଗରେ ଜବରଦଖଲ ହେବା, ମାସ ମାସ ଧରି ବିଭିନ୍ନ ରାଜନୈତିକ ଦଳର ଶୁଭେଚ୍ଛା ତୋରଣ ରହିବା, ତୋରଣର ପୁରୁଣା ଫ୍ଲେକ୍ସ, କପଡ଼ା ଚିରି ଓହଳି ରହି ଯାତାୟାତ କରୁଥିବା ଗାଡ ପାଇଁ ସମସ୍ୟା ହେଉଛି। ମାସ ମାସ ଧରି ମୁଖ୍ୟରାସ୍ତାକୁ ସଂକୁଚିତ କରି ତୋରଣ ବାଉଁଶର ଖମ୍ବ ଛିଡା ହୋଇ ରହି ବିପଦ ସୃଷ୍ଟି କରୁଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହେଉଛି। ପ୍ରଥମତଃ ରାସ୍ତାର ଦୁଇ ପାଖକୁ କଭର କରି କୌଣସି ତୋରଣ ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ହେଁ ଖୋଦ ବ୍ଲକ ଆଗରେ ମାସ ମାସ ଧରି ତୋରଣ ରହିବା କଥା ବ୍ଲକ ପ୍ରଶାସନର ଅପାରଗତାକୁ ପ୍ରମାଣ କରିଛି। ଫାଟକର ଦୁଇ ପାଖରେ ଚାରିଚକିଆ ଗାଡ଼ି ପାର୍କିଂ, ଦୋକାନୀଙ୍କ ଲୁଣ ବସ୍ତା ଗଦା ହୋଇ ରହିବା, ବୁଲା ଗୋରୁଗାଈ ଦିନରାତି ଶୋଇ ରହିବା କାରଣରୁ ହଠାତ ବ୍ଲକ୍‌କୁ ଯିବାଆସିବା ସମୟରେ ବାହାର ଦୁଇ ପାଶ୍ୱର୍ ଦେଖା ଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା




ପଟ୍ଟାମୁଣ୍ଡାଇ,୧୦।୬ (ସମିସ): ମହିଳା, ଶିଶୁ ବିକାଶ ଓ ମିଶନଶକ୍ତି ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ପକ୍ଷରୁ ବ୍ଲକ ଓ ପୌରାଞ୍ଚଳର ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ନେଇ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ଭବନରେ ଆୟୋଜିତ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଅଶୋକ ମହାନ୍ତି, ଏବିଡିଓ ସନ୍ତୋଷ ମନ୍ତ୍ରୀ, ସିଡିପିଓ ଲକ୍ଷ୍ମୀମଣି ସିଂ, ଅଙ୍ଗନବାଡି ସୁପରଭାଇଜର ତୁଳସୀ ଦାସ, ପଟ୍ଟାମୁଣ୍ଡାଇ ବ୍ଲକ୍ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଓଏଲଏମ ବିପିଏମ ପ୍ରକାଶ ସେଠୀ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ନରସିଂହପୁର ସମିତି ସଭ୍ୟା ରାଜଲକ୍ଷ୍ମୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ମହିଳାମାନେ ସଶକ୍ତ ହେଲେ ସରକାରଙ୍କ ଉଦ୍ଦେଶ୍ୟ ଓ ସୁଭଦ୍ରା ଯୋଜନା ସଫଳ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ୨୦ଟି ଏସଏସଜି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଖାଦ୍ୟ ପରୀକ୍ଷା କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସହ ଭାଗ ନେଇଥିବା ସମସ୍ତ ଏସଏସଜିଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହିଳା ମହାସଂଘ ସଭାନେତ୍ରୀ ସୁପ୍ରଭା ଦାସ, ସମ୍ପାଦିକା ନିର୍ମଳା ନନ୍ଦ, ପ୍ରମିଳା ଜେନା, ଅଭିଲିପ୍ସା ମଲ୍ଲ ପ୍ରମୁଖ ପରିଚାଳନା କରିଥିଲେ।

## 'ଗୁଣାତ୍ମକ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର



ମାର୍ଶାଘାଇ,୧୦।୬(ସମିସ): ପୁରୁଷୋତ୍ତମପୁର ମଠ ପରିସରରେ ମଙ୍ଗଳବାର ଏଲିମେଣ୍ଟାରୀ ଶିକ୍ଷକ ସଂଘ (ଏନପିଏସ) ପକ୍ଷରୁ ଗୁଣାତ୍ମକ ଶିକ୍ଷାରେ ଶିକ୍ଷକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଏବିଇଓ ତଥା ବିଆରସିସି ବଳଦେବ ଜେନା, ଏବିଇଓ ସୁଶାନ୍ତ ବେଉରା, ପ୍ରଧାନଶିକ୍ଷକ ଅମରେନ୍ଦ୍ର ଲେଙ୍କା, ପ୍ରାଥମିକ ଶିକ୍ଷକ ସଙ୍ଘ ସମ୍ପାଦକ ପାର୍ଥସାରଥୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭଞ୍ଜକିଶୋର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଘ ସମ୍ପାଦକ ନିରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ମଠ ପରିସରରେ ସଙ୍ଘ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ମହାକାଳପଡ଼ା ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ଜଗବନ୍ଧୁ ମାଝୀ, ପ୍ରଭାତ ପ୍ରଧାନଙ୍କ ସମେତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ନିବେଦିତା ବେହେରା, ଉପସଭାପତି ରାଜେଶ ବାରିକ, ସଂଗଠନ ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ଉଷାରାଣୀ ରାଉତ, ପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ଉଦ୍ୟତ ସାମନ୍ତରାୟ, ଅଡିଟର ସୌମ୍ୟରଞ୍ଜନ ନାୟକ, ପିଏନ ଅମରେଶ ମଲିକ, ଗତିକୃଷ୍ଣ ମିଶ୍ର, ଲେନିନ ସେଠୀ, ଉତ୍କଳ ଦାସ, ଆଶିଷ ବେହେରା, ଭାଗ୍ୟବତୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସଦାନନ୍ଦପୁର ବସ୍ତି ସର୍ଦ୍ଦାରଙ୍କ ପରଲୋକ



ପଞ୍ଚୁପାଣ୍ଡବ,୧୦।୬(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ମୁସଲମାନ ବସ୍ତିର ଗୋରା ସାହାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୋରା ଦୀର୍ଘ ବର୍ଷ ଧରି ଗ୍ରାମରେ ଥିବା ମସ୍‌ଜିଦ୍‌ର ବିଭିନ୍ନ ପ୍ରକାରର ଦାୟିତ୍ୱ ତୁଲାଇଥିଲେ। ରବିବାର ଦିନ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶେଷରେ ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ମୋହନ ସାହୁ, ସମାଜସେବୀ ସୁବାସ ଘଡାଇ, ଅନାଦି ବେହୁରା, ବିଜୟ ମଲ୍ଲିକ, ସମସ୍ତ ବନ୍ଧୁ ଓ ବହୁ ସଂଖ୍ୟକ ହିନ୍ଦୁ ମୁସଲିମ ଭାଇ ଶେଷ ଦର୍ଶନ କରିଥିଲେ। ଗ୍ରାମ କବର ସ୍ଥାନରେ କବର ଦିଆଯାଇଥିଲା। ମୌଲନା ସେକ ସିରାଜଉଦ୍ଦିନ ନମାଜ ପାଠ କରିଥିବାବେଳେ ସ୍ଥାନୀୟ ମସଜିଦର ଏମାମ ସାହେବ ହାଫିଜ୍ ନଜିରୁଲ ହୋସେନ୍ ଉପସ୍ଥିତ ଥିଲେ।

## ଗଡ଼ମେକର୍ ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୧୦।୬(ସମିସ): ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍)ର ସପ୍ତାହ ବ୍ୟାପୀ ଚାଲିଥିବା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ଓଡ଼ିଶୀ ନୃତ୍ୟଗୁରୁ ବିଜୟ ଦାଶଙ୍କ ମାର୍ଗଦର୍ଶନରେ ତଥା ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ସ୍ୱନାମଧନ୍ୟା ଦୂରଦର୍ଶନ ଶିଳ୍ପୀ ସ୍ମୃତିପ୍ରିୟା ପ୍ରଧାନ, ବୈଶାଖୀ ରାଉତ ଓ ସମ୍ପୂର୍ଣ୍ଣାଇନ୍ଦୁ ପାଣି ନୃତ୍ୟ ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ଏଥିରେ ୨୫ ଜଣ ଉଚ୍ଚାକାଂକ୍ଷୀ ନୃତ୍ୟ ଶିକ୍ଷାର୍ଥୀ ଶାସ୍ତ୍ରୀୟ, ଓଡ଼ିଶୀ, ମଙ୍ଗଳାଚରଣ, ବଟୁନୃତ୍ୟ ଓ ଅଭିନୟ ସହିତ ଶାସ୍ତ୍ରୀୟ, ଓଡ଼ିଶୀ ମୌଳିକତା, ଶାସ୍ତ୍ର, ମୁଦ୍ରା, ତାଳ, ଭଙ୍ଗୀ ଓ ଲାଳିତ୍ୟପୁର୍ଣ୍ଣ ଅଙ୍ଗଚାଳନା ପ୍ରମୁଖ ଶିକ୍ଷା ଗ୍ରହଣ କରିଥିଲେ। ଏହି କର୍ମଶାଳାରେ ପ୍ରମୁଖ ଶିକ୍ଷାର୍ଥୀଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ପ୍ରତିଭା ବୃତ୍ତିପ୍ରାପ୍ତ ଶିକ୍ଷାର୍ଥୀ ପ୍ରତୀକ୍ଷା ମହାନ୍ତି, ଏମତି ଆକାଂକ୍ଷା ପଣ୍ଡାଙ୍କ ସମେତ ଉଦୀୟମାନ ଶିଳ୍ପୀ ବୈଶାଳୀ ରାଉତ, ପୂଜା ମଲିକ, ପଦ୍ମିନୀ ଘଡାଇ ପ୍ରମୁଖ ଭାଗ ନେଇଥିଲେ।

## ବଳଦେବଜୀଉ ମନ୍ଦିର ନୂତନ ଟ୍ରଷ୍ଟ ବୋର୍ଡର ବୈଠକ



କେନ୍ଦ୍ରାପଡ଼ା,୧୦।୬(ସମିସ): କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବଳଦେବଜୀଉ ମନ୍ଦିର ସୁପରିଚାଳନା ନିମନ୍ତେ ନୂତନ ଟ୍ରଷ୍ଟବୋର୍ଡର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରିଷ୍ଠ ସଭ୍ୟ ହୃଷିକେଶ ରଥ ସଭାପତିତ୍ୱ କରିଥିଲେ। ପ୍ରଥମେ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ରାଜ୍ୟ ଦେବୋତ୍ତର କମିଶନରଙ୍କ ପ୍ରଦତ୍ତ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡର ନିଯୁକ୍ତି ପତ୍ରକୁ ଉପସ୍ଥାପନ କରିଥିଲେ। ଏଥିରେ ଆଦେଶ ଥିବା ଅନୁଯାୟୀ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ସଭ୍ୟ ଧିରେନ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପତ୍ରୀ, କେନ୍ଦ୍ରାପଡ଼ା ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ, ଏସଡିପିଓ ପ୍ରମୁଖ ଉପସ୍ଥିତି ରହି ଆଲୋଚନାରେ ଭାଗନେଇ ଉକ୍ତ ସଭାପତି ମନୋନୟନ ପ୍ରସ୍ତାବ ଗୃହୀତ କରିଥିଲେ। ଏହି ପ୍ରସ୍ତାବକୁ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ଦେବୋତ୍ତର ନିରୀକ୍ଷକଙ୍କ ଜରିଆରେ ପଠାଯିବାକୁ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ସହାୟକ ସୁବାସ ଚନ୍ଦ୍ର ପରିଡା ସହାୟତା କରିଥିଲେ।

## ଅସହାୟ ଶ୍ରମିକଙ୍କ ଚିକିତ୍ସା ପାଇଁ ସହାୟତା ନିବେଦନ



ରାଜକନିକା,୧୦।୬(ସମିସ): ରାଜକନିକା ଅଞ୍ଚଳର ବହୁ ଯୁବକ ବାହାର ରାଜ୍ୟରେ ଶ୍ରମିକ ଭାବେ କାମ କରୁଥିବାବେଳେ ନାନା ଅଘଟଣକୁ ସାମ୍ନା କରିବା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ସେମିତି ଏକ ଦୁଃଖଦ ଘଟଣାକ୍ରମରେ ଗଙ୍ଗାଧରପ୍ରସାଦଡିଆ ଗ୍ରାମର ଗୌରହରି ବେହେରା ଜଣେ ପ୍ଲମ୍ବର ଭାବେ ଫରିଦାବାଦରେ ତିନି ମହଲା ଘରୁ ତଳକୁ ପଡି ଗୁରୁତର ହୋଇ କୋମାରେ ଅବସ୍ଥାରେ ଅଛନ୍ତି। ଏବେ ସେ ତାଙ୍କ ସ୍ତ୍ରୀ ଓ ଦୁଇଜଣ ଛୋଟ ଛୁଆଙ୍କ ସହ ଅତ୍ୟନ୍ତ ଦୁର୍ଦ୍ଦିନରେ ଥିବାରୁ ତାଙ୍କ ଚିକିତ୍ସା ସହ ପରିବାର ପାଇଁ ସହାୟତା ଜରୁରୀ ହୋଇପଡିଛି। ଗତ ଗୁରୁବାର ରାତି ୮ଟା ସମୟରେ ତିନିମହଲା ଛାତରୁ ଖସି ପଡ଼ି ମୃତ୍ୟୁ ସହିତ ସଂଘର୍ଷ କରୁଥିବା ଗୌରହରିଙ୍କ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିବାରୁ ତାଙ୍କ ପରିବାର ରାଜ୍ୟ ସରକାରଙ୍କଠାରୁ ସହଯୋଗ କାମନା କରୁଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଅନୁଷ୍ଠାନ ତାଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି, ସେମାନେ ଆଗେଇ ଆସିବାକୁ ନିବେଦନ କରାଯାଇଛି।

## ଅର୍ତ୍ତାମୂଳ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ, ୧୦।୬(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳସ୍ଥ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ହେବାକୁ ଥିବା ରଜ ମହୋତ୍ସବର ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅର୍ତ୍ତାମୂଳ ରଜ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଏହି ନବମ ବାର୍ଷିକ ମହୋତ୍ସବର ପ୍ରସ୍ତୁତି ବୈଠକରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ମହୋତ୍ସବକୁ ପୂର୍ବ ବର୍ଷମାନଙ୍କଠାରୁ ଚଳିତ ବର୍ଷ ଅଧିକ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଯାଇଥିଲା। ଚଳିତ ବର୍ଷ ଦୋଳି ସଂଖ୍ୟା ବଢ଼ାଇବା ସହ ଛୋଟପିଲାଙ୍କ ପାଇଁ ସ୍ୱତନ୍ତ୍ର ଦୋଳି ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଭଳି ରଜ ପାନ ଓ ପିଠା ପ୍ରତିଯୋଗିତା କରାଯିବା ସହିତ କିଶୋରୀଙ୍କ ଦ୍ୱାରା ପୁଚି, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯିବ ବୋଲି ସ୍ଥିର କରାଯାଇଥିଲା। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଥିଲା।

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ

# ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୦।୬(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି। ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସ୍ୱଚ୍ଛଭାରତ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଧାନ ସଂଗ୍ରହ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ଜନହିତକାରୀ ଯୋଜନାର ସୁଫଳ ଯେପରି ହିତାଧିକାରୀ ପାଇପାରେ କୌଣସି ଅସୁବିଧା କିମ୍ବା ବିଳମ୍ବ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ କହିଛନ୍ତି। ଏଥିସହିତ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନୂଆ ସମ୍ଭାବନା ସୃଷ୍ଟି କରି ଜୀବନଜୀବିକା, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତ କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇବା ଓ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସଠିକ ତଦନ୍ତ, ଶଯ୍ୟାଶାୟୀ, ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା କିପରି ଘରେ ପହଞ୍ଚିବ, ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପୂର୍ବରୁ ମନ୍ତ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିଥିଲେ।

# ୮୨ଟି ପଞ୍ଚାୟତ ଦାୟିତ୍ୱରେ ଜଣେ ଯନ୍ତ୍ରୀ

■ ବାଧାପ୍ରାପ୍ତ ହେଉଛି ବିଭିନ୍ନ ଉନ୍ନୟନ କାର୍ଯ୍ୟ
■ ଯନ୍ତ୍ରୀଙ୍କ ସାକ୍ଷାତ ନ ପାଇ ଲୋକେ ନିରାଶ

ବାଲେଶ୍ୱର,୧୦।୬ (ସମିସ)

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକରେ କାର୍ଯ୍ୟ କରୁଥିବା ସହକାରୀ ଯନ୍ତ୍ରୀ ଦୀର୍ଘଦିନ ଧରି ରେମୁଣା ସମେତ ନୀଳଗିରି ବ୍ଲକ ଓ ନୀଳଗିରି ଆଇଟିଡିଏରେ ସହକାରୀ ଯନ୍ତ୍ରୀ ରୂପେ କାର୍ଯ୍ୟ କରିଆସୁଛନ୍ତି। ତେବେ ଦୁଇଟି ବ୍ଲକ ଓ ଆଟିଡ଼ିଏ ଅଧିନରେ ମୋଟ ୮୨ଟି ପଞ୍ଚାୟତ ରହିଛି। ଜଣେ ସହକାରୀ ଯନ୍ତ୍ରୀ ୮୨ଟି ପଞ୍ଚାୟତର ନିର୍ମାଣ କାର୍ଯ୍ୟକୁ ସମ୍ଭାଳିବା ଯୋଗୁଁ ଏହା ମଧ୍ୟରୁ ଅଧିକାଂଶ ପଞ୍ଚାୟତର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହେଉଛି। ବିଭିନ୍ନ ସମସ୍ୟା ନେଇ ଦୁଇଟି ଯାକ ବ୍ଲକ କିମ୍ବା ଆଇଟିଡିଏ କାର୍ଯ୍ୟାଳୟକୁ ଯାଉଥିବା ଲୋକମାନେ ଏହି ସହକାରୀ ଯନ୍ତ୍ରୀଙ୍କ ସାକ୍ଷାତ ନ ପାଇ ନିରାଶ ହେଇ ଫେରୁଥିବା ବେଳେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସରକାରୀ ନିୟମ ମୁତାବକ ୩୦ ପଞ୍ଚାୟତ ବିଶିଷ୍ଟ ବ୍ଲକରେ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ୩୦ରୁ ଅଧିକ ପଞ୍ଚାୟତ ଥିବା ବ୍ଲକରେ ଦୁଇ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ରହିବାର ପ୍ରାବଧାନ ରହିଛି। କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନୀଳଗିରି ଓ ରେମୁଣା ବ୍ଲକ ସହ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ଫଳରେ ଉଭୟ ବ୍ଲକ ଏବଂ ଆଇଟିଡିଏରେ ଉନ୍ନୟନ ମୂଳକ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଖବର ଅନୁସାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ ପଞ୍ଚାୟତିରାଜ ବିଭାଗର ପତ୍ରସଂଖ୍ୟା ୧୬୦୨୪/ ୨୫.୦୭.୨୦୨୩ତାରିଖ ମୂଳେ ରେମୁଣା ବ୍ଲକକୁ ବଦଳି ହୋଇ ଆସିଥିଲେ। ପରେ ତତ୍କାଳିନ ଜିଲ୍ଲାପାଳ ତାଙ୍କ ପତ୍ରସଂଖ୍ୟା ୨୮୭/ ୨୫.୦୧.୨୦୨୪ତାରିଖରେ ତାଙ୍କୁ ବାହାନଗା ବ୍ଲକକୁ ଡେପୁଟେସନରେ ପଠାଇଥିଲେ। ପୁଣି ପଞ୍ଚାୟତିରାଜ ବିଭାଗର ଆଦେଶ ସଂଖ୍ୟା ୫୪୭୦/ ୦୬.୦୩.୨୦୨୪ତାରିଖରେ ନୀଳଗିରି ବ୍ଲକକୁ ତାଙ୍କର ବଦଳି ହୋଇଥିଲା। ଏହାବାଦ ଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୪୩୮୮/୦୪.୦୯.୨୦୨୪ତାରିଖରେ ରେମୁଣା ବ୍ଲକର ଅତିରିକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ନିଯୁକ୍ତି ଦିଆ ଯାଇଥିଲା। ଏହାବାଦ ଜିଲ୍ଲା ପ୍ରଶାସନର ଜ୍ଞାତସାରରେ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୪/ ୨୮.୦୧.୨୦୨୫ ତାରିଖରେ ନୀଳଗିରି ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପୁଣି ଅତିରିକ୍ତ ଦାୟିତ୍ୱ ଦିଆ ଯାଇଥିଲା। ରେମୁଣା ବ୍ଲକରେ ୩୨, ନୀଳଗିରି ବ୍ଲକରେ ୨୫ ଏବଂ ନୀଳଗିରି ଆଇଟିଡିଏରେ ମଧ୍ୟ ୨୫ଟି ପଞ୍ଚାୟତ ରହିଛି। ଯାହାକି ଶ୍ରୀ ଉପାଧ୍ୟାୟଙ୍କୁ ଦୁଇଟି ବ୍ଲକ ସହ ନୀଳଗିରି ଆଇଟିଡିଏର ଦାୟିତ୍ୱ ଦେବା ସରକାରୀ ଷ୍ଟାଣ୍ଡିଂ ନିୟମକୁ ସିଧାସଳଖ ଉଲ୍ଲଙ୍ଘନ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଏହାବାଦ ଜଣେ ଲୋକ ୮୨ଟି ପଞ୍ଚାୟତରେ କିପରି ଉନ୍ନୟନ ମୂଳକ ନିର୍ମାଣ କାର୍ଯ୍ୟର ମାପ ଓ ପରିମାପ କରୁଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ସହକାରୀ ଯନ୍ତ୍ରୀ ଉପାଧ୍ୟାୟଙ୍କୁ ରେମୁଣା ବ୍ଲକରେ ଖୋଜା ପଡ଼ିଲେ ସେ ନୀଳଗିରି ବ୍ଲକରେ ଏବଂ ନୀଳଗିରିରେ ଖୋଜାହେଲେ ସେ ରେମୁଣା ବ୍ଲକରେ ଥିବାର କୁହନ୍ତି। ଯେଉଁଥି ପାଇଁ ଠିକାଦାର ମାନେ ସହକାରୀ ଯନ୍ତ୍ରୀ ଉପାଧ୍ୟାୟଙ୍କ ଘରକୁ ଯିବାକୁ ବାଧ ହୁଅନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରୀ ଉପାଧ୍ୟାୟ ଦୁଇଟି ବ୍ଲକ ଏବଂ ଆଇଟିଡିଏରେ ଜଣେ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଜରିଆରେ ତାଙ୍କର ସମସ୍ତ କାର୍ଯ୍ୟ ତୁଲାଉ ଥିବାର ଜନ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ନୀଳଗିରି ଆଇଟିଡିଏ ଅଧିନ ଭଡ଼ଁରିଆବାଡ଼ ପଞ୍ଚାୟତର ଏକ ପ୍ରକଳ୍ପ ସେଠାରେ ନ ହୋଇ ଅନ୍ୟତ୍ର ହୋଇଥିବାର ମଧ୍ୟ ଅଭିଯୋଗ ହୋଇଛି। ରେମୁଣା ଏବଂ ନୀଳଗିରି ବ୍ଲକରେ ମଧ୍ୟ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି ହେଉଥିବାର ସାଧାରଣରେ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଶ୍ରୀ ଉପାଧ୍ୟାୟ ରେମୁଣା ଏବଂ ନୀଳଗିରି ବ୍ଲକରେ ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ଏଥିରେ ଅଳିଆ ଉଠାଇବା ଗାଡ଼ି କିଣା ଏବଂ ସିମେଣ୍ଟ ନନ୍ଦ ବସାଇବାରେ ଘୋଟାଲା ହୋଇଥିବାର ଉଭୟ ବ୍ଲକର କିଛି ସରପଞ୍ଚ ଏବଂ ସମିତି ସଭ୍ୟ ଅଭିଯୋଗ କହିଛନ୍ତି। ରେମୁଣାର ଜନ ସଙ୍ଗଠକ ପ୍ରେମା ରଞ୍ଜନ ପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀ ଉପାଧ୍ୟାୟ ପାଖାପାଖି ୪ବର୍ଷ ହେବ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇବା ପରେ ତାଙ୍କର କ'ଣ ଏମିତି ଦକ୍ଷତା ଦେଖିଲେଯେ ତାଙ୍କୁ ଦୁଇଟି ବ୍ଲକ ଓ ଆଇଟିଡିଏର କାର୍ଯ୍ୟ ଭାର ଲଦି ଦିଆଯାଇଛି। ସେ କାର୍ଯ୍ୟଭାର ଗ୍ରହଣ କରିବା ପର ଠାରୁ ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ୍ ନିର୍ମାଣ କାର୍ଯ୍ୟ ଠପ ହୋଇଯାଇଛି । ଏ ନେଇ ଉଭୟ ବ୍ଲକର ବିଡିଓ ଏବଂ ପିଏ ନୀଳଗିରି ଆଇଟିଡିଏଙ୍କୁ ମତାମତ ପାଇଁ ଯୋଗାଯୋଗ କରାଯାଇ ଥିଲେହେଁ ସେମାନେ ଫୋନ ରିସିଭ କରିନଥିଲେ। ମାତ୍ର ବାଲେଶ୍ୱର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ କହିଛନ୍ତି, କେନ୍ଦୁଝର ଚମ୍ପୁଆରେ କାର୍ଯ୍ୟ କରୁଥିବା ଯନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ରେମୁଣା ବ୍ଲକକୁ ବଦଳି କରାଯାଇଛି। ସେ ଚଳିତ ମାସ ଶେଷ ସୁଦ୍ଧା ହୁଏତ ରେମୁଣା ବ୍ଲକରେ ସହକାରୀ ଯନ୍ତ୍ରୀ ରୂପେ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି ବୋଲି ଅଧିକାରିଣୀ ସାମନ୍ତରାୟ କହିଛନ୍ତି। ସରକାରୀ ନିୟମ ମୁତାବକ ଶ୍ରୀ ଉପାଧ୍ୟାୟଙ୍କୁ ତାଙ୍କର ମୂଳ ନିଯୁକ୍ତି ସ୍ଥାନ ନୀଳଗିରିରେ ରଖିବା ସହ ରେମୁଣା ବ୍ଲକ ଏବଂ ନୀଳଗିରି ଆଇଟିଡିଏରେ ନୂଆ ଯନ୍ତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ଜନସାଧାରଣରେ ଦାବି ହୋଇଛି।

## ମଣ୍ଡଳବଗିଚାର ପୋଖରୀ ପୋତିବାବେଳେ ରାଜସ୍ୱ ଓ ଖଣି ବିଭାଗର ଚଢ଼ଉ

# ମାଟି ପକାଉଥିବା ଦୁଇ ଟ୍ରାକ୍ଟର ଜବତ



ବାଲେଶ୍ୱର,୧୦।୬(ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ସାତ ନମ୍ବର ୱାର୍ଡର ମଣ୍ଡଳବଗିଚାରେ ଥିବା ଏକ ପୁରାତନ ପୋଖରୀକୁ ଜମି ମାଫିଆମାନେ ମାଟି ପକାଇ ପୋତି ଦେଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଙ୍ଗଳବାର ଦିନ ସଦର ତହସିଲଦାର ଓ ଖଣି ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଟ୍ରାକ୍ଟର ଜବତ କରାଯାଇଛି। ମଣ୍ଡଳବଗିଚାରେ ଥିବା ଏକ ବହୁ ପୁରାତନ ପୋଖରୀକୁ ଜମି ମାଫିଆ ସରକାରୀ ଅନୁମତି ନ ନେଇ ବେଆଇନ ଭାବେ ମାଟି ପକାଇ ପୋତି ଦେଉଥିଲେ। ଏହି ଖବର ବିଭିନ୍ନ ଗଣ ମାଧ୍ୟମରେ ଆଜି ପ୍ରକାଶ ପାଇବା ପରେ ପୂର୍ବାହ୍ନରେ ଖଣି ବିଭାଗ ପକ୍ଷରୁ ପ୍ରଥମେ ଚଢ଼ଉ କରାଯାଇ ଥିଲା। ଚଢ଼ଉ ବେଳେ ପୋଖରୀରେ ମାଟି ପକାଉ ଥିବା ଦୁଇଟି ଟ୍ରାକ୍ଟରକୁ ଖଣି ଅଧିକାରୀ ମାନେ ଜବତ କରି ନେଇଯାଇଛନ୍ତି। ପରେ ପୁଣି ସେହିଭଳି ବାଲେଶ୍ୱର ସଦର ତହସିଲଦାରଙ୍କ ପକ୍ଷରୁ ସମ୍ପୃକ୍ତ ପୋଖରୀ ନିକଟକୁ ସରଜମିନ ତଦନ୍ତରେ ଯାଇ ଦେଖିଛନ୍ତି। ଏହି ଜଳାଶୟକୁ ପୋତି ଦେବା ପାଇଁ କାହାର ଅନୁମତି ନିଆଯାଇଛି ବୋଲି ପ୍ରଶ୍ନ ଉଠାଇ ପୋଖରୀ ମାଲିକଙ୍କୁ ନୋଟିସ ଜାରି କରିଛନ୍ତି।

# ୧୩ରୁ ସୁନ୍ଦରପୁର ରଜ ମହୋତ୍ସବ



ଖଇରା,୧୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ସୁନ୍ଦରପୁର ରଜ ମହୋତ୍ସବକୁ ଆଉ ମାତ୍ର ୨ଦିନ ରହିଲା। ଏଥିପାଇଁ ଖଇରା ବ୍ଲକ ଉତ୍ସବମୁଖର। ସୁନ୍ଦରପୁର ସ୍କୁଲ ପଡିଆରେ ଚାଲିଛି ବ୍ୟାପକ ଆୟୋଜନ। ଓଡିଶାର ବିଭିନ୍ନ ପ୍ରାନ୍ତରୁ ଦୋଳି, ଭଳିକି ଭଳି ଦୋକାନୀ ଆସ୍ଥାନ ଜମାଇ ସାରିଲେଣି। ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ମହୋତ୍ସବ କମିଟି ପକ୍ଷରୁ ବୈଠକ ଚାଲିଛି। ଏ ସମ୍ପର୍କରେ କମିଟି ତରଫରୁ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ୪ଦିନ ଧରି ଚାଲିବାକୁ ଥିବା କୃଷି ଭିତ୍ତିକ ଏହି ପର୍ବର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ୧୨ ତାରିଖରେ ମେଗା ରକ୍ତଦାନ ଶିବିର, ୧୩ ତାରିଖରେ ଉଦ୍‌ଘାଟନୀ ସହ ୧୬ ତାରିଖରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଉକ୍ତ ଦିବସ ଗୁଡିକରେ ପ୍ରତ୍ୟେକ ସଂଧ୍ୟାରେ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ଓଡିଶାର ଲବ୍ଧ ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ତାସହିତ ପ୍ରତ୍ୟେକ ସଂଧ୍ୟାରେ ରଜରାଣୀ ପ୍ରତିଯୋଗିତା ପାଇଁ ବ୍ଲକ ସ୍ତରରୁ ଆବେଦନ ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ରଜ ମହୋତ୍ସବ କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସୁରେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଚନ୍ଦ୍ରକାନ୍ତ କୁଅଁର, ଉପଦେଷ୍ଟା ନରହରି ନାୟକ, ଡା. ହରେକୃଷ୍ଣ ରାଉତ, ଉପେନ୍ଦ୍ର ପ୍ରସାଦ ଦାସ, ଗଦାଧର ଜେନା ଓ ଦେବେନ୍ଦ୍ର କୁମାର ନାୟକ, ସଂଯୋଜକ ବରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କ ମାଡ଼ରେ ମା'ପୁଅ ଗୁରୁତର

ଖଇରା,୧୦।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ପାର୍ବତୀପୁର ଗ୍ରାମରେ ରାସ୍ତା କାମକୁ ନେଇ ଜଣେ ଠିକାଦାରଙ୍କ ଆକ୍ରମଣରେ ପାର୍ବତୀ ରାଉଳ ନାମ୍ନୀ ମହିଳା ଓ ତାଙ୍କ ପୁଅ ମନୋଜ ରାଉଳ ଆହତ ହୋଇଛନ୍ତି। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ପାର୍ବତୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ପାର୍ବତୀ ପାର୍ବତୀପୁର ଗ୍ରାମର ଗୌତମ ଦାସଙ୍କ ଘରକୁ କାମ କରିବାକୁ ଯାଉଥିଲେ। ତାଙ୍କ ଘର ଆଗରେ ରାସ୍ତା କାମ ଚାଲିଥିବା ବେଳେ କାର୍ଯ୍ୟ କରୁଥିବା ବ୍ୟକ୍ତି କାହିଁକି ରାସ୍ତା ଖରାପ କଲୁ କହିବା ସହ ଉତ୍‌କ୍ଷିପ୍ତ ହୋଇ ସାଇକଲ ଭାଙ୍ଗିବା ସହ ପାର୍ବତୀ ଏବଂ ତାଙ୍କ ପୁଅଙ୍କୁ ଏକ ଲୁହାରଡରେ ଆକ୍ରମଣ କରିଥିଲେ। ଖଇରା ପୁଲିସ ତଦନ୍ତ ଆରମ୍ଭ କରିଛି।

## ବିଭିନ୍ନ ମଣ୍ଡିରେ ଧାନ କିଣାରେ ଅନିୟମିତତା

# ସ୍ଥିତି ପରଖିଲା ପିୟୁସି କମିଟି



ସିମୁଳିଆ, ୧୦।୬ (ସମିସ): ରାଜ୍ୟରେ ବିଭିନ୍ନ ମଣ୍ଡିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉ ଥିବାର ଓଡିଶା ବିଧାନସଭା ପବ୍ଲିକ ଅଣ୍ଡରଟେକିଙ୍ଗ କମିଟି ଅଧ୍ୟକ୍ଷ ଓ ଅନ୍ୟ ସଭ୍ୟ ମାନଙ୍କର ଅଭିଯୋଗ କରିବା ପରେ ଆଜି ପିୟୁସି କମିଟିର ଅଧ୍ୟକ୍ଷଙ୍କ ସହିତ ଓଡିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଓ ରାଜ୍ୟ ସମବାୟ ନିବନ୍ଧକ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ସିମୁଳିଆରେ ବିଭିନ୍ନ ମଣ୍ଡିରେ ଧାନ କିଣାର ବାସ୍ତବ ସ୍ଥିତି ପରଖି ଥିଲେ। ଧାନ କିଣାରେ ବ୍ୟାପକ ଅନିୟମିତତା ହେଉ ଥିବାର ଚାଷୀଙ୍କ ଠାରୁ ଜାଣିବାକୁ ପାଇଥିଲେ। କଟଣୀ ଛଟଣୀ ରେ ଅନିୟମିତତା, ସିଧାସଳଖ ମିଲରେ ଧାନ ଏଣ୍ଟ୍ରି କରିବା ସମ୍ପର୍କ ରେ ଅଭିଯୋଗ ହୋଇଥିଲା। ଓଡିଶା ବିଧାନସଭା ପବ୍ଲିକ ଅଣ୍ଡର ଟେକିଙ୍ଗ କମିଟିର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଓଡିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତ୍ତୀ ଓ ରାଜ୍ୟ ସମବାୟ ନିବନ୍ଧକ ସିଦ୍ଧାର୍ଥ କୁମାର ଦାସ, ମାର୍କୋଣା ଡାକବଙ୍ଗଳାରେ ପହଞ୍ଚିବା ପରେ ବାଲେଶ୍ୱର ଜିଲ୍ଲା ଯୋଗାଣ ଅଧିକାରୀ ଓ ରାଜ୍ୟ ସମବାୟ ଉପ ନିବନ୍ଧକ ସ୍ୱାଗତ କରିଥିଲେ। ଡାକବଙ୍ଗଳାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସିମୁଳିଆରେ ବିଭିନ୍ନ ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଥିବାର ଚାଷୀ, ସ୍ଥାନୀୟ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲା ଉଦିନ ଖାଁ. ହିମାଂଶୁ ସାହୁ, ଏଆରସିଏସ ହିମାଂଶୁ ସାହୁ, ଏସି,ଏସ, ଓ ଦୀପକ ରଞ୍ଜନ ବେହେରା, ଦେବାଶିଷ ସାହୁ ଓ ଆରଏମସିର ଅମର୍ଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଥିଲେ। ପ୍ରଥମେ ଚଣ୍ଡୀଘର ସେବା ସମବାୟ ସମିତିକୁ ଯାଇ ଧାନ କିଣା ସମ୍ପର୍କରେ ଚାଷୀଙ୍କୁ ପଚାରିଥିଲେ। ସମ୍ପାଦକ ରବିନାରାୟଣ ବାରିକଙ୍କ ବିରୋଧରେ ଚାଷୀ, ପରଚେଜ କମିଟି ମେମ୍ବର ଅଭିଯୋଗ କରିଥିଲେ। ଧାନ କିଣାରେ ବ୍ୟତିକ୍ରମ ପାଇଁ ଅଧିକାରୀ ମାନେ ସମ୍ପାଦକଙ୍କୁ ତାଗିଦ କରିଥିଲେ। ମଣ୍ଡିରେ ପଡ଼ିଥିବା ସମସ୍ତ ଧାନକୁ ଆଜି ରାତି ସୁଦ୍ଧା କିଣି ନେବାକୁ ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ସେଠାରୁ ମାର୍କୋଣା ସେବା ସମବାୟ ସମିତିକୁ ଯାଇ ରେକର୍ଡ ପତ୍ର ଯାଞ୍ଚ କରିଥିଲେ। ଚାଷୀ ମାନଙ୍କୁ କଟଣୀ ଛଟଣୀ ବିଷୟରେ ପଚାରି ବୁଝିଥିଲେ।

# ଡିଏମ୍‌ୟୁ ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର

● ସାହାଯ୍ୟ ବାହାନାରେ କଟକରେ ଦୁର୍ବୃତ୍ତ ଲୁଟିନେଲା ୧୦ ହଜାର
● ପୁଣି ବାରିପଦା ଫେରିଆସିଲେ ଆହତ ଯୁବକ

କଳାବାଡିଆ, ୧୦।୬(ସମିସ): ବାଙ୍ଗିରିପୋଷି-ରୂପସା ଡିଏମ୍‌ୟୁ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ବାରିପଦା ପିଆରଏମ ମେଡିକାଲ କଲେଜ ହସପିଟାଲରେ ଚିକିତ୍ସା ହୋଇପାରିବନି ବୋଲି ସେ କଟକ ମେଡିକାଲ ଗଲେ। କିନ୍ତୁ ସାହାଯ୍ୟ କରିବ ବୋଲି କହି କଟକରେ ଟଙ୍କା ଓ ମୋବାଇଲ ଲୁଟିନେଲା ଜଣେ ଯୁବକ। ଫଳରେ ଟଙ୍କା ଅଭାବରୁ ଆହତ ପୁଅକୁ ତାଙ୍କ ବାପା ପୁଣି ପିଆରଏମ ମେଡିକାଲକୁ ଆଣିଛନ୍ତି। ସୂଚନା ଅନୁସାରେ, ଗତ ୩ ତାରିଖରେ ବାଙ୍ଗିରିପୋଷି-ରୂପସା ଡିଏମ୍‌ୟୁ ଟ୍ରେନଟି ବାଙ୍ଗିରିପୋଷିରୁ ବାରିପଦାକୁ ଫେରୁଥିବାବେଳେ ଗୋଷାଣିପାଳ ରେଳ କ୍ରସିଂଠାରେ ବାଙ୍ଗିରିପୋଷି ପଞ୍ଚାୟତ କାଳିଆମି ଗ୍ରାମର ରାମଜିତ ମାର୍ଣ୍ଡିଙ୍କ ପୁଅ ସରୋଜ ମାର୍ଣ୍ଡି (୨୨) ଫାଟକ ପାର ହେଉଥିଲେ। ଫଳରେ ସେ ଟ୍ରେନ ସହ ଧକ୍କା ହୋଇଥିଲେ। ତାଙ୍କୁ ତୁରନ୍ତ ବାରିପଦା ପିଆରଏମରେ ଭର୍ତ୍ତି କରାଯାଇଥିଲା; ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କ ପରିବାର କଟକ ବଡ଼ ଡାକ୍ତରଖାନା ନେଇଥିଲେ; କିନ୍ତୁ ସେଠାରେ ଜଣେ ବ୍ୟକ୍ତି ନିଜକୁ ସମାଜସେବୀ ପରିଚୟ ଦେଇ ସାହାଯ୍ୟ କରିବ କହି ତାଙ୍କ ପାଖରୁ ମୋବାଇଲ ସହିତ ୧୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲା। ଫଳରେ ସରୋଜଙ୍କୁ ତାଙ୍କ ବାପା ଫେରାଇ ଆଣି ପୁଣି ପିଆରଏମରେ ଭର୍ତ୍ତି କରିଛନ୍ତି। ପ୍ରଶାସନ ସହାୟତା ଯୋଗାଇଦେବାକୁ ରାମଜିତ ନିବେଦନ କରିଛନ୍ତି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୧୦।୬(ସମିସ): ସୋମବାର ଖଣି ଓ ରାଜସ୍ୱ ବିଭାଗ ଚଢଉ କରି ଆମ୍ବଯୋଡା ରାଇସମିଲ ରାସ୍ତାରେ ଏକ ଚୋରା ବାଲି ବୋଝେଇ ଗାଡିକୁ ଜବତକରି ବେତନଟୀ ପୁଲିସକୁ ହସ୍ତାନ୍ତର କରିଛି। ଲଘୁ ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ଦିଗରେ ମାଇନିଂ ଓ ରାଜସ୍ୱ ବିଭାଗ ପକ୍ଷରୁ ସୋମବାର ଅପରାହ୍ନରେ ମିଳିତ ଚଢଉ କରାଯାଇଥିଲା। ଖଣି ଅଧିକାରୀ ଭବାନୀଶଙ୍କର ପାତ୍ର ଓ ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂ ପ୍ରମୁଖ ଚଢଉକରି ବାଲିବୋଝେଇ ଟ୍ରାକ୍ଟରକୁ ଅଟକାଇ ଥିଲେ। ହେଲେ ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ ଚୋରା ବାଲିବୋଝେଇ ଟ୍ରାକ୍ଟରକୁ ଜବତକରି ବେତନଟୀ ଥାନାକୁ ହସ୍ତାନ୍ତର କରିଥିଲେ।

# କେସିପୁର ଓଭରବ୍ରିଜ ତଳୁ ବାଇକ ଚୋରି

ବେତନଟୀ, ୧୦।୬(ସମିସ): ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ କେସିପୁର ଓଭରବ୍ରିଜ ତଳୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ବେତନଟୀ ଥାନା ଏସଏସନହଣ୍ଡାଶୋଳ ପଞ୍ଚାୟତ ଅଧୀନ ତାରାଶୋଳ ଭାଲୁବସା ଗ୍ରାମର କାନଞ୍ଚନ ମହାନ୍ତଙ୍କ ପୁଅ ଲକ୍ଷ୍ମୀଧର ମହାନ୍ତଙ୍କ ଅଭିଯୋଗ ମୁତାବକ ସେ ସବୁଦିନ ଭଳି ୫ତାରିଖରେ ବାଇକଯୋଗେ କେସିପୁର ଷ୍ଟେସନରେ ପହଞ୍ଚିଥଲେ। କେସିପୁର ଓଭରବ୍ରିଜ ତଳେ ଗାଡି ହ୍ୟାଣ୍ଡେଲଲକ କରି ଟ୍ରେନଯୋଗେ ବାଲେଶ୍ୱର ଯାଇଥିଲେ। ଅପରାହ୍ନରେ ଫେରି ନିଜର ବାଇକ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ନପାଇ ଶେଷରେ ନିରାଶ ହୋଇ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ୧୧ରେ ଠାକୁରମୁଣ୍ଡା ସରପଞ୍ଚ ଉପନିର୍ବାଚନ

ମହୁଲଡିହା, ୧୦।୬(ସମିସ): ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ ଆସନ୍ତା ୧୧ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନରେ ୩ ଜଣ ପ୍ରାର୍ଥୀ ହୋଇଛନ୍ତି। ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ଏହି ଆସନରେ ମୋଟ ୬୫୦୭ ଜଣ ଭୋଟର ଭୋଟ ଦେବେ। ମୋଟ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୩୨୮୩ ଓ ପୁରୁଷ ଭୋଟରଙ୍କ ସଂଖ୍ୟା ୩୨୨୪। ନିର୍ବାଚନ ମୈଦାନରେ ଥିବା ୩ ଜଣ ପ୍ରାର୍ଥୀ ହେଲେ ପୂର୍ବତନ ସରପଞ୍ଚ ଆର୍ତ୍ତ ଦାସ, ସୁଜିତ କୁମାର ଲୁଗୁନ ଓ ହରିଶ ଚନ୍ଦ୍ର ସମାଡ଼। ଏହି ୩ ପ୍ରାର୍ଥୀ ପ୍ରଚାର ଜାରି ରଖିଛନ୍ତି। ରବିବାର ବିଜେପି ସମର୍ଥିତ ପ୍ରାର୍ଥୀ ସୁଜିତ ଲୁଗୁନଙ୍କ ପାଇଁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଦଳୀୟ କର୍ମୀଙ୍କ ଗହଣରେ ଏକ ବାଇକରେ ପ୍ରଚାର ରାଲି ବିଭିନ୍ନ ୱାର୍ଡ ପରିକ୍ରମା କରି ସୁଜିତ ଲୁଗୁନଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି ସନ୍ଧ୍ୟାରେ ସରପଞ୍ଚ ପ୍ରାର୍ଥୀ ହରିଶ ସମାଡ଼ ନିଜ ସମର୍ଥକଙ୍କୁ ନେଇ ଏକ ବାଇକ ରାଲିରେ ପ୍ରଚାର କରିଥିଲେ। ସେହିପରି ଆର୍ତ୍ତ ଦାସ ପୂର୍ବତନ ସରପଞ୍ଚ ଏବଂ ବିଗତ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲେ।

# ପୋଲରେ ଗଳିପଡ଼ି ଯୁବକ ଗୁରୁତର

କୁଆମରା, ୧୦।୬(ସମିସ): ରାସ୍ତା ମଝିରେ ଥିବା ଏକ ପୋଲରେ ଗଳିପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଉଛନ୍ତି ବିଶ୍ୱନାଥ ପଲେଇ। ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ବାଲିଗଡ଼ିଆଠାରୁ କୁସୁମିଆକୁ ଯାଇଥିବା ରାସ୍ତାର ନିର୍ମିତ ପୋଲଟି ୪ ବର୍ଷ ହେଲା ଭୁଶୁଡି ଯାଇଛି। ଏହି ପୋଲ ଦେଇ ଟ୍ରକ ଓ ଟ୍ରାକ୍ଟର ଯାତାୟାତ କରୁଥିବାରୁ ଅଧିକ ବିପଜ୍ଜନକ ହୋଇରହିଛି। ଏଣୁ ପୋଲଟିକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

## ● ପୋଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା

# ଅନୁଧ୍ୟାନ କଲେ ବିଧାୟକ ଓ ଉପଜିଲ୍ଲାପାଳ



ଜଳେଶ୍ୱର ବ୍ଲକ, ୧୦।୬ (ସମିସ) : ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ ଚୋରମରା ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ପୋଲ ନିର୍ମାଣ ଲାଗି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ୧୨୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପୋଲ ପାଇଁ ଜମି ଅଧିଗ୍ରହଣର ୭୨.୬୩ ପ୍ରତିଶତ ଶେଷ ହୋଇ ଥିବା ବେଳେ ଅନ୍ୟ କିଛି ଜମି ନଦୀ ମଧ୍ୟରୁ ରହିଅଛି ଯାହାକୁ ନେଇ କାର୍ଯ୍ୟରେ ବିଳମ୍ବ ହେବାରେ ଲାଗିଛି। ଏ ନେଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ସହ ବାଲେଶ୍ୱର ଉପ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିକ୍ରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। କିଭଳି ଭାବେ ଯଥା ଶୀଘ୍ର ଜମି ଅଧିଗ୍ରହଣ କରାଯାଇ ପୋଲ କାର୍ଯ୍ୟ ଆରମ୍ଭ ହେବ ସେ ନେଇ ଆଲୋଚନା ହୋଇଥିଲା। ଏହି ସମୟରେ ମୁଧୁସୂଦନ ସେନାପତି ଗୌରବ ଦାସ, ଗୌତମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଗରାଇ ସରକାରୀ ବସ୍‌ଷ୍ଟାଣ୍ଡ ଦୋକାନ ଗୃହ ନିଲାମ ସ୍ଥଗିତ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୧୦।୬ (ସମିସ)

ଭୋଗରାଇ ଥାନାଛକସ୍ଥିତ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଦୋକାନ ଗୃହର ନିଲାମ ଆଜି ସ୍ଥଗିତ ରହିଥିବା ସୂଚନା ମିଳିଛି। ନିଲାମ ପ୍ରକ୍ରିୟାରେ ଅନିୟମିତତା ଏବଂ ବସଷ୍ଟାଣ୍ଡ ନିର୍ମାଣ ସମୟରେ ଏଠାରୁ ବିସ୍ଥାପିତ ହୋଇଥିବା ଦୋକାନୀମାନଙ୍କୁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ଥଇଥାନ କରାଯାଇ ନଥିବାରୁ ସମ୍ପୃକ୍ତ ବ୍ୟବସାୟୀ ତଥା ନିଲାମ ନେବାକୁ ଆବେଦନ କରିଥିବା କେତେକ ଆଶାୟୀ ମାନଙ୍କ ବିରୋଧ ଯୋଗୁଁ ପ୍ରଶାସନ ପକ୍ଷରୁ ଉକ୍ତ ପ୍ରକ୍ରିୟାକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାଲେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଥିବା ଏହି ବସଷ୍ଟାଣ୍ଡ ଆଜକୁ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱର ହେବ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଏହା ପରିସର ମଧ୍ୟରେ ଥିବା ୧୦ଟି ଦୋକାନ ଗୃହକୁ ବଣ୍ଟନ ହୋଇ ନଥିଲା। ତେବେ



ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କିଛିଦିନ ପୂର୍ବରୁ ଏହି ଗୃହକୁ ନିଲାମ କରାଯିବ ବୋଲି ବିଜ୍ଞାପନ ଜାରି କରାଯାଇଥିଲା। ଗତକାଲି ସୋମବାର ନିଲାମ ପାଇଁ ଆବେଦନ କରିବାର ଅନ୍ତିମ ତାରିଖ ଥିଲା ଏବଂ ଆଜି ଭୋଗରାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଭୋଗରାଇ ତହସିଲଦାରଙ୍କ ଉପସ୍ଥିତି ରେ ନିଲାମ ପ୍ରକ୍ରିୟା କରାଯିବା ପାଇଁ ନୋଟିସରେ ଉଲ୍ଲେଖ ରହିଥିଲା। ତଦନୁଯାୟୀ ଆଜି ନିର୍ଦ୍ଧାରିତ ସମୟ ଓ ସ୍ଥାନରେ ନିଲାମରେ ଅଂଶଗ୍ରହଣ କରିବା ଆବେଦନ କରିଥିବା ଆବେଦନକାରୀ ମାନେ ପହଞ୍ଚି ଥିଲେ। ସେଠାରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଧିକାରୀ ମାନେ ପହଞ୍ଚି ଥିଲେ। ମାତ୍ର ନିଲାମ ପ୍ରକ୍ରିୟା ଆରମ୍ଭ ସମୟରେ କେତେକ ଆବେଦନକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ନିଲାମ ନିମିତ୍ତ ପ୍ରକାଶ ପାଇଥିବା ବିଜ୍ଞାପନ ଉପରେ ପ୍ରଶ୍ନ ଉଠାଇଥିଲେ। ବିଜ୍ଞାପନକୁ ସାର୍ବଜନୀନ କରାଯାଇ ନଥିଲା ବେଳେ ଗତ କାଲି ଆବେଦନ କରିବାର ଅନ୍ତିମ ତାରିଖ ଥିଲା ବେଳେ ତାର ଗୋଟିଏ ଦିନ ପରେ କିଭଳି ନିଲାମ କରାଯିବା ପାଇଁ ଦିନ ଧାର୍ଯ୍ୟ ହେଲା ସେନେଇ ପ୍ରଶ୍ନ କରିଥିଲେ। ସେହିପରି ଆଉ କେତେକ ବ୍ୟବସାୟୀ ଯେଉଁମାନଙ୍କୁ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ବିସ୍ଥାପିତ ହୋଇଥିଲେ ସେମାନଙ୍କୁ ତତ୍କାଳୀନ ଜିଲ୍ଲାପାଳ ଥଇଥାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ବସ ଷ୍ଟାଣ୍ଡ ପରିସର ମଧ୍ୟରେ ଦୋକାନ ଗୃହ ନିର୍ମାଣ ହେଲେ ସେମାନଙ୍କୁ ବଣ୍ଟନ ବେଳେ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ତାହା ନ କରି କାହିଁକି ଖୋଲା ନିଲାମ କରାଗଲା ସେ ନେଇ ଉପସ୍ଥିତ ଥିବା ପରିବହନ କାର୍ଯ୍ୟାଳୟର ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ହଟ୍ଟଗୋଳ କରିଥିଲେ। ତହସିଲଦାର ଶ୍ରୀ ନାୟକ ବାଧ୍ୟ ହୋଇ ଆଜିର ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିଥିଲେ।

# ରଣପୁର ବ୍ଲକ୍‌ରେ ଭତ୍ତା ମହାଦୁର୍ନୀତି

**ନୟାଗଡ଼,୧୦।୬(ସମିସ)**

ନୟାଗଡ଼ ଜିଲ୍ଲାରେ ସାମାଜିକ ସୁରକ୍ଷା ବିଭାଗର ଅବହେଳା ଓ ଦାୟିତ୍ୱହୀନତା ପାଇଁ ବିଭିନ୍ନ ବ୍ଲକ୍‌ରେ ଅଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ନକଲି ଦିବ୍ୟାଙ୍ଗଙ୍କୁ ଭତ୍ତା ସହ ସବୁ ପ୍ରକାର ସରକାରୀ ସହାୟତା ମିଳୁଛି। ନୂଆଗାଁ ବ୍ଲକ୍‌ରେ ଭତ୍ତା ମହାଦୁର୍ନୀତି ପରେ ଏବେ ରଣପୁର ବ୍ଲକ୍‌ରେ ହୋଇଥିବା ଭତ୍ତା ଦୁର୍ନୀତି ସାମ୍ନାକୁ ଆସିଛି। ରଣପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଶହ ଶହ ହିତାଧିକାରୀଙ୍କୁ ବୟସ ନ ହୋଇ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଅଭିଯୋଗ ଆସିଛି। ଏପରିକି ୮୦ ବର୍ଷରୁ କମ୍ ବୟସ୍କଙ୍କ ବୟସ ବଢ଼ାଯାଇଥିବା ଅଭିଯୋଗ ହୋଇଛି। ରଣପୁର ବ୍ଲକ୍ ବଳଭଦ୍ରପୁର ପଞ୍ଚାୟତରୁ ଏଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ବଳଭଦ୍ରପୁର ପଞ୍ଚାୟତ ଶତାଧିକ ଲୋକଙ୍କ ବୟସ ବୃଦ୍ଧି କରାଯାଇ କେଳେଙ୍କାରୀ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗ ଅନୁସାରେ, ଉକ୍ତ ପଞ୍ଚାୟତ ବାସୁଦିଆ ଗ୍ରାମର ତ୍ରିନାଥ ବାରିକ ୨୦୨୨ ପଞ୍ଚାୟତ ନିର୍ବାଚନ ଭୋଟର ଲିଷ୍ଟରେ ୭୫ ବର୍ଷ ବୟସ୍କ ହୋଇଥିବାବେଳେ ୨୦୨୪ ସାଧାରଣ ନିର୍ବାଚନ ଭୋଟର ଲିଷ୍ଟରେ ତାଙ୍କ ବୟସକୁ ୮୨ କରାଯାଇଛି। ସେ ଏବେ ରାଜ୍ୟ ସରକାରଙ୍କ ଯୋଜନା ମୁତାବକ, ୩୫ଶହ ଟଙ୍କା ଭତ୍ତା

**● ବୟସ ବଢ଼ାଇଛନ୍ତି ଶହ ଶହ ହିତାଧିକାରୀ**

**● ବଳଭଦ୍ରପୁର ପଞ୍ଚାୟତରୁ ଆସିଲା ଲମ୍ବା ଅଭିଯୋଗ**

ପାଉଥିବା ସୂଚନା ମିଳିଛି। ସେହିଭଳି ଭାବେ ସୁକ ବେହେରାଙ୍କର ୨୦୨୨ରେ ୬୬ ବର୍ଷକୁ ୨୦୨୪ରେ ୮୩ ବର୍ଷ କରାଯାଇଛି। ବସନ୍ତ ଜେନାଙ୍କ ବୟସ ୨୦୨୨ ମସିହାରେ ୪୮, ୨୦୨୪ ମସିହାରେ ୬୬ ହୋଇଛି। ରବୀନ୍ଦ୍ର ବରାଡ଼ଙ୍କ ବୟସ ୫୫କୁ ୬୩ କରାଯାଇଛି। ସଦାଶିବ ଦଳେଇଙ୍କର ୫୩କୁ ୬୧ କରାଯାଇଛି। ଦୀନବନ୍ଧୁ ସେଠୀଙ୍କର ୬୫କୁ ୮୩ କରାଯାଇଛି। ଉମାକାନ୍ତ ସେଠୀଙ୍କର ୫୬କୁ ୬୬ କରାଯାଇଛି। ନିବେଶ ସେଠୀଙ୍କର ୫୬କୁ ୬୪ କରାଯାଇଛି। କୁନ୍ତଳା ଦଳେଇଙ୍କ ୫୯କୁ ୬୮ କରାଯାଇଛି। ପାଣୁ ପରିଡ଼ାଙ୍କ ବୟସକୁ ୬୯ରୁ ବୃଦ୍ଧି କରି ୮୧ କରାଯାଇଛି। ହରି ପରିଡ଼ାଙ୍କ ବୟସ ୭୫ରୁ ୮୩ କରାଯାଇଛି। ୨୦୨୨ ମସିହା ଭୋଟର ଲିଷ୍ଟ ଏବଂ ୨୦୨୪ ମସିହା ଭୋଟର ଲିଷ୍ଟକୁ ଅନୁଧ୍ୟାନ କଲେ ଏଭଳି ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରୁ ୬୦ ବର୍ଷରୁ କମ୍ ବ୍ୟକ୍ତିଙ୍କ ବୟସ ବୃଦ୍ଧି କରି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିବାବେଳେ ୮୦ ବର୍ଷରୁ କମ୍ ବୟସ୍କଙ୍କୁ ୮୦ ବର୍ଷରୁ ଊର୍ଦ୍ଧ୍ୱ କରାଯାଇଛି। ଯାହା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ଜଣାପଡ଼ିଛି। ବିଭିନ୍ନ ଜନସେବା କେନ୍ଦ୍ର ଜରିଆରେ ଏଭଳି କେଳେଙ୍କାରୀ କରାଯାଇଥିବା ଅଭିଯୋଗ ହେଉଛି। ଏହା ସହିତ ରଣପୁର ବ୍ଲକ୍‌ରେ ଅନେକ ସୁସ୍ଥ ସବଳ ଲୋକଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଆଧାରରେ ଭତ୍ତା ମିଳୁଥିବା ଅଭିଯୋଗ ହେଉଛି। ରଣପୁର ବ୍ଲକ୍‌ରେ ସାମାଜିକ ସୁରକ୍ଷା ବିଭାଗରେ ବଡ଼ ଧରଣର କେଳେଙ୍କାରୀ ହୋଇଥିବା ଅଭିଯୋଗ ହେଉଛି। ଏନେଇ ରଣପୁର ବ୍ଲକ୍ ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ମତାମତ ନେବାରେ ଯଦି ଏଭଳି ଅନିୟମିତତା ହୋଇଛି, ତେବେ ତାହାର ତଦନ୍ତ କରାଯିବା ଆବଶ୍ୟକ ବୋଲି କହିଛନ୍ତି।

### ଭୋଟର୍ ତାଲିକାରେ ଜାଲିଆତି

ନୟାଗଡ଼ ଜିଲ୍ଲାରେ ବୟସ ବୃଦ୍ଧି କରିବା ପାଇଁ ଅନେକ ଦଲାଲ ବୁଲୁଛନ୍ତି। ଉକ୍ତ ଦଲାଲମାନେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ହାତକରି ବୟସ ବୃଦ୍ଧି କରାଉଛନ୍ତି। ଭୋଟର ଲିଷ୍ଟରେ ବୟସ ବୃଦ୍ଧି ହୋଇଗଲେ, ଉକ୍ତ ଲିଷ୍ଟ ଆଧାରରେ ଭତ୍ତା ପାଇଁ ଆବେଦନ କରାଯାଉଛି। ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ୩୫ଶହ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ଯାହାକୁ ସୁବର୍ଣ୍ଣ ସୁଯୋଗ ଭାବି ଏହି କେଳେଙ୍କାରୀ କରାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

---

**● ଗଣଧାରଣାକୁ ଦୁଇ ଦିନ; ଆସିଲାନି ପ୍ରଶାସନ**

## ଆନ୍ଦୋଳନରେ ବ୍ଲକ୍ ଅଧ୍ୟକ୍ଷା ଓ ଜନପ୍ରତିନିଧି ସାମିଲ



**ଗଣିଆ,୧୦।୬(ସମିସ):** ଗଣିଆ ବଡ଼ମୂଳ ରାସ୍ତା ନିର୍ମାଣ ସମସ୍ୟାକୁ ନେଇ ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ଆଞ୍ଚଳିକ ବିକାଶ ପରିଷଦ ଓ ଅଞ୍ଚଳବାସୀ ସୋମବାରଠାରୁ ଗଣିଆ ବ୍ଲକ୍ ସମ୍ମୁଖରେ ଗଣଧାରଣା ଚାଲୁ ରଖିଛନ୍ତି। ଧାରଣା ଦୁଇ ଦିନରେ ପହଞ୍ଚିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ନ ପହଞ୍ଚିବା ଏକ ବିଡ଼ମ୍ବନାର ବିଷୟ ପାଲଟିଛି। ଏପରିକି ବ୍ଲକ୍ ପ୍ରଶାସନ ଆନ୍ଦୋଳନକାରୀଙ୍କ ସହ କୌଣସି ଆଲୋଚନା କରି ନ ଥିବା ଜଣାପଡ଼ିଛି। ଧାରଣା ଦ୍ୱିତୀୟ ଦିନରେ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା, ସାମାଜିକ କର୍ମୀ ପ୍ରଦୀପ୍ତ ରାଉତଙ୍କ ସମେତ ସବୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବହୁ ମାନ୍ୟଗଣ୍ୟ ବୁଦ୍ଧିଜୀବୀ ସାମିଲ୍ ହୋଇଥିଲେ। ବୁଧବାର ସକାଳୁ ଅନଶନ ଆରମ୍ଭ କରିବା ସହ ଦାବି ହାସଲ ପର୍ଯ୍ୟନ୍ତ ଧାରଣା ଓ ଅନଶନ ଜାରି ରହିବ ବୋଲି ଜୟଦେବ ସାହୁ କହିଛନ୍ତି। ଗତ ୭ ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାରଠାରୁ କଳାପାଟ ଠାକୁରାଣୀ ପୀଠ ୧୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ଅନେକ ସ୍ଥାନରେ ଗତ ୩ ବର୍ଷ ହେବ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ୨ୟ ପର୍ଯ୍ୟାୟରେ ୨୦୨୨ରେ କଳାପାଟ ଠାକୁରାଣୀ ପୀଠଠାରୁ ବଡ଼ମୂଳ ୧୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ୨୫ ଲକ୍ଷ ୨୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତାଟି ନିର୍ମାଣ କାର୍ଯ୍ୟ ୨୦୨୨ ଫେବୃଆରୀ ୨୩ରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୨୨ରେ ଶେଷ ହେବାର ଅବଧି ରହିଥିଲେ ହେଁ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣାରୁ ଅଞ୍ଚଳବାସୀ ଓହରିବେ ନାହିଁ ବୋଲି କହିଛନ୍ତି।

## ଶ୍ରୀଜଗନ୍ନାଥଙ୍କ ସେବାରେ ପ୍ରଶାନ୍ତ

**ଦେବସ୍ନାନ ପୂର୍ଣ୍ଣିମା ପାଇଁ ଟାହିଆ ଓ ହାତୀବେଶ ପ୍ରସ୍ତୁତ କରିଛନ୍ତି**



**ଖଣ୍ଡପଡ଼ା/କଣ୍ଟିଲୋ,୧୦।୬(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ବହୁ ପ୍ରାଚୀନ। ଯେଉଁଥିରେ ଦେଖିବାକୁ ମିଳିଥାଏ ଅନନ୍ୟତା। ରତ୍ନବେଦୀ ହେଉ କିମ୍ବା ରଥ ଉପରେ ହେଉ ପରମ୍ପରା ସହିତ ଜଡ଼ିତ ରହିଛନ୍ତି କାଳିଆ ଠାକୁର। ବର୍ଷ ବର୍ଷ ଧରି ବିଭିନ୍ନ ସେବାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ରୀତିନୀତି ଅନୁଯାୟୀ ଭିନ୍ନ ଭିନ୍ନ ସେବା ଚାଲିଥାଏ। ସେହିପରି ବାର ମାସରେ ତେର ପର୍ବ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ବିଶ୍ୱରେ ଅନନ୍ୟ। ରଥଯାତ୍ରା ସମୟରେ ବିଭିନ୍ନ ସେବାୟତ ଭିନ୍ନ ଭିନ୍ନ ସେବାରେ ତାଙ୍କର ଦାଇତ୍ୱ ତୁଲାଇବାରେ ଲାଗିପଡ଼ିଥାନ୍ତି। ସୂଚନାଯୋଗ୍ୟ କି, କଣ୍ଟିଲୋ ବାସିନ୍ଦା ପ୍ରଶାନ୍ତ କୁମାର ସାହୁ ନୀଳମାଧବ ମନ୍ଦିରରେ ପୂଜା ପାଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ବର୍ଷ ବର୍ଷ ଧରି ଟାହିଆ ଓ ହାତୀବେଶ ପ୍ରସ୍ତୁତ କରୁଛନ୍ତି। ଏହି ଟାହିଆ ଓ ହାତୀବେଶ ଠାକୁରଙ୍କଠାରେ ଲାଗି ହେବା ପରେ ସ୍ୱନେତ୍ରରେ ଦେଖି ଆତ୍ମସନ୍ତୋଷ ପାଉଥିବା କହିଛନ୍ତି ପ୍ରଶାନ୍ତ। ତେବେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତି କିପରି ଅଧିକ ସୁନ୍ଦର ଦେଖାଯିବେ ସେଥିପାଇଁ ସେ ସର୍ବଦା ସୁନ୍ଦର ସୁନ୍ଦର ନିଖୁଣ କାରୁକାର୍ଯ୍ୟ କରିଥାନ୍ତି। ପ୍ରତ୍ୟେକ ବର୍ଷ ରଥଯାତ୍ରା ସମୟରେ ଠାକୁରଙ୍କ ପାଇଁ ମନଲୋଭା ଟାହିଆ ପ୍ରସ୍ତୁତ କରି ନିଜକୁ ଧନ୍ୟ ମନେ କରୁଥିବା ସେ କହିଛନ୍ତି।

**ଇଟାମାଟି-ସୁନାଲଟି ରାସ୍ତା; ଟେଣ୍ଡରର ୩ ବର୍ଷ ପରେ ଆରମ୍ଭ ହେଲା କାମ**

## ମାସେ ନ ପୂରୁଣୁ ଉଠିଗଲାଣି ପିଚୁ



**ନୟାଗଡ଼,୧୦।୬(ସମିସ):** ନୟାଗଡ଼ ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କାମ କରାଯାଉଛି, ସେଥିରେ ଲୋକେ ସନ୍ତୁଷ୍ଟ ହେବା ବଦଳରେ ଅସନ୍ତୁଷ୍ଟ ହେଉଛନ୍ତି। ନୟାଗଡ଼ ଜିଲ୍ଲାରେ କାର୍ଯ୍ୟ କରୁଥିବା ଡିଭିଜନ ୧ ଏବଂ ଡିଭିଜନ ୨ ଉଭୟ କାର୍ଯ୍ୟାଳୟ ଦ୍ୱାରା କେବଳ ସରକାରୀ ଅର୍ଥକୁ ଅପବ୍ୟୟ କରାଯାଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ଇଟାମାଟିଠାରୁ ସୁନାଲଟି କୁସୁମୀ ବ୍ରିଜ୍ ପର୍ଯ୍ୟନ୍ତ ୧.୮୦୦ କି.ମି. ରାସ୍ତାକୁ ଲକ୍ଷ୍ୟ କଲେ ଏହା ବେଶ୍ ବୁଝାପଡୁଛି। ଏହି କାମର ଟେଣ୍ଡର ୨୦୨୨ରେ ହୋଇଥିବାବେଳେ କାମ ଆରମ୍ଭ ହେଲା ୨୦୨୫ରେ। ରାସ୍ତାରେ ପିଚୁ କାମକୁ ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିଗଲାଣି। ରାଜ୍ୟ ସରକାରଙ୍କ କ୍ରିଟିକାଲ୍ ଗ୍ୟାପ୍ ଫଣ୍ଡ ଜରିଆରେ ଏହି ରାସ୍ତାକୁ ମରାମତି ତଥା ନୂତନ ଭାବେ ନିର୍ମାଣ କରାଯାଇଛି। ଯାହାକୁ ଦେଖିଲେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବା ସହ ବଡ଼ ଧରଣର କେଳେଙ୍କାରୀକୁ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର୍‌ଡି) ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ମରାମତି ତଥା ଏହା ଉପରେ ପିଚୁ ପକାଇବା ପାଇଁ ୨୦୨୨ରେ ଟେଣ୍ଡର ହୋଇଥିଲା। ଏହି କାମକୁ ଟେଣ୍ଡର ପାଇଥିବା ଠିକାସଂସ୍ଥା ସେହି ସମୟରେ କରିଲେ ନାହିଁ। ଏବେ କାମଚଳା ଭାବେ ଉକ୍ତ ରାସ୍ତାରେ ପିଚୁ ପକାଯାଇଥିବା ବେଳେ ବିଲ୍ କରିବାକୁ ମସୁଧା ଚାଲିଛି। ରାସ୍ତାରେ ମାସେ ତଳେ ପିଚୁ ପକାଯାଇଥିବା ବେଳେ ତାହା ଉଠିଯିବାକୁ ବସିଲାଣି। ଅନେକ ସ୍ଥାନରୁ ପିଚୁ ଉଠିଯାଇଥିବା ବେଳେ ଅନେକ ସ୍ଥାନରେ ଗୋଡ଼ ବାଜିଲେ ପିଚୁ ଉଠିଯାଉଛି। ଏହି ରାସ୍ତାରେ ପିଚୁ ପକାଇବା କାର୍ଯ୍ୟ ଖରାପ ହୋଇଥିବା ଖୋଦ୍ ବିଭାଗୀୟ ଯନ୍ତ୍ରୀ ସ୍ୱୀକାର କରିଛନ୍ତି। ଏହାକୁ ପୁଣିଥରେ ସଠିକ୍ ଭାବେ କରିବା ପାଇଁ ଠିକାସଂସ୍ଥାକୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହା ସହିତ ଉକ୍ତ ରାସ୍ତାକୁ ପୁଣି ନୂତନ ଭାବେ ପ୍ରଶସ୍ତୀକରଣ କରି ନିର୍ମାଣ କରିବାକୁ ବିଭାଗ ପୁଣିଥରେ ଟେଣ୍ଡର ଆହ୍ୱାନ କରିଥିବା ସୂଚନା ମିଳିଛି। ଗୋଟିଏ ରାସ୍ତାକୁ କେତେଥର କାମ କରାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ କେଳେଙ୍କାରୀ ହେଉଥିବା ଅଭିଯୋଗ ହେଉଛି। ବିଗତ ଦିନରେ ଏହି ବିଭାଗରେ କାର୍ଯ୍ୟରତ ଅନେକ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଥିବା ଦେଖାଯାଇଛି। ତଥାପି ବିଭାଗ ସୁଧୁରିବାର ନାଁ ଧରୁନାହିଁ।

**ଓଡ଼ଗାଁ କ୍ରିକେଟ୍ ଲିଗ୍**

## ବ୍ରଦର୍ସ ଇଲେଭେନ୍ ଓ ଏସ୍ଆର୍ଏସ୍ସି ବିଜୟୀ



**ଓଡ଼ଗାଁ,୧୦।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମ୍‌ଠାରେ ସ୍ଥାନୀୟ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଅନୁଷ୍ଠିତ ଓଡ଼ଗାଁ କ୍ରିକେଟ୍ ଲିଗ୍‌ର ତୃତୀୟ ଦିନ ୨ଟି ମ୍ୟାଚ୍ ଖେଳାଯାଇଥିବାବେଳେ ଏଥିରେ ୪ ଦଳ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବ୍ରଦର୍ସ ଇଲେଭେନ, ଏସ୍ଆର୍ଏସ୍ସି ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍ ମା' ଗୌରୀ ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୨ ଓଭରରେ ୪ ୱିକେଟ ହରାଇ ୮୭ ରନ୍ କରିଥିବାବେଳେ ବ୍ରଦର୍ସ ଇଲେଭେନ୍ ଦଳ ୫.୪ ଓଭରରେ ୯୧ ରନ୍ କରି ବିଜୟ ହାସଲ କରିଥିଲେ। ବିଜୟୀ ଦଳର ତୋଫାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଜୟ ଶ୍ରୀରାମ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ୱିକେଟ ହରାଇ ୮୩ ରନ୍ ସଂଗ୍ରହ କରିଥିଲେ। ଏହାର ମୁକାବିଲା କରିବାକୁ ଯାଇ ଏସ୍ଆର୍ଏସ୍ସି ୫.୧ ଓଭରରେ ୨ ୱିକେଟ ବିନିମୟରେ ୮୫ ରନ୍ ସଂଗ୍ରହ କରି ୮ ୱିକେଟରେ ମ୍ୟାଚ୍ ବିଜୟ ହାସଲ କରିଥିଲେ। ବିଜୟୀ ଦଳର ଲିଟି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସୌରଭ, ରାମେଶ୍ୱର, ବାଦଲ, ତନ୍ମୟ, ଶୁଭମ୍, ମିଥୁ, କିଶନ ଖେଳ ପରିଚାଳନା କରିଥିଲେ। ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ତଥା ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହେଇଥିଲା।

## ମହୁମାଛି ଆକ୍ରମଣରେ ମୃତ୍ୟୁ !

**● ପରିବାର ଆଣିଲେ ହତ୍ୟା ଅଭିଯୋଗ**

**ଦଶପଲ୍ଲା,୧୦।୬(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ବାଣିଗୋଛା ଥାନା ଅନ୍ତର୍ଗତ ଚଢ଼େୟାପଲ୍ଲୀ ପଞ୍ଚାୟତ ଓସାମସ୍କା ଗ୍ରାମର ବୃଦ୍ଧ ନିଧିଆ ଜାନିଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଙ୍କୁ ସ୍ଥାନୀୟ ବାଜାଗାଡୁ ଗ୍ରାମ୍ୟ ଜଙ୍ଗଲରେ ସଂଜ୍ଞାହୀନ ଅଥବା ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ମଙ୍ଗଳବାର ମୃତକ ନିଧିଆ ଜାନିଙ୍କ ପରିବାର ବର୍ଗ ବାଣିଗୋଛା ଥାନାରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାଯାଇଛି ଯେ, ମୃତକ ତାଙ୍କ ପଡ଼ୋଶୀ ଜୁଲୁଙ୍ଗି ଗ୍ରାମର ବ୍ରହ୍ମାଦି ମଲ୍ଲିକଙ୍କ ସହିତ ସୋମବାର ସନ୍ଧ୍ୟାରେ ନିକଟସ୍ଥ ଜଙ୍ଗଲକୁ ମହୁ ଫେଣା ଭାଙ୍ଗି ମହୁ ସଂଗ୍ରହ କରିବାକୁ ଯାଇଥିବାବେଳେ କୁଆଡ଼େ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ। ସହଯୋଗୀ ବ୍ରହ୍ମାଦି ଘଟଣାସ୍ଥଳରୁ ଅଦ୍ୟାବଧି ଫେରାର୍ ଥିବାରୁ ଏହା ସନ୍ଦେହ ପରିସରକୁ ଆସିଛି। ବାଣିଗୋଛା ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ମରଣାନ୍ତକ ଆକ୍ରମଣ; ଜଣେ ଗୁରୁତର

**ଖଣ୍ଡପଡ଼ା,୧୦।୬(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କୋସ୍କା ପଞ୍ଚାୟତର ଅଁଳାପଟା ଗ୍ରାମର ରାଜା ନାଏକଙ୍କୁ ସେହି ଗ୍ରାମର ବୁଲୁ ମୁଦୁଲି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ଠେଙ୍ଗା ଓ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ରାଜାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ଗୋଡ଼ରେ ଆଘାତ ଲାଗିଛି। ଘଟଣା ସମ୍ପର୍କରେ ରାଜାଙ୍କ ପତ୍ନୀ କୁନି ନାଏକ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମରଣାନ୍ତକ ଆକ୍ରମଣ ଘଟଣା ପରେ ଆକ୍ରମଣକାରୀ ଗାଁ ଛାଡ଼ି ଅନ୍ୟତ୍ର ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଆହତଙ୍କ ପରିବାରବର୍ଗ ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଘଟଣାରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

## ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ଖଣ୍ଡପଡ଼ା,୧୦।୬(ସମିସ):** ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟାଳୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅଭିଷେକ ମିଶ୍ର ଯୋଗଦେଇଛନ୍ତି। ଏନ୍ଏସିରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀ ମିଶ୍ର ପୂର୍ବରୁ ରାଉରକେଲା ମ୍ୟୁନିସିପାଲିଟିରେ ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀ ମିଶ୍ର କାର୍ଯ୍ୟଭାର ଗ୍ରହଣ କରିଥିବା ନେଇ ସୂଚନା ମିଳିଛି। ଗତ କିଛିଦିନ ତଳେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଏହି ସ୍ଥାନଟି ଖାଲି ପଡ଼ିଥିଲା। ଯାହା ଫଳରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ଅତିରିକ୍ତ ଭାବରେ ଏନ୍ଏସିରେ କାର୍ଯ୍ୟଭାର ସମ୍ଭାଳିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମିଶ୍ର ସହରାଞ୍ଚଳ ବିକାଶକୁ ଗୁରୁତ୍ୱର ଭାବେ ପ୍ରାଥମିକତା ଦେବା ସହ ଅଟକି ରହିଥିବା ବିଭିନ୍ନ ଅସମ୍ପୂର୍ଣ୍ଣ କାମଗୁଡ଼ିକ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି।

**● ଫ୍ରେଣ୍ଡସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

## ଚକ୍ରଗଡ଼ ଓ କମଳାଡିହ ଟିମ୍ ବିଜୟୀ

**ଗଣିଆ,୧୦।୬(ସମିସ):** ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ମୂଳ ପ୍ରଗଣାରେ ଆୟୋଜିତ ହେଉଥିବା ଫ୍ରେଣ୍ଡସିପ୍ କ୍ରିକେଟ କ୍ଲବ୍ ତରଫରୁ ଫ୍ରେଣ୍ଡସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରଥମ କ୍ୱାଲିଫାୟାର ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଏମ୍‌ଡିସିସି ଚକ୍ରଗଡ଼ ବନାମ ଏମ୍‌ବିସିଟି ବେଣ୍ଟପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବେଣ୍ଟପଡ଼ା ବ୍ୟାଟିଂ କରି ୯୯ ରନ୍ କରିଥିବାବେଳେ ଚକ୍ରଗଡ଼ ୧୦୧ ରନ୍ କରି ବିଜୟୀ ହୋଇ ସେମି ଫାଇନାଲରେ ନିଜର ସ୍ଥାନ ସଂରକ୍ଷିତ କରିଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ କୁମାର ରଣା, ବିଶିଷ୍ଟ ଅତିଥି ଭାବେ ପ୍ରସନ୍ନ ଦାସ ଯୋଗଦେଇଥିଲେ। ଦିପୁନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏମ୍‌ଜିସିସି କାଣିପୋଖରୀ ବନାମ ଏମ୍‌ବିସିସି କମଳାଡିହ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। କାଣିପୋଖରୀ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୧୦ ଓଭରରେ ୮୦ ରନ୍ କରିଥିବାବେଳେ କମଳାଡିହ ନିର୍ଦ୍ଧାରିତ ୧୦ ଓଭରରେ ୮୪ ରନ୍ କରି ବିଜୟ ହାସଲ କରି ସେମି ଫାଇନାଲରେ ନିଜର ସ୍ଥାନ ସଂରକ୍ଷିତ ରଖିଛି। ମୁଖ୍ୟ ଅତିଥି ଭାବେ ଫ୍ରେଣ୍ଡସିପ୍ କ୍ରିକେଟ୍ କ୍ଲବ୍‌ର ଉପସଭାପତି ଉଲ୍ଲାସ ନାୟକ ଯୋଗଦେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ମାନସ ବିବେଚିତ ହୋଇଥିଲେ। ସରୋଜ ରଣା, ସିଲୁ ଖେଳ ପରିଚାଳନା କରିଥିଲେ।



---

## ଜାତୀୟ ପତାକାକୁ ଅସମ୍ମାନ; ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ

**ନୟାଗଡ଼/ଖଣ୍ଡପଡ଼ା,୧୦।୬(ସମିସ):** ଜାତୀୟ ପତାକାକୁ ରାସ୍ତାକଡ଼ରେ ଫୋପାଡ଼ିବା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଛି କଂଗ୍ରେସ। ଖଣ୍ଡପଡ଼ାରେ ଅପରେସନ ସିନ୍ଦୂର ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ, ଏନ୍ଏସି ଅଧ୍ୟକ୍ଷା ଏବଂ ସରକାରୀ ପଦାଧିକାରୀ ହାତରେ ଜାତୀୟ ପତାକା ଧରି ଦେଶଭକ୍ତି ନିଦର୍ଶନ ସହିତ ସାମିଲ ହେବା ପରେ ଜାତୀୟ ପତାକାକୁ ରାସ୍ତାକଡ଼ ତଥା କଲ୍ୟାଣମଣ୍ଡପରେ ଫୋପାଡ଼ିଦେବା ଭଳି ସଙ୍ଗିନ ଅପରାଧରେ ଜଡ଼ିତ ରାଜନେତା ସରକାରୀ ବାବୁଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମଙ୍ଗଳବାର ନୟାଗଡ଼ ବିଧାନସଭା କଂଗ୍ରେସ ପ୍ରାର୍ଥୀ ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପୀତବାସ ଖୁଣ୍ଟିଆ, ଦଳିତ ନେତା ମନୋଜ ନାଏକ ଏବଂ ସନ୍ତୋଷ ନାଏକ ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିବା ପରେ ଏହି ଅଘଟଣ ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶାସକ ଦଳର ଦାୟିତ୍ୱସମ୍ପନ୍ନ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆମ ଦେଶ ଜାତୀୟ ପତାକାର ଅସମ୍ମାନ ପ୍ରସଙ୍ଗରେ କଂଗ୍ରେସ ତୀବ୍ର ନିନ୍ଦା କରିଛି।

## ଭାପୁର ରଥଯାତ୍ରା ପ୍ରସ୍ତୁତି ବୈଠକ



**ଭାପୁର,୧୦।୬(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଭାପୁର ବଜାର ଉପକଣ୍ଠରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ମଙ୍ଗଳବାର ପ୍ରଥମ ପ୍ରସ୍ତୁତି ବୈଠକ ଭାପୁର କଲ୍ୟାଣମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ରଥଯାତ୍ରା କମିଟିର ସଭାପତି ତହସିଲ୍‌ଦାର ଅର୍ଜୁନ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ୧୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ୨୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା ଓ ବ୍ଲକ୍ ପ୍ରତିନିଧି ତୋଫାନ ପ୍ରଧାନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅନୀଲ ସାହୁ, ଡ. ବିଶ୍ୱନାଥ ସାହୁ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ନୃସିଂହ ଚରଣ ଦାସ, ଅଗ୍ନିଶମ ବିଭାଗ ଅଧିକାରୀ, ମନ୍ଦିର ସଭାପତି ସୁମନ୍ତ ଜେନା, ସମ୍ପାଦକ ରମେଶ ଚନ୍ଦ୍ର ବରାଡ଼, ସହସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, କ୍ରିୟାନୁଷ୍ଠାନ କମିଟିର ସଭ୍ୟ, ସାମ୍ବାଦିକ ଓ ଆଖପାଖ ପଞ୍ଚାୟତରୁ ଆସିଥିବା ଶତାଧିକ ଜଗନ୍ନାଥପ୍ରେମୀ ଏହି ବୈଠକରେ ମିଳିତ ହୋଇ ରଥଯାତ୍ରା ଆୟୋଜନ ନେଇ ଆଲୋଚନା କରିଥିଲେ। ସମସ୍ତ ସରକାରୀ ପଦାଧିକାରୀ ସେମାନଙ୍କ ସହଯୋଗ ହାତ ବଢ଼ାଇବା ପାଇଁ ସମ୍ମତି ଦେଇଥିଲେ। ରଥଯାତ୍ରା କିପରି ସୁରୁଖୁରୁରେ ସମ୍ପାଦିତ ହେବ ସେ ନେଇ ଉପସ୍ଥିତ ଜନସାଧାରଣ ସହଯୋଗର ହାତ ବଢ଼ାଇବେ ବୋଲି କହିଥିଲେ।

**ଚିକିତ୍ସା ଅବହେଳାରୁ ମା' ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣା**

# ଡାକ୍ତରଙ୍କ ନିରବ ପ୍ରତିବାଦ; ଆକ୍ରମଣକାରୀଙ୍କୁ ଗିରଫ ଦାବି




**ନୟାଗଡ଼,୧୦।୬(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ମା' ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣା ମଙ୍ଗଳବାର ଭିନ୍ନ ମୋଡ଼ ନେଇଛି। ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ଓଡ଼ିଶା ମେଡିକାଲ ସେବା ସଂଘ ନୟାଗଡ଼ ଶାଖା ପକ୍ଷରୁ ଏକ ବୈଠକ କରାଯାଇ ଜିଲ୍ଲାର ସମସ୍ତ ଡାକ୍ତର ଶୁକ୍ରବାରଠାରୁ କଳାବ୍ୟାଜ୍ ପରିଧାନ କରିଥିଲେ। ଓଡ଼ିଶା ମେଡିକାଲ ସେବା ସଂଘ ନିଷ୍ପତ୍ତିକ୍ରମେ ମଙ୍ଗଳବାରଠାରୁ ଡାକ୍ତରମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡ୍ୟୁଟି ସରିବା ପରେ ନିରବ ପ୍ରତିବାଦକୁ ଓହ୍ଲାଇଛନ୍ତି। ଡାକ୍ତରଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ଗିରଫ ପାଇଁ ସଂଘ ଦାବି କରିଛି।

ଗତ ମେ' ୩୧ ତାରିଖ ରାତିରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ଯୁବନେତା ସଞ୍ଜୟ ନାୟକଙ୍କ ପତ୍ନୀ ପ୍ରସବ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରାତିରେ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କ ଡ୍ୟୁଟି ରହିଥିଲା। ଡାକ୍ତରଙ୍କୁ ସଞ୍ଜୟ କର୍ମଚାରୀଙ୍କ ମାଧ୍ୟମରେ ଏବଂ ବ୍ୟକ୍ତିଗତ ଭାବେ ଚିକିତ୍ସା ପାଇଁ ଅନୁରୋଧ କରିଥିଲେ। ଡା. ସାହୁ ଏହାକୁ କର୍ଣ୍ଣପାତ କରି ନ ଥିଲେ। ଏପରିକି ଅସ୍ତ୍ରୋପଚାର କରିବା ପାଇଁ ୩୦ ହଜାର ଟଙ୍କା ଦାବି କରିଥିଲେ। ସଞ୍ଜୟ ଟଙ୍କା ଦେବାକୁ ରାଜି ହୋଇଥିଲେ। ଚିକିତ୍ସା କରନ୍ତୁ କହି ସଞ୍ଜୟ ଟଙ୍କା ଯୋଗାଡ଼ ପାଇଁ ଚାଲି ଯାଇଥିଲେ। ଡାକ୍ତର କିନ୍ତୁ ଚିକିତ୍ସା କରି ନ ଥିଲେ। ଯେଉଁଥି ପାଇଁ ପ୍ରସବବେଦନ ପାଇଁ ସଞ୍ଜୟଙ୍କ ପତ୍ନୀ ମମତା ସ୍ୱାଇଁଙ୍କର ଭୋର୍ ୩ଟା ୪୫ରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଶହ ଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇ ଡାକ୍ତରଙ୍କ ଗିରଫ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସଞ୍ଜୟଙ୍କ ଅଭିଯୋଗ ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ନୟାଗଡ଼ ଆସି ଉକ୍ତ ଘଟଣାର ତଦନ୍ତ କରି ଫେରିଥିଲେ। ଚିକିତ୍ସା ଅବହେଳା ଅଭିଯୋଗର ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କିନ୍ତୁ ଉକ୍ତ ଦିନ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ନେଇ ଡା. ସାହୁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯଦି ପ୍ରସୂତି ମହିଳାଙ୍କ ମୃତ୍ୟୁ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି, ତେବେ ଡାକ୍ତରଙ୍କୁ ଆକ୍ରମଣ କରିଥିବା ଆକ୍ରମଣକାରୀଙ୍କୁ ପୁଲିସ ଗିରଫ ନ କରି କାହିଁକି ଟାଳଟୁଳ ନୀତି ଅବଲମ୍ବନ କରୁଛି। ସମ୍ପୃକ୍ତ ଡାକ୍ତରଙ୍କ ନିଲମ୍ବନ ପ୍ରତ୍ୟାହାର କରି ଏକ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ମଙ୍ଗଳବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସଭାପତି ଡା. ବି. ସୂର୍ଯ୍ୟା ରାଓ, ସମ୍ପାଦକ ଡା. ପ୍ରଦୀପ କୁମାର ପାଇକରାୟଙ୍କ ନେତୃତ୍ୱରେ ନିରବ ପ୍ରତିବାଦ ଆରମ୍ଭ ହୋଇଛି। ଏଥିରେ ରାଜ୍ୟ ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ସରୋଜ ରଞ୍ଜନ ନାୟକଙ୍କ ସହ ଜିଲ୍ଲାର ବହୁ ଡାକ୍ତର ଯୋଗଦେଇଥିଲେ। ରୋଗୀ ସେବା ବ୍ୟାଘାତ ନ କରି ପ୍ରତିଦିନ ଏହିପରି ୧ ଘଣ୍ଟା ନିରବ ପ୍ରତିବାଦ ଚାଲୁରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହୁଏ ଖୁବ୍‌ଶୀଘ୍ର ଏହା ରାଜ୍ୟବ୍ୟାପୀ ଚାଲିବ ବୋଲି ରାଜ୍ୟ ସଭାପତି ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ମୃତ

**ଧର୍ମଶାଳା, ୧୦।୬(ସମିସ):** ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ଜାରକା ବସ୍‌ଷ୍ଟପ ନିକଟରେ ସଡ଼କ ଦୁର୍ଘଟଣାରେ ତେଲ ଟ୍ୟାଙ୍କର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ୟାଙ୍କର ଚାଳକ ଜଣକ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଗୋର୍ଡିଙ୍ଗ ଅଞ୍ଚଳର ବଳରାମ ଜେନାଙ୍କ ପୁଅ ଅମୀୟ କୁମାର ଜେନା (୪୩) ବୋଲି ଜଣାପଡ଼ିଛି। ସୋମବାର ରାତି ପ୍ରାୟ ୧୧ଟା ବେଳେ (ଓଆର ୦୫ଏଏଲ- ୯୭୪୯) ତେଲ ଟ୍ୟାଙ୍କରଟି ପାଣିକୋଇଲି ଅଭିମୁଖେ ଯାଉଥିବା ବେଳେ ୧୬ନଂ ଜାତୀୟ ରାଜପଥ କଲିକତା ଯାଉଥିବା ବସ ଜାରକା ବସ୍‌ଷ୍ଟପରେ ଛିଡ଼ା ହୋଇଥିବା ଉକ୍ତ ଟ୍ୟାଙ୍କର ପଛପଟୁ ଧକ୍କା ଦେଇଥିଲା। ଧକ୍କା ହେବା ଫଳରେ ଟ୍ୟାଙ୍କର ଚାଳକ ଗୁରୁତର ଆହତ ହୋଇଥିଲେ। ତେବେ ବସଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ଆହତ ଚାଳକଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଚାଳକଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଧର୍ମଶାଳା ପୁଲିସ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଚାଳକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଅନେକ କଥା ଆଲୋଚନା ହେଉଛି। ଗୁରୁତର ଚାଳକଙ୍କୁ ଯଥାଶୀଘ୍ର କଟକ ମେଡିକାଲକୁ ନପଠାଯିବାରୁ ତାର ମୃତ୍ୟୁ ହୋଇଥିବା ଶୁଣାଯାଉଛି। ଏହି ଅଭିଯୋଗକୁ କିନ୍ତୁ ଯାଜପୁର ସିଡିଏମଓ ପ୍ରକାଶ ଚନ୍ଦ୍ର ବଳ ଖଣ୍ଡନ କରିଛନ୍ତି।

# ୨ବାଲି ବୋଝେଇ ହାଇୱା ଜବତ





**ପାଣିକୋଇଲି, ୧୦।୬(ସମିସ):** ପାଣିକୋଇଲି ଥାନା ଅଞ୍ଚଳରେ ଦିବାରାତ୍ରି ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରୁ ରାଜପଥ ଓ ନଦୀବନ୍ଧରେ ପ୍ରତ୍ୟେକ ରାସ୍ତାରେ ବେନିୟମ ଭାବେ ଭାରୀଯାନରେ ବାଲି ଚାଲାଣ କରାଯାଉଛି। କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡ଼ି ଧରି ତାର କାମ ସାରୁଛି। ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡି ଧରୁଛି ଖଣି ବିଭାଗ। ମଙ୍ଗଳବାର ମଧ୍ୟାହ୍ନ ସମୟରେ ଖଣି ବିଭାଗ ପକ୍ଷରୁ ପାଣିକୋଇଲି ଥାନା ଅଧୀନ ମୂଳାପାଳ ବରୁଣ୍ଡାଇ ରାସ୍ତାର ବୈତରଣୀ ନଦୀ ବନ୍ଧରେ ଚଢ଼ଉ କରାଯାଇ ଦୁଇଟି ବାଲି ହାଇୱାକୁ (ଓଡି୨୨ୱାଇ ୦୯୩୭, ଓଡି୦୯କେ ୦୬୦୩) ଖଣିବିଭାଗ ଧରିବାରେ ସକ୍ଷମ ହୋଇଛି। ଚଢ଼ଉ ସମୟରେ ବାଲିର କୌଣସି ଟିପି ନଥିବାରୁ ବେଆଇନ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଜୁନିଅର ଖଣି ଅଧିକାରୀ ଦିପ୍ତା ସୁନ୍ଦର ସେଠୀ ଓ ପୁଲିସ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ।

# ଦୁର୍ବୃତ୍ତ ଲୁଟିନେଲେ ମୋବାଇଲ

**ପାଣିକୋଇଲି, ୧୦।୬(ସମିସ):** ପାଣିକୋଇଲି ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ୍ ପାଣିକୋଇଲି ରାସ୍ତାର କୃପାଳୁ ରାଇସ ମିଲ୍ ସମ୍ମୁଖ ରାସ୍ତାରେ ସୋମବାର ବାଇକରେ ଆସୁଥିବା ଜଣେ ଯୁବକଙ୍କ ପକେଟରୁ ମୋବାଇଲେ ଝାମ୍ପିନେଲେ ଲୁଟେରା। ଅଭିଯୋଗ ମୁତାବକ ଯାଜପୁର ବଳିଘାଇର ଦୈତାରୀ ରାଉତଙ୍କ ପୁଅ ସନ୍ତୋଷ ରାଉତ ଏକ ସ୍କୁଟିରେ କଳିଙ୍ଗନଗର ଶିଳ୍ପାଞ୍ଚଳରୁ କାମସାରି ଘରକୁ ଫେରୁଥିବା ବେଳେ ରାଇସ ମିଲ ସମ୍ମୁଖରେ ୨ ଜଣ ଯୁବକ ଏକ କଳାରଙ୍ଗର ବାଇକରେ ଆସି ବାମପଟରେ ପଶି ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ତଦନ୍ତ ଜାରି ରହିଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ



**ଦଶରଥପୁର, ୧୦।୬(ସମିସ):** ଦଶରଥପୁର ବ୍ଲକ ଅଧୀନ ଡାହାଣିହତା ପଞ୍ଚାୟତ ଡାହାଣିହତା ଗ୍ରାମରେ ଏବଂ ଗୋପାଳପୁର ପଞ୍ଚାୟତର ଗୋପାଳପୁର ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭାରତୀୟ କୃଷି ଗବେଷଣା ପରିଷଦ ସଙ୍ଗୀତ ଗାନ କରାଯିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରିବେଷଣ କରାଯାଇଥିଲା। ଶିବିରରେ କେନ୍ଦ୍ରୀୟ କୃଷିରତ ମହିଳା ଗବେଷଣା ସଂସ୍ଥାରେ ପ୍ରଧାନ ବୈଜ୍ଞାନିକ ଡ. ଲିପି ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୃଷି ବିଜ୍ଞାନକେନ୍ଦ୍ର ଯାଜପୁରର ବୈଜ୍ଞାନିକ ଡ.ବବିତା ମିଶ୍ର, ବିଜୟ କୁମାର ରାଉତରାୟ, ବ୍ଲକ କୃଷି ଅଧିକାରୀ ସ୍ୱାଗତିକା ମିଶ୍ର, ସହକାରୀ କୃଷି ଅଧିକାରୀ ସୁଭ୍ରଜିତ ବେହେରା, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଗୋପାଳପୁର ସରପଞ୍ଚ ଏସ୍‌କେ ନାଦର, ବ୍ଲକ ଅଧ୍ୟକ୍ଷ ଅନ୍ନଦ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କୃଷି ରଥ ମାଧ୍ୟମରେ କୃଷକ ବନ୍ଧୁମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ମାମିନା ମଲ୍ଲିକ, ପଞ୍ଚାୟତ ସମିତି ସଭ୍ୟ ସସ୍ମିତା ଜେନା, କୃଷକ ସାଥୀ ଅକ୍ଷୟ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ଦୀପକ ମହାପାତ୍ର ଏଟିମ୍ ଅଭିରାମ ସେଠୀ, ସୁଧାଂଶୁ ଭୂଷଣ ନାୟକ ଓ ମହାପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରୁ ୨ ବନ୍ଧୁକ, ୪ କଟୁରି ଜବତ

**କବାଟବନ୍ଧ, ୧୦।୬(ସମିସ)**

ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ୍ ନିକଟସ୍ଥ ବଜାରରୁ ୨ ବନ୍ଧୁକ ସହ ୪ଟି କଟୁରି ମିଳିବା ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ଏଭଳି ଘଟଣା ଦେଖି ସୁରକ୍ଷା ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି ଅଞ୍ଚଳବାସୀ। ଖବର ପାଇ ଘଟଣାସ୍ଥଳରେ ଜେନାପୁର ପୁଲିସ ପହଞ୍ଚିଥିଲା; ମାତ୍ର ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଏକ ବାଇକରେ ୩ ଜଣ ଯୁବକ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଯାଉଥିବା ବେଳେ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ ନିକଟରେ ହମ୍ପସ ଅତିକ୍ରମ କରିବା ସମୟରେ ସେମାନଙ୍କ ନିକଟରୁ ଏକ ବ୍ୟାଗ ଖସି ପଡ଼ିଥିଲା। ବ୍ୟାଗ ଖସିବାସହ ଏକ ଶବ୍ଦ ହୋଇ ସେଥିରେ ନିଆଁ ଲାଗିଯାଇ ନିକଟରେ ଥିବା ଦୋକାନ ଆଡ଼କୁ ଛିଟିକି ଯାଇଥିଲା। ଯାହାକୁ ନେଇ ଦୋକାନୀ ମଧ୍ୟ ଭୟଭୀତ ହୋଇଥିଲେ। ପରେ ଦୁର୍ବୃତ୍ତମାନେ ହଠାତ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରେ ଖସି ଯାଇଥିଲେ। ସ୍ଥାନୀୟ ଲୋକେ ବ୍ୟାଗରେ ପାଣି ପକାଇ ନିଆଁ ଲିଭାଇ ଥିଲେ। ତା'ଭିତରୁ ୨ବନ୍ଧୁକ, ୪ଟି କଟୁରି ଏବଂ କିଛି ପୋଷାକ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଜେନାପୁର ଥାନାକୁ ଖବର ଦେବାରୁ ଥାନା ଅଧିକାରିଣୀ ନିରୂପମା ଜେନା, ସବଇନ୍ସପେକ୍ଟର ଶଶୀଭୂଷଣ ପରିଡ଼ା, ଏଏସ୍‌ଆଇ ପ୍ରଦୀପ ସାହୁ, କନେଷ୍ଟବଳ ଭବାନୀ ମାଝୀ, ଯୁଗଳ ଆଇଚ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପଡ଼ିଥିବା ୨ବନ୍ଧୁକ, ୪ଟି କଟୁରି ଆଦି ମାରଣାସ୍ତ୍ର ଏବଂ ପୋଷାକକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଯଦିଓ ପ୍ରାରମ୍ଭିକ ତଦନ୍ତରୁ ବନ୍ଧୁକ ଦୁଇଟିକୁ ପୁଲିସ ପ୍ଲାଷ୍ଟିକ ବା ଖେଳନା

- **ଖସିଗଲେ ୩ ଦୁର୍ବୃତ୍ତ; ସୁରକ୍ଷା ପାଇଁ ଚିନ୍ତାରେ ଅଞ୍ଚଳବାସୀ**
- **ତଦନ୍ତରେ ଜଣାପଡ଼ିଲା ପ୍ଲାଷ୍ଟିକ୍ ବନ୍ଧୁକ**

ବନ୍ଧୁକ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୁଲିସ ତଦନ୍ତ କରି ଦୁର୍ବୃତ୍ତମାନେ ଯାଇଥିବା ରାସ୍ତାରେ ପିଛା କରିଥିଲା। ବ୍ରାହ୍ମଣୀ ବ୍ରିଜ-ମଞ୍ଜୁରୀପଡ଼ା ନଦୀବନ୍ଧ ରାସ୍ତାରେ ପୁଲିସ ପ୍ରାୟ୧୫ କିଲୋମିଟର ପିଛାକରି ଯାଜପୁର ଜିଲ୍ଲା ସୀମା ଅତିକ୍ରମ କରି ଢେଙ୍କାନାଳ ଜିଲ୍ଲାର ପିଙ୍ଗୁଆ ପର୍ଯ୍ୟନ୍ତ ପହଞ୍ଚି ବିଭିନ୍ନ ସ୍ଥାନରେ ଛାନଭିନ କରିଥିଲେ। ରାସ୍ତାରେ ରହିଥିବା ବିଭିନ୍ନ ଦୋକାନର ସିସିଟିଭିକୁ ଯାଞ୍ଚ କରିଥିବା ବେଳେ ଦୁର୍ବୃତ୍ତଙ୍କର କୌଣସି ସନ୍ଧାନ ନ ପାଇ ଖାଲି



ହାତରେ ଫେରିଥିଲେ। ଜବତ କରିଥିବା ବନ୍ଧୁକକୁ ପୁଲିସ ପ୍ଲାଷ୍ଟିକ ତଥା ଖେଳଣା ବନ୍ଧୁକ ବୋଲି ପ୍ରକାଶ କରିବା ପରେ ବ୍ୟାଗରେ କାହିଁକି ନିଆଁ ଲାଗିଲା ବୋଲି ପ୍ରଶ୍ନ ଉଠିଛି। ବ୍ୟାଗ ଭିତରେ କିଛି ଦହନଯୁକ୍ତ ସାମଗ୍ରୀ କିମ୍ବା ବିସ୍ଫୋରକ ଥିଲା କି। ଘଟଣାକୁ ପୁଲିସ ଗମ୍ଭୀର ଭାବେ ଗ୍ରହଣ କରି ତଦନ୍ତ କରିବାର ଆବଶ୍ୟକତା ରହିଛି। ଦୁର୍ବୃତ୍ତମାନେ ହାଫ୍‌ପ୍ୟାଣ୍ଟ ଏବଂ ଧଳାରଙ୍ଗର ଟି-ସାର୍ଟ ପିନ୍ଧିଥିବା ସ୍ଥାନୀୟ ଲୋକେ କହିଛନ୍ତି। କୌଣସି ସ୍ଥାନରେ ଅପରାଧ ଘଟାଇ ପୋଷାକ ବଦଳାଇ ଖସିଯିବାକୁ ଚେଷ୍ଟା କରିଥିଲେ କିମ୍ବା ସେମାନେ ଏହି ରାସ୍ତା ସହିତ ଆଗରୁ ପରିଚିତ କି ଏମିତି ଅନେକ ପ୍ରଶ୍ନ ନଜରକୁ ଆସୁଛି। ଜାତୀୟ ରାଜପଥ ଉପରେ ନ ଯାଇ ହଠାତ ରାସ୍ତା ବଦଳାଇ ନଦୀ ବନ୍ଧଦେଇ ଖସିଯିବାକୁ ସେମାନେ ନିରାପଦ ଭାବିଲେ କି ତାହା ମଧ୍ୟ ଆଶଙ୍କା କରାଯାଇପାରେ। ସେମାନେ ଅପରାଧ ଘଟାଇଥାଆନ୍ତୁ କିମ୍ବା ଅପରାଧ ଘଟାଇବାକୁ ଯୋଜନା କରିଯାଉଥାନ୍ତୁ। ଦୁର୍ବୃତ୍ତମାନେ ସେହି ରାସ୍ତା ତଥା ଜେନାପୁର ଥାନା ଅଞ୍ଚଳକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ପ୍ଲାଷ୍ଟିକ ବନ୍ଧୁକ ଦେଖାଇ ଭୟଭୀତ କରି ଚୋରି କିମ୍ବା ଛିନତାଇ ଭଳି ଅପରାଧ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ମାତ୍ର ଜିଲ୍ଲା ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରି ଦିନ ଦ୍ୱିପ୍ରହରରେ ଏଭଳି ମାରଣାସ୍ତ୍ର ଏବଂ ଅପରାଧୀଙ୍କ ଗତିବିଧି ଉପରେ ନଜର ଦେବାକୁ ଦାବି ହୋଇଛି।

# ଧରତିଆବା ଜନଜାତି ଅଭିଯାନ ପାଇଁ ବୈଠକ



**ଯାଜପୁର, ୧୦।୬(ସମିସ):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରି କହିଲେ ଧରତିଆବା ଜନ ଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯାଜପୁର ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା ଓ ବଡ଼ଚଣା ବ୍ଲକର ୬୭ଟି ଆଦିବାସୀ ବହୁଳ ଗ୍ରାମରେ ଆରମ୍ଭ କରାଯାଇଛି। ଏହି ଗ୍ରାମଗୁଡ଼ିକ ମଧ୍ୟରୁ ସୁକିନ୍ଦା ବ୍ଲକରେ ୩୪ ଟି ଗ୍ରାମ, ଦାନଗଦି ବ୍ଲକରେ ୧୬ଟି ଗ୍ରାମ, କୋରେଇ ବ୍ଲକରେ ୫ ଟି ଗ୍ରାମ, ଧର୍ମଶାଳା ବ୍ଲକରେ ୫ଟି ଗ୍ରାମ ଓ ବଡ଼ଚଣା ବ୍ଲକରେ ୭ଟି ଗ୍ରାମ ଅନ୍ତର୍ଭୁକ୍ତ ଅଟେ। ଏହି ଗ୍ରାମଗୁଡ଼ିକରେ ୧୩ଟି ବିଭାଗ ଓ ୧୭ଟି ମନ୍ତ୍ରଣାଳୟର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବା ସହିତ ସମସ୍ତ ଆଦିବାସୀ ଲୋକମାନଙ୍କର ଅର୍ଥନୈତିକ, ସାମାଜିକ ଏବଂ ବୌଦ୍ଧିକ ବିକାଶ କରାଯିବା ପାଇଁ ଲକ୍ଷ ରଖାଯାଇଛି। ଏହାର ସଫଳ ରୂପାୟନ ପାଇଁ ଆସନ୍ତା ତା ୧୨ରୁ ୨୭ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ୬୭ଟି ଆଦିବାସୀ ବହୁଳ ଗ୍ରାମ ମାନଙ୍କରେ ଧରତିଆବା ଜନ ଭାଗିଦାରୀ ଅଭିଯାନ ଆରମ୍ଭ କରାଯାଉଛି। କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ପାଇବାରୁ ବଞ୍ଚିତ ଥିବା ବ୍ୟକ୍ତି ବିଶେଷଙ୍କୁ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇ ସମ୍ପୃକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆଯିବ। ତେଣୁ ଉକ୍ତ ସଚେତନତା ଏବଂ ହିତାଧିକାରୀ ପରିପୂର୍ଣ୍ଣତା ଶିବିରରେ ସର୍ବସାଧାରଣ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ ହେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଅମିୟ ପ୍ରସାଦ ତ୍ରିପାଠୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ପାଣିକୋଇଲି, ୧୦।୬(ସମିସ):** କୋରେଇ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ପାଣିକୋଇଲି ପଞ୍ଚାୟତ କଲ୍ୟାଣମଣ୍ଡପରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ପ୍ରତିଯୋଗିତାରେ ବ୍ଲକର ମୋଟ ୨୮ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। କୋରେଇ ବିଡିଓ ଅବନୀକାନ୍ତ ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜେତା ଗୋଷ୍ଠୀଙ୍କୁ ପୁରସ୍କୃତ କରିଥିଲେ। ଏବିଡିଓ ଭରତ କୁମାର ବେହେରା, ସିଡିପିଓ ଦେବକୀ ମାଝୀ, ବିପିସି ଗୀତା ପଣ୍ଡା, ବିପିଏମ ରାମଚନ୍ଦ୍ର ବାରିକ, ବିଏଲସି ସରୋଜିନୀ ଦାଶ ଓ ଅଯୋଧାନାଥ ରାୟସାମନ୍ତ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ମଣ୍ଡଳୀ ପକ୍ଷରୁ ପ୍ରଥମ ବା ବିଜେତା ପାଣିକୋଇଲିର ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନଗଦ ୫ ହଜାର ଟଙ୍କା ସହ ପ୍ରମାଣପତ୍ର, ଦ୍ୱିତୀୟ ସ୍ଥାନ ବା ରନରସଅପ ବ୍ୟାସନଗର ପୌରପରିଷଦର ମା' ଚାରିଆଖିଆ ସ୍ୱୟଂ ସହାୟକ ଗୋଷ୍ଠୀକୁ ନଗଦ ୪ହଜାର ସହିତ ପ୍ରମାଣପତ୍ର ଓ ସାନ୍ତ୍ୱନାମୂଳକ ଭାବେ ମକୁନ୍ଦପୁର ବିରିଡିର ଦିବ୍ୟଜନନୀ




ସ୍ୱୟଂ ସହାୟକ ଗୋଷ୍ଠୀକୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏଥିସହିତ ଭାଗନେଇଥିବା ପ୍ରତ୍ୟେକ ଗୋଷ୍ଠୀ ଓ ସେମାନଙ୍କ ସଦସ୍ୟଙ୍କୁ ମଧ୍ୟ ପ୍ରମାଣପତ୍ର ଦିଆଯାଇଥିଲା।

# ଜନ ଆରୋଗ୍ୟ ସମିତି ବୈଠକ

**କୁଆଖିଆ, ୧୦।୬(ସମିସ):** ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜନଆରୋଗ୍ୟ ସମିତି ବୈଠକ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତର ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରସ୍ତୁତ କାର୍ଯ୍ୟ ଖସଡ଼ା ନେଇ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଏହାଛଡ଼ା ବର୍ଷାଦିନର ଆଗମନରେ ଥଣ୍ଡା, ଜ୍ୱର, କାଶ, ମାଲେରିଆ, ଡାଏରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ବାୟୁ ଓ ଜଳ ବାହିତ ରୋଗର ନିରାକରଣ ପାଇଁ ଜଳଉତ୍ସକୁ ବିଶୋଧନ କରିବା, ବାସଗୃହ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ ଭଳି ସର୍ବସାଧାରଣ




ଭାବରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ବସନ୍ତ ପଣ୍ଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୨୫ବର୍ଷ ଶେଷ ସୁଧା ଟିବିମୁକ୍ତ ଭାରତ ଗଠନ କରିବା ପାଇଁ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଉକ୍ତ ଯୋଜନାରେ ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଥିବା ସନ୍ଦିଗ୍ଧମାନଙ୍କୁ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି। ଏହାଛଡ଼ା ବୟସ୍କ ଯେଉଁମାନଙ୍କର ରକ୍ତଚାପ, ରକ୍ତ ସର୍କରା, ୟୁରିକଏସିଡି, ହାଇପରଟେନସନ, ହୃଦ୍‌ଜନିତ, ଯକୃତ, ଫୁସଫୁସ୍ ଆଦି ରୋଗର ଶିକାର ହୋଇଥିବା ବ୍ୟକ୍ତିମାନଙ୍କର ସାଇଟିୟୁ(ସିୱାଇଟିୟୁ) ପରୀକ୍ଷାରେ ସାମିଲ କରାଇବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ପରୀକ୍ଷା କରାଗଲେ ରୋଗୀଠାରେ ଲକ୍ଷଣ ନଥାଇ ଟିବି ଦ୍ୱାରା ଆକ୍ରାନ୍ତ ହୋଇଥିଲେ ଜଣାପଡ଼ିବ। ରୋଗୀ ଚିହ୍ନଟ ହୋଇ, ତାର ଚିକିତ୍ସା ପଦ୍ଧତି ଅନୁସରଣ କଲେ ରୋଗମୁକ୍ତ ହେବା ସହ ଭାରତ ଟିବି ମୁକ୍ତ ଲକ୍ଷ୍ୟ ସାଧାନ ହୋଇପାରିବ ବୋଲି କୁହାଯାଇଥିଲା। ସ୍ଥାନକୁ ସଫାସୁତୁରା ରଖିବା, ବର୍ଷାପାଣିକୁ ଦୀର୍ଘଦିନ ପର୍ଯ୍ୟନ୍ତ ଜମିବାକୁ ନଦେବା, ଅଳିଆଆବର୍ଜନା, ପଚାସଢା, ନାଳନର୍ଦ୍ଦମା ଆଦି ସ୍ଥାନକୁ ସଫାସୁତୁରା କରିବା ଉପରେ ଗୁରୁତ୍ୱ ଦେବାକୁ ଆଶା, ଅଙ୍ଗନବାଡ଼ି କର୍ମୀ, ପଞ୍ଚାୟତର ଜନପ୍ରତିନଧିମାନଙ୍କୁ ପରାମର୍ଶ ଦିଆଯାଇଛି। ଏଦିଗରେ ସରକାରୀ ବିଧିବ୍ୟବସ୍ଥାରେ ଥିବା ଅର୍ଥ ଖର୍ଚ୍ଚ କରି ସଫେଇ କାର୍ଯ୍ୟ କରିବା ସହ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବଡରମ୍ପେଇ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ରଞ୍ଜିତା ଦାଶ ବୈଠକରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଏଏନଏମ ସାବିତ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଆଶାକର୍ମୀ ମମତା ମହାନ୍ତି, ଶ୍ରଦ୍ଧାଞ୍ଜଳି ପାଣି, ସୁଲୋଚନା ଦାସ, ଶାନ୍ତିଲତା ଦାସ, ଅଙ୍ଗନବାଡ଼ି କର୍ମୀ ନିରୁପମା କର, ଶାନ୍ତିଲତା ପଣ୍ଡା, ସଞ୍ଜୁକ୍ତା ସ୍ୱାଇଁ, ସବିତା ସାହୁ, ୱାର୍ଡ ସଭ୍ୟା ସୁକାନ୍ତି ସାହୁ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିକଶିତ ବାହାନ ଗଡ଼ିବାନେଇ ପ୍ରସ୍ତୁତି ବୈଠକ



**ବରୀ, ୧୦।୬(ସମିସ):** ବରୀ ବ୍ଲକ ପ୍ରଶାସନ ପକ୍ଷରୁ ବିକଶିତ ବାହନ ଗଡ଼ିବାନେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରୀବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ରରେ ଲୋକପ୍ରତିନିଧି ମାନଙ୍କର ପ୍ରମୁଖ ଭୂମିକା ରହିଛି। ଏକ୍ଷେତ୍ରରେ ସମସ୍ତଙ୍କର ସହଯୋଗ ରହିଲେ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି କହିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ଧାର୍ଯ୍ୟ ତାରିଖରେ ଏହି ବିକଶିତ ବାହାନ ନିଜ ପଞ୍ଚାୟତରେ ପହଞ୍ଚିବାପରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟାଙ୍କ ସମେତ ଅନ୍ୟ ଲୋକ ପ୍ରତିନିଧି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହେବାକୁ କହିଥିଲେ। ବିକଶିତ ବାହାନ ପ୍ରତ୍ୟେକ ଦିନ ୩ଟି ପଞ୍ଚାୟତରେ ପହଞ୍ଚିବ ଏବଂ ପ୍ରତି ପଞ୍ଚାୟତରେ ୨ ଘଣ୍ଟାର କାର୍ଯ୍ୟକ୍ରମ ରହିବ। ସେଠାରେ ବିଭିନ୍ନ ବିଭାଗର ଅଧିକାରିମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସୁବିଧା ସୁଯୋଗ ଉପଲବ୍ଧ କରାଇବେ। ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତାବଣ୍ଟନ, ଦିବ୍ୟାଙ୍ଗ ଉପକରଣ ବଣ୍ଟନ, ଆବାସ ଯୋଜନାରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ, ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀମାନଙ୍କୁ ରାସନ କାର୍ଡ ପ୍ରଦାନ, ଇ କେୱାଇସି କରିବା, ଆଧାର ସଂଶୋଧନ କରିବା ଭଳି କାର୍ଯ୍ୟ ଉକ୍ତ ଶିବିରରେ ଉପଲବ୍ଧ ରହିବ ବୋଲି ଜଣାପଡ଼ିଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ ସହିତ ପାଲା, ଦାସକାଠିଆ ଓ ଘୋଡ଼ାନାଚ ପରିବେଷଣ କରାଯାଇ ସରକାରଙ୍କ ଦ୍ୱାରା କରାଯାଉଥିବା ଲୋକାଭିମୁଖୀ କାର୍ଯ୍ୟ ବିଷୟରେ ସଚେତନତା ସୃଷ୍ଟି କରାଯିବ।

**ବରପୁତ୍ରଙ୍କ ନାମରେ ନାମିତ ୧୨୦ ବର୍ଷର ଶିକ୍ଷାନୁଷ୍ଠାନ**

# ଜରାଜୀର୍ଣ୍ଣ ଅବସ୍ଥାରେ ବ୍ରଜସୁନ୍ଦର ଉପ୍ରା ବିଦ୍ୟାଳୟ

**ପ୍ରୀତିପୁର, ୧୦।୬(ସମିସ)**

ରାଜ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବହୁ ପ୍ରାଚୀନ ୧୨୦ ବର୍ଷର ଶିକ୍ଷାନୁଷ୍ଠାନ ବିଂଝାରପୁର ନିକଟସ୍ଥ ସୟଦପୁର ବ୍ରଜସୁନ୍ଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଦ୍ୟାଳୟଟିର ଐତିହ୍ୟ ସତ୍ୟବାଦୀ ବନ ବିଦ୍ୟାଳୟଠାରୁ କମ ନଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଉତ୍କଳପ୍ରାଣ ବ୍ରଜସୁନ୍ଦରଙ୍କ ନାମରେ ନାମିତ ବିଦ୍ୟାଳୟଟି ୧୯୦୫ ମସିହାରେ ରଘୁନାଥପୁର ମୌଜାର ୧ ଏକର ୮୦ ଡିସିମିଲ ଜମି ଉପରେ ନିର୍ମାଣ କରାଯାଇଥିଲା। ଓଡ଼ିଶାର ସ୍ୱନାମଧନ୍ୟ ଗାନ୍ଧିବାଦୀ ଚିନ୍ତାମଣୀ ଗୁରୁଜୀ ନିଜେ ମୁଣ୍ଡଝାଳ ତୁଣ୍ଡରେ ମାରି ଏହି ବିଦ୍ୟାଳୟର ଢାଞ୍ଚାକୁ ମୌଳିକ ଆଦର୍ଶ ବିଦ୍ୟାଳୟରେ ପରିଣତ କରିଥିଲେ। ଏଠାରେ ତାଙ୍କ ଉଦ୍ୟମରେ ହଷ୍ଟେଲ ମଧ୍ୟ ନିର୍ମାଣ କରିଥିଲେ। ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଉପରେ ୧୯୪୭ରେ ମାଇନର ସ୍କୁଲ, ୧୯୫୬ରେ ପାଶ୍ୱବର୍ତ୍ତି ଆଉ ୫ ଏକର ଜମିରେ ହାଇସ୍କୁଲ ଗଠିତ ହୋଇଥିଲା। ଏବେ ହାଇସ୍କୁଲଟି ସରକାରୀ ହୋଇଯାଇଥିବା ବେଳେ



ମୂଳଭିତ୍ତିଭୂମି ପ୍ରାଥମିକ ବିଦ୍ୟାଳୟଟି ସଙ୍କୁଚିତ ହୋଇ ଅତିଦୟନୀୟ ଅବସ୍ଥାକୁ ଚାଲିଆସିଛି। ଏହି ବିଦ୍ୟାଳୟଟି ତାର ପୂର୍ବ ଜମି ୧ ଏକର ୮୦ ଡେସିମିଲରୁ କିଛି ହରାଇଛି। ଏବେ ୩ ଶହରୁ ୪ ଶହ ପିଲା ନାମ ଲେଖାଇ ଶ୍ରେଣୀ ଗୃହ ଅଭାବରୁ ସ୍କୁଲକୁ ଆସୁନାହାନ୍ତି। ଶ୍ରେଣୀ ଗୃହର ଅଭାବ ଥିବା ସାଙ୍ଗକୁ ଚାରିଆଡ଼େ ଲତାବୁଦା ଉଠି ବଣ ଜଙ୍ଗଲରେ ପରିଣତ ହେଲାଣି। ପାଠପଢ଼ା ଗୃହରେ କବାଟ ଝରକା ନାହିଁ। ବିଦ୍ୟାଳୟର ଶୌଚାଳୟ ଭାଙ୍ଗିଗଲାଣି। ଅସରାଏ ବର୍ଷାରେ ବିଦ୍ୟାଳୟରେ ପାଣି ଭର୍ତ୍ତି ହେବାସହ ଚାରିଆଡ଼େ କାଦୁଅ। ପିଇବା ପାଣିର ଅଭାବ ଏବଂ ହାଇସ୍କୁଲର ଚାପରେ ବିଦ୍ୟାଳୟର ପରିସର ଅତି ସଙ୍କୁଚିତ ହୋଇଯାଇଛି। ଏହି ବିଦ୍ୟାଳୟଟି ୧୨୦ ବର୍ଷରେ ପହଞ୍ଚିଥିଲେ ବି ଏହାର ଶତବାର୍ଷିକୀ ପାଳନ ହୋଇନାହିଁ। ସ୍ଥାନ ଅଭାବରୁ ବାର୍ଷିକୋତ୍ସବ ମଧ୍ୟ ହେଉନାହିଁ। ପିଲାଙ୍କ ପାଇଁ ପାଠ୍ୟ ସାମଗ୍ରୀ, ଖେଳ ଏ ସବୁର କୌଣସି ବ୍ୟବସ୍ଥା ନାହିଁ।

ହାଇସ୍କୁଲ ମଧ୍ୟାହ୍ନ ଭୋଜନ ରୋଷେଇ କଲାବେଳେ ପିଲାଙ୍କ ଶ୍ରେଣୀ ଗୃହ ଧୂଆଁରେ ଭର୍ତ୍ତି ହୋଇଯାଉଛି।

- **ଶ୍ରେଣୀ ଗୃହ ଅଭାବରୁ ସ୍କୁଲ ଆସୁନାହାନ୍ତି ଛାତ୍ରଛାତ୍ରୀ**
- **ଅସରାଏ ବର୍ଷା ହେଲେ ସ୍ଥିତି ବେହାଲ**

ଏଭଳି ଦୟନୀୟ ପରିସ୍ଥିତି ବୋଧହୁଏ ଓଡ଼ିଶାର କୌଣସି ବିଦ୍ୟାଳୟରେ ଦେଖାଯାଉ ନଥିବା କଥା ପୁରାତନ ଛାତ୍ର ହରେକୃଷ୍ଣ ପଣ୍ଡା କହିଛନ୍ତି। ଆହୁରି ମଧ୍ୟ ସେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ବିଦ୍ୟାଳୟ ରେକର୍ଡରେ ଥିବା ୧ ଏକର ୮୦ ଡେସିମିଲ ଜମି ଏବଂ ପୂର୍ବ ଶ୍ରେଣୀ ଘରକୁ ହାଇସ୍କୁଲ ଦଖଲରେ ରଖି ମୂଳଭିତ୍ତିଭୂମିକୁ ନଷ୍ଟ କରିବାକୁ ବସିଥିବା ବେଳେ ବ୍ଲକର ବିଇଓ, ଜିଲ୍ଲାର ଡିଇଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ନୀରବ କାହିଁକି? ତାହା ଜିଲ୍ଲାପାଳ ଏହି କ୍ଷେତ୍ରରେ ପହଞ୍ଚି ଅନୁଧ୍ୟାନ କରିବାକୁ ସେ ନିବେଦନ କରିଛନ୍ତି।

# ନିଶା ଇଞ୍ଜେକସନ୍ କାରବାର, ୫ ଗିରଫ



ଜୟପୁର, ୧୦।୬(ସମିସ):

ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ବେଆଇନ ନିଶା ଇଞ୍ଜେକସନ କାରବାର ଏବଂ ସେବନ ଅଭିଯୋଗରେ ୫ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସୁନବେଢା ଥାନା ଭେଜିପୁଟ ସତସଙ୍ଗ କୋଲନୀର ସଞ୍ଜୟ ଜେନା (୩୪) ଏବଂ ଟାଉନ୍‌ସିପର ଅନୁଭବ ପ୍ରଧାନ (୨୫), ସେମିଲିଗୁଡା ଥାନା ମୀନାର କ୍ୟାମ୍ପର ରାସ୍ତାର ତ୍ରିନାଥ କାରବା (୩୫), ସ୍ଥାନୀୟ ଡଙ୍ଗାଗୁଡାର ରାମ ହରିଜନ (୩୪), ଆଦର୍ଶ ନଗରର ରାକେଶ ପଟ୍ଟନାୟକ (୨୧)। ସେମାନଙ୍କ ନିକଟରୁ ୫୧୩ଟି ଇଞ୍ଜେକସନ ବୋତଲ, ଗୋଟିଏ କାର (ଓଡି ୧୦ ୱାଇ-୫୪୭୬), ୫ଟି ମୋବାଇଲ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତି ୯ଟା ୩୫ ମିନିଟ ସମୟରେ ସ୍ଥାନୀୟ ଗାନ୍ଧୀଛକ ପାର୍ଶ୍ୱବର୍ତ୍ତି ମୁଖ୍ୟ କେନାଲ ରାସ୍ତାର ହୋଟେଲ ସନ୍ଧ୍ୟା ନିକଟରେ କିଛି ଯୁବକ ଜମା ହୋଇ ବେଆଇନ ଇଞ୍ଜେକସନ କାରବାର କିମ୍ବା ବ୍ୟବହାର ହେଉଥିବା ନେଇ ଟାଉନଥାନା ପୁଲିସର ପାଟ୍ରୋଲିଂ ଗାଡି ସୂଚନା ପାଇବା ପରେ ଏସ୍‌ଆଇ ଗୋବିନ୍ଦ ଚନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ୫ଜଣଙ୍କୁ କାବୁ କରିବା ସହ ଉପରୋକ୍ତ ସାମଗ୍ରୀ ଜବତ କରିଥିଲେ। ଏହିପରି ଟାଉନ ଥାନାକୁ ଅଣାଯାଇ ପଚରାଉଚରା କରାଯାଇଥିଲା ଏବଂ ଅଭିଯୁକ୍ତ ମାନେ ଏହି ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବା ଜଣାପଡିବା ପରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରତିକାନ୍ତ ମହାକୁର ଅଧିକ ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ବଜ୍ରପାତରେ ୧୬ ଛେଳି ମୃତ



ବନ୍ଧୁଗାଁ, ୧୦।୫ (ଇମିସ):

ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ଅଧିନସ୍ଥ ସାନମାଥୁର ଗାଁରେ ବଜ୍ରାଘାତ ହେବାରୁ ୧୬ ଛେଳି ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ଆଜି ସକାଳ ୮ ଘଣ୍ଟା ସମୟରେ ଆକାଶରେ କଳାମେଘ ଛାଇ ହୋଇ ସାନମାଥୁର ଗାଁରେ ଘଡଘଡି ସହିତ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ତାଉଡୁ ପିଡ଼ିକାର ୧୦ ଟି ଛେଳି, ତାମାନା ପିଡିକାର ୫ ଟି ଛେଳି ଓ ସମୁଲୁ କେଣ୍ଡୁକାଙ୍କ ୧ ଟି ଛେଳି ଗାଁ ପାଖ ଜଙ୍ଗଲକୁ ଛେଳି ଚରାଳି ଛେଳି ଗୁଡ଼ିକୁ ନେଇ ଥିଲେ। ପ୍ରବଳ ବର୍ଷା ହେବାରୁ ଛେଳି ଗୁଡିକ ଜଙ୍ଗଲ ଭିତରେ ଥିବା ଏକ ତେନ୍ତୁଳି ଗଛ ମୂଳରେ ରହି ଥିଲେ। ଗଛ ନିକଟରେ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ହିଁ ୧୬ଟି ଛେଳିର ମୃତ୍ୟୁ ହୋଇ ଯାଇଥିଲା। ଏ ନେଇ ତାଉଡୁ, ତାମାନା ଓ ସମୂଲୁ ଜାଣିବା ପରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମୁକ୍ତିକାନ୍ତ ସେଠୀ ଓ ଦୁଇ ଜଣ ଏଲଏସି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଗରିବ ଆଦିବାସୀ ପରିବାର ପାଖରେ ଜଙ୍ଗଲ ଥିବାରୁ ଛେଳି ପାଳନ କରି କିଛି ଟଙ୍କା ରୋଜଗାର କରିଥାନ୍ତି। ଗୋଟିଏ ଛେଳି ବିକ୍ରି କଲେ ୧୦ ହଜାର ଟଙ୍କାରୁ ଅଧିକ ଟଙ୍କା ହୋଇଥାଏ। ଏଣୁ ୧୬ ଟି ଛେଳିର ଆନୁମାନିକ ମୂଲ୍ୟ ୧୬୦୦୦୦ଟଙ୍କା ହୋଇଥିବାରୁ ତିନି ଜଣ ପରିବାର ଭାଙ୍ଗି ପଡିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲ ଦାର ଶ୍ରୀମତୀ ସୋନାଲି ପାତ୍ରଙ୍କୁ ଯୋଗାଯୋଗ କରିବାରୁ ବ୍ଲକ ପ୍ରଣିଧାନ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଛି। ପ୍ରାଣୀ ଚିକିତ୍ସା ଅଧିକାରୀ ମୃତ ଛେଳିର ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ଦାଖଲ କରିବା ପରେ ଜିଲ୍ଲା କାର୍ଯ୍ୟାଳୟକୁ ପଠାଯିବ। ଏହା ପରେ ନିୟମ ଅନୁଯାୟୀ ସହାୟତା ରାଶି ମିଳିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସାହିତ୍ୟ ଆସର



କୋରାପୁଟ,୧୦।୬(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଶାବର ଶ୍ରୀକ୍ଷେତ୍ର ଶାଖା, କୋରାପୁଟର ସାହିତ୍ୟ ଆସର ସଭାପତି ବିଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ କୋଟସ୍ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାନ୍ତ ସଂପାଦକ ରାମକୃଷ୍ଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ଦେବୀ ପ୍ରସାଦ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଅନୁବାଦ ସାହିତ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତ୍ରିପାଠୀ ପରିଷଦର ମୁଖ୍ୟ ଆଭିମୁଖ୍ୟ, ସାହିତ୍ୟରେ ରାଷ୍ଟ୍ରବାଦ ଓ ସାହିତ୍ୟିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣେଶ ପ୍ରସାଦ ସାହୁ,କିଶୋର ଚନ୍ଦ୍ର ବେହେରା, ମହେଶ୍ୱତା ତ୍ରିପାଠୀ, ଆରତୀ ସାମନ୍ତରାୟ,ସିଦ୍ଧାର୍ଥ ଶଙ୍କର ମହାପାତ୍ର, ରତିକାନ୍ତ ଦାସ, ପ୍ରତିମା ମହାରଣା, ସୌଦାମିନୀ ପାତ୍ର, ଧରଣୀଧର ରଣା , ବିଜୟ କୁମାର ବେବର୍ତ୍ତା ଯୋଗଦେଇ ସାହିତ୍ୟ ଆଲୋଚନା, ନିଜର ସାହିତ୍ୟ ସର୍ଜନର ଅଭିଜ୍ଞତା, କବିତା ପାଠରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅରୁଣ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ



ବନ୍ଧୁଗାଁ, ୧୦।୬ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା ଅଣ୍ଟାମଡା ଗ୍ରାମରେ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ବିବାଦ ହେବାରୁ ଏକ ନିର୍ଦ୍ଦିଷ୍ଟ ଧର୍ମର ୪ ପରିବାରର ଲୋକଙ୍କୁ ଘର ଛାଡ଼ିବାକୁ ପଡ଼ିଛି। ଧର୍ମାନ୍ତରୀକରଣକୁ ନେଇ ଏହି ବିବାଦ ହୋଇଥିବା କୁହାଯାଉଛି। ଏଡି ୪ ପରିବାର ଏବେ ଜଙ୍ଗଲରେ ଲୁଚି ରହି ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ଘରକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଖବର ଲେଖା ହେବା ସୁଧା ଘଟଣା ସମ୍ପର୍କିତ କୋଣସି ଅଭିଯୋଗ ବନ୍ଧୁଗାଁ ଥାନାରେ ପହଞ୍ଚି ନଥିବା ଜଣାପଡିଛି।

# ବିଧାୟକଙ୍କ ରାଜପୁତ ପଞ୍ଚାୟତ ଗସ୍ତ



ସେମିଲିଗୁଡ଼ା, ୧୦।୬ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ବ୍ଲକର ରାଜପୁତ ପଞ୍ଚାୟତ ରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ୍ ମଙ୍ଗଳବାର ସନ୍ଧ୍ୟାରେ ଗସ୍ତ କରିଛନ୍ତି। ବିଧାୟକଙ୍କୁ ପଞ୍ଚାୟତବାସୀ ଉପସ୍ଥିତ ରହି ବାଦ୍ୟ ଯନ୍ତ୍ର ତାଳେତାଳେ ନାଚ ଗୀତ କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍‌ତି। ପରେ ପଞ୍ଚାୟତି କାର୍ଯ୍ୟାଳୟ ଠାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ନିତିଦିନିଆ ଜୀବନରେ ଜନସାଧାରଣ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକ ବିଷୟରେ ଅବଗତ ହୋଇଥିଲେ। ସେଗୁଡ଼ିକର ଯଥାଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଜଗତରାଇ ଖିନିବୁଡି ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ, ଜିଲ୍ଲା ପରିଷଦ ଜୋନ ଏକ ଜୋଷଧା ଖିଲ ଜୋନ ଦୁଇ ଜିଲ୍ଲା ପରିଷଦ ସଦସ୍ୟ ମହନ ଜାନି ,ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ,ସରପଞ୍ଚ ପିତାମ୍ବର କିର୍ଷଣି, ସମସ୍ତ ନିର୍ବାଚିତ ଜନ ପ୍ରତିନିଧି,ବିଭାଗୀୟ ଅଧିକାରୀଙ୍କ ସହ ଲୋକ ଯୋଗ ଦେଇଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ

ନନ୍ଦାହାଣ୍ଡି, ୧୦।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ଛଅ ଗୋଟି ସ୍ଥାନରେ ବିକଶିତ କୃଷି ସଂକଳ୍ପ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। କୃଷି ସମ୍ବନ୍ଧୀୟ କୃଷକମାନଙ୍କ ସହ ସିଧା ବୈଜ୍ଞାନିକଙ୍କ ବାର୍ତ୍ତାଳାପ ଏହି ଅଭିଯାନର ମୂଳ ଲକ୍ଷ୍ୟ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ସହାୟତା ସମ୍ପର୍କରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଜୈବିକ ପଦ୍ଧତିର ଚାଷ କଲେ ନିଜେ ଚାଷୀ, ପରିବେଶ ଓ ଭବିଷ୍ୟତ ପିଢ଼ି ମଧ୍ୟ ସୁରକ୍ଷିତ ରହିବେ ବୋଲି ଅତିଥିମାନେ ଉପଦେଶ ଦେଇଥିଲେ। ମେଣ୍ଟ୍ରି ଓ ଧଣ୍ଡରା ପଞ୍ଚାୟତ ମିଳିତ ଭାବେ ମେଣ୍ଟ୍ରୀ ନିକଟ ପୋଖରୀୟା ଡୋଟାରେ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଝାଡବନ୍ଧଗୁଡା ପଞ୍ଚାୟତର ଘାଟଗୁଡ଼ା, ଡଙ୍ଗରଭେଜା ପଞ୍ଚାୟତର ସରୁଗୁଡ଼ା, ବି. ମାଳୀଗୁଡା ପଞ୍ଚାୟତର ପାଇକମିନଗୁଡ଼ି, ଏବଂ ସିନ୍ଧିଗୁଡା ଓ ନନ୍ଦାହାଣ୍ଡିରେ ବୈଠକମାନ ଅନୁଷ୍ଠିତ ହୋଇଯାଇଛି। ମେଣ୍ଟ୍ରୀ ଓ ନନ୍ଦାହାଣ୍ଡିରେ ସହକାରୀ କୃଷି ଅଧିକାରୀ ଅମିତ୍ କୁମାର ମଲ୍ଲିକ ଓ ବୈଜ୍ଞାନିକ ରୁଦ୍ର ପ୍ରସାଦ ମହାଲିକ ଯୋଗ ଦେଇଥିଲେ। ମେଣ୍ଟ୍ରିରେ ମୁଖ୍ୟ ଅତିଥି ଭାବେ ମେଣ୍ଟ୍ରୀ ସରପଞ୍ଚ ବେବି ମାଝୀ, ଧଣ୍ଡରା ସରପଞ୍ଚ ଚଇତି ଜାନୀ, ସମିତି ସଭ୍ୟା ସଙ୍ଗୀତା ନାୟକ, ବିଧାୟକ ପ୍ରତିନିଧି ରୂପେ ଭାବଗ୍ରାହୀ ?ନ୍ୟୋ ସାମିଲ ହୋଇଥିଲେ। ଝାଡ଼ବନ୍ଧଗୁଡା ଓ ସିନ୍ଧିଗୁଡାରେ ନବରଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ଅନିଲ କୁମାର ପ୍ରହରାଜ, ବରିଷ୍ଠ ବୈଜ୍ଞାନିକ ଶଶାଙ୍କ ଲେଙ୍କା ଓ କୃଷି ଇଞ୍ଜିନିୟର ସ୍ୱାଗତିକା ମଲ୍ଲିକ ଯୋଗ ଦେଇଥିଲେ। ଡଙ୍ଗର ଭେଜା ଓ ବି.ମାଳିଗୁଡାରେ ପାପଡ଼ାହାଣ୍ଡି କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ୍ ସାହୁ , ବୈଜ୍ଞାନିକ ପରିତୋଷ ମୁର୍ମୁ ଓ ବୈଜ୍ଞାନିକ ନୀତିଶ କୁମାର ଚନ୍ଦନ ପ୍ରଶିକ୍ଷଣ ଓ ସିଧା ବାର୍ତ୍ତାଳାପ କରିଥିଲେ। ପ୍ରତ୍ୟେକ ବୈଠକରେ ଶତାଧିକ ଚାଷୀ ଭାଗ ନେବା ସହ କିଛି ନୂତନ ଜ୍ଞାନ କୌଶଳ ଶିଖିବାକୁ ମିଳିଥିଲା ବୋଲି ଖୁସି ପ୍ରକଟ କରିଥିଲେ।

# ୧୨ରେ ହେବ ବିକାଶ ମେଳା; ଚାଲିବ ସଫେଇ କାର୍ଯ୍ୟ



କୋରାପୁଟ,୧୦।୬(ସମିସ): ଆସନ୍ତା ୧୨ ତାରିଖରୁ ସ୍ଥାନୀୟ ପୁଲିସ ପଡ଼ିଆ ଠାରେ ବିକାଶ ମେଳା ଅନୁଷ୍ଠିତ ହେବ ବୋଲି କୋରାପୁଟ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନ କହିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଏକ ବର୍ଷପୂର୍ତ୍ତି ଉପଲକ୍ଷେ କୋରାପୁଟ ଜିଲ୍ଲାରେ ମହାସମାରୋହରେ ବିକାଶ ମେଳା ସହିତ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକେ କିପରି ଜାଣିପାରିବେ ଓ ଏହାର ଉପଯୋଗ କରିପାରିବେ ଏହାର ମୁଖ୍ୟ ଉଦେଶ୍ୟ ବୋଲି ସେ କହିଛନ୍ତି। ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ତଥା ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ଓରମାସ୍ ଆନୁକୁଲ୍ୟରେ ବିକାଶ ମେଳା ଏବଂ ଷ୍ଟଲ୍ ଲାଗିବ। ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ପାରମ୍ପରିକ ଖାଦ୍ୟ ଷ୍ଟଲ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଉତ୍ସବରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏକ ମାସ ଧରି ଜିଲ୍ଲାରେ ଏକ ମେଗା ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀଭାସନ କହିଛନ୍ତି। ପ୍ରଥମ ଦିନ ଏକ ବିକାଶ ବାହାନ ରଥ ବାହାରି ସବୁ ବ୍ଲକ କୁ ବୁଲି ପ୍ରଚାର କରିବ ଓ ଏକ ପେଡ ମା କା ନାମ ରେ ଗଛ ଲଗାଯିବ ବୋଲି ସେ କହିଛନ୍ତି। ଆଜିର ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସହ କିଛି ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାଜପଲମା ପଞ୍ଚାୟତରେ ବିଧାୟକଙ୍କ ସମୀକ୍ଷା ବୈଠକ



ସେମିଲିଗଡ଼ା, ୧୦।୬ (ସମିସ):

କୋରାପୁଟ ଜିଲ୍ଲାର ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ୍ ମଙ୍ଗଳବାର ସେମିଲିଗୁଡ଼ା ବ୍ଲକର ରାଜପଲମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସମୀକ୍ଷା ବୈଠକ କରି ବିଭିନ୍ନ ବିଭାଗ କାର୍ଯ୍ୟ ତଦାରଖ କରିଥିଲେ। ବ୍ଲକ ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକ ଓ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକ ଶୁଣି ସେଗୁଡ଼ିକର ଆଶୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ବିଧାୟକଙ୍କ ପ୍ରତିନିଧି ମହେଶ୍ୱର ଖିଲ, ସେମିଳିଗୁଡା ବ୍ଲକ୍ କଂଗ୍ରେସ ସଭାପତି ସୋନିଆ ମାଝୀ, ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ସେମିଳିଗୁଡା ବ୍ଲକ ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ, ସମସ୍ତେ ଲାଇନ୍ ବିଭାଗ ଅଧିକାରୀ, କର୍ମଚାରୀମାନେ ଯୋଗ ଦେଇଥିଲେ। ପଞ୍ଚାୟତ ଗସ୍ତ ବେଳେ ବିଧାୟକ କାଡ଼ାମ୍ ଙ୍କ ପାଇଁ ସମାରୋହ ଅନୁଷ୍ଠିତ ହୋଇଛି। ପରେ ବିଧାୟକ କାଡାମ୍ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ।

# ଆନ୍ଥ୍ରାକ୍ସ ବିଲୋପ ପାଇଁ ସ୍ୱାସ୍ଥ୍ୟ ପଦ୍ଧତି କାର୍ଯ୍ୟକ୍ରମ



କୋରାପୁଟ,୧୦।୬ (ସମିସ): କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଲେକ୍‌ଚର ଥିଏଟର ଠାରେ ଆନ୍ଥ୍ରାକ୍ସ ବିଲୋପ ପାଇଁ ୩ ଦିନିଆ ସ୍ୱାସ୍ଥ୍ୟ ପଦ୍ଧତି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଇସିଏମଆର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଡିନ୍ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର,ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା, ଏଡିପିଏଚଓ ଡାକ୍ତର ଶିବ ସାଇ ସ୍ୱରୂପ, ଆଞ୍ଚଳିକ ଚିକିତ୍ସା ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ଡ. ଦେବଦତ୍ତ ଭଟ୍ଟାଚାର୍ଯ୍ୟ, ଏମଏସ ସ୍ୱାମୀନାଥାନ ଗବେଷଣା ପ୍ରତିଷ୍ଠାନର ଡ. ପ୍ରଶାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ,ପ୍ରାଣୀ ଏବଂ ବନ ବିଭାଗର ମିଳିତ ସହଯୋଗରେ ଆନ୍ଥ୍ରାକ୍ସ ମୁକ୍ତ କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଆଇସିଏମଆର ଅତିରିକ୍ତ ନିର୍ଦ୍ଦେଶକ ଏବଂ ଆଇସିଏମଆର-ଆରଏମଆରସିର ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି ଭର୍ଚୁଆଲ୍ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଜେନେଟିକ୍ ରୋଗଜନିତ ଆନ୍ଥ୍ରାକ୍ସ ରୋଗକୁ ରୋକିବା ଏବଂ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱାସ୍ଥ୍ୟ ପଦ୍ଧତି ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଜ୍ଞାନିକ-ଇ ଦେବଦତ୍ତ ଭଟ୍ଟାଚାର୍ଯ୍ୟ ଆନ୍ଥ୍ରାକ୍ସ ସଂକ୍ରମଣକୁ ରୋକିବା ପାଇଁ ଏକ ମିଶନ-ମୋଡ୍ ରେ ମାଗଣା ପଶୁପାଳନ ଟୀକାକରଣ ଅଭିଯାନ ଆରମ୍ଭ କରିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଏମଆର ର ଡ. ହରପ୍ରୀତ କୌର, ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ପ୍ରମିଳା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାରେ ୪ଲକ୍ଷ ଗୋ ସମ୍ପଦ ରହିଛି,ବିଗତ ଦିନ ମାନଙ୍କରେ ନାରାୟଣପାଟଣା ଓ ବନ୍ଧୁଗାଁ ଭଳି କିଛି ବ୍ଲକରେ ଆନ୍ଥ୍ରାକ୍ସ ରୋଗ ଥିଲା କିନ୍ତୁ ବର୍ତ୍ତମାନ ଜିଲ୍ଲାରେ ଏହି ରୋଗ ସଂପୂର୍ଣ୍ଣ ବିଲୋପ ହୋଇଯାଇଛି ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା କହିଛନ୍ତି।

# ଟେବୁଲ ଟପ୍ ଏକ୍ସରସାଇଜ୍ , ମକ୍ ଡ୍ରିଲ୍ ପ୍ରସ୍ତୁତି ବୈଠକ



ନବରଙ୍ଗପୁର ୧୦।୬ (ସମିସ) :

ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଙ୍କ ଅଧ୍ୟକ୍ଷତାରେ ଟେବୁଲ ଟପ୍ ଏକ୍ସର ସାଇଜ ଏବଂ ମକ୍‌ଡ୍ରିଲ ନିମନ୍ତେ ପ୍ରସ୍ତୁତି ବୈଠକ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ ଟେବୁଲ ଟପ ଏକସର ସାଇଜ ଏବଂ ଉଣେଇଶି ତାରିଖ ରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରକଳ୍ପ ପ୍ରଶାସକ,ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ଜିଲ୍ଲା ନବରଙ୍ଗପୁର ରାଜୀବ କୁମାର ସାହୁ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନବରଙ୍ଗପୁର, ଜିଲ୍ଲା ଅତିରିକ୍ତ କୃଷି ଅଧିକାରୀ, ନବରଙ୍ଗପୁର ପ୍ରଣୟ କୁମାର ମନ୍ତ୍ରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ନିର୍ବାହୀ ଅଧିକାରୀ ପୌରାଞ୍ଚଳ ନବରଙ୍ଗପୁର ଡଃ ଅଶୋକ କୁମାର କର୍ଣ୍ଣ, ଉମରକୋଟର ଆଲୋକ କୁମାର ଅନୁଗୁଳିଆ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ପ୍ରାଣୀ ଧନ ଚିକିତ୍ସା ଅଧିକାରୀ, ନବରଙ୍ଗପୁର ଡଃ ପ୍ରଶାନ୍ତ କୁମାର ସାମଲ, ଜିଲ୍ଲା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ନବରଙ୍ଗପୁର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲ୍ଲା ଜରୁରୀକାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଉପ ଖଣ୍ଡିୟ ଆରକ୍ଷୀ ଅଧିକ୍ଷକ ବିନୋଦ ଲାକ୍ରା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ସମ୍ପାଦକ, ଅଗ୍ନିଶ୍ରମ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ସ୍ୱାସ୍ଥ୍ୟ ବିଭାଗ, ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମା' ବୁଢ଼ୀ ଠାକୁରାଣୀଙ୍କ ଘଣ୍ଟ ଯାତ୍ରା



ପାପଡାହାଣ୍ଡି, ୧୦।୬ (ସମିସ):

ପାପଡ଼ା ହାଣ୍ଡି ବ୍ଲକ୍ ସଦର ମହକୁମା ଠାରେ ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ନବଦିନ ବ୍ୟାପି ଘଣ୍ଟ ଯାତ୍ରା ଆଜି ଉଦ୍‌ଯାପିତ ହୋଇଯାଇଛି। ସମସ୍ତ ଅଞ୍ଚଳରେ ଚୈତ୍ର ମାସରେ ଠାକୁରାଣୀ ଯାତ୍ରା ହେଉଥିବା ବେଳେ ପାପଡ଼ାହାଣ୍ଡି ଠାରେ ଜ୍ୟେଷ୍ଠ ମାସରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପୂର୍ବରୁ ମାନ୍ୟତା ଅଛି, ପାପଡ଼ା ହାଣ୍ଡି ଘଣ୍ଟ ଯାତ୍ରା ପର ଦିନ ଠାରୁ ଅଞ୍ଚଳରେ ବର୍ଷାର ଆଗମନ ହୋଇଥାଏ ଏବଂ ଅଞ୍ଚଳର ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହି ଯାତ୍ରା ଜୁନ୍ ୨ରୁ ସୋମବାରରୁ ଆରମ୍ଭ ହୋଇ ୧୦ ତାରିଖ ମଙ୍ଗଳବାର ଶେଷ ହୋଇଛି। ଦିନସାରା ଝିପି ଝିପି ବର୍ଷା ସତ୍ତ୍ୱେ ଏହି ଯାତ୍ରାରେ ପ୍ରାୟ ତିନିରୁ ଚାରି ହଜାର ଶ୍ରଦ୍ଧାଳୁଙ୍କ ଜନ ସମାଗମ ହୋଇଥିଲା। ଏହିଘଣ୍ଟ ଯାତ୍ରା ପାଇଁ ମନ୍ଦିର ଠାରୁ ପୁରା ଗ୍ରାମରେ ଭଳିକି ଭଳି ଆଲୋକ ମାଳା ସହିତ ସୁଉଚ୍ଚ ତୋରଣ ଏବଂ ରାସ୍ତାରେ ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଲାଇଟ ବୋର୍ଡ ଲାଗିଛି। ପ୍ରତ୍ୟେକ ଦିନ ଅପରାହ୍ନ ସମୟରୁ ମା'ଙ୍କୁ ବାଜାବାଜଣା, ପାରମ୍ପରିକ ନୃତ୍ୟ, ବିଭିନ୍ନ ପ୍ରକାର ଆତସବାଜି ସହିତ ଏକ ବିରାଟ ପଟୁଆରରେ ମା'ବୁଢ଼ୀ ଠାକୁରାଣୀ ବିଭିନ୍ନ ଗ୍ରାମ ପରିକ୍ରମାରେ ବାହାରି ଥିବା ବେଳେ ରାସ୍ତା ଦୁଇ କଡ଼ରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଥିଲା। ଦୀର୍ଘ ନଅଦିନ ଧରି ଚାଲିଥିବା ଏହି ଘଣ୍ଟ ଯାତ୍ରା ଆଜି ଶେଷ ଦିନରେ ଗ୍ରାମରେ ବିଭିନ୍ନ ସାହି ପରିକ୍ରମା କରି ପାପଡାହାଣ୍ଡି ନିକଟ ମାଝିଗୁଡା ଗ୍ରାମରେ ପୂଜା ପାଉଥିବା ମା ବୁଢ଼ୀ ଠାକୁରାଣୀଙ୍କ ଭଉଣୀଙ୍କ ମନ୍ଦିର ପହଞ୍ଚିବା ପରେ ପାରମ୍ପରିକ ପୂଜାର୍ଚ୍ଚନା କରିବା ପରେ ମାଙ୍କ କଣ୍ଟା ଦୋଳିରେ ଝୁଲିବା, କଣ୍ଟା ର ଚାବୁକ ରେ ଦେହରେ ଆଘାତ ଦେବା, ଆଖ ପାଖ ମନ୍ଦିରରୁ ଆସିଥିବା ଲାଠି, କୁରଟୀ, ମୁଦ୍ରା ଆଦି ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ଏହି ଠାରେ ଠାକୁରାଣୀ ପୋଖରୀ ଠାରେ ଘଣ୍ଟ ବିସର୍ଜନ ସହିତ ଯାତ୍ରା ଉଯାପିତ ହୋଇଥିଲା, ଲୋକଙ୍କ ପାଇଁ ଆଜି ମାଝୀଗୁଡା ଠାରେ ଯାତ୍ରା ବଜାର ବସିଛି ଏଠାରେ ବିଭିନ୍ନ ପ୍ରକାର ମିଠା ,ଖେଳନା,ଘରକରୋଣା ସାମଗ୍ରୀ , ଚିକେନ ପକୋଡା ଦୋକାନ, ଆଦିର ପସରା ଥିବା ବେଳେ ଲୋକଙ୍କ ମନୋରଞ୍ଜନ ପାଇଁ ଆଜି ରାତିରେ ୨ଗୋଟି ଅଦିବାସୀ ନାଟକ ପରିବେଷଣ ସହିତ ଯୁବପିଢିଙ୍କ ପାଇଁ ମେଲୋଡିର କାର୍ଯ୍ୟକ୍ରମ ଥିବା ଯାତ୍ରା ଆୟୋଜୋକ କମିଟି ପ୍ରକାଶ କରିଛି। ଯାତ୍ରାର ସୁପରିଚାଳନାରେ ବ୍ଲକ୍ ଉପଧକ୍ଷ ସୁଶାନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ଜଗନମୋହନ ରାଓ, ଜି ଅନନ୍ତ ମୂର୍ତ୍ତି, ପୂର୍ବତନ ବ୍ଲକ ଉପାଧକ୍ଷ ତ୍ରିନାଥ ପ୍ରଧାନ, ସରପଞ୍ଚ ଚନ୍ଦ୍ରଶେଖର ମାଝି, ଗୁପ୍ତେଶ୍ୱର ପାଇକ, ଅଜୟ ବିଶୋଇ, ଗଙ୍ଗାଧର ନାୟକ, ବାସୁଦେବ ନାୟକ, ଅଲେଖ ବେହେରା, ପ୍ରସାଦ ନାୟକ, ଯତୀନ ନାୟକ, ତ୍ରିନାଥ ମାଝୀ, ମନ ନାୟକଙ୍କ ସହିତ ଅନେକ ଯୁବକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଠାକୁରାଣୀ ଯାତ୍ରା ପାଇଁ ପାପଡାହାଣ୍ଡିରେ ମିନବଜାର ମଧ୍ୟ ଆସିଛି। ସନ୍ଧ୍ୟା ସମୟରେ ଏଠାରେ ବିଭିନ୍ନ ପ୍ରକାର ଦୋକାନରେ ଗହଳି ଏବଂ ବିଭିନ୍ନ ପ୍ରକାର ଦୋଳି ଝୁଲିବାକୁ ଗ୍ରାମବାସୀ ସହିତ ଅଖପାଖ ଗ୍ରାମରୁ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି।

ସକାଳ THE SAKALA



## ବାରିପଦାରେ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ଶିଳାନ୍ୟାସକୁ ୨ ବର୍ଷ ପୂରିବ

# ହୋଇପାରୁନି ସ୍ଥାନ ନିରୂପଣ; ରାସ୍ତାରେ ପାର୍କିଂ

ବାରିପଦା, ୧୦।୬ (ସମିସ)



ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରରେ ନୂତନ ଆନ୍ତଃ ରାଜ୍ୟ (ଟାଇପ-ଏ) ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ୨ ବର୍ଷ ପୂରିବାକୁ ଯାଉଛି। ଏହାର ନିର୍ମାଣ କାର୍ଯ୍ୟ ଦୂରେ ଥାଉ ସ୍ଥାନ ନିରୂପଣ କାର୍ଯ୍ୟ ଶେଷ ହୋଇପାରୁନି। ଫଳରେ ବର୍ତ୍ତମାନ ବାରିପଦା ସହରର ୪/୫ଟି ଅଘୋଷିତ ସ୍ଥାନ ବସଷ୍ଟାଣ୍ଡ ସାଜିଛି। ରାସ୍ତା କଡରେ ବସଗୁଡିକ ଦୀର୍ଘ ସମୟ ଧରି ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସହରର ମଧ୍ୟ ଭାଗରେ ବହୁ ପୂର୍ବରୁ ପୌର ପରିଷଦ ପକ୍ଷରୁ ଏକ ବସଷ୍ଟାଣ୍ଡ ରହିଛି। ତେବେ କ୍ରମବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରତିଦିନ ୪୦୦ରୁ ଊର୍ଦ୍ଧ୍ୱ ବସ ଚଳାଚଳ କରୁଥିବା ବେଳେ ଉକ୍ତ ବସଷ୍ଟାଣ୍ଡ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି; ଯାହାକୁ ନେଇ ଟ୍ରାଫିକ ଏବଂ ଯାତ୍ରୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ସମାଧାନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ଆନ୍ତଃ ରାଜ୍ୟ (ଟାଇପ-ଏ) ବସଷ୍ଟାଣ୍ଡ ପାଇଁ ଅନୁମୋଦନ କରିଥିଲେ। ସହରର ବିଜୟରାମଚନ୍ଦ୍ରପୁରଠାରେ ୫.୯୯ ଏକର ପରିମିତ ଜମିରେ ଟାଇପ-ଏ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୨୩ ଅଗଷ୍ଟ ୨୩ ତାରିଖରେ ସେ ଶିଳାନ୍ୟାସ କରିଥିଲେ। ଯେଉଁଠାରେ କି ବସର ପାର୍କିଂ ବ୍ୟବସ୍ଥା, ଶୌଚାଳୟ, ଫୁଡ଼ କୋର୍ଟ, ସୂଚନା କେନ୍ଦ୍ର ଆଦି ଅନେକ ବ୍ୟବସ୍ଥା ହୋଇଥାନ୍ତା। ତେବେ ସାଧାରଣ ନିର୍ବାଚନ ପାଇଁ କାମ ବନ୍ଦ ହୋଇଯାଇଥିଲା। ଡବଲ ଇଞ୍ଜିନ ସରକାରକୁ ୧ ବର୍ଷ ବିତିଥିଲେ ହେଁ ନିର୍ମାଣ କରିବା ତ ଦୂରର କଥା ସ୍ଥାନ ନିରୂପଣ ହୋଇପାରୁନାହିଁ। ଫଳରେ ସହରବାସୀଙ୍କୁ ନୂତନ ବସଷ୍ଟାଣ୍ଡ ସୁଯୋଗ ମିଳିପାରିଲା ନାହିଁ। ପୂର୍ବରୁ ରଘୁନାଥପୁର ଠାରେ ପ୍ରାୟ ୨ ଏକର ଜମି ଚୟନ ହୋଇଥିବା ବେଳେ ଯାତ୍ରୀ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନ ପରିବର୍ତ୍ତନ କରି ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱ ବିଜୟରାମଚନ୍ଦ୍ରପୁର ମୌଜା ଚିହ୍ନଟ ହୋଇଥିଲା। ସେଠାରେ ନୂତନ କୋର୍ଟ ବିଲଡିଂ ଓ ଭଞ୍ଜପୁର ଥାନା ବିଲ୍ଡିଂ ନିର୍ମାଣ ପାଇଁ ପ୍ରବେଶ ପଥ ସଙ୍କୁଚିତ ହେବାରୁ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ଗାଇଡ ଲାଇନ ଉଲ୍ଲଂଘନ ହେବାରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଲା ନାହିଁ। ଫଳରେ ବର୍ତ୍ତମାନ ସହରରେ ୪/୫ଟି ସ୍ଥାନରେ ଅଘୋଷିତ ବସଷ୍ଟାଣ୍ଡ କାର୍ଯ୍ୟ କରୁଛି। ପୁରୁଣା ପୌରପାଳିକା ବସଷ୍ଟାଣ୍ଡରେ ସ୍ଥାନ ଅଭାବ ପାଇଁ ବସଗୁଡ଼ିକ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବହୁ ଅସୁବିଧା ସୃଷ୍ଟି ହେଉଛି। କଚେରୀ ରୋଡରେ ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକଡ

**ନୂଆ ସରକାର ଗଠନକୁ ଏକବର୍ଷ ପୂରିଲା; ଫଳ ଶୂନ୍**

କଲକାତା ବସଷ୍ଟାଣ୍ଡ ସାଜିଥିବା ବେଳେ ଦାରୋଗାଡାହିଠାରେ ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ରହୁଛି। ସେହିପରି ବାରିପଦାରୁ ଭୁବନେଶ୍ୱରକୁ ନୂତନ ଭାବେ ଚଳାଚଳ ଆରମ୍ଭ କରିଥିବା ସରକାରୀ ଭୋଲବୋ ବସ ମଧ୍ୟ ଷ୍ଟାଣ୍ଡ ଅଭାବରୁ ଡାକଘର ସମ୍ମୁଖ ରାସ୍ତା କଡରେ ପାର୍କିଂ ହେଉଛି। ସୂଚନା ଅନୁସାରେ, ବିଜୟରାମଚନ୍ଦ୍ରପୁର ଠାରେ ପ୍ରସ୍ତାବିତ ବସଷ୍ଟାଣ୍ଡ ନ କରି ସହରର ପାଲବଣି ନିକଟ ଛାଞ୍ଚଠାରେ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ସ୍ଥିର କରିଥିବା ଜଣାପଡ଼ିଛି। ଯାହାର ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କ ସୂଚନା ଅନୁସାରେ ଜମି ହସ୍ତାନ୍ତର ପାଇଁ ଆରଡିସିଙ୍କୁ ସୁପାରିସ କରାଯାଇଛି। ତେଣୁ ନୂତନ ବସଷ୍ଟାଣ୍ଡ ନିର୍ମାଣରେ ଅନିଶ୍ଚିତତା ଲାଗି ରହିଛି। ବାରିପଦା ରାଜ୍ୟ ସୀମାନ୍ତ ଜିଲ୍ଲାର ମୁଖ୍ୟାଳୟ ହୋଇଥିବାରୁ ଏଠାକୁ ଦୈନନ୍ଦିନ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ବହୁ ସଂଖ୍ୟକ ଯାତ୍ରୀବାହୀ ବସ ଚଳାଚଳ କରୁଛି। ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ରାଜ୍ୟ ସରକାରଙ୍କ ସମୟରେ ୩ କୋଟି ୫୦ଲକ୍ଷ ଟଙ୍କାରେ ପୁରୁଣା ପୌରପାଳିକା ବସଷ୍ଟାଣ୍ଡର ଉନ୍ନତିକରଣ କରାଯାଇଛି। କିନ୍ତୁ ତାହା ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧାଜନକ ହେଉନାହିଁ। ଗୃହ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦାବାସୀ ହୋଇଥିବା ବେଳେ ସହରରେ କ୍ୟୁଟ (ବିଦ୍ୟୁତଚାଳିତ) ଟାଉନ ବସ ଚଳାଚଳ ପାଇଁ ଦୁଇଥର ଘୋଷଣା କରିସାରିଲେଣି; କିନ୍ତୁ କୌଣସି ଫଳ ମିଳୁନାହିଁ। ଅପରପକ୍ଷରେ ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ ବାରିପଦା ବ୍ୟତୀତ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଆନୁକୂଲ୍ୟରେ 'ଆମ ବସଷ୍ଟାଣ୍ଡ' ଯୋଜନାରେ ମୟୂରଭଞ୍ଜ ଜିଲ୍ଲାରେ ଆଉ ୧୦ଟି ନୂତନ ବସଷ୍ଟାଣ୍ଡ (ସି-ଟାଇପ)ର ଶିଳାନ୍ୟାସ ହୋଇଥିଲା। ସେଥିରୁ ବାଙ୍ଗିରିପୋଷି (ହାଣଦା), ଗୋପବନ୍ଧୁନଗର (ବଡଡାଙ୍ଗୁଆ), ଯଶିପୁର (ପଦ୍ମପୁର) ଓ ଠାକୁରମୁଣ୍ଡାରେ ବସଷ୍ଟାଣ୍ଡ ନିର୍ମାଣ ଚାଲିଥିବା ବେଳେ ବଡସାହି, ଉଦଳା, ସାରସକଣା, ଶୁଳିଆପଦା (କଣ୍ଟିସାହି), କରଞ୍ଜିଆ ଓ କପ୍ତିପଦାରେ ଶିଳାନ୍ୟାସ ହୋଇଥିଲେ ହେଁ ସରକାର ପରିବର୍ତ୍ତନ ପରେ ସେ ଗୁଡିକ ବନ୍ଦ ରହିଛି।

## ଡିଏମ୍ୟୁ ଟ୍ରେନ୍ ଧକ୍କାରେ ଯୁବକ ଗୁରୁତର

**କଳାବାଡିଆ, ୧୦।୬(ସମିସ):** ବାଙ୍ଗିରିପୋଷି-ରୂପସା ଡିଏମୟୁ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ବାରିପଦା ପିଆରଏମ ମେଡିକାଲ କଲେଜ ହସପିଟାଲରେ ଚିକିତ୍ସା ହୋଇପାରିବନି ବୋଲି ସେ କଟକ ମେଡିକାଲ ଗଲେ। କିନ୍ତୁ ସାହାଯ୍ୟ କରିବ ବୋଲି କହି କଟକରେ ଟଙ୍କା ଓ ମୋବାଇଲ ଲୁଟିନେଲା ଜଣେ ଯୁବକ। ଫଳରେ ଟଙ୍କା ଅଭାବରୁ ଆହତ ପୁଅକୁ ତାଙ୍କ ବାପା ପୁଣି ପିଆରଏମ ମେଡିକାଲକୁ ଆଣିଛନ୍ତି। ସୂଚନା ଅନୁସାରେ, ଗତ ୩ ତାରିଖରେ ବାଙ୍ଗିରିପୋଷି-ରୂପସା ଡିଏମୟୁ ଟ୍ରେନଟି ବାଙ୍ଗିରିପୋଷିରୁ ବାରିପଦାକୁ ଫେରୁଥିବାବେଳେ ଗୋଷାଣିପାଳ ରେଳ କ୍ରସିଂଠାରେ ବାଙ୍ଗିରିପୋଷି ପଞ୍ଚାୟତ କାଳିଆମି ଗ୍ରାମର ରାମଜିତ ମାର୍ଣ୍ଡିଙ୍କ ପୁଅ ସରୋଜ ମାର୍ଣ୍ଡି (୨୨) ଫାଟକ ପାର ହେଉଥିଲେ। ଫଳରେ ସେ ଟ୍ରେନ ସହ ଧକ୍କା ହୋଇଥିଲେ। ତାଙ୍କୁ ତୁରନ୍ତ ବାରିପଦା ପିଆରଏମରେ ଭର୍ତ୍ତି କରାଯାଇଥିଲା; ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କ ପରିବାର କଟକ ବଡ଼ ଡାକ୍ତରଖାନା ନେଇଥିଲେ; କିନ୍ତୁ ସେଠାରେ ଜଣେ ବ୍ୟକ୍ତି ନିଜକୁ ସମାଜସେବୀ ପରିଚୟ ଦେଇ ସାହାଯ୍ୟ କରିବ କହି ତାଙ୍କ ପାଖରୁ ମୋବାଇଲ ସହିତ ୧୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲା। ଫଳରେ ସରୋଜଙ୍କୁ ତାଙ୍କ ବାପା ଫେରାଇ ଆଣି ପୁଣି ପିଆରଏମରେ ଭର୍ତ୍ତି କରିଛନ୍ତି। ପ୍ରଶାସନ ସହାୟତା ଯୋଗାଇଦେବାକୁ ରାମଜିତ ନିବେଦନ କରିଛନ୍ତି।

- ସାହାଯ୍ୟ ବାହାନାରେ କଟକରେ ଦୁର୍ବୃତ୍ତ ଲୁଟିନେଲା ୧୦ ହଜାର
- ପୁଣି ବାରିପଦା ଫେରିଆସିଲେ ଆହତ ଯୁବକ

## ମା' କୀଚକେଶ୍ୱରୀଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ




**ବାରିପଦା, ୧୦।୬(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଖିଚିଂ ସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନରେ ଆସି ଫେରିଛନ୍ତି। ତାଙ୍କ ସହିତ ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡି ମନ୍ଦିର ଗର୍ଭଗୃହରେ ପ୍ରବେଶ କରି ଦର୍ଶନ କରିଛନ୍ତି। ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ କୌଣସି ସରକାରୀ କାର୍ଯ୍ୟକ୍ରମ ନ ଥିଲା। ଏପରିକି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିକଟରେ ମଧ୍ୟ କୌଣସି ସୂଚନା ନଥିବାର ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ କାର୍ଯ୍ୟକ୍ରମ ହୋଇଥିବାରୁ ମନ୍ଦିରକୁ ଯିବାଆସିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଥିଲା। ମନ୍ଦିର ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ଛାଉଣି କରାଯାଇଥିଲା। ଗସ୍ତ ସମୟରେ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ସହିତ କରଞ୍ଜିଆ ଉପଖଣ୍ଡ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତରେ ଆସିଥିବା ବେଳେ ସକାଳେ ମନ୍ଦିର ଦର୍ଶନ ପାଇଁ ଖିଚିଂ ଆସିଥିଲେ।

## ପୋଲକୁ ଧକ୍କା ଦେଇ ଯୁବକ ମୃତ

**ମହୁଲଡିହା, ୧୦।୬(ସମିସ):** ଠାକୁରମୁଣ୍ଡା-ଉଦଳା ରାସ୍ତାର ପୁରୁଣାପାଣି (ମହୁଲଛକ) ନିକଟରେ ଏକ ବାଇକ ପୋଲକୁ ଧକ୍କା ଦେବା ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ପଞ୍ଚୁଘଣ୍ଟା ଗ୍ରାମର ସିଦ୍ଧେଶ୍ୱର ଜେନାଙ୍କ ପୁତ୍ର ଶୁଭଙ୍କର ଜେନା (୨୯) ବାଇକ ଯୋଗେ ଠାକୁରମୁଣ୍ଡାରୁ ଶରତ ରାସ୍ତାରେ ନିଜ ଗ୍ରାମକୁ ଯାଉଥିଲେ। ହେଲେ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ପୋଲକୁ ଧକ୍କା ଦେଇଥିଲେ। ଫଳରେ ଶୁଭଙ୍କରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସକାଳୁ ଗ୍ରାମବାସୀ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶୁଭଙ୍କରଙ୍କ କାକା ଈଶାନେଶ୍ୱର ଜେନାଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁକରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ



**ବାରିପଦା, ୧୦।୬(ସମିସ):** ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବିଜେପି ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି କାଳୀଚରଣ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ଫାଗୁ ହାଁସଦା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ ଏବଂ ସମ୍ମାନିତ ବକ୍ତା ଭାବେ ସୁଜାତା ମୁର୍ମୁ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଶୁଳିଆପଦା ବ୍ଲକ ଚେୟାରମ୍ୟାନ ଭାଗବତ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହଦେବ ସିଂ, କାଳୀଚରଣ ମାରାଣ୍ଡି, ସୁବ୍ରତ ମୁଖୀ, ଶ୍ରୀଧର ବେହେରା, ଶ୍ରଦ୍ଧାଞ୍ଜଳି ପଣ୍ଡା, ପଙ୍କଜ ଦାଶ ଓ ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପୋଲରେ ଗଳିପଡ଼ି ଯୁବକ ଗୁରୁତର

**କୁଆମରା, ୧୦।୬(ସମିସ):** ରାସ୍ତା ମଝିରେ ଥିବା ଏକ ପୋଲରେ ଗଳିପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଉଛନ୍ତି ବିଶ୍ୱନାଥ ପଲେଇ। ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ବାଲିଗଡ଼ିଆଠାରୁ କୁସୁମିଆକୁ ଯାଇଥିବା ରାସ୍ତାର ନିର୍ମିତ ପୋଲଟି ୪ ବର୍ଷ ହେଲା ଭୁଶୁଡି ଯାଇଛି। ଏହି ପୋଲ ଦେଇ ଟ୍ରକ ଓ ଟ୍ରାକ୍ଟର ଯାତାୟାତ କରୁଥିବାରୁ ଅଧିକ ବିପଜ୍ଜନକ ହୋଇରହିଛି। ଏଣୁ ପୋଲଟିକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

## ୧୨ରୁ 'ବିକାଶ ବାହନ' ରଥ ପରିକ୍ରମା ଶୁଭାରମ୍ଭ



**ବାରିପଦା, ୧୦।୬(ସମିସ):** ଆସନ୍ତା ୧୨ରୁ ୨୧ ତାରିଖ ଯାଏ ଜିଲ୍ଲାରେ 'ବିକାଶ ବାହନ' ରଥ ପରିକ୍ରମା କରିବ। ସୋମବାର ଏ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରଥ ଲୋକଙ୍କୁ ସଚେତନ କରିବ। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡିକ ବ୍ୟାନର ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବା ସହିତ ଏଲଇଡି ଜରିଆରେ ବିଭିନ୍ନ ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦର୍ଶନ କରାଯାଇ ଲୋକଙ୍କୁ ସଚେତନ କରାଯିବ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନାର ଉପଲବ୍ଧି ସମ୍ବନ୍ଧରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ। ଏହି ବିକାଶ ବାହନ ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ଗ୍ରାମପଞ୍ଚାୟତରେ ପହଞ୍ଚି ଲୋକମଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ନେଇ ଅବଗତ କରିବ। ହିତାଧିକାରୀଙ୍କୁ ସେହି ସ୍ଥାନରେ ଯୋଜନାର କାର୍ଡ, ପ୍ରମାଣ ପତ୍ର ବଣ୍ଟନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବା ସହ ହିତାଧିକାରୀଙ୍କଠାରୁ ସେହି ସ୍ଥାନରେ ତୁରନ୍ତ ଆବେଦନପତ୍ର ମଧ୍ୟ ଗ୍ରହଣ କରାଯିବ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମସ୍ତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରତ୍ୟେକଙ୍କୁ ସଚେତନ କରାଇବା ଏବଂ ଧାଡ଼ିର ଶେଷ ଲୋକ ପାଖରେ ଯୋଜନାକୁ ପହଞ୍ଚାଇବା। ଏହି ବିକାଶ ବାହନ ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ଆସନ୍ତା ୧୨ ତାରିଖରେ ଶୁଭାରମ୍ଭ ହେବ ଏବଂ ପ୍ରତ୍ୟେକ ଦିନ ବ୍ଲକର ୩/୪ ଟି ଗ୍ରାମ ପଞ୍ଚାୟତ ପରିକ୍ରମା କରି ସାଧାରଣ ଲୋକଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା, ଏସିଡିଓ ଶାନ୍ତନୁ କୁମାର ନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୫୦ରୁ ଊର୍ଦ୍ଧ୍ୱ ଅମାନିଆ ବାଇକ୍ ଚାଳକଙ୍କୁ ଜରିମାନା

**ମୋରଡ଼ା, ୧୦।୬(ସମିସ):** ମୋରଡ଼ା ଥାନା ଅନ୍ତର୍ଗତ ରାଜାବନ୍ଧ ବାଙ୍କ ପୋଲ ନିକଟରେ ପ୍ରତିଦିନ ସନ୍ଧ୍ୟାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ସୋମବାର ରାତି ୮ଟାରେ ଥାନା ଅଧିକାରୀ ସୁମିତ ସୋରେନ ବନ୍ଧ ପୋଲ ନିକଟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅମାନିଆ ବାଇକ ଚାଳକଙ୍କୁ ୧୫୦୦ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଏହି ଯୁବକମାନେ ବିନା ହେଲମେଟରେ ଗାଡି ଚଳାଉଥିଲେ। କିଛିଦିନ ପୂର୍ବେ ଏକ ପିକଅପ ଓଲଟି ଜଣକ ମୃତ୍ୟୁ ଘଟିଥିବାବେଳେ ୨୫ଜଣ ଗୁରୁତର ହୋଇଥିଲେ। ଯାଞ୍ଚ ସମୟରେ ପିକଅପରେ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ବାରିପଦା ପଟୁ ଫେରୁଥିଲେ। ଏହି ସମୟରେ ଶ୍ରୀ ସୋରେନଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ହେଲମେଟ ଫାଇନ ଗୁଡିକ ଆରଟିଓ କାର୍ଯ୍ୟାଳୟ କିମ୍ବା ଯେକୌଣସି ଜନସେବା କେନ୍ଦ୍ରରେ ଦାଖଲ କରିବାକୁ ବାଇକ ଚାଳକଙ୍କୁ ଶ୍ରୀ ସୋରେନ ପରାମର୍ଶ ଦେଇଛନ୍ତି।

## ମାଗଣା ନୃତ୍ୟ ଶିବିର ଉଦ୍‌ଘାଟିତ




**ବାରିପଦା, ୧୦।୬(ସମିସ):** ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପରେ ମୟୂର କଳାଭୂମି ଆନୁକୂଲ୍ୟରେ ୩ ଦିନିଆ ମାଗଣା ନୃତ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ପୂର୍ବତନ ଯୁବ ବିଜେଡି ରାଜ୍ୟ ଉପସଭାପତି ତଥା ରଣଜୀ ଖେଳାଳି ଲଲାଟେନ୍ଦୁ ବେହେରା, ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ସାମ୍ବାଦିକ ଦୀପକ କୁମାର ନାୟକ ଓ ବିଶିଷ୍ଟ ନୃତ୍ୟ କରିଓଗ୍ରାଫର ଏସକେ ସାହିଲ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିର କୁନିକୁନି କଳାକାରଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ବେଶ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ଦିଲ୍ଲୀପ କୁମାର ପାତ୍ରଙ୍କ ନେତୃତ୍ୱରେ ଦୀପା ସିଂ, ଧୀରଜ ପାଢ଼ୀ, ତରୁଣ ପରମାଣିକ, ମନୋଜ ମହାକୁଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅର୍ଜୁନ ହାଁସଦା ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିବିରାର୍ଥୀ ଓ ଅଭିଭାବକ ଯୋଗ ଦେଇଥିଲେ। ଏହି ଶିବିର ଆଗାମୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଣୀତ ଆଇନ ଶୀର୍ଷକ ଆଲୋଚନାଚକ୍ର




**ବାରିପଦା, ୧୦।୬ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ ଆନୁକୂଲ୍ୟରେ 'ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଣୀତ ଆଇନ' ଶୀର୍ଷକ ଏକ ଆଲୋଚନାଚକ୍ର ସଭାପତି ଯତୀନ୍ଦ୍ର ନାଥ ବସାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କାବେରୀ ମିଶ୍ର ଅଂଶଗ୍ରହଣ କରି ବାର୍ଦ୍ଧକ୍ୟ ଅବଶ୍ୟମ୍ଭାବୀ, ବାର୍ଦ୍ଧକ୍ୟ ଯାତନା ଅବ୍ୟକ୍ତ ମଣିଷ ଜୀବନର ଶେଷ ପାହାଚ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ସମସ୍ୟା କରୁଣ କାହାଣୀର ସମାହାର ବୋଲି ଦର୍ଶାଇଥିଲେ। ଏଥିସହିତ ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ସୁରକ୍ଷା ନିମିତ୍ତ ପ୍ରଣୀତ ବିଭିନ୍ନ ଆଇନ ମଧ୍ୟରେ ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ ମଙ୍ଗଳ ଆଇନ-୨୦୦୭ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ସଭାପତି କଳ୍ପନା ଷଡଙ୍ଗୀ, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ରବିନାରାୟଣ ଚ୍ୟାଉପଟ୍ଟନାଏକ, ପ୍ରତିଭା ମିଶ୍ର, ମେଘମାଳା ବେହେରା ଓ ଗୀତା ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଡ. ଅଳକା ମଞ୍ଜରୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସ୍ତାବିତ ନୂତନ ରେଳ ଲାଇନ ପାଇଁ ବ୍ରାହ୍ମଣଗାଁବାସୀଙ୍କ ବିରୋଧ

କଳାବାଡିଆ, ୧୦।୬(ସମିସ)

ବାଙ୍ଗିରିପୋଷି-ଗୋରୁମହିଷାଣୀକୁ ରେଳ ସଂଯୋଗ ପାଇଁ ନୂତନ ରେଳ ଲାଇନ ନିର୍ମାଣ ହେବ। ଏଥିପାଇଁ ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହେବାକୁ ଯାଉଛି। ତେବେ ନୂତନ ରେଳଲାଇନ ନିର୍ମାଣକୁ ନେଇ ବ୍ରାହ୍ମଣ ଗାଁର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂତନ ଲାଇନ ନିର୍ମାଣ ହେଲେ ବହୁ ଘର ଏବଂ ଜମି ଆଦିବାସୀ ହରାଇବେ। ଆଦିବାସୀଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ। ତେଣୁ ଚାଷ ଗଲେ କିପରି ଚଳିବେ ବୋଲି କହିଛନ୍ତି ଗ୍ରାମବାସୀ। ଅଧିକାଂଶ ଜଙ୍ଗଲ ଜମି ସରକାରୀ ଥିବାରୁ ନିଜ ପ୍ରାପ୍ୟ ପାଇବେ ନାହିଁ ବୋଲି ଅଭିଯୋଗ କରି ସୋମବାର ରେଳ ବିଭାଗ ତରଫରୁ ହେବାକୁ ଥିବା ପଲ୍ଲିସଭା ବର୍ଜନ କରିଛନ୍ତି ଗ୍ରାମବାସୀ। ମହାରାଜା ଅମଳରୁ ବାଙ୍ଗିରିପୋଷି-ତାଳବନ୍ଧ ପର୍ଯ୍ୟନ୍ତ ରେଳ ଚଳାଚଳ କରୁଥିଲା। ତେଣୁ ସେହି ପୁରୁଣା ରାସ୍ତାକୁ ବ୍ୟବହାର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। କୌଣସି ପରିସ୍ଥିତିରେ ନୂତନ ରେଳ ଲାଇନକୁ ଗ୍ରାମବାସୀ ସହଯୋଗ କରିବେ ନାହିଁ ବୋଲି କହିଛନ୍ତି। ପୁରାତନ ରେଳପଥ ବ୍ୟବହାର କରିବା ପାଇଁ ଗ୍ରାମବାସୀ ତହସିଲଦାର ରଘୁନାଥ ଟୁଡୁ, ବିଡ଼ିଓ ଶିବଶଙ୍କର ମୁର୍ମୁ ଏବଂ ଉପଜିଲ୍ଲାପାଳ ଦୟାନିଧି ପରିଡ଼ାଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ପ୍ରଦୀପ କୁମାର ସୋରେନ, ୱାର୍ଡସଭ୍ୟ ଭାରତୀ ପାତ୍ର, ଗୋଲାପି ସୋରେନ, ଦାନଗି ମାରାଣ୍ଡି, ମାଳତୀ ବେସ୍ରା, ସୁନିଆ ମୁର୍ମୁ, କାର୍ତ୍ତିକ ଚନ୍ଦ୍ର ଦିଗାର, କବିତା ପୂର୍ତ୍ତି, ଲକ୍ଷ୍ମୀ ହେମ୍ବ୍ରମ ସମେତ ବହୁ ଗ୍ରାମବାସୀ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।



# ବନ୍ଧୁ ପତ୍ନୀଙ୍କ ଠାରୁ ୫୭ ଲକ୍ଷ ହଡ଼ପ; ପେଟ୍ରୋଲ ପମ୍ପ ମାଲିକ ଗିରଫ

**ରାଉରକେଲା, ୧୦।୬(ସମିସ)**

ରାଉରକେଲା ଇସ୍ପାତ କାରଖାନାରେ ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିବା ମଙ୍ଗଳ ମାଝୀ ନାମକ ଜଣେ କର୍ମଚାରୀଙ୍କ ମୃତ୍ୟୁ ହେବାପରେ ତାଙ୍କର ନିରକ୍ଷର ପତ୍ନୀ ତୁଳା ମାଝୀଙ୍କ ଠାରୁ ସମସ୍ତ ଡକ୍ୟୁମେଣ୍ଟ ନେଇ ୫୭ ଲକ୍ଷ ହଡ଼ପ କରିବା ଅଭିଯୋଗରେ ରାଉରକେଲାର ରଘୁନାଥପାଲୀ ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ଜଳଦା 'ଏ' ବ୍ଲକ ନିବାସୀ ଦୁର୍ଯ୍ୟୋଧନ ପଶାୟତ(୫୦)। ହଡ଼ପ ଅର୍ଥ ବିନିଯୋଗକରି ସେ ଜଳଦାରେ ଏକ ପେଟ୍ରୋଲ ପମ୍ପ କରିଥିବା ପୁଲିସ ଜାଣିବାକୁ ପାଇଛି।

ସୂଚନା ମୁତାବକ ରାଉରକେଲା ଇସ୍ପାତ କାରଖାନାରେ ଟେକ୍ନିସିଆନ୍ ଭାବେ କାର୍ଯ୍ୟରତ ଜଳଦା 'ଏ' ବ୍ଲକ ନିବାସୀ ମଙ୍ଗଳ ମାଝୀଙ୍କର ୨୦୧୪ ମସିହାରେ ସ୍ୱାସ୍ଥ୍ୟ ଖରାପ ହେବାରୁ ପ୍ରଥମେ ତାଙ୍କୁ ଆଇଜିଏଚରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ ହେବାରୁ ତାଙ୍କୁ ଆରଏସ୍‌ପି ପକ୍ଷରୁ ଭେଲୋର ସ୍ଥାନାନ୍ତର କରାଯାଇଥିଲା। ତେବେ ଭେଲୋରରେ ମଧ୍ୟ କୌଣସି ଲାଭ ନ ହେବାରୁ ସେଠାରୁ ସେ ଆସି ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ତେବେ ୨୦୧୪ ସେପ୍ଟେମ୍ବର



୧୪ ତାରିଖରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳ ମାଝୀଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ଜଳଦା ନିବାସୀ ଦୁର୍ଯ୍ୟୋଧନ ମଙ୍ଗଳ ମାଝୀଙ୍କ ବିଧବା ପତ୍ନୀ ତୁଳା ମାଝୀଙ୍କୁ ସହଯୋଗ କରିବାକୁ କହି ମଙ୍ଗଳଙ୍କ ସମସ୍ତ ଡକ୍ୟୁମେଣ୍ଟ ନେଇଥିଲେ। ମଙ୍ଗଳଙ୍କ ପତ୍ନୀ ତୁଳା ନିରକ୍ଷର ହୋଇଥିବାରୁ ସେ ବିଶ୍ୱାସରେ ଦୁର୍ଯ୍ୟୋଧନଙ୍କୁ ଆଧାର କାର୍ଡ, ପାନ କାର୍ଡ, ବ୍ୟାଙ୍କ ପାସବୁକ୍ ସମେତ ସବୁ ଡକ୍ୟୁମେଣ୍ଟ ଦେଇ ଦେଇଥିଲେ। ଏହାପରେ ଏଲଆଇସି, ପିଏଫ୍ ଗ୍ରାଚ୍ୟୁଇଟିର ୩୬ ଲକ୍ଷ ଟଙ୍କା, ୩୪ ହଜାର ୭୧୩ ଟଙ୍କା ଦରମା ଟଙ୍କା ନେଇ ଚାଲିଥିଲେ। ପ୍ରାୟ ଛଅ ବର୍ଷ ଧରି ଏହା ଜାରି ରହିଥିଲା। ପ୍ରାୟ ୨୧ ଲକ୍ଷ ୩୯ ହଜାର ୩୩୬ ଟଙ୍କା ଠକି ନେଇଥିଲେ। ଏନେଇ ଗତ ୨ ତାରିଖରେ ମୃତକଙ୍କ ସ୍ତ୍ରୀ ତୁଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା, ୨୦୧୪ ମସିହାରେ ମଙ୍ଗଳଙ୍କ ମୃତ୍ୟୁପରେ ଅଭିଯୁକ୍ତ ଦୁର୍ଯ୍ୟୋଧନ ମୃତକଙ୍କ ସ୍ତ୍ରୀଙ୍କୁ ସାହାଯ୍ୟ କରୁଥିବା ବିଶ୍ୱାସ ଦେଇ ଠକି ଚାଲିଥିଲା। ସେହି ସମୟରେ ଜଳଦା 'ଏ' ବ୍ଲକରେ ଦେବୀ ଲଳିତା ଫୁଏଲ ନାମକ ପେଟ୍ରୋଲ ପମ୍ପ କରିଥିଲେ ଦୁର୍ଯ୍ୟୋଧନ। ୨୦୧୫ ମସିହାରୁ ମୃତ ବନ୍ଧୁଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଠକେଇ କରିଥିଲା। ବର୍ତ୍ତମାନ୍ ସୁଦ୍ଧା ପ୍ରାୟ ୫୭ ଲକ୍ଷ ଟଙ୍କା ଠକେଇ କରିଥିବା ଜଣାପଡ଼ିଛି। ଆକାଉଣ୍ଟର ଅଡିଟ୍ ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ଦେବସ୍ନାନ ପୂର୍ଣ୍ଣିମା ଲାଗି ନିତି ନିର୍ଘଣ୍ଟ



**ରାଉରକେଲା, ୧୦।୬(ସମିସ):** ସ୍ଥାନୀୟ ସେକ୍ଟର - ୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ନେଇ ସମୟ ନିର୍ଘଣ୍ଟ ହୋଇଛି। ଶ୍ରୀଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମସ୍ତ ଟ୍ରଷ୍ଟି ସଦସ୍ୟ, ସେବାୟତ ଉପସ୍ଥିତ ରହି ଦେବସ୍ନାନ ପୂର୍ଣ୍ଣିମା ସୂଚାର ସମ୍ପାଦନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୁଧବାର ଦେବସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ସମସ୍ତ ରୀତିନୀତି ସକାଳୁ ଆରମ୍ଭ ହୋଇ ରାତିରେ ଅନବସର ଘରକୁ ପହଣ୍ଡି ବିଜେ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ସକାଳ ୪ଟା ୪୫ମିନିଟ୍ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି, ୫ଟାରେ ସୂର୍ଯ୍ୟପୂଜା, ୫ଟା ୨୦ରେ ଦ୍ୱାରପାଳ ପୂଜା, ୬ଟାରେ ନେତ ପରିବର୍ତ୍ତନ, ସକାଳ ୭ଟାରେ ମହାପ୍ରଭୁଙ୍କ ରତ୍ନ ସିଂହାସନକୁ ଚକାଛାଡ, ୭ଟା ୪୫ ମିନିଟ୍ ସେଣାପଟ୍ଟା ଲାଗି, ୮ଟା ୦୫ କଠଉ ଲାଗି, ୮ଟା ୩୦ ମିନିଟ ଟାହିଆ ଲାଗି, ୮ଟା ୪୫ ମିନିଟ୍ ସ୍ନାନ ବେଦୀ କୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ, ୯ଟା ୪୫ ମି ଅଧର ପୋଛା, ୧୦ଟା ରେ ସ୍ନାନ ଅଧିବାସ, ୧୦.୩୦ ମିନିଟ୍ ମହାପ୍ରଭୁ ଙ୍କ ସ୍ନାନ, ୧୧.୧୦ ଛେରା ପହଁରା, ୧୧.୩୦ ଉପଚାର ପୂଜା, ୧୧.୪୦ ବାଲ୍ୟ ଭୋଗ, ୧୨ଟା ସର୍ବସାଧାରଣ ଭୋଗ, ୧୨.୪୫ ଠାକୁରଙ୍କ ମଧ୍ୟାହ୍ନ ଭୋଗ, ଅପରାହ୍ନ ୧ଟା ଠାକୁରଙ୍କ ସ୍ନାନ ବେଦୀରେ ପହୁଡ ଅନୁଷ୍ଠିତ ହେବ। ସେହିପରି ସଂଧ୍ୟା ୬ରେ ମହାପ୍ରଭୁଙ୍କ ସ୍ନାନ ବେଦୀ ରେ ଗଜାନନ ବେଶଦର୍ଶନ, ୭ଟାରେ ଆଳତୀ, ୮ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ରାତ୍ର ୧୦.୩୦ ମିନିଟ୍ ରେ ଠାକୁରଙ୍କ ରାତ୍ର ଧୂପ ସହ ୧୧ ଘଟିକା ରେ ଠାକୁରଙ୍କ ଅନବସର ଘରକୁ ପହଣ୍ଡି ବିଜେ ହେବ।

# ଶାଳିମାର-କୁର୍ଲା ଏକ୍ସପ୍ରେସରେ ସଂଯୁକ୍ତ ହେବ ଏଲ୍‌ଏଚ୍ କୋଚ୍

**ରାଉରକେଲା, ୧୦।୬(ସମିସ):** ରାଉରକେଲା ତଥା ଝାରସୁଗୁଡ଼ା ରେଳଷ୍ଟେସନ ଦେଇ ପ୍ରତିଦିନ ଯାତ୍ରା




କରୁଥିବା ଶାଳିମାର-କୁର୍ଲା ଏକ୍ସପ୍ରେସରେ ଯୋଡ଼ିହେବ ଆଧୁନିକ ଏଲ୍‌ଏଚ୍ କୋଚ୍, ଯାହାକି ଯାତ୍ରୀମାନଙ୍କ ଯାତ୍ରାକୁ ଅଧିକ ସୁରକ୍ଷିତ ଓ ଆରାମଦାୟକ କରିବ। ସୂଚନା ମୁତାବକ ଟ୍ରେନ୍ ସଂଖ୍ୟା ୧୮୦୩୦ ଶାଳିମାର-ଏଲ୍‌ଟି ଏକ୍ସପ୍ରେସ୍ ଆସନ୍ତା ଜୁନ୍ ୧୯ ତାରିଖ ଠାରୁ ଏଲ୍‌ଏଚ୍ କୋଚ୍ ସଂଯୁକ୍ତ ହୋଇ ଚାଲିବ। ସେହିପରି ଟ୍ରେନ୍ ସଂଖ୍ୟା ୧୮୦୨୯ ଏଲ୍‌ଟି-ଶାଳିମାର ଏକ୍ସପ୍ରେସ୍ ଜୁନ ୨୧ ତାରିଖରୁ ଏଲ୍ ଏଚ୍‌ବି କୋଚ୍ ସହିତ ଯାତ୍ରା କରିବ। ଏହାର ବିଶେଷତ୍ୱ ହେଉଛି ଦ୍ରୁତଗତି ଟ୍ରେନ୍ ଚାଲୁଥିବାବେଳେ ଯାତ୍ରୀମାନେ ଏଥିରେ କମ୍ ଝଟକା ପାଇବା ସହ ଗତି ସୁଗମ ହୋଇଥାଏ ଏବଂ ସୁରକ୍ଷା ମାନଦଣ୍ଡ ଦୃଷ୍ଟିରୁ ମଧ୍ୟ ଏହା ଅଧିକ ଭଲ। ଏହାବ୍ୟତୀତ, ଏହି କୋଚ୍‌ଗୁଡ଼ିକର ଡିଜାଇନ୍ ଏପରି ଯେ ଦୁର୍ଘଟଣା ହେଲେ କ୍ଷତି କମ୍ ହୁଏ। ରେଳ ଅଧିକାରୀଙ୍କ ଅନୁଯାୟୀ ଏଲ୍‌ଏଚ୍‌ବି କୋଚ୍ ବ୍ୟବହାର ଦ୍ୱାରା ଟ୍ରେନଗୁଡ଼ିକର ଗତି ଅଧିକ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଓ ଝାରସୁଗୁଡ଼ା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ରେଳଯାତ୍ରୀ ପ୍ରତିଦିନ ଶାଳିମାର-କୁର୍ଲା ଏକ୍ସପ୍ରେସରେ ଛତିଶଗଡ଼, କୋଲକାତା, ଝାଡ଼ଖଣ୍ଡ ଓ ମୁମ୍ବାଇକୁ ଯାତାୟାତ କରିଥାନ୍ତି।

# ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ସଚେତନତା କର୍ମଶାଳା



**ରାଉରକେଲା, ୧୦।୬(ସମିସ):** ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ଓ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସହଯୋଗ ଦ୍ୱାରା ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଲାଇବ୍ରେରୀ କକ୍ଷରେ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ଗୃହୀଣିମାନଙ୍କ ଓ ବିଦ୍ୟାଳୟର ଶିକ୍ଷୟତ୍ରୀଙ୍କ ପାଇଁ ଏକ ଗୃହ ସୁରକ୍ଷା ସଚେନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କେମିତି ଉପାୟରେ ରନ୍ଧନ ଗ୍ୟାସ ସିଲିଣ୍ଡରକୁ ବ୍ୟବହାର କରିବା, କିଭଳି ଭାବେ ନିଜେ ଓ ନିଜ ଘରକୁ ସୁରକ୍ଷା ଦେଇପାରିବେ, ଘରର ବୈଦ୍ୟୁତ୍ୟିକ୍ ସାମଗ୍ରୀର ବ୍ୟବହାର କେମିତି ଉପାୟରେ କରିବା, ବିଜୁଳି ମାରିବା ସମୟରେ କ'ଣ ପଦକ୍ଷେପ ନେବା ଏବଂ ଘରେ ନିଆଁ ଲାଗିଲେ କେମିତି ନିଜକୁ ସୁରକ୍ଷା କରିବା ସଙ୍ଗେସଙ୍ଗେ ଘରକୁ ସୁରକ୍ଷା ଓ ନିଆଁକୁ ଆୟତ୍ତ କରିପାରିବା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଓ ଜରୁରୀକାଳୀନ ପରିସ୍ଥିତିର କେମିତି ନିଜକୁ ସୁରକ୍ଷିତ ରଖିବା ଓ ତାର ମୁକାବିଲା କରିପାରିବା ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ଓ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାରେ ପରିଷଦର ସଭାପତି ସ୍ୱରୂପ କୁମାର ପାଣିଗ୍ରାହୀ ଅତିଥି ପରିଚୟ କରିବା ସଙ୍ଗେ ସଙ୍ଗେ ଅଂଶଗ୍ରହଣ କରିଥିବା ସମସ୍ତ ଗୃହିଣୀମାନଙ୍କୁ ସ୍ୱାଗତ କରିଥଲେ। ଆରଏସପିର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭରତଭୂଷଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀଣ ଶର୍ମା ଏହିଭଳି କାର୍ଯ୍ୟକ୍ରମ ନିଜ ବିଦ୍ୟାଳୟରେ ହେଉଥିବା ଯୋଗୁଁ ଖୁସି ବ୍ୟକ୍ତ କରିଥିଲେ। ବେସାମରିକ ପ୍ରତିରକ୍ଷା ବାହିନୀର ମାଷ୍ଟର ଟ୍ରେନର ଶୁଭେନ୍ଦୁ ପଣ୍ଡା ସମସ୍ତ ଗୃହିଣୀଙ୍କୁ ବିସ୍ତୃତ ଭବେ ବୁଝାଇଥିଲେ। ସ୍ୱେଚ୍ଛାସେବୀ ସୁଦାମ ଚନ୍ଦ୍ର ସ୍ୱାଇଁ, ମଣ୍ଟୁ ଭୋଇ, ଅଜିତ ପ୍ରାସାଦ ଓ ସତ୍ୟଜିତ ସାହୁ ସହଯୋଗ କରିଥିଲେ। ଡ. କିଶୋରୀ ଦାସ, ଡ. ସୌଭାଗ୍ୟ ମଞ୍ଜରୀ ଦାସ, ସନ୍ତୋସିନୀ ଭଇଁଶା, ରିନା ଜାଲ, ସଂଯୁକ୍ତା ପଲେଇ, ଅଳକା ମିଶ୍ର, ସୁଶ୍ରିତା ମହାପାତ୍ର, ବନ୍ଦିତା ନାଥ ଓ ଅନ୍ୟ ଗୃହିଣୀମାନଙ୍କ ବିଶେଷ ସହଯୋଗ ରହିଥିଲା।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ



**ରାଉରକେଲା, ୧୦।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବିରମିତ୍ରପୁର ଥାନା ଅଧୀନ ବୀର୍ସା ମୁଣ୍ଡା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ୧୮ ଚକିଆ ଟ୍ରକ ଓ ବାଇକ ମଧ୍ୟରେ ଧକ୍କା ହେବାଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବିରମିତ୍ରପୁର ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରିବା ପାଇଁ ପଠାଇ ଟ୍ରକ୍‌କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଉଛନ୍ତି ଅନ୍ଧାରି ପଞ୍ଚାୟତର ପ୍ରେମ ବାର୍ଲା। ପ୍ରେମ ବାର୍ଲା ନିଜଘରୁ କୌଣସି କାମ ପାଇଁ ନିଜ ବାଇକ୍ ରେ ବିରମିତ୍ରପୁର ଆସୁଥିଲେ। ବସ୍‌ଷ୍ଟାଣ୍ଡ ସମ୍ମୁଖସ୍ଥ ରାସ୍ତା ଉପରେ ମଇଁଷି ପଲ ଯାଉଥିବାରୁ ବାଇକ୍ ଆରୋହୀ ନିଜର ଭାରସାମ୍ୟ ହରାଇ ମଇଁଷିକ ଧକ୍କା ଦେଇ ରାସ୍ତା ଉପରେ ଛିଟିକି ପଡ଼ିଥିଲା। ସେହି ସମୟରେ ଗୋଟି ଟ୍ରକ୍ ପ୍ରେମଙ୍କ ଉପରେ ଚଢ଼ିଯାଇଥିଲା। ଯାହା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## ଦିଲ୍ଲୀ ନ୍ୟାସନାଲ ପାୱାର ଲିଫ୍ଟିଂ ଡେଡ୍‌ଲିଫ୍ଟ ଚାମ୍ପିଅନ୍‌ସିପ୍

# ସ୍ୱର୍ଣ୍ଣ ଜିତିଲେ ରୋହିତରାଜ ଭଞ୍ଜ



**ରାଉରକେଲା, ୧୦।୬(ସମିସ) :** ଦିଲ୍ଲୀ ଠାରେ ଆୟୋଜିତ ନ୍ୟାସନାଲ ପାୱାର ଲିଫ୍ଟିଂ ଡେଡ୍‌ଲିଫ୍ଟ ଚାମ୍ପିୟନସିପ - ୨୦୨୫ ପ୍ରତିଯୋଗିତାରେ ରାଉରକେଲା ସହରର ରୋହିତ ରାଜ ଭଞ୍ଜ ସ୍ୱର୍ଣ୍ଣପଦକ ଲାଭ କରି ଓଡ଼ିଶାର ଗୌରବ ଆଣିବା ସହିତ ରାଉରକେଲାର ଗୌରବ ବଢ଼ାଇଛନ୍ତି। ଏ ନେଇ ବାସନ୍ତୀ କଲୋନୀର ବାସନ୍ତୀ ପାଠାଗାରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱର୍ଣ୍ଣପଦକ ବିଜେତା ବାସନ୍ତୀ କଲୋନୀ ଏଏଲ୍-୨୯ରେ ରହୁଥିବା ରୋହିତ୍ ରାଜ ଭଞ୍ଜ, ପିତା ନିରଞ୍ଜନ ଭଞ୍ଜ, ମାତା ରଶ୍ମିତା ଭଞ୍ଜ ପ୍ରମୁଖ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଦିଲ୍ଲୀ ରୋହିଣୀ ୧୯ଠାରେ ଆୟୋଜିତ ଏହି ନ୍ୟାସନାଲ ପାୱାର ଲିଫ୍ଟିଂ ଡେଡଲିଫ୍ଟ ଚାମ୍ପିୟନସିପ୍ - ୨୦୨୫ ଜୁନିୟର ୮୩ କେଜି କ୍ୟାଟିଗୋରିରେ ରେକର୍ଡ ସ୍କ୍ୱାଡ୍ ସହିତ ୨୧୨.୫ କେଜି, ବେଞ୍ଚ ପ୍ରେସ୍ ୧୦୭.୫ କେଜି, ଡେଡଲିଫ୍ଟ ୨୫୦ କେଜି, ଓଭରାଲ୍ ୫୭୦ କେଜି କରି ରୋହିତ ରାଜ ଭଞ୍ଜ (୧୮) ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାସନ୍ତୀ ପାଠାଗାରର ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲାବେଳେ କୁଞ୍ଜବିହାରୀ ରାଉତ ମଞ୍ଚ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପିରେ ତୃତୀୟ ବ୍ୟାଚ୍ ଅବକାଶକାଳୀନ ତାଲିମ

**ରାଉରକେଲା, ୧୦।୬(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ସ୍ନାତକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ଅବକାଶକାଳୀନ ତାଲିମ-୨୦୨୫ର ତୃତୀୟ ବ୍ୟାଚ୍ ପ୍ରଶିକ୍ଷଣ ଏଲଆଣ୍ଡଡି ବିଭାଗର ଗୋପବନ୍ଧୁ ଅଡିଟୋରିୟମରେ ଆରମ୍ଭ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ





ବିଭିନ୍ନ ଇଞ୍ଜିନିୟରିଂ କଲେଜର ୨୮୦ ଜଣ ଛାତ୍ରଛାତ୍ରୀ ଇସ୍ପାତ ନିର୍ମାଣର ସୂକ୍ଷ୍ମକଳା ଶିଖିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏହି ତାଲିମରେ ଯୋଗ ଦେଇଛନ୍ତି। ଏହାର ଉଦ୍‌ଘାଟନୀ ଅଧିବେଶନରେ ଏଲ୍ ଆଣ୍ଡଡି ବିଭାଗର ସିଜିଏମ ପିକେ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏଲ୍‌ଆଣ୍ଡଡି ବିଭାଗର ଜିଏମ ଚୈତାଳୀ ଦାସ ଉପସ୍ଥିତ ଥିଲେ। ସମନ୍ୱିତ ଇସ୍ପାତ କାରଖାନାର କାର୍ଯ୍ୟଧାରା ବିଷୟରେ ଅଂଶଗ୍ରହଣକାରୀଙ୍କୁ ପରିଚିତ କରାଇବା ଏବଂ ତାଲିମ କାର୍ଯ୍ୟକ୍ରମ ସମୟରେ ଗ୍ରହଣ କରିବାକୁ ଥିବା ଆବଶ୍ୟକୀୟ ସୁରକ୍ଷା ସତର୍କତା ବିଷୟରେ ଅବଗତ କରାଇବା ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଇଛି। ଏହି ଏକଦିନିଆ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥାପନା ଏବଂ ଅଡିଓ-ଭିଜୁଆଲ୍ ମାଧ୍ୟମରେ ଆରଏସପିର ଐତିହାସିକ ଦୃଷ୍ଟିକୋଣ, ପ୍ରକ୍ରିୟା ପ୍ରବାହ, ଉତ୍ପାଦ ଏବଂ ସୁରକ୍ଷା ନିୟମ ଏବଂ ମାର୍ଗଦର୍ଶିକା ବିଷୟରେ ଅବଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ପ୍ରତି ଗ୍ରୀଷ୍ମଋତୁରେ ଇସ୍ପାତ କାରଖାନାର କର୍ମଚାରୀମାନଙ୍କ ସମ୍ପର୍କୀୟ ଇଞ୍ଜିନିୟରିଂ ପାଠ୍ୟରତ ବିଭିନ୍ନ ବ୍ରାଞ୍ଚର ଶହଶହ ଛାତ୍ରଛାତ୍ରୀ ପ୍ଲାଣ୍ଟ ଦ୍ୱାରା ପ୍ରଦାନ କରାଯାଉଥିବା ଅବକାଶକାଳୀନ ତାଲିମରେ ଯୋଗ ଦେଇଥାନ୍ତି ଏବଂ ଇସ୍ପାତ ତିଆରିର ସୂକ୍ଷ୍ମକଳା ସମ୍ବନ୍ଧରେ ଶିକ୍ଷାଲାଭ କରିଥାନ୍ତି। କେବଳ ଓଡ଼ିଶା ନୁହେଁ ବରଂ ସାରା ଦେଶରୁ ଛାତ୍ରଛାତ୍ରୀମାନେ ସେମାନଙ୍କର ଇଣ୍ଟର୍ନସିପ୍‌ର ଏକ ଅଂଶଭାବରେ ଏହି ପାଠ୍ୟକ୍ରମରେ ଯୋଗ ଦିଅନ୍ତି।

# ବରିଷ୍ଠ ଏଆଇଟିୟୁସି ନେତାଙ୍କ ବିୟୋଗରେ ଶୋକ

**ରାଉରକେଲା, ୧୦।୬(ସମିସ):** ବରିଷ୍ଠ ଏଆଇଟିୟୁସି ନେତା ତଥା ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସାଥୀ ଅନିଦ୍ ଚକ୍ରବର୍ତ୍ତୀଙ୍କ ଅକାଳ ବିୟୋଗରେ ଆଜି ଏକ ଶୋକ ସଭା ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ସାଧାରଣ ସମ୍ପାଦକ ସାଥୀ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକ ସଭାରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ରାଜନୈତିକ ଜୀବନ ଏବଂ କୋଇଲା ଖଣି ଶ୍ରମିକଙ୍କ ବିଭିନ୍ନ ଦାବିକୁ ନେଇ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢେଇ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ତାଙ୍କର



ଅକାଳ ବିୟୋଗ ଶ୍ରମିକ ଶ୍ରେଣୀ ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍ ନେତା କୈଳାଶ ନାୟକ, ପଞ୍ଚାନନ ସୁନା, ରବି ନାରାୟଣ ସି, ବାପିନା ବେହେରା, ନବୀନ କୁମାର ପୁଷ୍ଟି, ବିଷ୍ଣୁ ପ୍ରସାଦ ଦାସ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ବଣାଇଁରେ ସଚେତନତା ରଥର ଶୁଭାରମ୍ଭ



**ବଣାଇଁ, ୧୦।୬( ସମିସ):** ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ଦିଗରେ ନିଶା ଏକ ପ୍ରତିବନ୍ଧକ ସୃଷ୍ଟି କରିଥାଏ ଓ ନିଶାଭଳି ଅଭ୍ୟାସରୁ ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟିକରି ଅବକାରୀ ବିଭାଗ ପକ୍ଷରୁ ଆୟୋଜିତ ଆମ ସଂକଳ୍ପ 'ନିଶା ନୁହେଁ ଜୀବନ'ର ଶୁଭାରମ୍ଭ ହୋଇଯାଇଛି। ନିଶାନିବାରଣ ସଚେତନତା ରଥକୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଶୁଭାରମ୍ଭ କରିଥିଲେ। ନିଶା ମୁକ୍ତ ସମାଜ, ଜିଲ୍ଲା ଗଠନରେ ସମସ୍ତେ ଏକହୋଇ ସହଯୋଗ କରିବା ପାଇଁ ଉପଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ମେ' ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସଠାରୁ ଏହି ଅଭିଯାନ ଆରମ୍ଭ ହୋଇ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଉପଖଣ୍ଡର ସମସ୍ତ ବ୍ଲକ, ପଞ୍ଚାୟତ, ଗାଁ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ବଣାଇଁଗଡ଼ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ମୃତ୍ୟୁଞ୍ଜୟ ବ୍ରହ୍ମଙ୍କ ତତ୍ୱାବଧାନରେ ଶିକ୍ଷାର୍ଥୀ ବାହିନୀ ଏହି ପଦଯାତ୍ରାରେ ସାମିଲ ହୋଇ ନିଶା ନିବାରଣର ସ୍ଲୋଗାନ ଦେଇ ସଚେତନ କରାଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ କୁଳମଣି ଧଳ, ବଣାଇଁ ଅବକାରୀ ଅଧିକାରୀ ତେଜରାଜ ଗହୀର, ରାଉରକେଲା ଅବକାରୀ ଅଧିକାରୀ ମୋହନ ପ୍ରଧାନ, ନୀରିକ୍ଷକ ହେମନ୍ତ ମହାନନ୍ଦିଆ, ପୁଷ୍ପାଞ୍ଜଳି ଗୋସ୍ୱାମୀ, ରୋହିତ କୁମାର ଦଣ୍ଡସେନା, ଏଡି ଡବ୍ଲୁଓ ଅଜୟ କୁମାର ଜେନା ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଡିଜେଲ୍ ଇଞ୍ଜିନ୍ ଚାଳିତ ଏୟାର୍ କମ୍ପ୍ରେସର୍ ସିଷ୍ଟମ୍ ଉଦ୍‌ଘାଟିତ

**ରାଉରକେଲା, ୧୦।୬(ସମିସ)**

ରାଉରକେଲା ଇସ୍ପାତ କାରଖାନାର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ସ୍ଥିତ ପାୱାର ଏବଂ ବ୍ଲୋଇଙ୍ଗ ଷ୍ଟେସନରେ ଏକ ଆଧୁନିକ ଡିଜେଲ୍ ଇଞ୍ଜିନ୍ ଚାଳିତ ଏୟାର୍ କମ୍ପ୍ରେସର୍ (ମଡେଲ୍: ପିଏ୮୬୦ପି, ମେକ୍: ଦ୍ୟୁସନ ବବ୍‌କେଟ) କମିଶନ୍ କରାଯାଇଛି। କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ସ୍ଥିତ ପାୱାର ଏବଂ ବ୍ଲୋଇଙ୍ଗ ଷ୍ଟେସନ ଏକ ଗୁରୁତ୍ୱପୂର୍ଣ୍ଣ ଏକକ ଭାବରେ କାର୍ଯ୍ୟ କରୁଛି, ଯାହା ବ୍ଲାଷ୍ଟ ଫର୍ନେସ୍-୫ କୁ କୋଲ୍ଡ ବ୍ଲାଷ୍ଟ ଯୋଗାଇ ଦେଉଛି ଓ ପ୍ଲାଣ୍ଟ ପାଇଁ ଅତ୍ୟାବଶ୍ୟକ ଶକ୍ତି ଉତ୍ପାଦନ କରୁଛି। ଏହି ଷ୍ଟେସନରେ ୩ଟି ବଏଲର୍, ୩ଟି ଟର୍ବୋ ବ୍ଲୋଅର୍, ୨ଟି ଷ୍ଟିମ୍ ଟର୍ବାଇନ୍ ଜେନେରେଟର୍ (ଏସଟିଜି) ସହ ଏବଂ ପିଟି ପ୍ଲାଣ୍ଟ, ଡିଏମ ପ୍ଲାଣ୍ଟ, ପମ୍ପ ହାଉସ୍ ଏବଂ କୁଲିଂ ଟାୱାର୍ ଭଳି ଜରୁରୀ ସହାୟକ ୟୁନିଟ୍ ଅନ୍ତର୍ଭୁକ୍ତ ଅଛି। ପିବିଏସ ଭିତରେ ଥିବା ସମସ୍ତ କଣ୍ଟ୍ରୋଲ୍ ଭାଲ୍ଭଗୁଡ଼ିକ ଟିଓପି-୨ ରୁ ଯୋଗା ଯାଉଥିବା ନାଇଟ୍ରୋଜେନ୍ ଦ୍ୱାରା ଚାଳିତ ହୋଇଥାଏ। ନୂତନ ଭାବେ କମିଶନ୍ କରାଯାଇଥିବା ଏହି କମ୍ପ୍ରେସର୍ ଟିଓପି-୨ର ଯେକୌଣସି ଜରୁରୀକାଳୀନ



ପରିସ୍ଥିତିରେ ପିବିଏସର ଇନଷ୍ଟ୍ରୁମେଣ୍ଟ ଏୟାର୍ ଆବଶ୍ୟକତା ସ୍ୱତନ୍ତ୍ର ଭାବେ ପୂରଣ କରିପାରିବ। ଏହା ପିବିଏସ ଓ ବ୍ଲାଷ୍ଟ ଫର୍ନେସ୍-୫ ର ନିର୍ବିଘ୍ନ କାର୍ଯ୍ୟପ୍ରଣାଳୀ ସୁନିଶ୍ଚିତ କରିବା ସହ ବିଶ୍ୱସନୀୟତା ବଢ଼ାଇବ ବୋଲି ଜଣାପଡ଼ିଛି। ଉଦ୍‌ଘାଟନୀ ସମାରୋହରେ ପାୱାର ବିଭାଗର ସିଜିଏମ ଡିକେ ରୟ, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଜିଏମ ଇନଚାର୍ଜ ଏନ୍‌ସି. ପରିଡ଼ା, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଜିଏମ ବିଡି. ଦାସ, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଜିଏମ ଜୟବୀର ସିଂହ, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଜିଏମ କେକେ. ବେହେରା, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଏଜିଏମ ଡିକେ. ରାଉତରାୟ ଏବଂ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ସିନିୟର ମ୍ୟାନେଜର ଏସ୍‌ଆର୍ ପାଣିଗ୍ରାହୀଙ୍କ ସମ୍ମାନଜନକ ଉପସ୍ଥିତିରେ କ୍ୟାପ୍ଟିଭ ପାୱାରପ୍ଲାଣ୍ଟ-୧ କନିଷ୍ଠଯନ୍ତ୍ରୀ ଏସ୍‌ଏମ୍ ଅଲିଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରଯାଇଥିଲା।

# କଟକ ସିଟି



## ସାରଳା ସାହିତ୍ୟ ସଂସଦ କୋଲକତା ଶାଖାର ସାରସ୍ୱତ ଉତ୍ସବ

କଟକ, ୧୦।୬(ସମିସ): କୋଲକତା ଠାରେ ସାରଳା ସାହିତ୍ୟ ସଂସଦର କୋଲକତା ଶାଖା ପକ୍ଷରୁ ଏକ ସାରସ୍ୱତ ସମାରୋହ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ବଙ୍ଗୀୟ କବି ସୁବୋଧ ସରକାର ଉଦବୋଧନ ଦେଇ କହିଲେ, ସାରଳା ଦାସଙ୍କ ଉପରେ ଆହୁରି ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ବିଶିଷ୍ଟ ଅତିଥି ଭାବରେ ଯାଦବପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଶାଶ୍ୱତୀ ହାଲଦାର ସାରଳା ଦାସ ତାଙ୍କ ମହାଭାରତର ରଚନା ଶୈଳୀ ସ୍ୱତନ୍ତ୍ର ଓ ଅଭିନବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ବକ୍ତା ବାଗ୍ମୀ ଲକ୍ଷ୍ମୀ ନାରାୟଣ ମଲ୍ଲିକ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ଅଧିକାରୀ ସାହିତ୍ୟିକ କ୍ଷେତ୍ରବାସୀ ନାୟକ ଯୋଗଦେଇଥିଲେ। ସଭାପତି ଇଂ. ସ୍ୱାଇଁ ସାରଳା ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ସାରଳା ଦାସ ଓଡ଼ିଆ ସାହିତ୍ୟର ଜନକ ବୋଲି କହିଥିଲେ। ଏହି ଉତ୍ସବରେ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ଦିଲ୍ଲୀପ ଦାସ ଧନ୍ୟବାଦ ଦେଇଥିଲେ। ପ୍ରଖ୍ୟାତ କବି ଡ. ରଞ୍ଜିତା ନାୟକ, ସାଫଲ୍ୟ କୁମାର ନନ୍ଦୀ, ଅନୀତା ପ୍ରଧାନ (ଆଚାର୍ଯ୍ୟ), ସନାତନ ମହାକୁଡ଼, ରତିକାନ୍ତ ସାହୁ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ବଡ଼ ମେଡିକାଲରେ ରୋଗୀଙ୍କ ଜୀବନ ସହ ଖେଳ

## ଲିଫ୍ଟ ଅଚଳ; ଶିଡ଼ିରେ ବୁହା ହେଉଛନ୍ତି ରୋଗୀ

କଟକ, ୧୦।୬(ସମିସ)



ବଡ଼ ମେଡିକାଲରେ ରୋଗୀଙ୍କୁ ଉପଯୁକ୍ତ ସୁବିଧାସୁଯୋଗ ମିଳୁନାହିଁ। ରୋଗୀ ସେବା ସମ୍ପୂର୍ଣ୍ଣ କାମଚଳା ଢ଼ଙ୍ଗରେ ଚାଲିଛି। ଯାହାର ନଗ୍ନ ଚିତ୍ର ନିୟମିତ ଦେଖିବାକୁ ମିଳିଲାଣି। ଷ୍ଟ୍ରେଚର ସଙ୍କଟ ଯୋଗୁଁ ରୋଗୀଙ୍କୁ କାନ୍ଧରେ ବୋହିବାକୁ ପଡୁଛି। ବ୍ୟାଟେରୀ ଗାଡ଼ି ଅଭାବ ଯୋଗୁଁ ରୋଗୀ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାତାୟତରେ ସମସ୍ୟା ଭୋଗୁଛନ୍ତି। ଇତି ମଧ୍ୟରେ ଆଜି ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଲିଫ୍ଟ ଅଚଳ ଯୋଗୁଁ ଜଣେ ଗୁରୁତର ରୋଗୀଙ୍କୁ ୪ ମହଲାରୁ ତଳକୁ ଆଣିବା ନିମନ୍ତେ ସମସ୍ୟା ହେବା ସହ ବିପଦଜନକ ଅବସ୍ଥାରେ ସିଡ଼ିରେ ବୋହି ଅଣାଯାଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ଭେଷଜ ବିଭାଗରେ ଘଟିଥିବା ଜଣାପଡ଼ିଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ରୋଗୀଙ୍କ ଜୀବନ ସହ ଖେଳ ଚାଲିଛି ବୋଲି ବିପିନ ବିହାରୀ ମଲ୍ଲିକ ନାମକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

ବଡ଼ ମେଡିକାଲରେ ରୋଗୀ ସେବା ଦିନକୁ ଦିନ ପ୍ରଭାବିତ ହେବାରେ ଲାଗିଲାଣି। ବିଭିନ୍ନ କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଷ୍ଟ୍ରେଚର ସଙ୍କଟ ବିଗତ କିଛି ବର୍ଷ ହେବ ଲାଗି ରହିଥିଲେ ସୁଦ୍ଧା ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଆଜି ସାମାଜିକ ଗଣମାଧ୍ୟମରେ ହୋଇଥିବା ଅଭିଯୋଗ ଅନୁସାରେ, ଜଣେ ଗୁରୁତର ରୋଗୀଙ୍କୁ ୪ ମହଲାରୁ ତଳକୁ ଅଣାଯାଇଥାନ୍ତା। ହେଲେ ବିଭାଗର ଲିଫ୍ଟ ଅଚଳ ଯୋଗୁଁ କିଛି ଘଣ୍ଟା ରୋଗୀ ସମ୍ପର୍କୀୟ ଅପେକ୍ଷା କରି ରହିଥିଲେ। ମାତ୍ର ଅଚଳାବସ୍ଥା ଦୂର ନହେବାରୁ ବାଧ ହୋଇ ଷ୍ଟ୍ରେଚରରେ ବୋହି ତଳକୁ ଆଣିଥିଲେ। ବିପଦଜନକ ଅବସ୍ଥାରେ ରୋଗୀଙ୍କୁ ଅଣାଯାଉଥିବା ଫଟୋ ଭାଇରାଲ ହେଉଛି। ସମ୍ପୃକ୍ତ ରୋଗୀଙ୍କୁ ଶିଡ଼ି ଦ୍ୱାରା ବୋହି ଅଣାଯିବା ବେଳେ ଯଦି କୌଣସି ଅଘଟଣ ଘଟିଥାନ୍ତା, ତାହେଲେ ଏଥି ପାଇଁ କିଏ ଦାୟୀ ରହିଥାନ୍ତା ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲରେ ବ୍ୟାଟେରୀ ଗାଡି ସମସ୍ୟା ଲାଗି ରହିଥିବା ଜଣାପଡ଼ିଛି। ଆଜି ହେମାଟୋଲୋଜି ଓପିଡି ନିକଟରେ କିଛି ରୋଗୀ ୱାର୍ଡକୁ ସ୍ଥାନାନ୍ତର ହେବା ନିମନ୍ତେ ଘଣ୍ଟାଏରୁ ଅଧିକ ସମୟ ଅପେକ୍ଷା କରି ରହିଥିଲେ ସୁଦ୍ଧା ବ୍ୟାଟେରୀ ଗାଡି ପହଞ୍ଚି ନଥିଲା। ରୋଗୀମାନେ ବାଧ ହୋଇ ଚାଲିଚାଲି ୱାର୍ଡକୁ ଯାଉଥିବା ଦେଖିବାକୁ ମିଳିଥିଲା। ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଗୋଟିଏ ୱାର୍ଡରୁ ଅନ୍ୟତ୍ର ନେବା ଆଣିବା କରିବା କିମ୍ବା କାଜୁଆଲଟିରୁ ୱାର୍ଡକୁ ନେବା ନିମନ୍ତେ ବ୍ୟାଟେରୀ ଗାଡି ବ୍ୟବସ୍ଥା ଦୀର୍ଘ ୧୫ ବର୍ଷ ହେବ ଉପଲବ୍ଧ ରହିଛି। ଏହାର ରକ୍ଷଣାବେକ୍ଷଣା କରିବା ନିମନ୍ତେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଟେରୀ ଗାଡିର ସେବା ବାବଦରେ ଲୋକେ ସହଜରେ ଜାଣି ପାରିବା ନିମନ୍ତେ ମେଡିକାଲ ପରିସରରେ ୪ଟି ସହାୟତା କେନ୍ଦ୍ର ଖୋଲିଛି। ହେଲେ ମେଡିକାଲରେ ବ୍ୟାଟେରୀ ଗାଡିର ରକ୍ଷଣାବେକ୍ଷଣା ଠିକ୍ ଭାବେ କରାଯାଉ ନଥିବାରୁ ରୋଗୀ ସମସ୍ୟା ବହୁଗୁଣିତ ହେବାରେ ଲାଗିଛି।



ଲିଙ୍କରୋଡ୍‌ରେ ଭୁଶୁଡ଼ିଲା ଡ୍ରେନ୍‌ର ସ୍ଲାବ୍

## କୁଖ୍ୟାତ ଲୁଟେରା ଗିରଫ

କଟକ, ୧୦।୬(ସମିସ): ଟ୍ରେନରେ ଚଢି ରେଳଯାତ୍ରୀଙ୍କୁ ଲୁଟ୍ କରୁଥିବା ଜଣେ କୁଖ୍ୟାତ ଲୁଟେରାକୁ ଆଜି ଆରପିଏଫ ସ୍କ୍ୱାଡ୍ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଗଞ୍ଜାମ ବୈଦନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିଆ ଗାଁର ରାହୁଲ ଓରଫ ପାରୁଲ ପାତ୍ର(୨୨)। ତା' ପାଖରୁ ୨ଟି ଦାମୀ ଚୋରା ମୋବାଇଲ ଓ ଟଙ୍କା ଭର୍ତ୍ତି ମନିପର୍ସ ଜବତ କରାଯାଇଛି।

ଆଜି ସକାଳେ କଟକ ରେଳ ଷ୍ଟେସନରେ ଆରପିଏଫ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିଲା। ସକାଳ ପ୍ରାୟ ୬ଟା ୪୫ରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ ଆସି ୧ନଂ ପ୍ଲାଟଫର୍ମରେ ଲାଗିବାର କିଛି ସମୟ ପରେ ପୁଣି ଗନ୍ତବ୍ୟସ୍ଥଳ ଅଭିମୁଖେ ଗଡ଼ିବା ଆରମ୍ଭ କରିଥିଲା। ଏତିକିବେଳେ ଉକ୍ତ ଟ୍ରେନର ଜେନେରାଲ ବଗିରୁ ଜଣେ ଯୁବକ ଡିଆଁ ମାରି ଦୌଡୁଥିବା ପାଟ୍ରୋଲିଂ ଟିମର ନଜର ପଡ଼ିଥିଲା। ଯୁବକ ଜଣକ ଦୌଡି ଦୌଡି ପ୍ଲାଟଫର୍ମର ଶେଷ ଆଡକୁ ପଳାଇଥିଲା। ସନ୍ଦେହ କରି ଆରପିଏଫ କର୍ମଚାରୀ ତାର ପିଛା କରି ଖସିଯିବା ପୂର୍ବରୁ ତାକୁ ମାଡିବସିଥିଲେ। ପଚରାଉଚରା କରିବାରୁ ପାରୁଲ ନିଜକୁ ରେଳଯାତ୍ରୀ ଏବଂ କିଛି ସାମଗ୍ରୀ ଆଣିବା ପାଇଁ ଦୌଡୁଥିବା କହିଥିଲା। କିନ୍ତୁ ତା' ପାଖରେ କୌଣସି ଟ୍ରେନର ଟିକଟ୍ ନଥିଲା। ତଲାସି ବେଳେ ତା' ପାଖରୁ ଗୋଟିଏ ଆଇ-ଫୋନ ସମେତ ଗୋଟିଏ ଦାମୀ ମୋବାଇଲ ମିଳିଥିଲା। ହେଲେ ସେ ଉକ୍ତ ମୋବାଇଲକୁ ଅନଲକ୍ କରିପାରିନଥିଲା। ଠିକ ସେହି ସମୟରେ ଆଇ-ଫୋନକୁ ଗୋଟିଏ କଲ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣକ ଉକ୍ତ ମୋବାଇଲଟି ତାଙ୍କର ଏବଂ ତାହା ଚୋରି ହୋଇଯିବା ସମ୍ପର୍କରେ ଜଣାଇଥିଲେ। ଏପରିକି ସେ ମୋବାଇଲ ଚୋରି ନେଇ ବ୍ରହ୍ମପୁର ସଦର ଥାନାରେ ଏତଲା ଦାୟର କରିଥିବା ବିଷୟରେ ମଧ୍ୟ ଜଣାଇଥିଲେ। ଏହାପରେ ଆରପିଏଫ ଟିମ ଅଭିଯୁକ୍ତ ପାରୁଲକୁ ଧରିଆଣି ଅଧିକ ଜେରା କରିବାରୁ ସେ ସବୁକଥା ମାନିଥିଲା। ଅଭିଯୁକ୍ତ ପାରୁଲ ଜଣେ ପେସାଦାର ଲୁଟେରା। ଆଜି ସକାଳେ ସେ ବ୍ରହ୍ମପୁର ଗୌତମୀ ଗାଁର ଜଣଙ୍କ ଘରୁ ଉକ୍ତ ଆଇ-ଫୋନକୁ ଚୋରାଇ ଆଣିବା ପରେ ଟ୍ରେନରେ ଚଢି ଗଞ୍ଜାମରୁ ଖସିଆସିଥିଲା। ପରେ ଭୁବନେଶ୍ୱର ଷ୍ଟେସନ ମଧ୍ୟରେ ସୁଯୋଗ ଦେଖି ଆଉ ଜଣେ ଯାତ୍ରୀଙ୍କ ମୋବାଇଲ ଓ ମନିପର୍ସ ଲୁଟିବା ପରେ ଟ୍ରେନ ବଦଳାଇଥିଲା। ତେବେ କଟକ ଷ୍ଟେସନ ପାଖାପାଖି ପୁଣି ଲୁଟ ଉଦ୍ୟମ ବେଳେ ଯାତ୍ରୀ ଜଣଙ୍କ ଦେଖିନେବାରୁ ସେ ଦୌଡି ପଳାଉଥିଲା ବୋଲି ଜେରା ବେଳେ ସ୍ୱୀକାର କରିଛି। ବ୍ରାଉନସୁଗର ସେବନ ପାଇଁ ଅଭିଯୁକ୍ତ ପାରୁଲ ବିଭିନ୍ନ ସମୟରେ ଟ୍ରେନରେ ଚଢି ଚୋରି ଓ ଲୁଟପାଟ କରୁଥିବା ଜଣାପଡ଼ିଛି। ତା' ପାଖରୁ ଦାମୀ ମୋବାଇଲ ଓ ୧୬ଶହ ଟଙ୍କା ଭର୍ତ୍ତି ପର୍ସ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୯୬ ହଜାର ୬ଶହ ଟଙ୍କା ହେବ। ତା' ନାଁରେ ଗଞ୍ଜାମର ବୈଦନାଥପୁର, ଗୋପାଳପୁର, ପୁରୁଷୋତ୍ତମପୁର, ବ୍ରହ୍ମପୁର ସଦର ଥାନାରେ ୬ଟି ମାମଲା ରହିଛି। ଘଟଣା ପରେ ବୈଦନାଥପୁର ଥାନା ପୁଲିସ ସହିତ ଯୋଗାଯୋଗ କରି ଜବତ ମୋବାଇଲକୁ ଫେରସ୍ତ କରାଯାଇଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଆରପିଏଫ ଇନ୍ସପେକ୍ଟର ରାଜସିଂ ମଲ୍ଲିକ ସୂଚନା ଦେଇଛନ୍ତି।

**ଦୁଇ ଦାମୀ ମୋବାଇଲ ଓ ଟଙ୍କା ଭର୍ତ୍ତି ପର୍ସ ଜବତ**

## ନେତାଜୀ ବସ୍ ଟର୍ମିନାଲ୍‌ରେ ବାବୁସାନ୍ ଓ ଅର୍ଚ୍ଚିତା



କଟକ, ୧୦।୬(ସମିସ): ରଜରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ'। ଜୁନ ୧୨ରେ ଏହାର ପ୍ରିମିୟର ହେବାକୁ ଥିବାବେଳେ କଟକରୁ ଏହାର ଜୋରଦାର ପ୍ରଚାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆଜି କଟକ ନେତାଜୀ ବସ୍ ଟର୍ମିନାଲରେ ଚଳଚ୍ଚିତ୍ରର ନାୟକ ବାବୁଶାନ୍ ଓ ନାୟିକା ଅର୍ଚ୍ଚିତା ପହଞ୍ଚି ଫିଲ୍ମର ପ୍ରମୋଶନ କରିଥିଲେ। ସୁପରଷ୍ଟାର ବାବୁସାନଙ୍କୁ ଦେଖି ନେତାଜୀ ଟର୍ମିନାଲ ପରିସର ଭିଡ଼ ଲାଗିଥିଲା। ବାବୁସାନ ଓ ଅର୍ଚ୍ଚିତା ଲୋକଙ୍କ ସହ ସେଲ୍‌ଫି ନେବା ସହିତ 'ବୋଉ ବୁଟୁ ଭୂତ'ର ବ୍ରାଣ୍ଡିଙ୍ଗ ହୋଇଥିବା ବସରେ ସହର ପରିକ୍ରମା କରିଥିଲେ ଓ ବସ ଭିତରୁ ହାତ ହଲାଇ ପ୍ରଶଂସକଙ୍କ ଅଭିବାଦନ ଗ୍ରହଣ କରିଥିଲେ।

ବାବୁସାନ ଫିଲ୍ମସ ନିବେଦିତ ତଥା ତୃପ୍ତି ଶତପଥୀଙ୍କ ପ୍ରଯୋଜିତ 'ବୋଉ ବୁଟୁ ଭୂତ' ସାରା ଓଡ଼ିଶାରେ ୬୧ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବାବେଳେ ଏହାର ମୁଖ୍ୟ ଭୂମିକାରେ ନଜର ଆସିବେ ଓଲିଉଡ଼ର ସୁପରଷ୍ଟାର ବାବୁଶାନ୍ ମହାନ୍ତି। ତାଙ୍କ ଅପୋଜିଟ୍ ରେ ଅଛନ୍ତି ଏଭରଗ୍ରୀନ ଅର୍ଚ୍ଚିତା। ସେହି ପରି ବରିଷ୍ଠ ଅଭିନେତ୍ରୀ ଅପରାଜିତାଙ୍କୁ ଏଥିରେ ଏକ ଗୁରୁତରପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିବ। ଅନ୍ୟାନ୍ୟ ଚରିତ୍ରରେ ଅଛନ୍ତି ଚୌଧୁରୀ ଜୟପ୍ରକାଶ ଦାସ, କେକେ, ରବି ମିଶ୍ର, ଅନୁଗୁଳିଆ ବଣ୍ଟି ଓ ଉଦିତ ଗୁରୁ। ଜଗଦୀଶ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମ. ଇମ୍ରାନ। ପ୍ରଣବ ପ୍ରସନ୍ନ ରଥ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଡିଓପି ଅଛନ୍ତି ରୁଦ୍ରକାନ୍ତ ସିଂ। କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା। ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ହରପ୍ରସାଦ ମହାପାତ୍ର। ଏହି ହରର କମେଡି ଓ ସସ୍ପେନ୍ସ ଡ୍ରାମାର ଟ୍ରେଲର ସାଙ୍ଗକୁ 'ଡୁଙ୍ଗୁଥିଲି..' ଏବଂ 'ଓଦା ଲାଗେ..' ଗୀତ ଦୁଇଟି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି। ୧୧ ତାରିଖ ରାତି ୧୨ଟାରେ ଏକ 'ମିଡ଼ ନାଇଟ ଶୋ'ର ଆୟୋଜନ କରାଯାଉଛି ଯାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ। ମଧ୍ୟରାତ୍ରିରେ ଭୂତ ସିନେମାର ରୋମାଞ୍ଚ ଓ ମଜା ନେବେ ଦର୍ଶକ।

### ଦୀର୍ଘ ବର୍ଷ ଅପେକ୍ଷାର ଅନ୍ତ

## ଏସ୍‌ସିବିକୁ ଆସିଲା ଅତ୍ୟାଧୁନିକ ସିଟି ସ୍କାନ୍ ମେସିନ୍

କଟକ, ୧୦।୬(ସମିସ): ଦୀର୍ଘବର୍ଷ ଅପେକ୍ଷାର ଅନ୍ତ ଘଟିବା ସହ ଏସ୍‌ସିବି ମେଡିକାଲକୁ ଅତ୍ୟାଧୁନିକ ସିଟି ସ୍କାନ ମେସିନ ଅଣାଯାଇଛି। ସୋମବାର ବିଳମ୍ବିତ ରାତିରେ ଏହା ମେଡିକାଲରେ ପହଞ୍ଚିଥିଲା। ଆଞ୍ଚଳିକ ନିଦାନ କେନ୍ଦ୍ର(ଆରଡିସି)ରେ ଏହାକୁ ରଖାଯାଇଛି। ୫ଦିନ ଭିତରେ ଏହାକୁ ସଂସ୍ଥାପନ କରାଯିବ। ପରେ ଡ୍ରାଏରନ ଚାଲିବ। ସିଟି ସ୍କାନ ନେଇ ରୋଗୀ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହେବା ନିଶ୍ଚିତ ହୋଇଛି। ମେସିନ ଅଣାଯିବା ନିମନ୍ତେ ବିଗତ କିଛି ବର୍ଷ ହେବ ଯୋଜନା ଚାଲିଥିଲା। ଟେଣ୍ଡର କରାଯାଇଥିଲେ ସୁଦ୍ଧା ମେସିନ ଅଣାଯାଇ ପାରୁନଥିଲା। ଏହି ଘଟଣାକୁ ନେଇ ହାଇକୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ମେସିନ ଅଣାଯିବା ଦିଗରେ ଗୁରୁତ୍ୱ ଦେବାକୁ ଓଡ଼ିଶା ଷ୍ଟେଟ ମେଡ଼ିକାଲ କର୍ପୋରେସନ ଲିମିଟେଡ୍(ଓଏସ୍‌ଏମସିଏଲ) ଓ ବଡ ମେଡିକାଲର ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏସ୍‌ସିବି ମେଡ଼ିକାଲରେ ସିଟି ସ୍କାନ ମେସିନ ଖରାପ ହେବାକୁ ନେଇ ଅନେକ ସମୟରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ଭିତରେ ଉତ୍ତେଜନା ଦେଖା ଦେଇଥାଏ। ଏପରିକି ପ୍ରାୟ ସମୟ ଏସ୍‌ସିବିରେ ସିଟି ସ୍କାନ ମେସିନ ଅଚଳ ହୋଇ ପଡ଼େ। ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବା ବେଳେ ମେସିନ ବାରମ୍ବାର ଅଚଳ ହେବା ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିଲା। ଏଭଳି ସମସ୍ୟାର ସମାଧାନ ପାଇଁ କିଛି ବର୍ଷ ପୂର୍ବେ ଯୋଜନା ହୋଇଥିଲା। ଅତ୍ୟାଧୁନିକ ସିଟି ସ୍କାନ ଓ ଏମଆରଆଇ ମେସିନ ଅଣାଯିବା ପାଇଁ ଯୋଜନା ହେଉଥିଲେ ମଧ୍ୟ ଏହାର ସଫଳ ରୂପାୟନ ହୋଇ ପାରୁନଥିଲା। ମେସିନ ଅଣାଯିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି ଏସ୍‌ସିବି ମେଡ଼ିକାଲର ରେଡିଓ ଡାଇଗ୍ନୋସିସ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରିଥିଲେ। ହେଲେ ଓଏସ୍‌ଏମସିଏଲର ଅବହେଳା ଯୋଗୁଁ ମେସିନ ଅଣାଯାଇ ପାରୁନଥିବା କୁହାଯାଇଥିଲା। ସହର ସମସ୍ୟା ସମ୍ପର୍କୀତ ମାମଲାର ଶୁଣାଣି କରି ଏସ୍‌ସିବିକୁ ନୂତନ ମେସିନ ଅଣାନଯିବା ପ୍ରସଙ୍ଗରେ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ଏବେ ଏହି ସମସ୍ୟାର ଅନ୍ତ ଘଟିଛି। ସୂଚନାଯୋଗ୍ୟ, ଏସ୍‌ସିବିରେ ୨ଟି ସିଟି ସ୍କାନ ମେସିନ ରହିଛି। ଗୋଟିଏ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହା ଆଞ୍ଚଳିକ ନିଦାନ କେନ୍ଦ୍ର(ଆରଡିସି)ରେ ସଂସ୍ଥାପିତ ହୋଇଛି। ଅନ୍ୟ ମେସିନଟି ପବ୍ଲିକ ପ୍ରାଇଭେଟ ପାର୍ଟନରସିପ୍(ପିପିପି) ମୋଡ଼ରେ କାର୍ଯ୍ୟ କରୁଥିବା ବେଳେ ଏହା ରେଡିଓଲୋଜି ବିଭାଗ ସମ୍ମୁଖ କେନ୍ଦ୍ରରେ ରହିଛି।

## ସାଇ ଆଶ୍ରିତଙ୍କ ବିୟୋଗ



କଟକ, ୧୦।୬(ସମିସ): ସମାଜସେବୀ, ଉଦ୍ୟୋଗୀ ସାଇ ଆଶ୍ରିତ ବିବେକାନନ୍ଦ ବେହେରାଙ୍କ ୮୧ ବର୍ଷ ବୟସରେ ବାଖରାବାଦସ୍ଥିତ ବାସଭବନରେ ପରଲୋକ ଘଟିଛି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଧାର୍ମିକ ସେବା କାର୍ଯ୍ୟ ଓ ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କ ଭିତରେ ସାଇ ଚେତନାର ପ୍ରଚାର ଓ ପ୍ରସାର କରିବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁତ୍ର ଅବକାଶ ବେହେରା, ନାତି ସାଇ ସତ୍ୟପ୍ରକାଶ, ସାଇ ସ୍ମୃତି ରଞ୍ଜନ, ନାତୁଣୀ ସାଇ ସୁଦୀପ୍ତା, ଜ୍ୱାଇଁ ରାଜେନ୍ଦ୍ର ବେହୁରିଆ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡାକ୍ତର ସତ୍ୟ ସ୍ୱରୂପ ପଟ୍ଟନାୟକ, ନ୍ୟାୟମୂର୍ତ୍ତି ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବାସଭବନରେ ଗୌତମ ତ୍ରିପାଠୀ, ଶ୍ୟାମ ସୁନ୍ଦର ସାମଲ, ମାନ ଗୋବିନ୍ଦ ପ୍ରଧାନ, ସାଧୁ ଚରଣ ପ୍ରଧାନ, ଆଦିତ୍ୟ ନାୟକ, ଡାକ୍ତର ଦିଲ୍ଲୀପ କୁମାର ମହାରଣା, ଅଜୟ ମହାନ୍ତି, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଓ ସୁଶାନ୍ତ କୁମାର ଭୂୟାଁଙ୍କ ସମେତ କଟକର ବିଭିନ୍ନ ଅଞ୍ଚଳ ବୁଦ୍ଧିଜୀବୀ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିବାବେଳେ ପୁଅ ଅବକାଶ ମୁଖାଗ୍ନି ଦେଇଥିଲେ।

## ଏନ୍‌ଡିଆର୍‌ଏଫ୍‌ରେ 'ରୁଚି'ର ସାମାଜିକ କାର୍ଯ୍ୟକ୍ରମ



କଟକ, ୧୦।୬(ସମିସ): ଓଡ଼ିଶାର ସୁପରିଚିତ ରୁଚି ଉଦ୍ୟୋଗ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୁଣ୍ଡୁଳିସ୍ଥିତ ଏନ୍‌ଡ଼ିଆରଏଫ୍ ପରିସରରେ ମହିଳା ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରେରଣାଦାୟୀ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ବିପର୍ଯ୍ୟୟ ସମୟରେ ସେବା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏହି ଅନୁଷ୍ଠାନର ଅଧିକାରୀମାନଙ୍କ ପାଇଁ ପ୍ରେରଣା ଯୋଗାଉଥିବା ଦୁଇଶହରୁ ଅଧିକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରେଷ୍ଠ ମହିଳା ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସଶକ୍ତିକରଣ ଏବଂ ପିଲାମାନଙ୍କର ଦକ୍ଷତା ବିକାଶ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏନ୍‌ଡ଼ିଆର୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହ୍ୱାନ, ସାଗର ଚୌହ୍ୱାନ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲାବେଳେ ରୁଚି କର୍ପୋରେଟ ସେଲ୍ସ ବିଭାଗ ବିଶେଷଜ୍ଞ ସାଇ ସମ୍ବିତା ନାୟକ ଓ ବିଜିନେସ ଏକଜିକ୍ୟୁଟିଭ ସୋନାଲି ସାହୁ ଏହାକୁ ପରିଚାଳନା କରିଥିଲେ। 'ରୁଚି'ର ବିଭିନ୍ନ ନୂତନ ଉତ୍ପାଦ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା।

### ଡ୍ରଗ୍‌ସ କଣ୍ଟ୍ରୋଲ୍ ସ୍କ୍ୱାଡ୍‌ର ଛାନ୍‌ଭିନ୍

## ବିପୁଳ ଗର୍ଭପାତ ବଟିକା ଜବତ

- ମିଳିଲାନି ନିଶାଯୁକ୍ତ କଫ୍ ସିରପ୍
- ଆଗୁଆ ସୂଚନା ପାଇ ଫିଙ୍ଗିଦେଲେ ଦୋକାନୀ

କଟକ, ୧୦।୬(ସମିସ)



ସହରରେ ଦିନକୁ ଦିନ ନିଶା ସାମଗ୍ରୀ କାରବାର ବଢ଼ିବାରେ ଲାଗିଛି। ମୁଖ୍ୟତଃ ଔଷଧ ଦୋକାନ ଗୁଡ଼ିକରେ ନିଶାଯୁକ୍ତ କଫ୍-ସିରପ୍ ଓ ବେଆଇନ ଗର୍ଭପାତ କିଟ୍ ବିକ୍ରି କରାଯାଉଛି। ଏସସିବି ମେଡିକାଲର ଆଖପାଖ ଅଞ୍ଚଳ ସମେତ ମର୍କତନଗର, ବାଦାମବାଡ଼ି ଭଳି ଅଞ୍ଚଳରେ ଏହି କାରବାର ଜୋରଦାର୍ ହେଉଥିବା ଉଭୟ ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଏବଂ କମିଶନରେଟ୍ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଆଜି ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ମଙ୍ଗଳାବାଗ ପୁଲିସ ଔଷଧ ଦୋକାନ ଗୁଡ଼ିକରେ ଚଢ଼ଉ କରିଥିଲେ। ରାଣୀହାଟ, ଏସ୍‌ସିବି ନିକଟସ୍ଥ ମେଡିକାଲ ରୋଡ୍ ଓ କଲେଜଛକ ଅଞ୍ଚଳର ଔଷଧ ଦୋକାନଗୁଡ଼ିକରେ ଅନ୍‌ୱାଣ୍ଟେଡ୍ କିଟ୍ (ଗର୍ଭପାତ ବଟିକା), ନିଶାଯୁକ୍ତ କଫ୍ ସିରପ ଓ ବେଆଇନ ମେଡିସନ୍ ଅବାଧରେ ବିକ୍ରି କରାଯାଉଥିଲା। ତେବେ ଚଢ଼ଉ ସମୟରେ ଔଷଧ ଦୋକାନଗୁଡ଼ିକରୁ ବିପୁଳ ପରିମାଣରେ ଅନ୍‌ୱାଣ୍ଟେଡ୍ କିଟ୍ ଜବତ କରାଯାଇଛି। ଏଥିସହ ଦୋକାନୀଙ୍କଠାରୁ ମେଡିସନର କ୍ରୟ ବିକ୍ରୟ ଚିଠା ଯାଞ୍ଚ କରାଯାଇଥିଲା। ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ ବିନା ଏହି ମେଡିସିନ ବିକ୍ରି କରିବାକୁ ସ୍କ୍ୱାଡ୍ ତାଗିଦ କରଥିଲା। ଅନ୍ୟପଟେ ଚଢ଼ଉର ଆଗୁଆ ସୂଚନା ପାଇ ଔଷଧ ଦୋକାନୀ ନିଶାଯୁକ୍ତ କଫ୍ ସିରପ୍ ଦୋକାନରୁ ହଟାଇ ଦେଇଥିବା ଅଭିଯୋଗ ଉଠିଛି। ଏନେଇ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଧର୍ମଦେବ ପୁହାଣ କହିଛନ୍ତି ଯେ ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ବିକ୍ରି ହେଉଥିବା ଅଭିଯୋଗ ଥିବାରୁ ଏହି ଯାଞ୍ଚ କରାଯାଇଥିଲା। ମେଡିସିନ ଦୋକାନୀଙ୍କ ମେଡିକସିନ କିଣାବିକାର ତଥ୍ୟକୁ ମଧ୍ୟ ଯାଞ୍ଚ କରାଯାଇଛି। ନିୟମ ମୁତାବକ ବିନା ଡାକ୍ତର ପରାମର୍ଶରେ ଅନ୍‌ୱାଣ୍ଟେଡ୍ କିଟ୍ କୌଣସି ଦୋକାନୀ ବିକ୍ରି କରି ପାରିବେ ନାହିଁ। ମୁଖ୍ୟତଃ ଅବିବାହିତ ମହିଳାମାନେ ବିନା ଡାକ୍ତର ପରାମର୍ଶରେ ଏହାକୁ ବ୍ୟବହାର କରୁଥିବାବେଳେ ତାଙ୍କ ଜୀବନ ବିପଦକୁ ଠେଲି ଦେଉଥିବା ଘଟଣା ସାମ୍ନାକୁ ଆସିବାରୁ ଏଭଳି ଯାଞ୍ଚ କରାଯାଇଛି। ଏଥିସହ ମେଡିସିନ ଦୋକାନୀଙ୍କୁ ସଚେତନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି କଟକ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ହରପ୍ରିୟା ମଲ୍ଲିକ କହିଛନ୍ତି ଯେ ଏହି କିଟ୍ ବ୍ୟବହାର କରିବା ବହୁ କ୍ଷତିକାରକ ଥିବାବେଳେ ବିନା ଡାକ୍ତର ପରାମର୍ଶରେ ବ୍ୟବହାର କରିବା ଓ ଏହାକୁ ବିକ୍ରି କରିବା ବେଆଇନ ରହିଛି। ଦୋକାନୀଙ୍କ ସମସ୍ତ କାଗଜପତ୍ରର ଯାଞ୍ଚ କରାଯାଇଥିବା ସେ କହିଛନ୍ତି। ଯାଞ୍ଚ ସମୟରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଟିମ୍‌ର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି, ୨୦୧୬ ମାର୍ଚ୍ଚ ୧୦ରେ ଦେଶରେ କୋଡିନ୍ ଫସଫେଟ୍ ମିଶ୍ରିତ କଫ୍ ସିରପ୍ ପ୍ରସ୍ତୁତି ଓ ବିକ୍ରି ଉପରେ ନିଷେଧାଦେଶ ଜାରି ରହିଛି। ଏଥିରେ ନିଶାର ମାତ୍ରା ଅଧିକ ରହୁଥିବାରୁ ଏହା ଶରୀର ଉପରେ କୁପ୍ରଭାବ ପକାଉଛି। ସରକାରୀ ଭାବେ ଏହା ବନ୍ଦ ହୋଇଯିବା ପରେ କଟକରେ କଫ' କମାଇବା ପାଇଁ ଏହାକୁ ସେବନ କରିବାକୁ ଡାକ୍ତର ପରାମର୍ଶ ଦେଉ ନାହାନ୍ତି। କିନ୍ତୁ ଏଥିରେ ଥିବା ନିଶାର ମାତ୍ରା ଏବେ ନିଶା ମାଫିଆଙ୍କ ପାଇଁ ବଡ଼ ବ୍ୟବସାୟର ମାଧ୍ୟମ ପାଲଟିଛି। ସହରର ବିଭିନ୍ନ ଔଷଧ ଦୋକାନରେ ୧୦୦ ଏମଏଲ୍ 'କୋରେକ୍ସ କଫ୍ ସିରପ୍ ୧୨୩ରୁ ୧୪୫ ଟଙ୍କାରେ ମିଳିଯାଉଥିବା ବେଳେ 'ୱିନିସେରେକ୍ସ କଫ ସିରପ୍ ୮୦ରୁ ୯୫ ଟଙ୍କା ଏବଂ 'ଏସକଫ୍ କଫ ସିରପ୍' ୮୨-୯୦ ଟଙ୍କାରେ ମିଳିଯାଉଛି। ଅଳ୍ପ ମୂଲ୍ୟରେ ଏହି କଫ୍ ସିରପ୍ ମିଳିଯାଉଥିବାରୁ ଏହାକୁ ବେଆଇନ ଭାବେ କମ୍ପାନି ପ୍ରସ୍ତୁତ କରି ଓଡ଼ିଶା ବଜାରକୁ ଚାଲାଣ କରୁଛି। ଏ ପ୍ରକାର ଔଷଧ କାରଖାନା ହିମାଚଳପ୍ରଦେଶ ଓ ମେଘାଳୟର ପାର୍ବତ୍ୟାଞ୍ଚଳରେ ପ୍ରସ୍ତୁତ ହେଉଛି। ସେଠାରୁ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଓ ଓଡ଼ିଶା ବଜାରକୁ ଚାଲାଣ ହେଉଛି। ପଶ୍ଚିମବଙ୍ଗରେ ପହଞ୍ଚିବା ପରେ ସେଠି କଲିକତାର କାଳୀଘାଟ ଅଞ୍ଚଳରେ ଥିବା ଗୋଦାମରେ ଠୁଳ ହେଉଛି। ସେଠାରୁ କଟକ-କଲିକତା ବସ୍ ଯୋଗେ କଟକ ଓଏମପି ଓ ବାଦାମବାଡ଼ି ବସଷ୍ଟାଣ୍ଡରେ ପହଞ୍ଚୁଛି। କଟକ ସହରରେ ଏହି ନିଶା କଫ୍-ସିରପ୍ ସାମଗ୍ରୀ ବେଆଇନ ଭାବେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଚଢ଼ଉ ଜୋରଦାର କରାଯିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ ସୂଚନା ମିଳିଛି।

# ତୁନଖାଲ ରାସ୍ତାର ଶୁଭାରମ୍ଭ କଲେ ବିଧାୟକ



ପୋଡ଼ାଗଡ଼, ୧୦।୬ (ସମିସ):

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ଅଧିନରେ ଥିବା ତୁନଖାଲ ରାସ୍ତାର ଶୁଭ ଉଦ୍‌ଘାଟନ ହୋଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତାଠାରୁ ପ୍ରାୟ ୨ କିମି ଦୂରତା ବିଶିଷ୍ଟ ତୁନଖାଲ ଗ୍ରାମର ନୂତନ ପକ୍କା ରାସ୍ତାକୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପବିତ୍ର ସାଉଁନ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ବ୍ଲକ ସମ୍ପାଦକ ମୋହନ ପାତ୍ର ହିଆଲଙ୍କ ନେତୃତ୍ୱରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ମଧ ସେ ଯୋଗ ଦେଇଥିଲେ। ଧର୍ମଗୁଡ଼ା ଗାଁ କୁ ସଂଯୋଗ କରି ତୁନଖାଲ ଗାଁକୁ ଯାଉଥିବା ରାସ୍ତାଟି ମରଣଯନ୍ତା ଭାବେ ପଡି ରହିଥିଲା। ଏହି ରାସ୍ତାର ଖରାପ ଅବସ୍ଥା ଯୋଗୁଁ କିଛି ଗର୍ଭବତୀ ମହିଳା ଅଧ ବାଟରେ ପ୍ରସବ କରିବା, ରୋଗୀ ଅଧବାଟରେ ମୃତ୍ୟୁବରଣ କରିବା ଭଳି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଥର ନିର୍ବାଚନ ସମୟରେ ଧର୍ମଗୁଡ଼ା ଏବଂ ତୁନଖାଲବାସୀଙ୍କୁ ଏହି ରାସ୍ତା କରିବାକୁ ଲକ୍ଷ୍ମୀପୁର ବିଧାୟକ ଶ୍ରୀ ସାଉଁନ୍ତା ପ୍ରତିଶ୍ରୁତି ଦେଇଥିଲେ। ତାହା ଆଜି ପୂରଣ ହୋଇଥିବାରୁ ଗ୍ରାମବାସୀ ଖୁସି ଜାହିର କରିଛନ୍ତି। ବର୍ତ୍ତମାନ ତୁନଖାଲ ରାସ୍ତା ନିର୍ମାଣ ପାଇଁ ଅଟକଳ ମୂଲ୍ୟ ୨ କୋଟି ହୋଇଥିବା ବେଳେ ସେମିଳିଗୁଡ଼ାର ତିଳକ କନ୍‌ଷ୍ଟ୍ରକ୍ସନ କାର୍ଯ୍ୟ କରୁଥିବା ଜଣାପଡିଛି। ଦୀର୍ଘ ବର୍ଷ ପରେ ଏହି ଗାଁକୁ ଖଣ୍ଡିଏ ପକ୍କା ରାସ୍ତା ସରକାରଙ୍କ ପକ୍ଷରୁ ଅନୁମୋଦିତ ହୋଇଛି । ଉପଯୁକ୍ତ ଭାବେ ରାସ୍ତା କାର୍ଯ୍ୟ ନିର୍ମାଣ କରିବା ପାଇଁ କାର୍ଯ୍ୟଭାର ତୁଲାଉଥିବା ଠିକାଦାରଙ୍କୁ ଲକ୍ଷ୍ମୀପୂର ବିଧାୟକ ଶ୍ରୀ ସାଉଁନ୍ତା ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ କଂଗ୍ରେସର ବରିଷ୍ଠ ନେତା ରମାକାନ୍ତ ଦଳାଇ, ସାଂସଦଙ୍କ ଦଶମନ୍ତପୁର ବ୍ଲକ ପ୍ରତିନିଧି ପଙ୍କଜ ବାଘ ହେମନ୍ତ ପାତ୍ର , ଯୁବ ସଭାପତି ଅଶୋକ ଖସଲା, ରାଜେନ୍ଦ୍ର ହୁଇକା, ଚିକାମ୍ବ ସେବାଦଳ ସଭାପତି ସୁବାଷ ଖସଲା, ଅର୍ଜୁନ ଚେଟି, ଦିଲ୍ଲୀପ ବାଘ, ମୋନଜ ଗରଡ଼ା, ଚିକାମ୍ବ ସରପଞ୍ଚ ସାଇବେଣି ଜାନି ଜଣାଶୁଣା ଯୁବନେତା ସିନ୍ଧୁ କୁଲଦୀପଙ୍କ ସମେତ ଶତାଧିକ ଜନସାଧାରଣ ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅବହେଳା

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ୨୬ ସଦସ୍ୟ



କୋଷାଗୁମୁଡା,୧୦।୬(ସମିସ): ମଙ୍ଗଳବାର ଦିନ କୋଷାଗୁମୁଡା ବ୍ଲକରେ ହେବାକୁ ଥିବା ସମିତି ବୈଠକକୁ ଉଭୟ ସରପଞ୍ଚ ଓ ସମିତି ସଭ୍ୟମାନେ ବର୍ଜନ କରିଛନ୍ତି। ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ସଦର ମହକୁମାରେ । ଆଜି କୋଷାଗୁମୁଡା ବ୍ଲକ କାର୍ଯାଳୟରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ଥିବା ବେଳେ ବ୍ଲକର ୨୬ଗୋଟି ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟମାନେ ବୈଠକରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବିଡ଼ିଓଙ୍କ ଅବଗତ ପାଇଁ ଏ ନେଇ ଏକ ଅଭିଯୋଗପତ୍ର ମଧ ପ୍ରଦାନ କରାଯାଇଛି। କୋଷାଗୁମୁଡା ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କ ଅଭିଯୋଗ ପ୍ରକାରେ ବିଗତ ୩ବର୍ଷ ହେବ ସେମାନଙ୍କୁ ଅବହେଳା କରାଯାଉଛି । "ବିକଶିତ ଗାଁ ବିକଶିତ ଓଡିଶା' ଭଳି ସବୁ କାର୍ଯ୍ୟକ୍ରମରେ ସେମାନେ ଅବହେଳାର ଶିକାର ହୋଇ ଆସୁଛନ୍ତି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପାଇଁ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଲେଖାଏଁ ସହାୟତା ପ୍ରଦାନ କରାଗଲା। ହେଲେ ଉକ୍ତ ରାଶିର ବିନିଯୋଗ ସ୍ଥାନୀୟ ବିଧାୟକ ଓ ବ୍ଲକ ପ୍ରଶାସନ କଲେ। ସ୍ଥାନୀୟ ବିଧାୟକମାନେ ନିଜ ଦଳୀୟ କର୍ମକର୍ତା ମାନଙ୍କୁ କାମ କରିବାର ସୁଯୋଗ ଦେଲେ,ହେଲେ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ପଚାରିଲେ ନାହିଁ। ଠିକ୍ ସେହିପରି ରାଜ୍ୟରେ ବିଜେପି ସରକାର ଆସିବା ପରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମରେ ମଧ ବିଧାୟକଙ୍କୁ ୪୦ପ୍ରତିଶତ ମିଳୁଥିବା ବେଳେ ବ୍ଲକ ପ୍ରଶାସନ ୬୦ ପ୍ରତିଶତ ନିଜେ ରଖିଛନ୍ତି। ସ୍ଥାନୀୟ ବିଧାୟକ ବିଭିନ୍ନ ସ୍ଥାନକୁ ଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ବ୍ଲକର ଯେ କୌଣସି କାର୍ଯ୍ୟକ୍ରମରେ ବିଧାୟକ, ଶାସକ ଦଳୀୟ କର୍ମୀ ମୁଖ୍ୟ ଭୂମିକା ତୁଲାଉଛନ୍ତି। ଆମ ପଞ୍ଚାୟତର ଆବଶ୍ୟକତା ଓ ସମସ୍ୟା ବିଷୟରେ ପଚାରୁ ନାହାନ୍ତି। ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେମାନଙ୍କୁ ନ ଜଣାଇ ବିଧାୟକ ଗ୍ରାମେ ଗ୍ରାମେ ଷ୍ଟ୍ରିଟ୍ ଲାଇଟ୍ ସବୁର ବ୍ୟବସ୍ଥା କଲେ। ଏବେ ଡରେଇ ଧମକେଇ ଲାଇଟ୍ ବାବଦକୁ ଟଙ୍କା ମାଗୁଛନ୍ତି। ଏ ନେଇ ଅନ୍ୟାୟ ଉପରେ ଅନ୍ୟାୟ ହୋଇ ଚାଲିଥିବା ବେଳେ ସେମାନେ ପଞ୍ଚାୟବାସୀଙ୍କ ପାଖରେ ଅପଦସ୍ତ ହେଉଛନ୍ତି। ତେଣୁ ସେମାନେ କୌଣସି ପଞ୍ଚାୟତ ସମିତି ବୈଠକରେ ଯୋଗ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇ ବୈଠକ ବର୍ଜନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାପା ଙ୍କ ଦ୍ୱାରସ୍ଥ ସମୂହ ୨୬ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ହୋଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ପ୍ରଦାନ କରି କିଭଳି ବ୍ଲକ ପ୍ରଶାସନ ଅଣଦେଖା କରୁଛି ସେ ସମ୍ପର୍କରେ ଅବଗତ କରିଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା





ତେନ୍ତୁଳିଖୁଣ୍ଟି,୧୦।୬(ସମିସ) ସ୍ଥାନୀୟ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସ୍ଥିତ ସଭାଗୃହ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଡିପିଓ ବିନିତା ଜେଠି,ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଏବିଇଓ ମୋହନ ମଧୁସୂଦନ ବାଗ, ମିଶନ ଶକ୍ତି ବିପିସି ତଥା ବିପିଏମ ଇନଚାର୍ଜ ସଂଜୀବ କୁମାର ବେହେରା, ଆକାଂକ୍ଷା ବ୍ଲକ ସହଯୋଗୀ କିରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ୧୫ ଗୋଟି ସ୍ୱୟଂ ସହାୟକ ଦଳର ପ୍ରାୟ ୭୦ ଜଣ ମହିଳା ସାମିଲ ହୋଇଥିଲେ। ଏଥିରେ ତେନ୍ତୁଳିଖୁଣ୍ଟି ଗ୍ରାମର ତୁଳସୀ ସ୍ୱୟଂସହାୟକ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦିଗୀ ପଞ୍ଚାୟତ ଅନ୍ତର୍ଗତ ଚରାମୂଳା ଗ୍ରାମର ମା' ମାଣିକେଶ୍ୱରୀ ସ୍ୱୟଂ ସହାୟକ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ଏବିଇଓ ଶ୍ରୀ ବାଗ, ସିଡିପିଓ ଶ୍ରୀମତୀ ଜେଠି ବିଚାରକ ଦାୟିତ୍ୱ ତୁଲେଇ ମୂଲ୍ୟାଙ୍କନ କରିଥିଲେ। ଶେଷରେ ଉଭୟ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ସ୍ୱୟଂସହାୟକ ଦଳ ମହିଳା ମାନଙ୍କୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରାଧାକାନ୍ତ ରଣାଙ୍କ ଦ୍ୱାରା ଯଥାକ୍ରମେ ୫ ହଜାର ଓ ୪ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ହୋଇଥିବା ସମ୍ପୃକ୍ତ ଉଭୟ ଦଳ ୧୩ ତାରିଖରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି। ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବିପିଏ ପୂର୍ଣଚନ୍ଦ ଗୌଡ଼, ବିଏଲସି ସନାତନ ଖଟୁଆ, ପୋଷଣ ବ୍ଲକ ସଂଯୋଜକ କୈଳାଶ ଭତରା, ସୁଭଦ୍ରା ହେଲ୍ପ ଡେସ୍କ ଯୁଧିଷ୍ଠିର ମାଝି ଓ ଏମ ସ୍ୱପ୍ନପ୍ରିୟା, ସିପି ତପନ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବିଭାଗର ଅଗ୍ନିକ ଯୋଦ୍ଧା ଶରତ ମାଝି ଉପସ୍ଥିତ ଥିଲେ।

ସେମିଳିଗୁଡ଼ା : କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଶୁଭଦ୍ରା ଶକ୍ତି ଓ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଣ୍ଡିଆ, କାଙ୍ଗୁ, ଆଦିରେ ବିଭିନ୍ନ ପ୍ରକାର ଖାଦ୍ୟ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେମିଳିଗୁଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ସିଡିପିଓ ବିନୋଦିନି ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ କୋଅର୍ଡିନେଟର ସସ୍ମିତା ଖସଲା ପରିଚାଳନା କରିଥିଲେ। ଏଥିରେ ସେମିଳିଗୁଡା ବ୍ଲକର ୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଭାଗ ନେଇଥିଲେ। ପ୍ରଥମ ପୁରସ୍କାର ଚାରାଗୁଲର ସାଇନାଥ ଏସ୍‌ଏଚ୍‌ଜି ପାଇଥିବା ବେଳେ ଖୁଡି ଗ୍ରାମର ବେତଲିହିମ କାଲାନଜିଅମ ଦ୍ୱିତୀୟ ପୁରସ୍କାର ବିଜେତା ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ, ଜୋନ ୧ ଜିଲ୍ଲାପରିଷଦ ସଭ୍ୟା ଯଶୋଦା ଖିଲ, ଦୁଧାରୀ ସମିତି ସଭ୍ୟା ସୁଷମା ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

# କାମରେ ଆସୁନି ଆବର୍ଜନା ପୃଥକୀକରଣ କେନ୍ଦ୍ର



ପୋଡ଼ାଗଡ଼,୧୦।୬(ସମିସ): ସ୍ୱଚ୍ଛ ଭାରତ ଗଠନ ପାଇଁ ସରକାରୀ ସ୍ତରରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ସରକାର ତରଫରୁ କୋଟି କୋଟି ଟଙ୍କାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ୱଚ୍ଛ ଭାରତ ଆବର୍ଜନା ପୃଥକୀକରଣ କେନ୍ଦ୍ର ଗ୍ରାମବାସୀଙ୍କ କାମରେ ଲାଗୁ ନଥିବା ଦେଖା ଦେଇଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତ ମହକୁମାରୁ ପ୍ରାୟ ଏକ କିମି ଦୂରରେ ସ୍ୱଚ୍ଛ ଭାରତ ଆବର୍ଜନା ପୃଥକୀକରଣ କେନ୍ଦ୍ର ନିର୍ମାଣ କରାଯାଇଥିଲା। କିନ୍ତୁ ତାହା ଗାଁରୁ ପ୍ରାୟ ଏକ କିମି ଦୂର ଡେଙ୍ଗା ଜାନିଗୁଡ଼ା ରାସ୍ତା କଡ଼ରେ ହୋଇଛି। ଯାହା ଫଳରେ ଉଭୟ ଗାଁ ରୁ ଦୂର ହେଉଥିବାରୁ କୌଣସି ଗ୍ରାମର କାମରେ ଆସୁନଥିବା ଦେଖାଦେଇଛି। ଅନ୍ୟ ପକ୍ଷରେ ତାହା ଏକ ଶୂନ୍‌ଶାନ ଜାଗାରେ ନିର୍ମିତ ଯାଇଥିବାରୁ ଏବଂ ଦେଖାରେଖା ନକରିବାରୁ ଦୁର୍ବୃତ୍ତମାନେ ଉକ୍ତ ଆବର୍ଜନା କେନ୍ଦ୍ରର ଟିଣ କାଢି ନେଇ ଯିବା ସହ କାନ୍ଥ ମଧ ଭାଙ୍ଗି ଦେଇ ଥିବା ଦେଖା ଦେଇଛି। କୌଣସି ଗ୍ରାମବାସୀଙ୍କ କାମରେ ଲାଗୁ ନଥିବାରୁ ଏହା କାହିଁକି ନିର୍ମାଣ କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। କାହା ସ୍ୱାର୍ଥ ପାଇଁ ଗ୍ରାମରୁ ଏତେ ଦୂରରେ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତର ସ୍ୱଚ୍ଛତା ଅଭିଯାନକୁ ସଫଳ ରୂପାୟନ ଦେବା ପାଇଁ ପ୍ରଧାନମନ୍ତ୍ରୀ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। କିନ୍ତୁ ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ସ୍ୱଚ୍ଛ ଭାରତ ଆବର୍ଜନା କେନ୍ଦ୍ର ଜରାଜୀର୍ଣ୍ଣ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ମୃତ ବ୍ୟକ୍ତିଙ୍କ ଜମିକୁ ବିକିଦେଲେ

ଉମରକୋଟ ,୧୦।୬(ସମିସ): ଜଣେ ମୃତ ବ୍ୟକ୍ତିର ୮୦ ସେଣ୍ଟ ଜମିକୁ ନାମ ବଦଳେଇ ଜମି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ନବରଙ୍ଗପୁର ଜିଲାର ଉମରକୋଟ ତହସିଲ ଅନ୍ତର୍ଗତ ବଡ଼ଭରଣ୍ଡି ଗ୍ରାମ ପଞ୍ଚାୟତର ସାନ ଭରଣ୍ଡି ରାଜସ୍ୱ ଗ୍ରାମଠାରେ। ବଡ଼ଭରଣ୍ଡି ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଅଧୀନରେ ଏହି ଗ୍ରାମର ଲୁଲା କୋଷ୍ଟାଙ୍କ ସାନଭରଣ୍ଡି ମୌଜାର ଖାତା ନମ୍ବର ୧୪୪/୫୭ ଓ ପ୍ଲଟନମ୍ବର ୨୩୮/୧/୭୫୩ ରେ ମୋଟ ୮୦ ସେଣ୍ଟ ଜମି ଥିଲା। ତେବେ ଲୁଲା କୋଷ୍ଟା ୧୭/୫/୨୦୦୫ ରେ ମୃତ୍ୟୁ ବରଣ କରିଥିଲେ। ମୃତ ଲୁଲା କୋଷ୍ଟାଙ୍କ ୩ ପୁଅ ଜଣେ ଝିଅ ଜୀବିତ ଅଛନ୍ତି। ମୃତ ଲୁଲାଙ୍କ ବଡ ପୁଅ ସମଧୁ କୋଷ୍ଟା ସାନଭରଣ୍ଡି ଠାରେ ରହୁ ଥିବା ବେଳେ ଅନ୍ୟ ୨ ପୁଅ ନିର୍ମଳ କୋଷ୍ଟା ଓ ସନ୍ତୋଷ କୋଷ୍ଟା ଓ ଝିଅ ଛତିଶଗଡ଼ର ଯେରଲା ଗ୍ରାମରେ ଦୀର୍ଘ ବର୍ଷ ହେଲା ବସ ବାସ କରି ଆସୁଛନ୍ତି । କିନ୍ତୁ ପରିବାର ଲୋକଙ୍କ ଅଜ୍ଞାତରେ ରାଇଘରର ହାଟଭରଣ୍ଡି ଅଞ୍ଚଳରେ ରହୁଥିବା ଜଣେ ମହିଳା ଯାହାଙ୍କ ନା ଲିଲା କୋଷ୍ଟା ଓରଫ ଲୁଲା କୋଷ୍ଟା ଦର୍ଶାଇ ୮୦ ସେଣ୍ଟ ଜମିକୁ ୧୪/୯/୨୦୨୨ ତାରିଖ ଦିନ ଉମରକୋଟ ତହସିଲ ଅଫିସରେ ଥିବା ସବରେଜିଷ୍ଟ୍ରାରଙ୍କ ଅଫିସରେ ରେଜିଷ୍ଟ୍ରେସନ୍ ହୋଇଯାଇଛି। ଏହି ଜମି କୁ ଉମରକୋଟ ର ୨ ଜଣ ବ୍ୟକ୍ତିଙ୍କ ନାରେ ରେଜିଷ୍ଟ୍ରେସନ୍ ହୋଇଥିବା ଜଣାପଡ଼ିଛି। ତେବେ ୪ ମାସ ତଳେ ମୃତ ଲୁଲାର ପୁଅ ସମଧୁ କୋଷ୍ଟା ବଡ଼ଭରଣ୍ଡି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଜମିର ପାଉତି ପୈଠ କରିବାକୁ ଯାଇଥିଲେ। କିନ୍ତୁ ରାଜସ୍ୱ ନିରୀକ୍ଷକ ଏହି ଜମି ବିକ୍ରି ହେଇ ସାରିଛି ବୋଲି ସୂଚନା ଦେଇଥିଲେ। ଏହା ଜାଣିବା ପରେ ସମଧୁ ଘଟଣାକୁ ନେଇ

## ଅଭିଯୋଗ କଲେ ଶୁଣୁନି ପ୍ରଶାସନ

ପ୍ରତିବାଦ କଲେ । ଉମରକୋଟ ତହସିଲ କାର୍ଯ୍ୟାଳୟର ରେକର୍ଡ ରୁମକୁ ଯାଇ ବୁଝିବା ପାଇଁ କହିକି ପଠାଇ ଦେଇଥିଲେ ରାଜସ୍ୱ ନିରୀକ୍ଷକ। ପରେ ସମଧୁ ଉମରକୋଟ ତହସିଲ କାର୍ଯ୍ୟାଳୟକୁ ଆସି ବୁଝିବା ପରେ ଜମି ବିକ୍ରି ହୋଇଯାଇଥିବା କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା। ସମଦୁ ଉମରକୋଟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯେଉଁ ମହିଳା ଲୀଲା କୋଷ୍ଟା ଙ୍କ ନାମରେ ଏହି ଜମି ବିକ୍ରି ହେଲା , ସେ ମହିଳା ଜଣଙ୍କ ମୃତ ଲୁଲା କୋଷ୍ଟାଙ୍କ କୌଣସି ଦୂର ସମ୍ପର୍କ ନାହି କି ସେ ମହିଳାଙ୍କୁ ସେ ଜାଣି ନାହାନ୍ତି ବୋଲି କହିଛନ୍ତି ମୃତଙ୍କ ପୁଅ ସମଦୁ କୋଷ୍ଟା।ଶେଷରେ ନିରୁପାୟ ହୋଇ ସମଧୂ ମାର୍ଚ୍ଚ ମାସରେ ଓ ୫/୫/୨୦୨୫ ରେ ନବରଙ୍ଗପୁର ଯାଇ ଜିଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କଲେ ମଧ ସମଧୂ ଙ୍କୁ କୌଣସି ନ୍ୟାୟ ମିଳି ନାହିଁ। ଅପର ପକ୍ଷରେ ନିରାଶ ହେଇ ସମଧୂ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କିନ୍ତୁ ଏହି ଜମିହରା ବ୍ୟକ୍ତିଙ୍କୁ କୌଣସି ନ୍ୟାୟ ମିଳିନାହିଁ ବୋଲି ସେ କହିଛନ୍ତି। ଏତେ ମୂଲ୍ୟବାନ ଜମକୁ ଜମି ମାଲିକର ଅଜ୍ଞାତରେ କିପରି ରେଜିଷ୍ଟ୍ରେସନ୍ ହେଇଗଲା ଓ ଏହି କେଳେଙ୍କେରି ଘଟଣାରେ କେଉଁ ସରକାରୀ କର୍ମଚାରୀ ମାନେ ସଂପୃକ୍ତ ଥିଲେ, ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିବା ପାଇଁ ସମଦୁ କୋଷ୍ଟା ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଅପରପକ୍ଷରେ ଗତବର୍ଷ ପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପୁଅ ସମଦୁ କୋଷ୍ଟା ସେହି ଜମିରେ ଧାନ ଚାଷ କରି ଆସୁଥିଲେ। ବର୍ତ୍ତମାନ ଜମି ହରା ହୋଇ ଯିବା ପରେ ପରିବାରକୁ ନେଇ କେମିତି ବଞ୍ଚିବି ବୋଲି ଚିନ୍ତାରେ ପଡ଼ି ଯାଇଛନ୍ତି ସମଧୁ କୋଷ୍ଟା। ଘଟଣାକୁ ନେଇ ଉମରକୋଟ ତହସିଲଦାର ମେଘବାନ ବାଗଙ୍କୁ ପଚାରିବାରୁ ଏହି ଅଭିଯୋଗ ତାଙ୍କ ନିକଟକୁ ଆସିଥିଲା। ଘଟଣାକୁ ନେଇ କ୍ରେତା ଓ ବିକ୍ରେତା ଉଭୟଙ୍କୁ କାର୍ଯ୍ୟାଳୟରେ ଆସିବାକୁ ନୋଟିସ କରିଛି। ଉଭୟ ଗୋଷ୍ଠୀ ଆସିଲେ ତଦନ୍ତ କରି ସମାଧାନ ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି।

# ରାସ୍ତା ମରାମତି ପାଇଁ ଦାବି



ସେମିଳିଗୁଡ଼ା,୧୦।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ବିଭିନ୍ନ ସାହି ରାସ୍ତା କଦର୍ଯ୍ୟ ଅବସ୍ଥାରେ ଥିବା ବେଳେ ଉକ୍ତ ରାସ୍ତା ମରାମତି କରିବା ପାଇଁ ଲୋକ ଦାବି କରୁଛନ୍ତି। ସୁନାବେଡ଼ା ପୌରପାଳିକା ଅନ୍ତର୍ଗତ ୨୦ ନମ୍ବର ୱାଡର୍ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ରାସ୍ତାର ଏକାଧିକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଏଥିଯୋଗୁଁ ଲୋକେ ଯାତାୟତରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ୨୦ ନମ୍ବର ୱର୍ଡର ସାହି ବାସିନ୍ଦା ଏହି ବିଷୟରେ ସୁନାବେଡ଼ା ନଗରପାଳଙ୍କୁ ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ନଗରପାଳ ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଏହି ୱାଡର୍‌ରେ ଏକ ବେସରକାରୀ ଇଂରାଜୀ ବିଦ୍ୟାଳୟ ଅଛି, ବିଦ୍ୟାଳୟକୁ ଶହ ଶହ କୁନି କୁନି ଛାତ୍ରଛାତ୍ରୀ, ଅଭିଭାବକ, ଏଡି ରାସ୍ତା ଦେଇ ଆସୁଛନ୍ତି। ତେଣୁ ଯାତାୟାତ ପାଇଁ ବହୁତ ଅସୁବିଧା ହେଉଛି। ଗ୍ରୀଷ୍ମ ଛୁଟି ପରେ ସ୍କୁଲ୍ ଖୋଲିବା ଆଗରୁ ରାସ୍ତା ମରାମତି ପାଇଁ ନଗରପାଳ ଦୃଷ୍ଟି ଦେବା ପାଇଁ ସାହି ବାସିନ୍ଦା ଏବଂ ବରିଷ୍ଠ ନାଗରିକ ମାନେ ଅନୁରୋଧ କରିଛନ୍ତି। ସେହିପରି କାକିଗାଁ ରାସ୍ତା, ମେଡିକାଲ ରାସ୍ତା, ସତ୍ୟ ନଗର୍ ରାସ୍ତା, କୁକୁଡ଼ା ଫାର୍ମ ରାସ୍ତା ଅତି କଦର୍ଯ୍ୟ ଅବସ୍ଥାରେ ପଡ଼ିରହିଛି। ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ପାଣି ଜମି ରହିଥିବାରୁ ଯାତାୟାତ କରିବା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ମରାମତି ପାଇଁ ଦାବି ହେଉଛି।

# ଜୟପୁର ଉପଖଣ୍ଡ କ୍ରୀଡ଼ା ସଂଘରେ ଦୁର୍ନୀତି ଅଭିଯୋଗ



ଜୟପୁର, ୧୦।୬(ସମିସ):

କୋରାପୁଟ ଜିଲ୍ଲା ଏବଂ ଜୟପୁର ଉପଖଣ୍ଡ କ୍ରୀଡା ସଂଘରେ ବ୍ୟାପକ ଦୁର୍ନିତୀ ଓ ଅନିୟମତା ଚାଲିଥିବା ଅଭିଯୋଗ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଖେଳାଳି ଗୌରବ ହୋତା ସୂଚନା ଦେବା ସହ ଓଡ଼ିଶା କ୍ରିକେଟ ସଂଘ ମଧ ଏହି ଅନିୟମିତତାରେ ସାମିଲ ରହିଥିବା ଗୁରୁତର ଅଭିଯୋଗ କରିଛନ୍ତି। ଜିଲ୍ଲା କ୍ରୀଡା ସଂଘ ଗତ ୨୦୨୨ ମସିହାରେ ଭଙ୍ଗ ହୋଇଥିଲେ ସୁଦ୍ଧା ଦୀର୍ଘବର୍ଷ ହେଲାଣି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଜିଲ୍ଲା କ୍ରୀଡା ସଂଘ ସହ ଜୟପୁର ଉପଖଣ୍ଡ କ୍ରୀଡା ସଂଘରକୁ ନିଜର ସମ୍ପତ୍ତି ଭାବେ ବ୍ୟବହାର କରୁଛନ୍ତି। ଏହିପରି କ୍ରିକେଟ ଏକାଡେମୀ ନିର୍ମାଣ ଏବଂ କ୍ରିକେଟ ଟର୍ଫ ପିଚ୍ ନାମରେ ୩୫ ଲକ୍ଷ ଟଙ୍କା ଓସିଏ ପ୍ରଦାନ କରିଥିଲା। କିନ୍ତୁ ବଲାଙ୍ଗିର ଜିଲ୍ଲାରୁ ୪ରୁ ୫ ଟ୍ରକ ମାଟି ଆଣି ଦଶହରା ପଡିଆ ମଧ୍ୟବର୍ତ୍ତି ସ୍ଥାନରେ ଗାତ କରାଯାଇ ଉକ୍ତ ମାଟି ଢଳା ଯାଇଥିଲେ ସୁଦ୍ଧା ପିଚ୍ ଆଜି ସୁଦ୍ଧା ନିର୍ମାଣ ହୋଇପାରିନାହିଁ। ଏହିପରି ଅନେକ ଟଙ୍କା ଲୁଟ୍ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସେହିପରି ଜିଲ୍ଲା କ୍ରୀଡା ସଂଘର ମିଥ୍ୟା କ୍ଲବ, ଅନିୟମତା ଓ ଦୁର୍ନୀତିକୁ ନେଇ ଗତ ୨୦୨୨ ମସିହାରେ ଜିଲ୍ଲା ପ୍ରଶାସନ ସଂଘକୁ ଭଙ୍ଗ କରିଥିଲେ। କିନ୍ତୁ ଆଜି ସୁଦ୍ଧା ନିର୍ବାଚନ ହେଉନାହି। ସେହିପରି ପୂର୍ବତନ ସଂଘର କର୍ମକର୍ତ୍ତା ମାନେ ଏନେଇ କୋର୍ଟର ଆଶ୍ରୟ ନେଇଛନ୍ତି। ଗତ ୩୦ରୁ ୪୦ ବର୍ଷ ଧରି ପୂର୍ବତନ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଅନୁପ ପାତ୍ର, ଜୟପୁର ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକ ରବି ନାୟକ ଏବଂ ଅନ୍ୟାନ୍ୟ ୪ରୁ ୫ ଜଣ କର୍ମକର୍ତ୍ତା ମାନେ ଏହି ସଂଘ ସହ ଜୟପୁର ଦଶହରା ପଡ଼ିଆକୁ ଜୋରଜବରଦସ୍ତ କବ୍‌ଜା କରି ରଖିଥିବା ନେଇ ଅଭିଯୋଗ କରିଛନ୍ତି। ଏହିପରି ଜିଲ୍ଲା ଓ ଉପଖଣ୍ଡ କ୍ରୀଡା ସଂଘରେ ଚାଲିଥିବା ଅନିୟମତାକୁ ନେଇ ଓଡ଼ିଶା କ୍ରିକେଟ ସଂଘ ଅବଗତ ରହିଥିଲେ ସୁଦ୍ଧା ସେମାନେ ଚୁପ୍ ବସଛନ୍ତି। କାରଣ ଓସିଏରେ ମଧ ବ୍ୟାପକ ଅନିୟମତା ଚାଲିଥିବା ବେଳେ କୋରାପୁଟ ଜିଲ୍ଲା ଓ ଉପଖଣ୍ଡର କର୍ମକର୍ତ୍ତା ମାନେ ସେମାନଙ୍କ ହାତବାରିସୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ହୋତା ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ, ରାଜ୍ୟ କ୍ରୀଡା ବିଭାଗ ଓ ମନ୍ତ୍ରାଳୟ ଏଥିରେ ହସ୍ତକ୍ଷପ କରିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅବସରରେ ଜୟପୁର ଯୁବ ସମାଜସେବୀ କୃଷ୍ଣକେଶବ ଷଡଙ୍ଗୀ ମଧ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିଲେ।

## ଖଣ୍ଡନ କଲେ କ୍ରୀଡ଼ା ସଂଘ ସମ୍ପାଦକ

ଏଥିନେଇ ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକ ରବି ନାୟକ କହିଛନ୍ତି ଯେ, ସଂଘ ପରିଚାଳନା ଓ କାର୍ଯ୍ୟକାରୀତା ନେଇ ବାଇ-ଲରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହିପରି ଅଭିଯୋଗକାରୀ ଶ୍ରୀ ହୋତା ସଂଘରେ ସଦସ୍ୟତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ ଏବଂ ସେ ଏଠାରୁ ଇଣ୍ଡିଆନ କ୍ରିକେଟ କଣ୍ଟ୍ରୋଲ ବୋର୍ଡରେ ସଦସ୍ୟତା ଗ୍ରହଣ କରି ପାରିବେ। କିନ୍ତୁ କ୍ଲବ ପକ୍ଷରୁ ନିର୍ବାଚନ ହୋଇ ସଂଘର ସାମିଲ ହେବାକୁ ତାଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଫଳ ହେବା ଯୋଗୁଁ ବିନା ତଥ୍ୟରେ ଭିତ୍ତିହୀନ ଅଭିଯୋଗ କରୁଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ସେହିପରି ପୂର୍ବତନ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ତଥା ଓସିଏର ସଦସ୍ୟ ଅନୁପ ପାତ୍ର କହିଛନ୍ତି ଯେ, ଅଭିଯୋଗକାରୀ ଜୟପୁର ଏବଂ କୋରାପୁଟ ଜିଲ୍ଲାର କୌଣସି କ୍ରୀଡାରେ କୌଣସି ଭୂମିକାରେ ନାହାଁନ୍ତି। ସେ ଦିଲ୍ଲୀରେ ରହିନ୍ତି ଏବଂ ବିନା ନିୟମ ସହ ଭିତ୍ତିହୀନ ତଥ୍ୟକୁ ନେଇ ଏହିପରି ବର୍ଷକୁ ଗୋଟିଏ କିମ୍ବା ଦୁଇଥର ଜୟପୁରକୁ ଆସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାନ୍ତି।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା



ବୈପାରୀଗୁଡ଼ା, ୧୦।୬ (ସମିସ): ବୈପାରୀଗୁଡ଼ା ସଦରମହକୁମା ସ୍ଥିତ ପାଠାଗାରଠାରେ ବ୍ଲକ ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଓ ଓଡ଼ିଶା ଜିବିକା ମିଶନ ମିଳିତ ଆନୁକୂଲ୍ୟରେ ଆୟୋଜନ ଏହି କାର୍ଯ୍ୟକ୍ରମରେ ବ୍ଲକ କୁଡ଼ିଏ ଟି ପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜି ଭାଗ ନେଇ ମାଣ୍ଡିଆରେ ପ୍ରସ୍ତୁତ ପିଠା, କ୍ଷୀରି, ଇଡଲି, ଲଡୁ, ମାଣ୍ଡରୁ, ମାଲପୁଆ ଆଦି ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପ୍ରତିଯୋଗିତାରେ ମହୁଲିର ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ପ୍ରଥମ ଓ କୋଲାରର ମାଆ ଭଣ୍ଡାରଘୋରଣୀ ଏସ୍‌ଏଚ୍‌ଜି ଦିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଦୁଇ ଏସ୍‌ଏଚ୍‌ଜିଙ୍କୁ ଜିଲ୍ଲାସ୍ତରରେ ପୁରସ୍କୃତ କରାଯିବ। ଅଂଶଗ୍ରହଣ କରିଥିବା ସମସ୍ତ ଏସ୍‌ଏଚ୍‌ଜିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ମିଶନ ଶକ୍ତି ବିପିସି ବିନୋଦ କୁମାର ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସୁପରଭାଇଜର ଏବଂ ସମସ୍ତ ଏମ୍‌ବିକେ, ସିଆରପି ସହଯୋଗ କରିଥିଲେ।

## ଦପଲା ମଣ୍ଡିରେ ଅବ୍ୟବସ୍ଥା; ଭିଜୁଛି ଧାନ

ଶଗଡା,୧୦।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲା ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ମଣ୍ଡିରେ ଧାନ ରଖିବାକୁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ଖୋଲାରେ ଧାନ ବସ୍ତା ରଖିବାକୁ ବାଧ ହୋଇଛନ୍ତି। ଧାନ ବସ୍ତା ଘୋଡାଇବାକୁ ଆବଶ୍ୟକ ପାଲ ମଧ ଦିଆ ଯାଇ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳୁ କଣ୍ଟାମାଳ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଏଣୁ ଜିତେନ୍ଦ୍ର ଚାନ୍ଦ, ପଙ୍କଜିନି ଚାନ୍ଦ, ଧର୍ମୁ ପ୍ରଧାନ, ଅରବିନ୍ଦ ମହାକୁଡ଼, ସୁରୁ ମାଝି, ଲଳିତ ସିଂହ, ଗୋପାଳ ମହାକୁଡ଼, ଯଜ୍ଞ ପ୍ରଧାନ, ତରୁଣ ପ୍ରଧାନ, ରାମରତନ ଭୋଇ ପ୍ରମୁଖ ଅନେକ ଚାଷୀଙ୍କ ଶହ ଶହ କୁଇଣ୍ଟାଲ ଧାନ ଭିଜି ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅମଳ ସମୟରେ ବିଲରେ ବର୍ଷା ଦାଉ ସାଧିଥଲା। ବର୍ତ୍ତମାନ ମଣ୍ଡିରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏହା ଫଳରେ ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ଗତ ୪ ଦିନ ହେବ ମଣ୍ଡିରେ ଚାଷୀ ଧାନ ଆଣି ରଖଛନ୍ତି; ହେଲେ ଲଗାତାର ବର୍ଷା ହେଉଥିବା ଯୋଗୁଁ ସେମାନେ ଚିନ୍ତାରେ ପଡିଛନ୍ତି। ସରକାର ରବି ଧାନ କ୍ରୟ ପାଇଁ ମଣ୍ଡିରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ଥିବା କହୁଛନ୍ତି; ହେଲେ ଦପଲା ମଣ୍ଡିର ଅବ୍ୟବସ୍ଥା ଦେଖିଲେ ସରକାରଙ୍କ କଥା କେବଳ ଚାଷୀଙ୍କୁ ଭଣ୍ଡେଇବା ସାର ହୋଇଛି ବୋଲି ସ୍ପଷ୍ଟ ପ୍ରମାଣ ମିଳୁଛି। ଅନ୍ୟପଟେ ଟାର୍ଗେଟ ନ ଥିବା କହି ମିଲର ଧାନ ଉଠାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଶୀଘ୍ର ମଣ୍ଡିରୁ ଧାନ ନ ଉଠାଇଲେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବା ଜଳ ଜଳ ଦିଶୁଛି।



**ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ**

# ଜନଜାତି ସମ୍ପ୍ରଦାୟ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆସିବ

ସୁନ୍ଦରଗଡ଼,୧୦।୬(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କାବିନେଟ ବୈଠକରେ "ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ " ଜନଜାତି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ଅନୁମୋଦିତ ହୋଇଛି ବୋଲି କହିଥିଲେ। ସେ ଆହୁରି ସୂଚନା ଦେଇ କହିଲେ ଯେ,ଏହି ଅଭିଯାନ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯକାରୀ ହେବ। ଏହି ଅଭିଯାନ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ସେବା, ଶିକ୍ଷା ଏବଂ ଜୀବିକା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରି



ଜନଜାତି ଅଂଚଳ ଏବଂ ସମ୍ପ୍ରଦାୟର ବ୍ୟାପକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ଏହି ମିଶନ ଦ୍ୱାରା ମନୋନୀତ ଜନଜାତି ବହୁଳ ଗ୍ରାମ (୫୦୦ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା, ଅତି କମରେ ୫୦% ଆଦିବାସୀ ବାସିନ୍ଦା ତଥା ଆକାଂକ୍ଷୀ ଜିଲ୍ଲାର ୫୦ କିମ୍ବା ତା'ଠାରୁ ଅଧିକ ଜନଜାତି ଜନସଂଖ୍ୟା ଥିବା ଗ୍ରାମ) ରେ ସକ୍ଷମ ଭିତିଭୂମି ବିକାଶ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଯାହା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଦକ୍ଷତାର ପ୍ରବେଶକୁ ଉନ୍ନତ କରା ଯାଇପାରିବ।

ଏହି ମିଶନରେ ଓଡ଼ିଶାର ୨୭ଟି ଜିଲ୍ଲା, ୨୩୪ ବ୍ଲକ, ୭୬୬୭ ଗ୍ରାମ, ୧୦,୮୩,୬୬୧ ଜନଜାତି ପରିବାର ଏବଂ ୪୮,୧୫,୬୭୦ ଜନଜାତି ଲାଭାର୍ଥୀ ଅନ୍ତର୍ଭୁକ୍ତ ଅଛନ୍ତି। କେନ୍ଦ୍ରସ୍ତରରେ ୧୭ ଟି ବିଭାଗ ଏବଂ ରାଜ୍ୟସ୍ତରରେ ୧୩ ଟି ବିଭାଗର ମିଳିତ ଧମରେ ଏଇ ମିଶନ ଟି ୨୫ ଗୋଟି ସେବା ପ୍ରଦାନ କରିବ। ନିରାପଦ ବାସସ୍ଥାନ, ବିଶୁଦ୍ଧ ପାନୀୟଜଳ ଓ ପରିମଳ ବ୍ୟବସ୍ଥା, ଉନ୍ନତ ଶିକ୍ଷାର ସୁଯୋଗ,ସ୍ୱାସ୍ଥ୍ୟ ଓ ପୁଷ୍ଟି, ସଡ଼କ ଓ ଦୂରସଞ୍ଚାର ସଂଯୋଗୀକରଣ, ବିଦ୍ୟୁତିକରଣ, ସ୍ୱଚ୍ଛ ଓ ନବୀକରଣ ଶକ୍ତିର ପ୍ରୋତ୍ସାହନ ଏବଂ ଚିରସ୍ଥାୟୀ ଜୀବିକା ସୁଯୋଗ ଭଳି ସେବାଗୁଡ଼ିକ ଏହି ମିଶନରେ ଉପଲବ୍ଧ ହୋଇ ପାରିବ ବୋଲି ଜିଲ୍ଲାପାଳ କହିବା ସହ ଏ ନେଇ ଆହୁରି ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଉପସ୍ଥିତ ଥିଲେ।

## ଜାତୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ସୁନ୍ଦରଗଡ଼,୧୦।୬(ସମିସ): ଦେଶର ବିଭିନ୍ନ ରାଜ୍ୟରେ ଖ୍ରୀଷ୍ଟଆନ ସମ୍ପ୍ରଦାୟଙ୍କ ବିରୋଧରେ ବୃଦ୍ଧି ପାଉଥିବା ହିଂସା, ଭେଦଭାବ ଓ ଅବହେଳା ବିରୋଧରେ ଜାତୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇଛି। ରାଜ୍ୟର ସମସ୍ତ ଜିଲ୍ଲା ମହକୁମାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରା ଯାଇଛି। ଏ କ୍ରମରେ ଜାତୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ସୁନ୍ଦରଗଡ଼ ଜିଲା ଶାଖା ସଭାପତି ବିଶପ ପ୍ରତାପ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଖ୍ରୀଷ୍ଟିଆନ ସମ୍ପ୍ରଦାୟରଲୋକେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ନିକଟସ୍ଥ ଜିଇଏଲ ଚର୍ଚ୍ଚ ନିକଟରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ଭାରତରେ ଧାର୍ମିକ ସ୍ୱାଧୀନତା ଏବଂ ଖ୍ରୀଷ୍ଟିଆନ ସମୁଦାୟର ସୁରକ୍ଷା ପାଇଁ ନୀତିଗତ ସୁପାରିଶ କରାଯିବା, ଖ୍ରୀଷ୍ଟିଆନଙ୍କ ବିରୋଧରେ ଘଟିଥିବା ଥିବା ସମସ୍ତ ହିଂସା ଘଟଣାର ନିରପେକ୍ଷ ଓ ସ୍ୱତନ୍ତ୍ର ତଦନ୍ତ କରାଯିବା, ଧର୍ମ ସ୍ୱାଧୀନତା ଆଇନର ଦୁରୁପଯୋଗ ବନ୍ଦ କରିବା, ସମସ୍ତ ରାଜ୍ୟ ସରକାର ଧର୍ମୀୟ ସମାନତା ଓ ସ୍ୱାଧୀନତା ରକ୍ଷା ପାଇଁ ନିର୍ଦ୍ଦେଶ ଦେବା, ଅନୁସୂଚିତ ଜାତି ଖ୍ରୀଷ୍ଟିଆନଙ୍କୁ ଆରକ୍ଷଣ ପ୍ରଦାନ ବିଷୟରେ ଚାଲିଥିବା ମାମଲା ଉପରେ ସୁପ୍ରିମ୍‌କୋର୍ଟର ଶୁଣାଣି ତ୍ୱରିତ କରାଯିବା, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଭଳି ରାଜ୍ୟ ଗୁଡ଼ିକରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟକୁ ଉଚିତ ସୁରକ୍ଷା ଦେବା ପାଇଁ ବିଶେଷ ବ୍ୟବସ୍ଥା କରାଯିବା, ମୁଖ୍ୟ ଧର୍ମଗୁଡିକ ମଧ୍ୟରେ ସମ୍ବାଦ ଓ ବିଶ୍ୱାସ ଆଦାନ ପ୍ରଦାନ ବୃଦ୍ଧି କରିବାକୁ ଏକ ଜାତୀୟ ଅନ୍ତଧାର୍ମିକ ସମ୍ବାଦ ମଞ୍ଚ ସ୍ଥାପିତ କରାଯିବା, ଧାର୍ମିକ ଲୋକଙ୍କ ଅଭିଯୋଗ ବିଚାର, ସମ୍ବାଦ ଓ ସମାଧାନ ପାଇଁ ଏକ ବିଶ୍ୱାସ ଆଧାରିତ ଜାତୀୟ ଆୟୋଗ ଗଠନ ଦ୍ୱାରା ସମସ୍ୟାଗୁଡ଼ିକର ସମାଧାନ କରାଯିବା ଆଦି ରହିଛି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଉକ୍ତ ସ୍ମାରକପତ୍ର ଗ୍ରହଣ କରିଥିଲେ। ଉତ୍ତର ପୂର୍ବ ଜିଇଏଲ ସୁନ୍ଦରଗଡ଼ ଜିଲ୍ଲା ଶାଖା ସଭାପତି ବାରଦାନ କେରକେଟା, ରୋମାନ କ୍ୟାଥୋଲିକ ଚର୍ଚ୍ଚ ସୁନ୍ଦରଗଡ଼ ଉପସଭାପତି ୱିଲିୟମ ସାଏ, ଜନ ଲାକ୍ରା, କୁନାଲ ପ୍ରଧାନ, ପ୍ରଶାନ୍ତ ବେହେରା, କରୁଣା ଏକ୍କା, ବିନୀତା ବାବା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

**● ଟାଙ୍ଗରପାଲି ବ୍ଲକ୍‌ସ୍ତରୀୟ ହକି ପ୍ରତିଯୋଗିତା**

# ବଡ଼ ବେଉଁରାକୁ ହରାଇ ଡୁଙ୍ଗିନାଳା ଚାମ୍ପିଅନ



ସୁନ୍ଦରଗଡ଼,୧୦।୬(ସମିସ): ଟାଙ୍ଗରପାଲି ବ୍ଲକ ଓ ଯୋଗୀମାଲ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୋଗିମାଲ ଷ୍ଟାଡିୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ ପାତକିଜୋର୍, ବାମଡ଼ିଆଡେରା, ଡୁଙ୍ଗିନାଳା, ସୁନାଜୋର, ବଡବେଉଁରା ଓ ଯୋଗୀମାଲ ହକି ଦଳ ଭାଗ ନେଇଥିଲେ। ତନ୍ମଧ୍ୟରୁ ଡୁଙ୍ଗିନାଳା ଦଳ ଓ ବଡବେଉଁରା ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଡୁଙ୍ଗିନାଳା ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗରପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଙ୍ଗସପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡା. ନୂତନ କୁଜୁର, ଯୋଗିମାଲ ସରପଞ୍ଚ ସୌଦାମିନୀ ଭୋଇ, ମେଘଡେଗା ସରପଞ୍ଚ ପିତୃଷ ଟପ୍ପୋ, ସାନପତ୍ରାପାଲି ସରପଞ୍ଚ ବିଭୂତି ଓରାମ, ରେମଣ୍ଡା ସରପଂଚ ଚେମା ପ୍ରଧାନ ଓ ସମିତି ସଭ୍ୟ ଜଟିଆ ମୁଣ୍ଡା ମଂଚାସୀନ ଥିଲେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ୍ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ବିବେକ ଟପ୍ପୋ ଓ ସାମେଲ କୁଜୁର୍ ଖେଳ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ମନୋଜ କୁମାର ପଟେଲ, ରୋହିତ ପଟେଲ, କ୍ଷେତ୍ରମଣି ଚୌଧୁରୀ, ପ୍ରବୀଣା ପଟେଲ, ସୁଭଦ୍ରା ସିଂ ଓ କିଶୋର କୁମାର ଟପ୍ପୋ ସହଯୋଗ କରିଥିଲେ। ତେବେ ଉକ୍ତ ପ୍ରତିଯୋଗିତାରେ ନାନା ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମାରୁ ୩ ଘଂଟା ବିଳମ୍ବ ଅର୍ଥାତ ପୂର୍ବାହ୍ନ ୧୦ଟାରୁ ଖେଳ ଆରମ୍ଭ ହୋଇ ଅପରାହ୍ନ ୨ ଟାରେ ଶେଷ ହୋଇ ଥିବାରୁ ପ୍ରବଳଖରାରେ ଖେଳାଳିଙ୍କ ସମେତ ଦର୍ଶକ ମାନେ ମଧ ହନ୍ତସନ୍ତ ହୋଇଥିଲେ। ତେବେ ବ୍ଲକର ଅଧିକାଂଶ କର୍ମଚାରୀ ମ୍ୟାଚ୍ ସ୍ଥଳରେ ରହି ନ ପାରି ପଞ୍ଚାୟତ ଅଫିସରେ କୁଲର ଚଳାଇ ଆରାମ କରୁଥିବା ଦେଖିବାକୁ ମିଳିଥିଲା।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ସୁନ୍ଦରଗଡ଼,୧୦।୬(ସମିସ): ଶଙ୍କରାସ୍ଥିତ କଲ୍ୟାଣ ମଣ୍ଡପଠାରେ ଆଜି ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପାରମ୍ପରିକ ଖାଦ୍ୟର ବହୁଳ ପ୍ରଚାର ତଥା ପ୍ରସାରପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ଚାରୋଟି ଆଇସିଡିଏସ ପ୍ରକଳ୍ପରେ ବିଗତ ଦିନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂସହାୟକ ଗୋଷ୍ଠୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ପାରମ୍ପରିକ ପାତ୍ର ମାଟି, କଂସା, ପିତଳ ଆଦିରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ସର୍ବମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ କୁଆଁରମୁଣ୍ଡା ବ୍ଲକ ପ୍ରଥମ, ସାଇକୃପା ସ୍ୱୟଂ ସହାୟକ ଗୋଷ୍ଠୀ ସଦର ବ୍ଲକ ଦ୍ୱିତୀୟ ସ୍ଥାନ ଏବଂ ଶ୍ରୀ ଗଣେଶ ସ୍ୱୟଂସହାୟକ ଗୋଷ୍ଠୀ ବାଲିଶଙ୍କରା ବ୍ଲକ ତୃତୀୟ ହୋଇଥିଲେ।

# ସୁନ୍ଦରଗଡ଼ 'ମୂଳୀ ପାଡ଼ହା' ପୁନଃଗଠନ

ବାଲିଶଙ୍କରା,୧୦।୬(ସମିସ): କୁଡୁଖଁ ଓରାଅଁ ଜନଜାତି ନ୍ୟାୟିକ ସଂଗଠନ ରାଜି ପାଡ଼ା ଭାରତର ଉପଖଣ୍ଡସ୍ତରୀୟ ଶାଖା କାର୍ଯ୍ୟକ୍ରମ ବାଲିଶଙ୍କରା ଆତଖା ପାଡ଼ା ମାଣ୍ଡା ଆୟୋଜିତ ହୋଇଛି। ବେଲ ମନରଞ୍ଜନ ଓରାମଙ୍କ ସଭାପତିତ୍ୱରେ ଚାଲିଥିବା ମୂଳୀ ପାଡହା ପୁନଃଗଠନରେ ମୁଖ୍ୟ ଅତିଥି ଭାବେ ପାଦା ପାଡହା 'ବେଲ ଓଡ଼ିଶା ମାଙ୍ଗେ ଏକ୍କା' ଯୋଗଦେଇ ଆଦି ଧାରମ ପାଡହା ପ୍ରାଥନା ଏବଂ ଭିଖରାମ ଭଗତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଦା ପାଡହା ଓଡ଼ିଶା ଦେୱାନ ମାଞ୍ଜନ ଓରାମ, ପାଦା ପାଡହା ଉପ ଦେୱାନ ବାନ୍ଧନା ଟପ୍ପୋ, ପାଦା ପାଡହା କଟୁଆର ଦାଶା ଏକ୍କା ଏବଂ କାହାତୋ ଦାଶା ଲକ୍ଷ୍ମଣ ତିର୍କୀ ପ୍ରମୁଖ ଯୋଗଦେଇ ମୂଳୀ ପାଡହା ସୁନ୍ଦରଗଡ଼ ଢାଡା ପାଡହା ବାଲିଶଙ୍କରା, କୁଇଲେରମୁଣ୍ଡା ଆତଖା ପାଡହାର ପୁନଃଗଠନ କରାଯାଇଥିଲା। ନବନିଯୁକ୍ତ ସୁନ୍ଦରଗଡ଼ ମୂଳୀ ପାଡହାର ବେଲ ମନରଞ୍ଜନ ଓରାମ, ଦେୱାନ ଡ. ନେହେରୁ କୁଜୁର, ଉପ ଦେୱାନ ଏତୁଆ ବାଗ, ରକମ ଉରବିନି ସରିତା କୁଜୁର, କାହାତୋ ସୁରେନ୍ଦ୍ର କୁଜୁର, କଟୱାର ମଙ୍ଗଳ ଓରାମ, କାରଠା ସୁଧୀର ମିଞ୍ଜ ଏବଂ ପଞ୍ଚ ଜନ୍ମ ଓରାମ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଢାଡା ପାଡହା ଧନେଶ୍ୱର ମିଞ୍ଜ, ବନମାଳୀ କୁଜୁର, ମାସି ଚରଣ ଓରାମ, ମଧୁ କୁଜୁର, ବୀଣାପାଣି ଟପ୍ପୋ, ଦିବ୍ୟଶ୍ରୀ ଏକ୍କା, ପୁନମ ଓରାମ, ତିତୋ ଓରାମ, ବୁଦ୍ଧରାମ ଓରାମ, ଅଜିତ ତିର୍କି, ସୁନ୍ଦରଗଡ଼ ମଣି ଭଗତ ଗଙ୍ଗାଧର ଭଗତ, ସୁରନ ତିର୍କୀ, ସୁମିତ୍ରା ଲାକଡା, ଜଗଦୀଶ କୁଜୁର ପ୍ରମୁଖ ସହଯୋଗ କରିଥିଲେ। ମୂଳୀ ପାଡହା ଦେୱାନ ଡ. ନେହେରୁ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁନଃ ଗଠନରେ ୩୩ଟି ଆତଖା ପାଡହା ଯୋଗଦେଇଥିଲେ।



## ପାଣି ମୋଟର କଏଲ୍ ଚୋରି

ସୁନ୍ଦରଗଡ଼,୧୦।୬(ସମିସ): ଭଷ୍ମା ଥାନା ଅଧୀନ କୁଣ୍ଡୁକେଲା ଗ୍ରାମର ଜୟଗୁରୁ ଝାଡ଼େଶ୍ୱର ପାଣି ପଞ୍ଚାୟତର ମୋଟର କଏଲ ଚୋରି ହୋଇଯାଇଛି। କେହି ଦୁର୍ବୃତ୍ତ ଏହି ୧୨ ଏଚ୍‌ପି କ୍ଷମତା ବିଶିଷ୍ଟ ମୋଟରର କଏଲ ଚୋରାଇ ନେଇଥାଇଛି। ପାଣି ପଞ୍ଚାୟତ ସଭାପତି ମୁକ୍ତେଶ୍ୱର ପଟେଲ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦେଶୀ ମଦ କାରବାରରେ ଦୁଇ ଗିରଫ

ଶଗଡ଼ା,୧୦।୬(ସମିସ): କଣ୍ଟାମାଲ ଥାନା ମାର୍ଡୋଲ ରାସ୍ତା ନିକଟରେ ଦେଶୀ ମଦ ଚୋରା ଚାଲାଣ ବେଳେ ଧରା ପଡିଛି। କଣ୍ଟାମାଳ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଥିଲା। କୃଷ୍ଣଚନ୍ଦ୍ର ସାହୁ (୫୦) ନାମକ ଜଣେ ବ୍ୟକ୍ତି ନିକଟରୁ ୮ ଲିଟର ଦେଶୀ ମଦ ଜବତ କରି ଅବକାରୀ ବିଭାଗ ତାକୁ ଗିରଫ କରିଛି। ସେହିପରି କଣ୍ଟାମାଳ ଅବକାରୀ ଟିମ୍ ରୁଣ୍ଡିମହୁଲ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ଟୁଙ୍କୁନୁ ଘିବିଲା (୨୭) ନିକଟରୁ ୯ ଲିଟର ଦେଶୀ ମଦ ଜବତ କରିଛି ବୋଲି ଅବାକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକଶିତ କୃଷି ସଂକଳ୍ପ ଅଭିଯାନ



ସୁନ୍ଦରଗଡ଼,୧୦।୬(ସମିସ): କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ପକ୍ଷରୁ ଚାଲିଥିବା ୧୫ ଦିନିଆ ବିକଶିତ କୃଷି ସଂକଳ୍ପ ଅଭିଯାନରେ ସୋମବାର ଲେଫ୍ରିପଡ଼ା ବ୍ଲକର ସର୍ଗିପାଲି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ଲେଫ୍ରିପଡ଼ା କୃଷି ଜିଲ୍ଲା ଅଧିକାରୀ ପବିତ୍ର ମୋହନ ସାହୁଙ୍କ ସମେତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ବିଶ୍ୱଜିତ ମଣ୍ଡଳ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ଓ ସ୍ଥାନୀୟ କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି, ମତ୍ସ୍ୟ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଯୋଗଦାନ କରିଥିଲେ। ଏହି ବ୍ଲକର ସରଫଗଡ଼ ଓ କୁଲାବିରା ଗ୍ରାମରେ ମଧ ଅନୁଷ୍ଠିତ ହୋଇଥିଲା। ସେହିପରି ସଦର ବ୍ଲକର ଲେଡିମଙ୍ଗ ଓ ଟାଙ୍ଗରପାଲି ବ୍ଲକର କେପ୍‌ସେ ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ.ପ୍ରଧାନଙ୍କ ସମେତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ, କୃଷି ବିଜ୍ଞାନକେନ୍ଦ ବୈଜ୍ଞାନିକ ଓ କୃଷି, ପ୍ରାଣୀସମ୍ପଦ, ଉଦ୍ୟାନ କୃଷି, ମତ୍ସ୍ୟ ଓ ମୃତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କୁତ୍ରା ବ୍ଲକର କୁତ୍ରା ଓ ରାଜଗାଙ୍ଗପୁର ବ୍ଲକର ଟୁଙ୍ଗିମାଟି ଗ୍ରାମରେ ପ୍ରାୟ ୨୦୦୦ ରୁ ଉର୍ଦ୍ଧ୍ୱଚାଷୀଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷି ଜିଲ୍ଲା ଅଧିକାରୀ ସୁଶିଲ କୁମାର ସେନାପତି, ଡ. ବିଶ୍ୱଜିତ ମଣ୍ଡଳ, ଡ. ତ୍ୱରିତ୍ ବାଗଚି, ଡ. କୁତବୁଦ୍ଦିନ ମଲ୍ଲା, ଡ. ମନୋଜ କୁମାର ଜେନା, ଡେଭିଡ୍ ଜେମସ୍ ବାଗେ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, ଦିପ୍ତିମୟୀ ମଲ୍ଲିକ, ସୁପ୍ରିତୀ ମାଝୀ, ସନ୍ତୋଷ ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସ୍ଥାନୀୟ ସରପଞ୍ଚ ଯୋଗଦେଇ ଥିଲେ।

**ପାଣି ପାଇଁ ହନ୍ତସନ୍ତ ଭାଟିପଡ଼ାବାସୀ**

# ପଙ୍କ ଉଦ୍ଧାର ହେଉ ନ ଥିବାରୁ ଦୂଷିତ ହେଉଛି ପୋଖରୀ ପାଣି

ବାଲିଶଙ୍କରା,୧୦।୬(ସମିସ):ବାଲିଶଙ୍କରା ବ୍ଲକ୍‌ଠାରୁ ମାତ୍ର ଅଧକିଲୋମିଟର ଦୂରରେ ଅବସ୍ଥିତ ଭାଟିପଡ଼ା। ଭାଟିପଡ଼ା ବାଲିଶଙ୍କରା ପଞ୍ଚାୟତର ଏକ ପଡ଼ା। ୩ଟି ୱାର୍ଡ ବିଶିଷ୍ଟ ଏହି ପଡ଼ାରେ ଭୋଟର ସଂଖ୍ୟା ୬୫୦ ଥିବାବେଳେ ଜନସଂଖ୍ୟା ୧୫୦୦ରୁ ଅଧିକ। ଏହି ପଡ଼ାରେ ଡାକ୍ତରଖାନା, ପ୍ରାଣୀ ଚିକିତ୍ସାଳୟ, କେନ୍ଦୁପତ୍ର ରେଞ୍ଜ, ବାଳିକା ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ଉକ୍ତ ଗ୍ରାମରେ ସରକାରୀ ପକ୍ଷରୁ ଅଛି ୨ଟି ପୋଖରୀ। ଗୋଟିଏ ପୋଖରୀ ସାନିକା ପଡ଼ାରେ ଥିବାବେଳେ ପୋଖରୀରେ ପାଣି ରହେନାହିଁ। ଏହି ପୋଖରୀ ବ୍ୟବହାର ଅନୁପଯୋଗୀ ଅଛି। ଆଉ ଗୋଟିଏ ପୋଖରୀ ଓରାମ ପଡ଼ାରେ ଥିବାବେଳେ ପଡ଼ାବାସୀ ଏହି ପୋଖରୀକୁ ବ୍ୟବହାର କରନ୍ତି। ଦୀର୍ଘ ବର୍ଷ ହେବ ଉକ୍ତ ପୋଖରୀରୁ ପଙ୍କ ଉଦ୍ଧାର କରାଯାଇ ନ ଥିବାରୁ ଜଳ ଦୂଷିତ ହେବାସହିତ ଧୀରେ ଧୀରେ ପୋଖରୀ ପୋତି ହୋଇଯାଉଛି। ପାଣି ରହୁ ନ ଥିବାରୁ ପଡାବାସୀ ଗାଧୋଇବା ପାଇଁ ସ୍ୱଚ୍ଛ ପାଣି ନ ଥିବାରୁ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଏହି ପଡ଼ାରେ ପାଣି ପାଇଁ ହାହାକାର ହେଉଥିବା ଦେଖିବାକୁ ମିଳୁଛି। ପଡ଼ାବାସୀ ୧ କିଲୋମିଟର ଦୂରତାରେ ଯାଇ ଡୁଡୁଙ୍ଗନାଳାରେ ବହି ଯାଉଥିବା ଚାଷ ପାଇଁ ନିଜ ଉଦ୍ୟମରେ ଚାଷୀମାନେ ବାଲି ବନ୍ଧ କରିଥିବା ଜାଗାକୁ ଯାଇ ଗାଧୋଇଥାନ୍ତି। ଏବାବଦରେ ସ୍ଥାନୀୟ ସରପଞ୍ଚ ସୁଲୋଚନା ସୁଆରୀଙ୍କ ସହ ଯୋଗାଯୋଗ କରିବାରୁ ମୋ ପାଖରେ ପଡାର ୱାର୍ଡ ସଭ୍ୟସଭ୍ୟା ଏବିଷୟରେ ଉପସ୍ଥାପନ କରି ନ ଥିବାରୁ ମୁଁ ଜାଣି ନଥିଲି, ଏବର୍ଷ ସମୟ ଗଡିବାକୁ ବସିଲାଣି, ଆସନ୍ତାବର୍ଷ ଏହି ପଡାର ପୋଖରୀ ପଙ୍କୋଦ୍ଧାର କାର୍ଯ୍ୟ କରାଯିବ ବୋଲି ମତ ଦେଇଥିଲେ।



ପଦାରେ ପଡ଼ିଲା ଏନ୍‌ଏସିର ପାରିବା ପଣିଆ

# ଡ୍ରେନ୍ ପାଣିରେ ରମ୍ଭା ସହର ଉବୁଟୁବୁ

ରମ୍ଭା, ୧୦।୬(ସମିସ)



ଅଦିନିଆ ବର୍ଷା ଝଡ଼ରେ ବିଜେପି ନେତାଙ୍କ ଘର ଚଦର ପବନରେ ଉଡ଼ିଯାଇଥିବା ଦେଖିବାକୁ ମିଳିଛି। ରମ୍ଭା ସହରର ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ହେବା ଦ୍ୱାରା ଯାନବାହାନ ଓ ବାଟୋଇମାନେ ଯାତାୟାତରେ ହଟହଟା ହୋଇଛନ୍ତି। ରମ୍ଭା ସହରର ମୁକୁଳା ଡ୍ରେନରେ ଅଳିଆ ଆବର୍ଜନା ଜମିଥିବା ଯୋଗୁଁ ପାଣି ଡ୍ରେନ୍‌ରେ ନଯାଇ ମୁଖ୍ୟ ରାସ୍ତା ଉପର ଦେଇ ଯାଉଛି। ଯାହା ଏନ୍‌ଏସି ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇଛି। ଡ୍ରେନ ଗୁଡ଼ିକ ମରାମତି ହୋଇ ପାରୁ ନାହିଁ। ଡ୍ରେନ୍ ପାଣିରେ ରମ୍ଭା ସହର ଭାସୁଥିବା ନେଇ ରମ୍ଭାବାସୀ ଅଭିଯୋଗ କରିଛନ୍ତି। କେବେ ମୁକୁଳା ଡ୍ରେନର ପୁନଃଉଦ୍ଧାର ହେବ ଏନେଇ ପ୍ରଶ୍ନ ଉଠିଛି। ଡଷ୍ଟବିନ ନଥିବା ଯୋଗୁଁ ସମସ୍ତ ଦୋକାନ ବଜାର ଓ ଘରଗୁଡ଼ିକର ଅଳିଆ ଆବର୍ଜନା ଘର ସାମ୍ନା ଡ୍ରେନରେ ପକା ଯାଉଥିବାର ନଜିର ରହିଛି। ସେପଟେ ବଙ୍ଗଳା ସାହି ପୋଲ ଠାରୁ ଚିଲିକା ପର୍ଯ୍ୟନ୍ତ ଥିବା ଡ୍ରେନ ବାଲି ମାଟିରେ ପୋତି ହୋଇ ରହିଛି। ଫଳରେ ପାଣି ନିକଟସ୍ଥ ୱାର୍ଡର ଘରେ ଘରେ ପଶି ଯାଉଛି। ରମ୍ଭା ସହରକୁ ଆସୁଥିବା ଡଷ୍ଟବିନ ଟଙ୍କା କୁଆଡ଼େ ଯାଉଛି ତାହାର ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ। ଅସମୟ ମୌସୁମୀ କାଳବୈଶାଖୀ ତାଣ୍ଡବ ରଚୁଥିବା ବେଳେ ପ୍ରଶାସନ ଏବେଠାରୁ ସତର୍କ ନ ହେଲେ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ଜଣାପଡ଼ିଛି।

## କୁଳ ବୈଠକରେ ମହିଳାଙ୍କୁ ଆକ୍ରମଣ

ବ୍ରହ୍ମପୁର, ୧୦।୬(ସମିସ): କୁଳ ବୈଠକ ଚାଲିଥିବାବେଳେ ଜଣେ ମହିଳାଙ୍କ ସ୍ୱାମୀ ଓ ଶାଶୂଘର ଲୋକେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ରହ୍ମପୁର ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଭାବନ୍ଧ ଗ୍ରାମର ମହିଳା ରୁବି ବେହେରା ୨୦୧୫ରେ ରଙ୍କୁଣୀ ଗ୍ରାମର ହୀନ ବେହେରାଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରେ ରୁବିଙ୍କୁ ଅଧିକ ଯୌତୁକ ଆଣିବାକୁ ଶାଶୂ ଘର ଲୋକେ କହିବା ସହ ନିର୍ଯାତନା ଦେଇଥିଲେ। ରୁବି କିଛି ବର୍ଷ ନିଜ ପିଲାମାନଙ୍କ ସହ ଶାଶୂ ଘରେ ରହିଥିଲେ ମଧ୍ୟ ବାରମ୍ବାର ନିର୍ଯାତନା ଦିଆଯିବା ପରେ ନିଜ ବାପ ଘରକୁ ଚାଲିଯାଇଥିଲେ। ଗତକାଲି ବ୍ରହ୍ମପୁରର ରାଜା ସାହିଠାରେ କୁଳ ବୈଠକ ବସି ଆପୋଷ ବୁଝାମଣା ହେବାର ଥିଲା। ସେହି ବୈଠକକୁ ରୁବିଙ୍କ ପରିବାର ଲୋକଙ୍କ ସମେତ ତାଙ୍କ ଶାଶୁ, ଶଶୂର ଓ ନଣଦେଇ କିଛି ସହଯୋଗୀଙ୍କୁ ଧରି ଆସିଥିଲେ। ବୈଠକ ଚାଲୁଥିବା ବେଳେ ରୁବିଙ୍କ ସ୍ୱାମୀ ହୀନ ତାଙ୍କୁ ଓ ପିଲାମାନଙ୍କୁ ମାଡ ମରିଥିଲେ। କୂଳ ଲୋକଙ୍କ ସମ୍ମୁଖରେ ଏସବୁ ଘଟିଥିଲା। ମାଡ ମାରିବା ପରେ ତାଙ୍କ ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ସେଠାରେ ଛାଡି ଚାଲି ଯାଇଥିଲେ। ଘଟଣାକୁ ନେଇ ରୁବି ବ୍ରହ୍ମପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରି ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୧୮ ଘଣ୍ଟା ବିଦ୍ୟୁତ୍ କାଟ୍; ବ୍ୟାଙ୍କ, ଏଟିଏମ୍ ଅଚଳ

ରମ୍ଭା, ୧୦।୬(ସମିସ): ଅଦିନିଆ ଝଡ଼ରେ ୨୪ଘଣ୍ଟା ମଧ୍ୟରେ ୧୮ଘଣ୍ଟା ରମ୍ଭା ଓ ଗଞ୍ଜାମ ବିଦ୍ୟୁତ ଡିଭିଜନରେ ବିଦ୍ୟୁତ କାଟ ହୋଇଛି। ବିଦ୍ୟୁତ ବିଭାଗର କର୍ମଚାରୀ ଅଭାବ ଯୋଗୁଁ ବିଳମ୍ବରେ ମରାମତି କରାଯାଉଛି। ହେଲେ ରମ୍ଭା ସହରରେ ଥିବା ଏସବିଆଇ, ଜାତୀୟ କରଣ ବ୍ୟାଙ୍କ(ଆନ୍ଧ୍ରା ବ୍ୟାଙ୍କ/ୟୁନିଅନ ବ୍ୟାଙ୍କ), ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ବିଦ୍ୟୁତ କାଟର ପ୍ରଭାବ ପଡ଼ିଛି। ଲିଙ୍କ୍ ନଥିବା ଯୋଗୁଁ ଘଣ୍ଟା ଘଣ୍ଟା ଗ୍ରାହକ ମାନେ ବ୍ୟାଙ୍କରେ ଅପେକ୍ଷା କରି ହିନସ୍ତା ହୋଇ ଘରକୁ ଫେରିଥିବା ଅଭିଯୋଗ ହୋଇଛି। ଏଟିଏମଗୁଡିକ ମଧ୍ୟ ଅଚଳ ହୋଇଯାଇଛି। ବ୍ୟାଙ୍କରେ ଜେନେରେଟର ସୁବିଧା ଥାଇ ମଧ୍ୟ ଏଟିଏମ ଗୃହରେ ଜେନେରେଟର ଲଗାଯାଇ ନାହିଁ। କେବଳ ମ୍ୟାନଜର ରୁମରେ ଜେନେରେଟର ଦ୍ୱାରା ଏସି ଚାଲୁ ରହିଛି ଓ କର୍ମଚାରୀଙ୍କ ରୁମରେ ଫ୍ୟାନ ଘୁରୁଛି। ଏନେଇ ହିତାଧିକାରୀମାନେ ଗୁଳୁଗୁଳିରେ ବହୁତ ସମସ୍ୟାର ସାମ୍ନା କରୁଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଜଣଙ୍କ ଅବହେଳା ନେଇ ପ୍ରଶ୍ନ ଉଠିଛି। ଜରୁରୀ କାଳୀନ ପରିସ୍ଥିତିରେ ବହୁତ ଲୋକ ଏଟିମରୁ ନିରାଶ ହୋଇ ଫେରୁଛନ୍ତି।

## ହତ୍ୟା ଉଦ୍ୟମ, ଅଭିଯୁକ୍ତକୁ ୭ ବର୍ଷ ଜେଲ୍

ଭଞ୍ଜନଗର, ୧୦।୬(ସମିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ଝୋଲାରୀ ଗ୍ରାମର ମା', ପୁଅ ହତ୍ୟା ଉଦ୍ୟମ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଆସିଷ୍ଟାଣ୍ଡ ସେସନସ ଜଜ୍ ଦେବାଶିଷ ବିଷୋୟୀ ମାମଲାର ବିଚାରଣ କରି ଅଭିଯୁକ୍ତ ରୂପ ନାରାୟଣ ଦଳବେହେରାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ପକାଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବେ ଅଭିଯୁକ୍ତ। ଜରିମାନା ଅର୍ଥ ଆଦାୟ ହେଲେ ପୀଡ଼ିତାଙ୍କୁ ଉକ୍ତ ଅର୍ଥ ପ୍ରଦାନ କରାଯିବ ବୋଲି ସରକାରୀ ଓକିଲ ଦିବାକର ନାୟକ କହିଛନ୍ତି। ଘଟଣାରୁ ପ୍ରକାଶ ଯେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ପେଣ୍ଠୁରାପଲ୍ଲୀର ରୂପ ନାରାୟଣ ତାଳଚେରରେ ଏକ କମ୍ପାନୀରେ ଚାକିରୀ କରୁଥିଲେ। ଏତଲାକାରି ଅନିଲଙ୍କ ଭାଇ ମଧ୍ୟ ସେଠି ଚାକିରି କରୁଥିଲେ। ତେଣୁ ଉଭୟଙ୍କ ମଧ୍ୟରେ ପରିଚୟ ଥିଲା। ୨୦୨୦ ଅକ୍ଟୋବର ୫ ତାରିଖରେ ରୂପ ନାରାୟଣ ବୁଗୁଡ଼ା ଥାନା ଅନ୍ତର୍ଗତ ଝୋଲାରି ଗ୍ରାମର ଅନିଲ ବିଷୋଇଙ୍କ ଘରେ ପଶି ତାଙ୍କ ଭାଉଜ ଓ ନାବାଳକ ପୁତୁରାକୁ ଏକ ଧାରୁଆ ଅସ୍ତ୍ରରେ ବେକକୁ କୌଣସି କାରଣରୁ ଆକ୍ରମଣ କରିଥିଲେ। ଫଳରେ ମା' ଓ ପୁଅ ଗୁରୁତର ହୋଇଥିଲେ। ଏହାପରେ ଅନିଲ ଏନେଇ ଗ୍ରାମବାସୀଙ୍କୁ କହିବା ପରେ ଗ୍ରାମବାସୀ ଏକାଠି ହୋଇ ଅଭିଯୁକ୍ତ ରୂପ ନାରାୟଣଙ୍କୁ କାବୁ କରି ପୋଲିସରେ ଜିମା ଦେଇଥିଲେ। ଏଥିସହ ଆହତ ମା' ଏବଂ ପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନୀଲଙ୍କ ଏତଲା ପ୍ରକାରେ ପୋଲିସ ରୂପ ନାରାୟଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରୂପ ନାରାୟଣ ଜେଲରେ କିଛିଦିନ ବନ୍ଦୀ ଜୀନ ବିତାଇବା ପରେ ଇତିମଧ୍ୟରେ ଜାମିନରେ ଆସିଥିଲେ। ମଙ୍ଗଳବାର ମାମଲାର ବିଚାରଣ ପରେ ତାଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଦିବାକର ନାୟକ ମାମଲା ପରିଚାଳନା କରୁଥିଲେ।

## ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର, ୧୦।୬(ସମିସ): ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ଅତିରିକ୍ତ କାର୍ଯ୍ୟନିର୍ବାହି ଅଧିକାରୀ ଭାବେ ବିଜୟ କୁମାର



ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକରେ ବିଡିଓ ଦାୟିତ୍ୱ ତୁଲାଉଥିଲେ।୨୦୧୧ ବ୍ୟାଚର ଓଏଏସ୍ ଅଧିକାରୀ ଶ୍ରୀ ବେହେରା ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ବ୍ଲକରେ ମଧ୍ୟ ବିଡିଓ ଭାବେ ନିଜର ଦାୟିତ୍ୱ ସୁଚାରୁରୁପେ ତୁଲାଇଥିଲେ। ଏହି ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ କାର୍ଯ୍ୟାଳୟର ସମସ୍ତ କାର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଛ ଦେଇ ସ୍ୱାର୍ଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯିବ, ବିଭିନ୍ନ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲକରି ସେମାନେ କିଭଳି ଉକ୍ତ ଯୋଜନାର ସୁଫଳ ପାଇପାରିବେ ତାହା ମୂଳଲକ୍ଷ୍ୟ ରହିବ ବୋଲି କହିଥିଲେ।

ଡ୍ରେନ୍ ଖୋଳି ଭୁଲିଗଲେ ଠିକାଦାର

## ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ

ଆସିକା, ୧୦।୬(ସମିସ)




ଗଞ୍ଜାମ ଜିଲ୍ଲାର ବ୍ୟବସାୟିକ ପେଣ୍ଠ ସ୍ଥଳ ହେଉଛି ଆସିକା ସହର। ଗତ କିଛି ମାସ ହେଲା ଆସିକା ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱରେ ଚାଲିଥିବା ନାଳ କାର୍ଯ୍ୟ ବିଳମ୍ବ ଯୋଗୁଁ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଗତ କିଛି ମାସ ହେଲା ନାଳ ପାଇଁ ଖୋଳା ହୋଇଥିବା ସ୍ଥାନରେ ବର୍ଷା ପାଣି ଜମିବା ଏବଂ ଅଳିଆ ଆବର୍ଜନା ଭର୍ତ୍ତି କାରଣରୁ ଏଥିରେ ମଶା ଓ ମାଛି ବୃଦ୍ଧି ପାଉଛି। ବର୍ଷା ଆରମ୍ଭ ହେଲାଣି ତଥାପି କାର୍ଯ୍ୟ ସମାପନ ହେଉନଥିବା ଫଳରେ ଯାତ୍ରୀ ଯିବା ଆସିବାରେ ଘୋର ବ୍ୟାଘାତ ଘଟୁଛି। ରାସ୍ତା ବାହାରେ ପଡ଼ିରହିଥିବା ନାଳ ମାଟିସବୁ ବର୍ଷା ପାଣିରେ କାଦୁଅ ପଚ ପଚ ହେବାରୁ ଛୋଟମୋଟ ଦୁର୍ଘଟଣା ଘଟୁଛି। ବ୍ୟବସାୟ ଅନୁଷ୍ଠାନକୁ ଗ୍ରାହକ ଯିବାରେ ଅସୁବିଧା ଯୋଗୁଁ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଛି। ବ୍ୟବସାୟୀ ମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେବେ ବ୍ୟବସାୟୀ ମାନେ ନିଜ ଖର୍ଚରେ ନାଳ ଉପରେ ପ୍ଲେଟ ପକାଇ ବାରୁ ଠିକାଦାରକୁ ଖର୍ଚ୍ଚାନ୍ତ ହେବାକୁ ପଡୁନି। ଏଣୁ ନାଳ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକାଦାର ଜାଣିଶୁଣି ହେଳା କରିଛନ୍ତି। ଏବେ ପ୍ରଶ୍ନ ଉଠୁଛି ଠିକାଦାର କିଏ। କାହା ଇସାରାରେ ଚାଲିଛି କୋଟି କୋଟି ଟଙ୍କାର କାମ। ବିନା ଫଳକରେ ଚାଲିଛି କାମ। ଏହାହେଲେ ଲୋକେ ବାଧ ହୋଇ ନିଜ ଘର କିମ୍ବା ବ୍ୟବସାୟ ଅନୁଷ୍ଠାନ ପାଇଁ ନାଳ ଉପରେ ପ୍ଲେଟ ପକାଉଛନ୍ତି। ନାଳର ଦୁଇ ପାର୍ଶ୍ୱରେ ମାଟି ପକାଇବା ନତୁବା ନାଳ ଉପରେ ପ୍ଲେଟ ପକାଇବାକୁ ଠିକାଦାର ପକ୍ଷରୁ ବ୍ୟବସାୟୀଙ୍କୁ ଟଙ୍କା ମାଗୁଛନ୍ତି ନତୁବା ସରକାରୀ ଦଳର ନାଁ ନେଇ ଲୋକଙ୍କୁ ନାଲି ଆଖି ଦେଖାଉଛନ୍ତି। ଉକ୍ତ କାର୍ଯ୍ୟ ବର୍ଷା ଆସିବା ପୂର୍ବରୁ ସମ୍ପୂର୍ଣ୍ଣ ହେବା ବଦଳେ ଜାଣିଶୁଣି ଅବହେଳା କରାଯାଉଛି। ଏପରିକି ନିମ୍ନମାନର କାର୍ଯ୍ୟ ଯଥା ଦୁର୍ବଳ ଲୁହା ରଡ଼ ଉକ୍ତ କାର୍ଯ୍ୟରେ ବ୍ୟବହାର ହେଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଓ ବେସରକାରୀ ବସଷ୍ଟାଣ୍ଡକୁ ବଡ ବଡ ବସଷ୍ଟାଣ୍ଡ ଭିତରୁ ଯିବା ବିପଦପୂର୍ଣ୍ଣର୍ ଅଟେ। ଉକ୍ତ ଠିକା କାର୍ଯ୍ୟକୁ ଶାସକ ଦଳର ଲୋକେ କରୁଥିବା ଫଳରେ ପ୍ରଶାସନ ଦେଖି ଅଣଦେଖା କରୁଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅନେକ ବାର ସାକ୍ଷାତ କିମ୍ବା ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବପର ହୋଇପାରିନି। ସେପଟେ ସରକାର ପରିବର୍ତ୍ତନ ହେବା ପରେ ପୂର୍ବ ସରକାର କରିଥିବା କାମକୁ ନୂଆ କାମ ଦର୍ଶାଇ ବିଲ୍ କରୁଛନ୍ତି ଠିକାଦାର।

## ବ୍ରହ୍ମପୁରରେ ହେବ ବିକାଶମେଳା

ଛତ୍ରପୁର, ୧୦।୬(ସମିସ): ସରକାର ଗଠନର ଏକବର୍ଷ ଉପଲକ୍ଷିରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ବିକଶିତ ଓଡ଼ିଶା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଗତ ଏକ ବର୍ଷ ମଧ୍ୟରେ କେଉଁ ସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ତାହାକୁ ଲୋକଲୋଚନରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହେଉଛି ବିକାଶ ମେଳା ଏବଂ ବିକାଶ ବାହନଯାତ୍ରା। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହେବ ବିକାଶମେଳା। ଏହି ମେଳାରେ ବିଭିନ୍ନ ଲାଇନ୍ ବିଭାଗ ସମେତ ପଞ୍ଚୟତିରାଜ ବିଭାଗ ପକ୍ଷରୁ ଷ୍ଟଲ ଗୁଡିକ ପ୍ରସ୍ତୁତ କରାଯାଉଛି। ପ୍ରତ୍ୟେକ ବିଭାଗ ପକ୍ଷରୁ କେଉଁ ସମସ୍ତ ସେବା ପ୍ରଦାନ କରାଯାଉଅଛି ତାହା ଉକ୍ତ ଷ୍ଟଲ ଗୁଡିକରେ ଦର୍ଶାଇ ଦିଆଯିବ। ଏଥି ସହିତ ୩୦ ଗୋଟି ଜିଲ୍ଲାର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରିବଟା ହେବ। ଏଥି ସହିତ ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ବିକାଶ ବାହନ ଯାତ୍ରା ଭଳି ଗଞ୍ଜାମ ଜିଲ୍ଲାରେ ଭ୍ରମଣ କରିବ ବିକାଶ ବାହନ। ଏହି ବାହନଟି ଜିଲ୍ଲାର ୫୦୩ ଟି ପଞ୍ଚାୟତକୁ ପରିଭ୍ରମଣ କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବ। ପଞ୍ଚାୟତରେ ପ୍ରଚାର ପ୍ରସାର ସମୟରେ ବିଭିନ୍ନ ବିଭାଗର ଜନହିତକର ସେବା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଚିକିତ୍ସା ବିଭାଗ ଦ୍ୱାରା ମାତୃ ଯୋଜନାର କାର୍ଡ ଆବଣ୍ଟନ ହେବ। ଆଧାରକାର୍ଡ ପଞ୍ଜୀକରଣ, ରାଜସ୍ୱ ପଟ୍ଟା ପ୍ରଦାନ, କିଷାନ କ୍ରେଡିଟ୍ କାର୍ଡ ବଣ୍ଟନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଜ୍ୟୋତି ଯୋଜନାର ଆବେଦନ ପ୍ରକ୍ରିୟା ସଚେତନତା ସହିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଅନ୍ୟ ଯୋଜନା ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଜବକାର୍ଡ ବଣ୍ଟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ରାସନ୍ କାର୍ଡ ଯୋଗାମ, ଉଜ୍ଜଳା, କୃଷି ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କିଷାନ ଯୋଜନା, ପ୍ରଧାନ ମନ୍ତ୍ରୀ କିଷାନ ଯୋଜନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ବାସିନ୍ଦା, ଉତ୍ତରାଧିକାରୀ ପ୍ରମାଣ ପତ୍ର, ଆୟ, ଜାତିଗତ ପ୍ରମାଣ ପତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଭୟ ବନ୍ଦନା ଯୋଜନା, ସିକିଲସେଲ୍‌ଫ, ଯକ୍ଷ୍ମା, ଆନିମିଆ ରୋଗର ଚିହ୍ନଟ ଆଦି ଯୋଜନା ସମ୍ପର୍କରେ ସଚେତନତା କରାଯିବ।




ଏନେଇ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଇନ୍ ବିଭାଗୀୟ ସମସ୍ତ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ବୈଠକ



ପୁରୁଷୋତ୍ତମପୁର, ୧୦।୬(ସମିସ): ପୁରୁଷୋତ୍ତମପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ଏକ ବୈଠକ ସଙ୍ଘ ସଭାପତି ଜଟେଶ୍ୱର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଞ୍ଜାମ ଜିଲ୍ଲା ସଙ୍ଘର ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର ଓ ଉପଦେଷ୍ଟା କବିରାଜ ସାହୁ ଯୋଗଦେଇ ପେନସନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ କରିବା, କୋଭିଡ ସମୟର ବାକି ଥିବା ଡିଏ ପ୍ରଦାନ କରିବା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚଳିତ ମାସ ୨୦ତାରିଖରେ ଆସିକା ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକ କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ସଙ୍ଘର ସମ୍ପାଦକ ହରିହର ପଣ୍ଡା, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ରଥ, କୋଷାଧ୍ୟକ୍ଷ ମନମୋହନ ତ୍ରିପାଠୀ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ସୁଦର୍ଶନ ମହାପାତ୍ର, ଗୋବିନ୍ଦ ବେହେରା, ହୀନ ନାହାକ, ବୁଦ୍ଧିମନ୍ତ ପାତ୍ରୀ, ଧୋବା ନାହାକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ସଂଘ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆଞ୍ଚଳିକ ସମ୍ମିଳନୀ



ଧରାକୋଟ, ୧୦।୬(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ଧରାକୋଟ ଆଞ୍ଚଳିକ କମ୍ୟୁନିଷ୍ଟ ସମ୍ମିଳନୀ ଗୋଲା ଦାମୋଦରପଲ୍ଲୀ ସ୍ଥିତ ବୈଷ୍ଣୋ ଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଥୀ ବିଦେଶୀ ପାତ୍ର ପତାକା ଉତ୍ତୋଳନ କରିଥିବାବେଳେ ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇଥିଲେ। ଏହି ସଭାରେ ସାଥୀ ରଘୁନାଥ ପାତ୍ର ସଭାପତିତ୍ୱ କରିଥିବା ବେଳେ ସର୍ବ ଭାରତୀୟ ଉପସଭାପତି ଯୁବ ସାଥି ପ୍ରଦୀପ କୁମାର ସେଠୀ, ରାଜ୍ୟ ଯୁବ ସଂଘର ସଭାପତି କାମଦେବ ସେଠୀ, ଆଞ୍ଚଳିକ ସମ୍ପାଦକ ରାଜେନ୍ଦ୍ର ଦାସ, ଶିକ୍ଷକ ଦେବହରି ମହାନ୍ତି ମଞ୍ଚାସୀନ ରହିଥିବା ବେଳେ ଦଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସାଥୀ ବିଦେଶୀ ନାୟକଙ୍କୁ ପୁଣି ଥରେ ସମ୍ପାଦକ ରୂପେ ନିର୍ବାଚିତ କରାଯାଇଥିଲା।

## ଠାକୁରାଣୀ ଯାତ୍ରାରେ ବଢୁଛି ବେଶଧାରୀଙ୍କ ସଂଖ୍ୟା







ଜି. ଉଦୟଗିରି, ୧୦।୬(ସମିସ): ଜି. ଉଦୟଗିରି ଠାରେ ଆରମ୍ଭ ହୋଇଥିବା ଠାକୁରାଣୀ ଯାତ୍ରା ରେ ଦିନ ଦିନ ଗହଳି ବଢ଼ିବାକୁ ଲାଗିଛି। ଆଜି ଚତୁର୍ଥ ଦିନରେ ନଗର ପରିକ୍ରମା କରିଛନ୍ତି ମା। ଜି. ଉଦୟଗିରି ଥାନା, ଗୋଲାସାହି, କଚେରି ସାହି, ବସଷ୍ଟାଣ୍ଡ ସାହି ପରିକ୍ରମା କରିଛନ୍ତି ପନ୍ଚ ଠାକୁରାଣୀ। ଅସ୍ଥାୟୀ ମଣ୍ଡପରେ ଦୈନିକ ରିତିନୀତି ହେବା ସହିତ ସନ୍ଧ୍ୟା ଆଳତି ପରେ ନଗର ପରିକ୍ରମାରେ ବାହାରିଛନ୍ତି ମାଆ। ମା' ସେସିବାଲି ଘଟ, ମା ତାରାତାରିଣୀ ଘଟ, ମା କନ୍ଧୁଣୀ ଦେବୀ ଘଟ, ଗ୍ରାମଦେବତୀ ଘଟଙ୍କ ସହିତ ମା ବରାଳିନୀଙ୍କ ଘଟ ପରିକ୍ରମାରେ ବାହାରିଛନ୍ତି। ପରିଚାଳନା କମିଟି ତରଫରୁ ନଗର ପରିକ୍ରମା ପାଇଁ ବ୍ୟାପକ ବ୍ୟବସ୍ଥା କରଯାଇଥିବା ବେଳେ ବେଶଧାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନଗର ପରିକ୍ରମା ପାଇଁ ସ୍ଥାନୀୟ କଳାକାର ଲୋକ ନୃତ୍ୟ ସହିତ ଜିଲ୍ଲା ତଥା ଜିଲ୍ଲା ବାହରୁ ବହୁ ନୃତ୍ୟକଳା ଗ୍ରୁପ ଅଂଶଗ୍ରହଣ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଜି ଠାରୁ ପଦାସାହି ପଡ଼ିଆରେ ଯାତ୍ରା ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ଫସରଫାଟିଲା ଖାଦ୍ୟ ପ୍ରତିଯୋଗିତା

## ୪ଘଣ୍ଟା ବିଳମ୍ବରେ ଆସିଲେ ଅଧିକାରୀ; ଚେୟାର ଫାଙ୍କା

କବିସୂର୍ଯ୍ୟନଗର, ୧୦।୬(ସମିସ)



କବିସୂର୍ଯ୍ୟନଗର କଲ୍ୟାଣମଣ୍ଡପରେ ସୁଭଦ୍ରା ଶକ୍ତି ପକ୍ଷରୁ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅନିୟମିତତା ଦେଖାଦେଇଛି। ନିର୍ଦ୍ଧାରିତ ସମୟ ସକାଳ ୮ଟା ହୋଇଥିବା ବେଳେ ବିଭିନ୍ନ ଅଧିକାରୀଙ୍କ ଦେଖାମିଳିନଥିଲା। ଘରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇ ଆସିଥିଲା। ନାମକୁ ମାତ୍ର ଦେଖାଣିଆ ପ୍ରତିଯୋଗିତା। ହାତ ଗଣତି କିଛି ମହିଳା ଦେଖିବାକୁ ମିଳିଥିଲା।୨୧ଟି ପଞ୍ଚାୟତରୁ ମାତ୍ର ୧୮ଟି ପଞ୍ଚାୟତର କିଛି ମହିଳା ଖାଦ୍ୟ ଆଣିଥିବାର ଦେଖିବାକୁ ମିଳିଥିଲା। ଯାହା କି ଦୁର୍ନୀତିର ଗନ୍ଧ ଦେଖିବାକୁ ମିଳିଥିଲା। ପଡ଼ିଥିବା ଚେୟାର ସବୁ ଖାଲି ପଡ଼ିଥିଲା। ହାତଗଣତି କିଛି ମହିଳା ଓ ବ୍ଲକ କର୍ମଚାରୀ ବସିଥିବାର ଦେଖିବାକୁ ମିଳିଥିଲା। ଦିନ ୧୨ଟା ପରେ ଅର୍ଥାତ ୪ ଘଣ୍ଟା ବିଳମ୍ବରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ସଭାକାର୍ଯ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଦିନ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା ଯେ, ମଙ୍ଗଳବାର ସକାଳ ୮ଟାରେ ଆରମ୍ଭ ହେବ। କିନ୍ତୁ ଦିନ ୧୨ଟା ପରେ ସିଡିପିଓ ବୀଣାପାଣି ମିଶ୍ର, ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ତହସିଲଦାର ରବୀନ ମିଶ୍ର, ନିରୀକ୍ଷକ ଅଧାପିକା ଆଭା ପଟ୍ଟନାୟକ ପ୍ରମୁଖ ଅତିଥି ମଞ୍ଚାସୀନ ହୋଇଥିଲେ। ଉପଢୌକନ ଓ ପୁଷ୍ପଗୁଚ୍ଛ ଅତିଥିଙ୍କୁ ଦେବାବେଳେ ଅଭାବ ପରିଲକ୍ଷିତ ହୋଇଥିଲା। ଯାହା ଫଳରେ ରିପିଟ କରିବାକୁ ପଡ଼ିଥିଲା। କାର୍ଯ୍ୟକ୍ରମରେ ନିମନ୍ତ୍ରିତ କବିସୂର୍ଯ୍ୟନଗର ବିଧାୟକ ଓ ବିଡିଓ ଅନୁପସ୍ଥିତ ଥିଲେ। ହାତଗଣତି କିଛି ସରପଞ୍ଚ, ସମିତି ଓ ଅଧିକାରୀ ଦେଖିବାକୁ ମିଳିଥିଲା। ମୋଟରେ ପ୍ରତିଯୋଗିତାରେ ଅନିୟମିତତା ଦେଖିବାକୁ ମିଳିଥିବାବେଳେ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା ଫେଲ ମାରିଛି ବୋଲି ବହୁ ଅଭିଯୋଗ ଆଣିଛନ୍ତି।

ସକାଳ THE SAKALA



www.sakalaepaper.com

# ଆଜି ସ୍ନାନ ପୂର୍ଣ୍ଣିମା

ସମ୍ବଲପୁର, ୧୦।୬ (ସମିସ): ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପୂର୍ଣ୍ଣମା ତିଥିରେ ସାରା ରାଜ୍ୟ ସହିତ ସମ୍ବଲପୁରରେ ଭାବଗ୍ରାହୀ ମହାପ୍ରଭୁ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ବିଧି ଓ ପରମ୍ପରା ଅନୁଯାୟୀ ଭୋର ସମୟରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସ୍ନାନ କରାଯିବାପରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦୀରେ ଦର୍ଶନ ଦେବେ।

ସମ୍ବଲପୁରର ସର୍ବପୁରାତନ ବ୍ରହ୍ମପୁରା ମନ୍ଦିରରେ ପରଂପରା ଅନୁଯାୟୀ ରୀତିନୀତି ମଧ୍ୟରେ ସ୍ନାନ ପୂର୍ଣ୍ଣିମା ଆୟୋଜନ କରାଯିବ। ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ସେନାପଟା ଲାଗି ହେବା ଉତାରୁ ଧାଡ଼ି ପହଣ୍ଡିରେ ଗମ୍ଭୀରାରୁ ସ୍ନାନ ମଣ୍ଡପକୁ ନିଆଯିବ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ପରମ୍ପରା ଅନୁସାରେ ଝାଡୁଆପଡ଼ାର ଏକ ପୁରାତନ କୂଅରୁ ଅଣା ଯାଇଥିବା ୧୦୮ ଗରିଆ ଜଳରେ ଅଗୁର, ସର୍ବଷୌଧୀ, ଚନ୍ଦନ, କର୍ପୁର, ଗୋଲାପ ଜଳ, ବିଭିନ୍ନ ତୀର୍ଥ କ୍ଷେତ୍ରରୁ ସଂଗୃହୀତ ଜଳ ମିଶ୍ରଣ କରାଯାଇ ସୁବାସିତ ଜଳରେ ବିଗ୍ରହ ମାନଙ୍କୁ ସ୍ନାନ କରାଯିବ।

ଝାଡୁଆପଡ଼ାର ବ୍ରହ୍ମପୁରା ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠ ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତରାର ରାମଜୀ ମଠ, ଧନୁପାଲିର ଗୋପାଲଜୀ, କମଳିବଜାରର ଗୋପାଲଜୀମଠର ଜଗନ୍ନାଥ, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ସ୍ନାନବେଦୀରେ ଦର୍ଶନ ଦେବାପରେ ସନ୍ଧ୍ୟାରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯିବ।

# ଧନୁପାଲି ରଥଯାତ୍ରା ପ୍ରସ୍ତୁତି



ସମ୍ବଲପୁର,୧୦।୬(ସମିସ): ମଙ୍ଗଳବାର ସନ୍ଧ୍ୟାରେ ଧନୁପାଲି ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧକ୍ଷ ତଥା ଆରଏସ୍ଏସ୍ର ପୂର୍ବତନ ସଂଘ ଚାଳକ ବିପିନ ବିହାରୀ ନନ୍ଦଙ୍କୁ ଚଳିତ ବର୍ଷ ଧନୁପାଲି ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଛେରାପହଁରା ସେବା କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ କମିଟିର କାର୍ଯ୍ୟକାରିଣୀ ସଦସ୍ୟ ଓ ମନ୍ଦିର ପୂଜକ ସମସ୍ତେ ଶ୍ରୀ ନନ୍ଦଙ୍କ ଗୋବିନ୍ଦଟୋଲାସ୍ଥିତ ବାସଭବନକୁ ଯାଇ ରଥ ଯାତ୍ରା ସମୟରେ ଛେରାପହଁରା କାର୍ଯ୍ୟ ତୁଲେଇବାକୁ ଅନୁରୋଧ କରିଥିଲେ। କମିଟିର ନିଷ୍ପତ୍ତିକୁ ସମ୍ମାନ ଜଣାଇ ଶ୍ରୀ ନନ୍ଦ ମହୋଦୟ ସମ୍ମତି ପ୍ରଦାନ କରିଥିଲେ। ଏହା ପରେ ମନ୍ଦିର ପୂଜକ ତଥା ପଣ୍ଡିତ ମନମୋହନ ପାଣିଗ୍ରାହୀ, ପଣ୍ଡିତ ସୁବ୍ରତ ପୁରୋହିତ ବିଧିପୂର୍ବକ ମଙ୍ଗଳାଚରଣ କରି ବରଣ କରିଥିଲେ। ପରେ ଶ୍ରୀ ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କ ମନ୍ଦିରରେ ଆଗାମୀ କାଲି ଦେବସ୍ନାନ ପୂର୍ଣ୍ଣିମା ପାଇଁ ନିମନ୍ତ୍ରଣ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ କମିଟିର ମୁଖ୍ୟ ସଂଯୋଜକ ଶରତ ଚନ୍ଦ୍ର ପାଢ଼ୀ, ସଭାପତି ବିଦେଶୀ ସାନବଡ଼, କାର୍ଯ୍ୟକାରୀ ସଭାପତି ଦେବାଶିଷ ପୁରୋହିତ, ଉପସଭାପତି ସୌରଭ ରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଚୈତନ୍ୟ ନାୟକ, ଉପଦେଷ୍ଟା ବିଷ୍ଣୁ ଗୁରୁ, ରାମ ନାୟକ, ସନ୍ତୋଷ ଗୁରୁ, ନେପାଳ ମିଶ୍ର, ଗଜେନ୍ଦ୍ର ପୂଜାରୀ, ବିପିନ ଗଡ଼ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଅଟକି ରହୁଛି ଧାନଗାଡ଼ି

# ଆଗରୁ ସମସ୍ୟା ଥିଲା 'ଟୋକନ୍', ଏବେ 'ଟାର୍ଗେଟ୍'

ସମ୍ବଲପୁର,୧୦।୬(ସମିସ)



ଟାର୍ଗେଟ୍‌କୁ ନେଇ ଚାଷୀ ମୁଣ୍ଡରେ ଚଡ଼କ। ଗୋଟିଏପଟେ ଅଦିନିଆ ବର୍ଷା ଅନ୍ୟପଟେ ମଣ୍ଡିରେ ପଡ଼ିରହିଛି ଧାନ। ମଣ୍ଡିକୁ ଧାନ ଆଣିଲେ ଟୋକନ ଥାଇ ବି ଚାଷୀ ଧାନ ବିକ୍ରୀ କରିପାରୁନାହାଁନ୍ତି। ମିଲର୍‌ଙ୍କୁ ସରକାର ଟାର୍ଗେଟ ଦେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗିରହୁଛି ଚାଷୀ। ଏହାକୁ ପ୍ରତିବାଦ କରି ସୋମବାର ଚାଷୀମାନେ ୫୩ ନମ୍ବର ଜାତୀୟ ରାଜପଥ ପାଞ୍ଚଘଣ୍ଟା ଧରି ଅବରୋଧ କରିଥିଲେ। ଅନ୍ୟପକ୍ଷରେ ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତରେ ଆସି କହିଛନ୍ତି ଯେତେ ମାଗିବେ ଟାର୍ଗେଟ୍ ଦେବୁ। ଏଭଳି କ୍ଷେତ୍ରରେ ଚଳିତ ରବି ଋତୁରେ ବମ୍ପର କ୍ରପ୍ ହୋଇଥିବାବେଳେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଯେତିକି ଟାର୍ଗେଟ୍ ଦରକାର ଆମେ ଦେବୁ। ଅନ୍‌ଲାଇନ୍‌ରେ କାମ ଚାଲିଛି ଘଣ୍ଟେ ଦି'ଘଣ୍ଟା ଭିତରେ ଏଠାକୁ ପଳେଇଆସିବ। ଗୋଟିଏ ବି ଟୋକନ୍ ଲାପ୍ସ ହେବନାହିଁ ଯଦି ଗୋଟିଏ ବି ଟୋକନ୍ ଲାପ୍ସ ହେଲା, ତାହେଲେ ଜିଲ୍ଲାପାଳ ମାନଙ୍କ ହାତରେ ୧୫ ଦିନ ଅବଧି ଅଛି, ସେହି ସମୟ ମଧ୍ୟରେ ସେମାନେ ତାହାକୁ ସମାପ୍ତ କରିବେ। ହୀରାକୁଦ ବୁଡ଼ି ଅଞ୍ଚଳ ସମ୍ବଲପୁରର ବସନ୍ତପୁର, ଝାରସୁଗୁଡ଼ାର ଲଖନପୁର ଚାଷ କରିବାକୁ ଯୋଗାଣ ବିଭାଗ ମନାକରିଛି, ଏହି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ବସନ୍ତପୁର ଅଞ୍ଚଳର ଚାଷୀମାନଙ୍କୁ ଆମେ ଅନୁମତି ଦେଇଛୁ, ତାଙ୍କ ଧାନ କିଣା ହେବ ବୋଲି କହିଛୁ। ସେଥିରେ କିଛି ଅସୁବିଧା ନାହିଁ। ଏନେଇ ସଚିବ କିପରି ଚିଠିଲେଖିଲେ ବୋଲି ପ୍ରଶ୍ନକୁ ମନ୍ତ୍ରୀ ଏଡ଼ାଇ ଯାଇଥିଲେ। ସେହିପରି ଡିଏଲ୍‌ପିସିର କ୍ଷମତା ନାହିଁ ବୋଲି ଚାଷୀମାନେ ବାରମ୍ବାର ଅଭିଯୋଗ କରି ଆସିଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଲେ ଯେ, ଡିଏଲ୍‌ପିସିର ପୁରା କ୍ଷମତା ଅଛି। ଯଦି କେଉଁଠି ଅସୁବିଧା ଅଛି ମୁଁ ଜିଲ୍ଲାପାଳଙ୍କୁ କହିଛି ଡିଏଲ୍‌ପିସିକୁ ପୁରା କ୍ଷମତା ଦିଆଯାଉ ତାହାକୁ ପାୱାରଲେସ୍ ନକରାଯାଉ। ହୀରାକୁଦ ବୁଡ଼ି ଅଞ୍ଚଳରେ ଚାଷକୁ ନେଇ ସଚିବ ଓ ମନ୍ତ୍ରୀଙ୍କ ମଧ୍ୟରେ ତାଳମେଳ ନଥିବା ଚାଷୀ ଅଭିଯୋଗ କରୁଛନ୍ତି।

ମଙ୍ଗଳବାର ଚାଷୀମାନେ ସର୍କିଟ୍ ହାଉସ୍‌ଠାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଭେଟି ଟାର୍ଗେଟ୍ ସମସ୍ୟା ନେଇ ଅବଗତ କରିଥିଲେ। ଚାଷୀମାନେ କହିଛନ୍ତି ପୂର୍ବବର୍ଷ ଗୁଡ଼ିକରେ ଟୋକନ ସମସ୍ୟା ଥିଲା। ଟୋକନ୍ ନଆସିବା, ଅମଳ ପୂର୍ବରୁ ଆସିଗଲେ ଲ୍ୟାପ୍ସ ହେବା ସମସ୍ୟା କିମ୍ବା ପରେ ଆସିଲେ ଅମଳ ଧାନକୁ ସୁରକ୍ଷିତ ରଖିବା ସମସ୍ୟା ଥିଲା। ଏବେ କିନ୍ତୁ ସମସ୍ୟା ହେଉଛି 'ଟାର୍ଗେଟ୍'। ଚାଷ କରିବା ଜୀବଦ୍ଦଶାରେ କେବେ ଟାର୍ଗେଟ୍ ସମସ୍ୟା ହୋଇନଥିଲା ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଧାନ ଗାଡ଼ି ଗୁଡ଼ିକ ଟାର୍ଗେଟ୍ ନାହିଁ ବୋଲି ମଣ୍ଡି ମାନଙ୍କରେ ଛିଡ଼ା ହୋଇଛି। ଆଜି ଟାର୍ଗେଟ୍ ଆସିଲା, କାଲି ଆସିଲା ବୋଲି ଚାଷୀ ଅପେକ୍ଷା କରିଛି। ଟାର୍ଗେଟ୍ ଆସିବା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଅଫ୍‌ଲାଇନ୍‌ରେ ଗୋଟିଏ ହିସାବ ଆସୁଛି, ଅନ୍‌ଲାଇନ୍‌ରେ ଗୋଟିଏ ହିସାବ ଆସୁଛି। ପଚାରିଲେ କହୁଛନ୍ତି ଘଣ୍ଟାକରେ ଦୁଇଘଣ୍ଟାରେ ଆସିଯିବ ବୋଲି କହୁଛନ୍ତି। ଏହି ସମସ୍ୟା ସମାଧାନ ନହେଲେ ଚାଷୀ କାହା କଥା ଶୁଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଗୋଟିଏ ମାସ ଅବଧି ରବି ଧାନକ୍ରୟ ସମୟରେ କିଭଳି ସୁରଖୁରୁରେ ହେବ ବୋଲି ଚିନ୍ତା କଲାବେଳକୁ ଗୋଟିଏ ପଟେ ଅଦିନିଆ ବର୍ଷା ଅନ୍ୟପଟେ ଧାନବୋଝେଇ ଗାଡ଼ି ଛିଡ଼ା ହୋଇରହୁଛି। ପ୍ରଶାସନିକ ଅଧିକାରୀ କିଛି ଶୁଣୁନାହାନ୍ତି। ଧାନକିଣା ଆରମ୍ଭର ପ୍ରାୟ ୧୦ ଦିନ ପରଠୁ ଟାର୍ଗେଟ୍ ସମସ୍ୟା ଆରମ୍ଭ ହୋଇଛି। ଅଧିକ ଟାର୍ଗେଟ୍‌କୁ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଜିଲ୍ଲା ସମ୍ପାଦକ ଦେବେନ୍ଦ ପ୍ରଧାନ କହିଛନ୍ତି, ଚାଷୀକୁ ଟୋକନ ଦେଇଦିଅନ୍ତୁ ଓ ଟାର୍ଗେଟ୍ ଦେଇଦିଅନ୍ତୁ, ଚାଷୀ ମଣ୍ଡିକୁ ନେଇ ତା'ର ଧାନ ବିକ୍ରୟ କରିବ। ଚାଷୀ ମଣ୍ଡିକୁ ନେଇ ଦୁଇତିନି ଦିନ ଧରି ଜଗିରହୁଛି। ତାହା କଷ୍ଟକର ହେଉଛି। ଗତକାଲି ଆନ୍ଦୋଳନ ପରେ ବି ଏପର୍ଯ୍ୟନ୍ତ ଧାନ କିଣା ଟାର୍ଗେଟ୍ ଆସିନାହିଁ, ଆଜି ମନ୍ତ୍ରୀ ଆସିଛନ୍ତି କହୁଛନ୍ତି ଆସିଯିବ। ଶୀଘ୍ର ଟାର୍ଗେଟ୍ ନ ଆସିଲେ ଚାଷୀ କ୍ଷତିଗ୍ରସ୍ତ ହେବ।

ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନକ୍ରୟ ଆରମ୍ଭ ହୋଇଛି। ଆଉ ମାତ୍ର ୪ ଦିନରେ ଧାନକିଣା ସରିବ। ଚାଷୀମାନେ ମଣ୍ଡିକୁ ଦୈନିକ ପ୍ରାୟ ୭ରୁ ୧୦ ହଜାର ପ୍ୟାକେଟ୍ ଧାନ ନେଉଥିବାବେଳେ ଟାର୍ଗେଟ୍ ନଥିବାରୁ ମଣ୍ଡିମାନଙ୍କରେ ଧାନ ଗାଡ଼ି ପଡ଼ିରହୁଛି। ଚାଷୀମାନେ ନିଜ ଧାନକୁ ଜଗି ରହୁଛନ୍ତି। ଏପରିସ୍ଥଳେ ଟୋକନ୍ ଲ୍ୟାପ୍ସ ହୋଇଯିବା ଆଶଙ୍କା ମଧ୍ୟ ରହିଛି।

# ଚାଉଁରପୁର ପୋଲ ଉପରେ ଦୁର୍ଘଟଣା

ସମ୍ବଲପୁର, ୧୦।୬(ସମିସ): ମଙ୍ଗଳବାର ରାତି ୭ଟା ସମୟରେ ଚାଉଁରପୁର ପୋଲ ଉପରେ ଏକ କାର୍‌କୁ ବୁଲେଟ ପଛପଟେ ଧକ୍କା ଦେବାରୁ କାର୍‌ର ପଛପଟୁ କିଛି ଅଂଶ ଭାଙ୍ଗି ଯାଇଥିଲା। ଏନେଇ କାର୍ ଚାଳକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ବୁଲେଟ୍ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

# ସଡ଼କ ଦୁର୍ଘଟଣା, ଜଣେ ଆହତ

ସମ୍ବଲପୁର, ୧୦।୬(ସମିସ):ଟାଉନ ଥାନା ଅନ୍ତର୍ଗତ ଚର୍ଚ୍ଚ ଛକ ନିକଟରେ ଦୁଇ ବାଇକ୍ ଧକ୍କାରେ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୭ଟାରେ ଜଣେ ଯୁବକ ସମ୍ବଲପୁର ସଦର ମେଡ଼ିକାଲରେ ଜଣଙ୍କୁ ସାକ୍ଷାତକରି କୁଲୁଣ୍ଡିସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଚର୍ଚ୍ଚ ଛକରେ ଏକ ବାଇକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ସଦର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଏନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ସମ୍ବଲପୁର ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ସମୀକ୍ଷା

# 'ଚାଲିଥିବା କାମ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କର'

ସମ୍ବଲପୁର, ୧୦।୬ (ସମିସ) : ସମ୍ବଲପୁରରେ ଜିଲ୍ଲାରେ ବିଭିନ୍ନ ବିଭାଗର ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ଏବଂ ଯେଉଁ ଯେଉଁ ସ୍ଥାନରେ ବାଧକ ରହିଛି ତାହାକୁ ଗୁରୁତ୍ୱ ଦେଇ ଯୋଜନା ଓ ସମୟ ଅବଧି ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ଶିକ୍ଷା ଅଭିଯାନ ସଭାକକ୍ଷରେ ଆଜି ପୂର୍ବାହ୍ଣରେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା ହୋଇଥିଲା। ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଗାମୀ ୧୭ରୁ ବିକାଶ ମେଳା ଆୟୋଜନ ହେବାନେଇ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଏକ ସାଧାରଣ ସଭା ସହ ରାଲି ହେବ। ବୈଠକରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାଏକ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ



ରାୟ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା, ମହିଳା ଓ ଶିଶୁ ସୁରକ୍ଷା, ଏମ୍ଏସ୍ଏମ୍ଇ, ଶକ୍ତି, ବନ୍ୟଜନ୍ତୁ ଓ ପରିବେଶ, ଗ୍ରାମୀଣ ବିକାଶ, ଉଦ୍ୟୋଗ ଓ ମାଇନିଂ, ବୈଜ୍ଞାନିକ ଉନ୍ନତି ଆଦି ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯୋଜନା ବିଷୟରେ ଅଧିକାରୀମାନେ ବିବରଣୀ ଉପସ୍ଥାପନ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯଥାଶୀଘ୍ର ନିଷ୍ପତ୍ତି ନେଇ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜମି ଓ ବନଭୂମି ସମ୍ପର୍କିତ କାର୍ଯ୍ୟ ଚାଲିଥିବା କ୍ଷେତ୍ର ମନ୍ତ୍ରୀ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି।

# ୧୦୦ ଫୁଟ୍ ଗଭୀରତାକୁ ଡାଇଭ୍ କରି ରେକର୍ଡ କଲେ ତିସ୍ୟା

ସମ୍ବଲପୁର, ୧୦।୬(ସମିସ): ସମ୍ବଲପୁରର ସ୍କୁବା ଡାଇଭର୍ ତିସ୍ୟା ପାଣିଗ୍ରାହୀ ୮ ଜୁନ ୨୦୨୫ରେ ୧୦୦ ଫୁଟ୍ (୩୦ ମିଟରରୁ ଅଧିକ) ଗଭୀରତାକୁ ଡାଇଭ୍ କରି ନିଜ ୧୫ତମ ଜନ୍ମଦିନ ପାଳନ କରିଛନ୍ତି। ଏହାସହ ଏହି ଉପଲବ୍ଧ ହାସଲ କରିବାରେ ସେ ସବୁଠାରୁ କନିଷ୍ଠ ଓଡ଼ିଆ ହୋଇଛନ୍ତି। ବ୍ୟକ୍ତିଗତ ଆକାଂକ୍ଷା, ସାହସିକତା ଓ ସମୁଦ୍ର ପ୍ରତି ଭଲପାଇବା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସଲ୍‌ତନତ୍ ଅଫ୍ ଓମାନର ସୁନ୍ଦର ଡେମାନିୟାତ୍ ଦ୍ୱୀପପୁଞ୍ଜର ଗାର୍ଡେନ ଅଫ୍ ଇଡେନ ଡାଇଭ୍ ସାଇଟ୍‌ରେ ଏହି ରେକର୍ଡ ସୃଷ୍ଟିକାରୀ ଡାଇଭ୍ କରିଛନ୍ତି ତିସ୍ୟା। ଏହି ଦ୍ୱୀପଗୁଡ଼ିକ ମସ୍କଟର ସାମୁଦ୍ରିକ ସୀମାରେ ଗଲ୍ଫ ଅଫ୍ ଓମାନରେ ଅବସ୍ଥିତ। ଏହି ଡାଇଭ୍ ତିସ୍ୟାଙ୍କୁ ଓଡ଼ିଶାର ସବୁଠାରୁ କନିଷ୍ଠ ୧୦୦ ଫୁଟ ଗଭୀରତାକୁ ଡାଇଭ୍ କରିଥିବା ସ୍କୁବା ଡ୍ରାଇଭର



ବନାଇଦେଇଛି। ଏହି ଗଭୀରତାକୁ ପହଞ୍ଚିଥିବା କନିଷ୍ଠ ଡାଇଭରମାନଙ୍କ ମଧ୍ୟରେ ଅନ୍ୟତମ ହୋଇଛନ୍ତି ତିସ୍ୟା। ସେ ତାଙ୍କ ବାପା ପ୍ରିୟଦର୍ଶୀ ପାଣିଗ୍ରାହୀଙ୍କ ସହ ଏହି ଡାଇଭ୍ କରିଥିଲେ। ପ୍ରିୟଦର୍ଶୀ ନିଜେ ମଧ୍ୟ ଜଣେ ଆଡ଼ଭାନସ୍‌ଡ ସ୍କୁବା ଡାଇଭର। ତିସ୍ୟା ଅଗଷ୍ଟ ୨୦୨୦ରେ ୧୦ ବର୍ଷ ବୟସରେ ଓଡ଼ିଶାର ସବୁଠାରୁ କନିଷ୍ଠ ସ୍କୁବା ଡାଇଭର ହୋଇଥିଲେ, ଏବଂ ୧୨ ବର୍ଷ ବୟସରେ ଓଡ଼ିଶାର କନିଷ୍ଠ ଆଡ଼ଭାନସ୍‌ଡ ଓପନ୍ ୱାଟର ଡାଇଭର ହୋଇଥିଲେ। ସେ ପୂର୍ବରୁ ୨୧ ମିଟର (୭୦ ଫୁଟ) ପର୍ଯ୍ୟନ୍ତ ଡ୍ରାଇଭ୍ କରିପାରୁଥିଲେ। ତେବେ ତାଙ୍କୁ ୧୫ ବର୍ଷ ହେବା ସହିତ ସେ ପାଇଁ ୩୦ ମିଟର (୧୦୦ ଫୁଟ) ଡାଇଭ୍ କରିବାକୁ ଅନୁମତି ପାଇଥିଲେ, ଯେଉଁଥିପାଇଁ ସେ ଅନେକ ଦିନରୁ ଅପେକ୍ଷା କରି ରହିଥିଲେ। ଏହି ସମୟରେ ଓମାନ ନାଗରିକ ତଥା ଓମାନ୍ତା ସ୍କୁବା ଡାଇଭିଂ ଏକାଡେମୀ ମାଲିକ ନାସିର ଅଲ୍ ଖଞ୍ଜାରିଙ୍କ ମଧ୍ୟ ତିସ୍ୟା ଓ ପ୍ରିୟଦର୍ଶୀଙ୍କ ସହ ରହିଥିଲେ।

ତିସ୍ୟା କହିଛନ୍ତି, ମୁଁ ବହୁଦିନ ଧରି ଏହି ଦିନର ଅପେକ୍ଷା କରୁଥିଲି ଯେ ମୁଁ ୩୦ ମିଟର ଯାଏଁ ଡାଇଭ୍ କରିପାରିବି ଓ ନିଜର ଏହି ବ୍ୟକ୍ତିଗତ ଲକ୍ଷ୍ୟ ସାଧନ କରିପାରିବି। ଏହା 'ୱାର୍ଲ୍ଡ ଓସନ୍ସ ଡେ'ରେ ହୋଇଥିବାରୁ ମୁଁ ବେଶ୍ ଖୁସି। ଆମେ ଡାଇଭର୍‌ମାନେ ସମୁଦ୍ରର ଅତି ଗଭୀରରେ ଡାଇଭ୍ କରୁଥିବାରୁ ଆମେ ନିକଟରୁ ସାମୁଦ୍ରିକ ଜୀବନକୁ ଦେଖିପାରୁ। ତିସ୍ୟାଙ୍କ ବାପା ପ୍ରିୟଦର୍ଶୀ କହିଛନ୍ତି, ତିସ୍ୟା ଏହି ମୁହୂର୍ତ୍ତ ପାଇଁ ଦୀର୍ଘ ବର୍ଷ ଧରି ଅପେକ୍ଷା କରି ରହିଥିଲେ। ତାଙ୍କ ଏକ ସ୍ୱପ୍ନ ପୂରଣ ହେଲା ପରି। ଏହା କେବଳ ଏକ ଡାଇଭ ନୁହେ ଏହା ତିସ୍ୟାଙ୍କ ପ୍ରତିବଦ୍ଧତା, ସାହସ ଓ ସାଗର ପ୍ରତି ଗଭୀର ଭଲ ପାଇବାର ଏକ ଝଲକ। ସମ୍ବଲପୁରରେ ଜନ୍ମଗ୍ରହଣ କରିଥିବା ତିସ୍ୟା, ପୂର୍ବତନ ମନ୍ତ୍ରୀ ଓ ସାଂସଦ ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ଶିକ୍ଷାବିତ୍ ସୁନନ୍ଦା ପାଣିଗ୍ରାହୀ ଏବଂ ପୂର୍ବତନ ସମ୍ବଲପୁର ବିଧାୟିକା ଡା. ରସେଶ୍ୱରୀ ପାଣିଗ୍ରାହୀଙ୍କ ନାତୁଣୀ। ମାଲଦ୍ୱିପ, ଜୋର୍ଡାନ, ସେଶେଲସ୍, ୟୁଏଇ ଓମାନ ଭଳି ସ୍ଥାନଗୁଡ଼ିକରେ ଡାଇଭ୍ କରିଥିବା ତିସ୍ୟା ପ୍ରମାଣିତ କରିଦେଇଛନ୍ତି ଯେ ବୟସ କେବେ ବି ବାଧକ ସାଜିପାରିବ ନାହିଁ।

# ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



ସମ୍ବଲପୁର, ୧୦।୬ (ସମିସ):ଟାଉନ ହାଇସ୍କୁଲଠାରେ ପୁରାତନ ଛାତ୍ର ପ୍ରଫୁଲ୍ଲ ପ୍ରଧାନ ଓ ମଙ୍ଗଳ ମହାକୁଡ଼ଙ୍କ ବିୟୋଗରେ ଶୋକସଭା କୈଳାଶ ଚନ୍ଦ୍ର ମିସ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସେମାନଙ୍କ ବିଷୟରେ କହିବା ପୂର୍ବରୁ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଗୋରେଖ ଲାଲ ଦାଶ, ପ୍ରମୋଦ ମିଶ୍ର, ସୁରେନ୍ଦ୍ର ମୋହନ ନାଥ ପ୍ରମୁଖ ଉଭୟଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ କୈଳାସ ପଣ୍ଡା, ଅଶ୍ୱିନୀ ମହାପାତ୍ର, ଅଭେଦାନନ୍ଦ ପାଣିଗ୍ରାହୀ, ବଳରାମ ମଟାରୀ, ସୁରେନ୍ଦ୍ର ନାଏକ, ବିବେକାନନ୍ଦ ଗୁରୁ, ଲକ୍ଷ୍ମଣ ସଲିମା, ହିମାଂଶୁ ବିଶ୍ୱାଳ, ସଦାନନ୍ଦ ଭାଇସଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ ନକରି ନାଳ ତିଆରିରୁ ନେଇ ଉତ୍ତେଜନା

ସମ୍ବଲପୁର, ୧୦।୬ (ସମିସ) : ସମ୍ବଲପୁର ମହାନଗର ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପାଇଁ ବିଭିନ୍ନ ଅଞ୍ଚଳରେ ନାଳ ତିଆରି କରାଯାଉଛି। ତେବେ, ଏହାର କୌଣସି ଦିଗକୁ ନଜର ନରଖି କାମ କରାଯାଉଛି। ଆଜି ଏ.ଏନ୍. ଗୁହା ଲେନ୍‌ର ମୁଖ୍ୟରାସ୍ତାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଇଶାନ୍ ନାଏକ ଗଳିରେ ଏକ ନାଳ ତିଆରି ପାଇଁ ମହାନଗର ନିଗମର ପ୍ରବର୍ତ୍ତନ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ ଅମିନ, ଏନ୍‌ଫୋର୍ସମେଣ୍ଟ ଟିମ୍, ଠିକାଦାର ସମସ୍ତେ ପହଞ୍ଚିଥିଲେ। ଏହି ଲେନ୍‌ର ପ୍ରବେଶ ଦ୍ୱାରରେ ଜନୈକ ବ୍ୟକ୍ତି ରାସ୍ତାକୁ ୫ ଫୁଟ୍ ମାଡ଼ି ବସିଛନ୍ତି। ଫଳରେ ଏହି ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଅତ୍ୟାବଶ୍ୟକ ଗାଡ଼ି ଯାଇପାରୁନାହିଁ। ପୁଣି ସଂକୁଚିତ ରାସ୍ତାକୁ ଖୋଳି ନାଳ ତିଆରିକୁ ଅଞ୍ଚଳବାସୀ ବିରୋଧ କରିଥିଲେ। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଅଞ୍ଚଳବାସୀଙ୍କ ମଧ୍ୟରେ



ବଚସା ମଧ୍ୟ ହୋଇଥିଲା। ପ୍ରଥମେ ଗଳି ପ୍ରବେଶ ପଥର ଉକ୍ତ ବ୍ୟକ୍ତିଙ୍କ ୫ ଫୁଟ ଜବରଦଖଲ ପାଚେରୀ ଭଙ୍ଗାଯାଉ ତା'ପରେ ନାଳ କଥା ବିଚାର କରାଯିବ ବୋଲି ଅଞ୍ଚଳବାସୀ ଅଡ଼ି ବସିଥିଲେ। ଅନ୍ୟ ପାଖ ଗଳିରେ ରହୁଥିବା କିଛି ବ୍ୟକ୍ତି ଉଚ୍ଛେଦ ପ୍ରତି ଧ୍ୟାନ ନଦେଇ ନାଳ ତିଆରି କଥା କହିବାରୁ ଅଞ୍ଚଳବାସୀଙ୍କ ସହ ତାଙ୍କ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଏହି ଇସାନ ନାଏକ ଗଳିରେ ଜଣେ ପୂର୍ବତନ ଏସ୍‌ଡିଓଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରହୁଥିବାବେଳେ ଏହି ବ୍ୟକ୍ତିଙ୍କ ଜବରଦଖଲକୁ ନେଇ ବର୍ଷବର୍ଷ ଧରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହାପରେ ପ୍ରବର୍ତ୍ତନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମାପଚୁପ ହେବାରୁ ଉକ୍ତ ବ୍ୟକ୍ତି ଗଳି ରାସ୍ତା ଉପରକୁ ୫ରୁ ୬ ଫୁଟ୍ ଏବଂ ଗୁହା ଲେନ୍‌ର ମୁଖ୍ୟରାସ୍ତାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାର ଉପରକୁ ୨ ଫୁଟ୍ ମାଡ଼ି ବସିଥିବା ଜଣାପଡ଼ିଥିଲା। ଉକ୍ତ ବ୍ୟକ୍ତିଙ୍କ ୬.୨୩ ଡେସିମିଲ ଜମି ଥିବାବେଳେ ମାପଚୁପରୁ ତାହା ୭ ଡେସିମିଲରୁ ଅଧିକ ଥିବା ମଧ୍ୟ ପ୍ରବର୍ତ୍ତନ ଅଧିକାରୀ କହିଛନ୍ତି। ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ପାଚେରୀ ଉପରେ ଚିହ୍ନ ଦେବାସହ ନୋଟିସ ଜାରି କରାଯାଇଥିବା ସେ ସୂଚନା ଦେଇଛନ୍ତି। ତିନିଦିନ ମଧ୍ୟରେ ଜବରଦଖଲ ପାଚେରୀ ନ ଭାଙ୍ଗିଲେ ବିଭାଗ ପକ୍ଷରୁ ଭାଙ୍ଗି ଦିଆଯିବ ବୋଲି କୁହାଯାଇଛି।

## ୪୦ ଲକ୍ଷର ରାସ୍ତାକାମ ଯୋଜନା ବିହୀନ

ଏ.ଏନ୍. ଗୁହା ଲେନ୍‌ର ମୁଖ୍ୟରାସ୍ତାରେ ମୋହନ ପାନଦୋକାନଠାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତାକାମ ପାଇଁ ଟେଣ୍ଡର ପ୍ରକ୍ରିୟ ସରିଛି। ଏଥିପାଇର୍ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ରାସ୍ତାରେ ପେଭର୍ ବ୍ଲକ ପକାଇବା ସହ ନାଳ ତିଆରି କରି ବର୍ଷା ଜଳସ୍ରୋତକୁ ପ୍ରବାହ କରାଯିବାକୁ ତିନୋଟି ସ୍ଥାନରେ ତଳପଟ ଟାଙ୍ଗନା ନାଲାକୁ ନାଳ ସଂଯୋଗ କରାଯିବ। କିନ୍ତୁ ଯୋଜନା ବିହୀନ ଭାବରେ କାର୍ଯ୍ୟ କରାଯାଉଥିବାରୁ ଏହା ବାଟମାରଣା ହେବା ଆଶଙ୍କା ରହିଛି। ଏବେ ଏହି ରାସ୍ତାରେ ୨ଟି ଗାଡ଼ି ଯା'ଆସ କରିବାରେ ଅସୁବିଧା ହେଉଛି। ୧୨ ଫୁଟ ରାସ୍ତାରେ ଦେଢ଼ ଫୁଟ ନାଳ, ଭବିଷ୍ୟତ ସକାଶେ ସ୍ଥାୟୀ ସମାଧାନ ହେବ ନାହିଁ। ମହାନଗର ନିଗମ ଯେଉଁଠି ବି ରାସ୍ତା କରୁଛି, ଆଖିକାନ ବନ୍ଦ ନକରି ଭଲ ଭାବରେ ଯୋଜନା କରି ସଠିକ୍ ବ୍ୟୟ ଅଟକଳ ପ୍ରସ୍ତୁତ କରି କରିବା କଥା। ଏହି ରାସ୍ତାରେ ବହୁତ ଜବରଦଖଲ ରହିଛି, ତାହାକୁ ମାପଚୁପ କରାଗଲେ ଏକ ପ୍ରଶସ୍ତ ରାସ୍ତା ବାହାରିବ। ମହାନଗରର ଇଞ୍ଜିନିୟରିଂ ଟିମ୍ ଦକ୍ଷ ଓ ପାରଦର୍ଶୀ ହେବା କଥା। ଏଣୁ ମୁଖ୍ୟରାସ୍ତାରୁ ଆର୍ଯ୍ୟ ସମାଜକୁ ସଂଯୋଗ କରୁଥିବା ରାସ୍ତା ମାପଚୁପ କରି ଚଉଡ଼ା କଲାପରେ ଯାଇ କାମ ହେବା କଥା, ଅନ୍ୟଥା ପଡ଼ାବାସୀ ବିରୋଧ କରିବାସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସଂସ୍କାର ଜ୍ୟୋତି ଅନୁଷ୍ଠାନର ବାର୍ଷିକ ଉତ୍ସବ




ସମ୍ବଲପୁର,୧୦।୬(ସମିସ):ସମ୍ବଲପୁର ସଂସ୍କାର ଜ୍ୟୋତି ଅନୁଷ୍ଠାନର ବାର୍ଷିକ ଉତ୍ସବ ଝୁଡ଼ିଆପଡା ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନବିଭାଗ ଅବସରପ୍ରାପ୍ତ ପ୍ରଫେସର ସଞ୍ଜିତ କୁମାର ସାହୁ, ଆଲୋକ ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁ, ସମାଜସେବୀ ସମରେନ୍ଦ୍ର ବେହେରା, ଓଡ଼ିଆ ବିଭାଗର ଯୁବ ଗବେଷକ ପବିତ୍ର ବାଗ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଡାକ୍ତର ଓରାମଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଲୋକ ଅନୁଷ୍ଠାନ ପକ୍ଷରୁ ଶିଶୁ ଶ୍ରମିକ ବିରୋଧ ବିଷୟରେ ଜନସଚେତନତା ସୃଷ୍ଟି କରିବା ସହିତ ଉପସ୍ଥିତ ସମସ୍ତ ପଡାବାସୀ ଶିଶୁ ଶ୍ରମିକକୁ ବିରୋଧ କରିବାପାଇଁ ଶପଥ ନେଇଥିଲେ। ପିକେ ଉତ୍ତମ ତାଣ୍ଡି ଶିଶୁମାନଙ୍କ ମନୋରଞ୍ଜନ କରିଥିଲେ, ଅନୁଷ୍ଠାନର ଛାତ୍ରଛାତ୍ରୀ ସେବକ ମେହେର, ରୁଦ୍ରପ୍ରତାପ ଓ ସମରେନ୍ଦ୍ରଙ୍କ ନିର୍ଦ୍ଦେଶନାରେ "ପହେଲଗାମ ଆକ୍ରମଣ' ଶୀର୍ଷକ ନାଟକ ପରିବେଷଣ କରିଥିଲେ। ହରିହର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର ଜନନୀ ଓରାମ, ଦୀପିକା ଓରାମ ଓ ସୁକାନ୍ତି ଓରାମ ସହଯୋଗ କରିଥିଲେ।

# ଦପଲା ମଣ୍ଡିରେ ଅବ୍ୟବସ୍ଥା; ଭିଜୁଛି ଧାନ

**ଶଗଡ଼ା, ୧୦।୬(ସମିସ):**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ମଣ୍ଡିରେ ଧାନ ରଖିବାକୁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ଖୋଲାରେ ଧାନ ବସ୍ତା ରଖିବାକୁ ବାଧ୍ୟ ହୋଇଛନ୍ତି। ଧାନ ବସ୍ତା ଘୋଡାଇବାକୁ ଆବଶ୍ୟକ ପାଲ ମଧ୍ୟ ଦିଆ ଯାଇ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳୁ କଣ୍ଟାମାଳ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଏଣୁ ଜିତେନ୍ଦ୍ର ଚାନ୍ଦ, ପଙ୍କଜିନି ଚାନ୍ଦ, ଧର୍ମୁ ପ୍ରଧାନ, ଅରବିନ୍ଦ ମହାକୁଡ଼, ସୁରୁ ମାଝି, ଲଳିତ ସିଂହ, ଗୋପାଳ ମହାକୁଡ଼, ଯଜ୍ଞ ପ୍ରଧାନ, ତରୁଣ ପ୍ରଧାନ, ରାମରତନ ଭୋଇ ପ୍ରମୁଖ ଅନେକ ଚାଷୀଙ୍କ ଶହ ଶହ କୁଇଣ୍ଟାଲ ଧାନ ଭିଜି ଯାଇଥିବା ସେମାନେ ଅଭିଯୋଗ



କରିଛନ୍ତି। ଅମଳ ସମୟରେ ବିଲରେ ବର୍ଷା ଦାଉ ସାଧିଥିଲା। ବର୍ତ୍ତମାନ ମଣ୍ଡିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏହା ଫଳରେ ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ଗତ ୪ ଦିନ ହେବ ମଣ୍ଡିରେ ଚାଷୀ ଧାନ ଆଣି ରଖିଛନ୍ତି; ହେଲେ ଲଗାତାର ବର୍ଷା ହେଉଥିବା ଯୋଗୁଁ ସେମାନେ ଚିନ୍ତାରେ ପଡ଼ିଛନ୍ତି। ସରକାର ରବି ଧାନ କ୍ରୟ ପାଇଁ ମଣ୍ଡିରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ଥିବା କହୁଛନ୍ତି; ହେଲେ ଦପଲା ମଣ୍ଡିର ଅବ୍ୟବସ୍ଥା ଦେଖିଲେ ସରକାରଙ୍କ କଥା କେବଳ ଚାଷୀଙ୍କୁ ଭଣ୍ଡେଇବା ସାର ହୋଇଛି ବୋଲି ସ୍ପଷ୍ଟ ପ୍ରମାଣ ମିଳୁଛି। ଅନ୍ୟପଟେ ଟାର୍ଗେଟ ନ ଥିବା କହି ମିଲର ଧାନ ଉଠାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଶୀଘ୍ର ମଣ୍ଡିରୁ ଧାନ ନ ଉଠାଇଲେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବା ଜଳ ଜଳ ଦିଶୁଛି।

# ଦେଶୀ ମଦ କାରବାରରେ ଦୁଇ ଗିରଫ



ଶଗଡ଼ା, ୧୦।୬(ସମିସ): କଣ୍ଟାମାଳ ଥାନା ମାର୍ଡୋଲ ରାସ୍ତା ନିକଟରେ ଦେଶୀ ମଦ ଚୋରା ଚାଲାଣ ବେଳେ ଧରା ପଡ଼ିଛି। କଣ୍ଟାମାଳ ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଥିଲା। କୃଷ୍ଣଚନ୍ଦ୍ର ସାହୁ (୫୦) ନାମକ ଜଣେ ବ୍ୟକ୍ତି ନିକଟରୁ ୮ ଲିଟର ଦେଶୀ ମଦ ଜବତ କରି ଅବକାରୀ ବିଭାଗ ତାକୁ ଗିରଫ କରିଛି। ସେହିପରି କଣ୍ଟାମାଳ ଅବକାରୀ ଟିମ୍ ରୁଣ୍ଡିମହୁଲ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ଟୁକୁନୁ ଘିବିଲା (୨୭) ନିକଟରୁ ୯ ଲିଟର ଦେଶୀ ମଦ ଜବତ କରିଛି ବୋଲି ଅବାକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ୩୨୦ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ



**ମନମୁଣ୍ଡା, ୧୦।୬(ସମିସ):** ମନମୁଣ୍ଡା ପୁଲିସ ୩୨୦ କେଜି ଗଞ୍ଜେଇ ଜବତ କରିବା ସହ ୨ଟି ବାଇକ ଜବତ କରିଛି। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଶଗଡ଼ା ମୋର୍ଡିପଡ଼ା ଜଙ୍ଗଲ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେବାକୁ ଥିବା ଆଇଆଇସି ଅଞ୍ଜଳି ବିଶ୍ୱାଳ ଖବର ପାଇଥିଲେ। ଏହାପରେ ପୁଲିସ ଚଢଉ କରିଥିଲା; ହେଲେ ପୁଲିସ ଆସିବା ଜାଣି ପାରି ଅଭିଯୁକ୍ତ ଗଞ୍ଜେଇ ସହ ୨ଟି ବାଇକ୍ ଛାଡ଼ି ପଳାଇଥିଲେ। ପୁଲିସ ସେସବୁକୁ ଜବତ କରିଥିଲା।

# ଜିଲ୍ଲାସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା

**ବୌଦ୍ଧ, ୧୦।୬(ସମିସ):** ସ୍ଥାନୀୟ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ଦୀପ ପ୍ରଧାନ, ଜିଲ୍ଲା ଶିକ୍ଷା ସଂଯୋଜକ ଶିବଶଙ୍କର ଶତପଥୀ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ମାର୍ଗଦର୍ଶନରେ ବୌଦ୍ଧ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ସ୍ୱାଗତ ଭାଷଣ ରଖିଥିଲେ। ମନମୁଣ୍ଡା ହାଇସ୍କୁଲର ସହକାରୀ ଶିକ୍ଷକ ସମ୍ବିତ ମିଶ୍ର ଅତିଥି ପରିଚୟ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବରେ ରଞ୍ଜିତ ନାୟକ, ସମ୍ବିତ ମିଶ, ରାଜକୁମାର ପ୍ରଧାନ, ନିରଞ୍ଜନ ମେହେର, ରାଜେଶ ବଗର୍ତ୍ତି, ଅବସରପ୍ରାପ୍ତ ସିଆରସିସି ସୁବାସ ଚନ୍ଦ୍ର ବିଶି ସହଯୋଗ କରିଥିଲେ।



# ସୋନପୁର କଲେଜକୁ ସରକାରୀ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ସୋନପୁର, ୧୦।୬(ସମିସ):** ସୋନପୁର କଲେଜକୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ପାଇଁ ଦାବି ତୀବ୍ରତର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ ଅବସରରେ ସୋନପୁର ମହାବିଦ୍ୟାଳୟ ଆଲୁମିନି ଆସୋସିଏସନ ପକ୍ଷରୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିକୁ ସ୍ଥାନୀୟ ସାଂସଦ ସଙ୍ଗୀତା ସିଂଦେଓ ସମର୍ଥନ କରି ନିଜ ଅଭିଭାଷଣରେ ଉତ୍‌ଥାପନ କରିଛନ୍ତି। ଆସୋସିଏସନର ସଭାପତି ପ୍ରଫୁଲ୍ଲ ରଥ ଏବଂ ସମ୍ପାଦକ ଭାରତ ଭୂଷଣ ଦାଶଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧି ଦଳ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ପରେ ସାଧାରଣ ସଭାରେ ସାଂସଦ ଏବଂ ବିଧାୟକ ରଘୁନାଥ ଜଗଦଲା ତାଙ୍କ ବକ୍ତବ୍ୟରେ କଲେଜକୁ ସରକାରୀ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶ ଯେ, ସୋନପୁର ମହାବିଦ୍ୟାଳୟ ୧୯୬୪ ମସିହାରୁ ସ୍ଥାପିତ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ସରକାରୀ ମାନ୍ୟତା ପାଇ ପାରିନାହିଁ। ଜିଲ୍ଲାର ସର୍ବପୁରାତନ ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି।

# ନବୋଦୟ, ଆଦର୍ଶ ପ୍ରବେଶିକା ପାଇଁ ନିଶୁଳ୍କ କୋଚିଂ ଦେବ ବସନ୍ତ ସୋସିଆଲ ଫାଉଣ୍ଡେସନ

**ମନମୁଣ୍ଡା, ୧୦।୬(ସମିସ):** ନବୋଦୟ ଓ ଆଦର୍ଶ ପ୍ରବେଶିକା ପରୀକ୍ଷା ପାଇଁ ନିଶୁଳ୍କ କୋଚିଙ୍ଗ ବ୍ୟବସ୍ଥା କରାଯିବାକୁ ନେଇ ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ (ଶାଖା ମନମୁଣ୍ଡା) ତରଫରୁ ଉଦ୍ୟମ ଆରମ୍ଭ କରାଯାଇଛି। ଏହି ଦୁଇ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସହର ଅଞ୍ଚଳର ତଥା ଧନୀ ପରିବାରର ଛାତ୍ରଛାତ୍ରୀ ବିଶେଷ କୃତକାର୍ଯ୍ୟ ହେଉଛନ୍ତି। ଉକ୍ତ ଦୁଇ ପ୍ରବେଶିକା ପରୀକ୍ଷା ଅତ୍ୟନ୍ତ କଠିନ। ଗ୍ରାମାଞ୍ଚଳର ଗରିବ ଛାତ୍ରଛାତ୍ରୀ କୋଚିଂ ଅଭାବରୁ ସେଥିରେ ସଫଳତା ପାଇ ପାରୁ ନ ଥିବା ଦେଖିବାକୁ ମିଳୁଛି। ସ୍କୁଲଗୁଡ଼ିକରେ ଏହି ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଶିକ୍ଷାଦାନ କରାଯାଉନି। ଏଣୁ ଅନେକ ଛାତ୍ରଛାତ୍ରୀ ଛାତ୍ରଛାତ୍ରୀ ଏହି ଦୁଇ ଅନୁଷ୍ଠାନରେ ପଢ଼ିବା ପାଇଁ ବଞ୍ଚିତ ହେଉଛନ୍ତି। ତାହାକୁ ଦୃଷ୍ଟିରେ ରଖି ବସନ୍ତ ସୋସିଆଲ ଫାଉଣ୍ଡେସନର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ସରକାରୀ ସ୍କୁଲର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ କୋଚିଂ ଆରମ୍ଭ କରାଯିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ବସନ୍ତ ସୋସିଆଲ ଫାଉଣ୍ଡେସନର ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏ ନେଇ ମନମୁଣ୍ଡା ଶାଖା



କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ବିତ ମିଶ୍ର, ମନମୁଣ୍ଡା ସିଆରସିସି ପ୍ରଜୀନା ପାଢ଼ୀ, ମୁଣ୍ଡିପଦର ସିଆରସିସି ସୋମିତ୍ରୀ କର୍ଣ୍ଣ, ଶିକ୍ଷାବିତ ସୁଶାନ୍ତ ରଥ, ସୂର୍ଯ୍ୟକାନ୍ତି କର୍ଣ୍ଣ, ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୫ ତାରିଖରୁ ଏହା ଆରମ୍ଭ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ପ୍ରଥମ ବର୍ଷ ୪୦ ଜଣ ଛାତ୍ରଛାତ୍ରୀଙ୍କୁ କୋଚିଂ ଦିଆଯିବାକୁ ଧାର୍ଯ୍ୟ କରାଯାଇଛି। ମନମୁଣ୍ଡା ତଥା ଏହାର ଆଖପାଖ ଅଞ୍ଚଳ ସ୍କୁଲର ଆଗ୍ରହୀ ଛାତ୍ରଛାତ୍ରୀଙ୍କ ନାମ ଦେବା ପାଇଁ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଜଣାଇ ଦିଆଯିବ।

# ବିଭାଗୀୟ ଅଧିକାରୀଙ୍କ ମଣ୍ଡି ପରିଦର୍ଶନ

ଶଗଡ଼ା, ୧୦।୬(ସମିସ): ବୌଦ୍ଧ ଜିଲ୍ଲା ସମବାୟ ସମିତି ସମୂହର ଉପ ନିବନ୍ଧକ ଗିରିଶ ଚନ୍ଦ୍ର ପୁରୋହିତ ଓ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଫକୀର ଚରଣ ବାଘ ସଦର ବ୍ଲକ କୁରୁମ ପଦର ରବି ଧାନ କ୍ରୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଶ୍ରୀ ପୁରୋହିତ ଓ ଶ୍ରୀ ବାଘ ମଣ୍ଡି ବୁଲି ଦେଖିବା ସହ ଧାନ କ୍ରୟର ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



# ସୋନପୁର-ପୁରୁଣାକଟକ ରେଳ ସେକ୍ସନ ଯାଞ୍ଚ

**ସୋନପୁର, ୧୦।୬(ସମିସ):** ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ୍ ପ୍ରକଳ୍ପ ଆଉ ଏକ ପାଦ ଆଗକୁ ବଢ଼ିଛି। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଲାଇନର ନିର୍ମାଣାଧୀନ ସୋନପୁର-ପୁରୁଣାକଟକ ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ନିର୍ମାଣ ଅଧିକାରୀ ଏବଂ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କୁ ସହଯୋଗ କରିଥିଲେ।



ଏହି ଅବସରରେ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ଏବଂ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମା ପାଳନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଇ ଥିଲା। ମହାପ୍ରବନ୍ଧକ ସମୟାନୁସାରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିବା ସହ ଅଧିକାରୀମାନଙ୍କୁ ବିଚାରାଧୀନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା, ଗୁଣବତ୍ତା ଏବଂ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେ ଭିତ୍ତିଭୂମିର ସମୀକ୍ଷା ମଧ୍ୟ କରିଥିଲେ। ସୋନପୁର-ପୁରୁଣାକଟକ ସେକ୍ସନ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି। ଏହା ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ଅଭିବୃଦ୍ଧି ସମ୍ଭାବନାକୁ ଆହୁରି ଉନ୍ନତ କରିବ ବୋଲି ଆଶା କରାଯାଉଛି।

# ଛତିଶଗଡ଼ ଧାନ ଗାଡ଼ିକୁ ଅଟକ ରଖିଲେ ଚାଷୀ

ସୋନପୁର, ୧୦।୬(ସମିସ): ରାଜ୍ୟର ବିଭିନ୍ନ ମଣ୍ଡିରୁ ଚାଷୀଙ୍କ ଧାନ ଉଠୁନି; ହେଲେ ଛତିଶଗଡ଼ ରାଜ୍ୟର ଧାନ ଓଡ଼ିଶାରେ ବିକ୍ରି ହେଉଛି। ଏଣୁ ଛତିଶଗଡ଼ରୁ ଆସିଥିବା ଧାନ ଗାଡ଼ିକୁ ଚାଷୀ ଅଟକ ରଖିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲଠାରେ ଏହା ଦେଖିବାକୁ ମିଳିଥିଲା। ସାରସମାଲ ଛକରେ ଛତିଶଗଡ଼ର ୨ଟି ଧାନ ବୋଝେଇ ଟ୍ରକକୁ ଚାଷୀ ଅଟକ ରଖିଥିଲେ। ଛତିଶଗଡ଼ର ଧାନ ଓଡ଼ିଶାରେ ବିକ୍ରି ହେଉଥିବାରୁ ଚାଷୀ ଉତ୍‌କ୍ଷିପ୍ତ ହୋଇ ଉଠିଛନ୍ତି। ସିଜି୧୫ ଡିଡି୧୦୬୭ ଏବଂ ସିଜି୦୬ ଜିଏନ୪୫୮୮ ନମ୍ବର ବିଶିଷ୍ଟ ୨ଟି ଗାଡିରେ ଛତିଶଗଡ଼ରୁ ଧାନ ଅଣାଯାଇଥିବା ଜଣା ପଡ଼ିବା ପରେ ଚାଷୀ ଘେରି ଯାଇଥିଲେ। ଉଭୟ ଗାଡ଼ିକୁ ସାରସମାଲ ଛକ ନିକଟରେ ଚାଷୀ ଦୀର୍ଘ ସମୟ ଯାଏଁ ଅଟକ ରଖିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ଓ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିଲେ।



# କହ୍ନେଇଙ୍କୁ ସମସ୍ୟା ଜଣାଇଲେ ଗୁଆବାହାଲ ଗ୍ରାମବାସୀ

**ପଲଶାଗୋରା, ୧୦।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଗୁଆବାହାଲ ଗ୍ରାମବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ଜଣାଇଛନ୍ତି। ତେଲନଦୀ କୂଳରେ ଥିବା ଏହି ଗ୍ରାମରେ ୫ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ବର୍ଷା ଦିନେ ଏହି ଗ୍ରାମ ବନ୍ୟାଜଳ ଘେରରେ ରହିଥାଏ। ଜନସାଧାରଣଙ୍କ ବହୁ ଦାବି ପରେ ଗାଁକୁ ଯିବା ପାଇଁ ପଡୁଥିବା ନାଳରେ ସେତୁ ନିର୍ମାଣ କାମ ଚାଲୁଛି। ଏହା ଏହା ନିମ୍ନମାନର କାମ ହେଉଥିବା ଗ୍ରାମବାସୀ ବିଧାୟକଙ୍କୁ କହିଥିଲେ। ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପଦ୍ମାଳୟା ପ୍ରଧାନ, ନୀଳାଞ୍ଚଳ ଭୋଇ, ଅନିଲ ପ୍ରଧାନ, ମୁନା ମିଶ୍ର, ଗିରୀଶ ଦଳବେହେରା, ବେଣୁଧର ରଣା, ମୁରଲୀ ରଣା, ରୁଷି ରଣା, ଅର୍ଜୁନ ରଣା, ଶରତ ରଣା, ଶ୍ରୀପତି ରଣା, ଭୀମ ପାଣ୍ଡେ, ଇନ୍ଦ୍ରମଣି ରଣା, ଲକ୍ଷ୍ମଣ ରଣା, ପ୍ରମୋଦ ରଣା ପ୍ରମୁଖ ଉପସ୍ଥିତ ଥିଲେ।



## ଚାଷୀଙ୍କ ଜମା ଖାତାରୁ କୃଷି ଋଣ ଟଙ୍କା ହଡ଼ପ ଅଭିଯୋଗ

# ବ୍ୟାଙ୍କ ଘେରିଲେ ହିତାଧିକାରୀ

**ବୌଦ୍ଧ, ୧୦।୬(ସମିସ):**

ବୌଦ୍ଧ ସହର ବୁଟୁପାଲିରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୃଷି ଉନ୍ନୟନ ଶାଖାରେ ଚାଷୀଙ୍କ ଅଜାଣତରେ କୃଷି ଋଣ ଟଙ୍କା ଜମା ଖାତାରୁ ହଡ଼ପ ହୋଇଛି। ଏହି ଘଟଣାର ପ୍ରତିବାଦରେ ହିତାଧିକାରୀ ବ୍ୟାଙ୍କ ଘେରଉ କରିଥିଲେ। ହରଭଙ୍ଗା ବ୍ଲକ ଲୁଣିବାହାଲ ଓ ସାମ୍ପୋଚ ପଞ୍ଚାୟତର ୨୫ ଜଣ ଚାଷୀଙ୍କ ଜମା ଖାତାରୁ ହଜାର ହଜାର



କୃଷି ଋଣ ଟଙ୍କା ବିଭିନ୍ନ ଜମା ଖତାକୁ ଟ୍ରାନ୍ସଫର କରାଯାଇଛି। ଚାଷୀମାନେ ଏ ସମ୍ପର୍କରେ ବ୍ୟାରେ ଅଭିଯୋଗ କରିଥିଲେ; ହେଲେ ଟଙ୍କା ଫେରସ୍ତ ପାଇ ନାହାନ୍ତି। ଏଣୁ ବ୍ୟାଙ୍କ ଆଗରେ ପାଟିତୁଣ୍ଡ କରିଥିଲେ। ଇଂ ବିକାଶ ମହାକୁଳଙ୍କ ନେତୃତ୍ୱରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ତଦନ୍ତ କରି ଚାଷୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି।

## ବେଙ୍ଗାଲୁରରେ ଓଡ଼ିଆ ଯୁବକ ମୃତ

ବ୍ରହ୍ମପୁର,୧୦।୬(ସମିସ): କେ. ନୂଆଗାଁ ଥାନା ଅନ୍ତର୍ଗତ ପୁରୁଣା ମୈସାନପୁର ଗ୍ରାମର ଅଞ୍ଜନ କୁମାର ନାଇକ(୩୭)ଙ୍କ ବାଙ୍ଗାଲୋରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅଞ୍ଜନ ସେଠାରେ ଏକ କମ୍ପାନୀରେ କାମ କରୁଥିଲେ। ଗତକାଲି ରାତିରେ ଅଞ୍ଜନଙ୍କ ହୃଦ୍‌ଘାତ ହେବାରୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅଞ୍ଜନଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ଦକ୍ଷିଣ ଓଡ଼ିଶା ରେଳ ଏବଂ ଉନ୍ନୟନ କମିଟିର ସମୀକ୍ଷା ବୈଠକ



ବ୍ରହ୍ମପୁର,୧୦।୬(ସମିସ): ସ୍ଥାନୀୟ ଗଜପତି ନଗର ପଞ୍ଚମ ଲାଇନ ସ୍ଥିତ ନଗର ପାଠାଗାରରେ ଦକ୍ଷିଣ ଓଡିଶା ରେଳ ଏବଂ ସାମୂହିକ ଭିତ୍ତିଭୂମି ଉନ୍ନୟନ କମିଟି ପକ୍ଷରୁ ଏକ ଜରୁରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କମିଟି ସଭାପତି ଡ଼. ବାଳକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଚଳିତ ମାସ ୧୩ ଓ ୧୪ତାରିଖରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କନ୍ଧମାଳ ସମେତ ବିଭିନ୍ନ ଜିଲ୍ଲାରେ ରେଳ ଦାବିକୁ ନେଇ ଜନ ଜାଗରଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏନେଇ ଏକ ସଚେତନ ବିକାଶ ରଥ ପରିକ୍ରମା କରିବ ବୋଲି କୁହାଯାଇଥିଲା। ଏହାସହ ଦୀର୍ଘ ୭୦ବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା ଗୋପାଳପୁର-ରେଢ଼ାଖୋଲ ରେଳପଥ ସମେତ ଅନ୍ୟାନ୍ୟ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପୁନଃ କରିବାକୁ ନିଷ୍ପତି ହୋଇଥିଲା। ବୈଠକରେ ଆଇନଜୀବୀ ସରୋଜ ରଞ୍ଜନ ପଟନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, ଦୀପକ ପଣ୍ଡା ସୂର୍ଯ୍ୟ ନାରାୟଣ ବେହେରା, ପ୍ରିତିଶ ପାଣିଗ୍ରାହୀ, ସୁଜିତ କୁମାର ତ୍ରିପାଠୀ, ବିନୋଦ ଠାକୁର, ଆଦିତ୍ୟ ରଥ, ଆଇନଜୀବୀ ସିରିନ ତମ୍ପାନ, ଶିବ ପ୍ରସାଦ ମିଶ୍ର, ଦେବବ୍ରତ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ବ୍ରହ୍ମପୁର,୧୦।୬(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର 'ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଅଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇଥିଲେ। ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରସ୍ତୁତ ହୋଇଥିବା ପାରମ୍ପାରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମସିର ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା, କର୍ପୋରେଟର ସୁରେନ୍ଦ୍ର ମହାରଣା, ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶିତ

ବ୍ରହ୍ମପୁର,୧୦।୬(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ ପାଇଛି। ଗତ ଏପ୍ରିଲ ମାସରେ ହୋଇଥିବା ସମସ୍ତ ବିଭାଗ ଯଥା କଳା, ବିଜ୍ଞାନ, ବାଣିଜ୍ୟ ଏବଂ ବୃତ୍ତିଗତ ସ୍ନାତକୋତ୍ତର ବିଭାଗ ପରୀକ୍ଷା ଫଳ ଗତ ମଇ ମାସ ୧୦ତାରିଖରୁ ଆରମ୍ଭ ହୋଇ ଜୁନ ୧୦ତାରିଖ ସୁଦ୍ଧା ପର୍ଯ୍ୟାୟ କ୍ରମେ ପ୍ରକାଶିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଏମ.ସି.ଏ., ବୈଦ୍ୟୁତିକ ବିଜ୍ଞାନ, ଇତିହାସ, ଗୃହ ବିଜ୍ଞାନ, ଆଇ.ଆର.ପି.ଏମ, ବାଣିଜ୍ୟ, ସାମୁଦ୍ରିକ ବିଜ୍ଞାନ, ଏମ.ବି.ଏ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଆଦି ବିଭାଗର ପରୀକ୍ଷା ହାର ଶତ ପ୍ରତିଶତ ହୋଇଥିବା ବେଳେ ବାୟୋ-ଟେକ, ଅର୍ଥଶାସ୍ତ୍ର, ପରିବେଶ ବିଜ୍ଞାନ, ଇଂରାଜୀ, ଭାଷା ବିଜ୍ଞାନ, ଆଇନ, ଗଣିତ, ସାମ୍ବାଦିକତା ଓ ଗଣ ଯୋଗାଯୋଗ, ଗ୍ରନ୍ଥାଗାର ବିଜ୍ଞାନ, ରାଜନୀତି ବିଜ୍ଞାନ, ଯାତ୍ରା ଓ ପର୍ଯ୍ୟଟନ ବିଭାଗର ପରୀକ୍ଷାହାର ହାରାହାରି ୯୫ ପ୍ରତିଶତ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ଡ. ସତ୍ୟ ନାରାୟଣ କୁଣ୍ଡୁ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଛାତ୍ର/ଛାତ୍ରୀମାନଙ୍କୁ ସାଧୁବାଦ ଜଣାଇବା ସହ ଉତ୍ତରୋତ୍ତର କାମନା କରିଛନ୍ତି।

ଗଞ୍ଜାମରେ ରାଜସ୍ୱ ବିଭାଗ ଚାଲିଛି ଏମିତି

# କ୍ଷେତ୍ର ପରିଦର୍ଶନରେ ଯାଉନାହାନ୍ତି ରାଜସ୍ୱ ନିରୀକ୍ଷକ!

ବ୍ରହ୍ମପୁର,୧୦।୬(ସମିସ): ବଦଳିଛି ସମୟ। ବଦଳିଛି ବିକାଶର ଧାରା। ଏହା ସାଙ୍ଗରେ ଅନେକ ବ୍ୟବସ୍ଥା ବି ବଦଳିଯାଇଛି। ଲୋକଙ୍କ ପାଇଁ ସରକାର କେତେ କ'ଣ ଯୋଜନା ସହିତ ସୁବ୍ୟବସ୍ଥା ଆପଣାଉଛନ୍ତି। କିନ୍ତୁ ଏହା ଲୋକେ କେତେ ମାତ୍ରାରେ ପାଉଛନ୍ତି ତାହା ତଦାରଖ କରିବାରେ କାହାର ଆନ୍ତରିକତା ନାହିଁ। ଫଳରେ ଯଥାପୂର୍ବଂ, ତଥା ପରଂ ଭଳି ସାଧାରଣ ଲୋକଟି ବିଭିନ୍ନ ସମୟରେ ହଇରାଣ ହେଉଛି। ସରକାର ପରିବର୍ତ୍ତନ ପରେ ରାଜ୍ୟରେ ଅନେକ ବ୍ୟବସ୍ଥାରେ ଉନ୍ନତି ଆସିଥିବା କୁହାଯାଉଛି। ଲୋକଙ୍କ ସମସ୍ୟାକୁ ତ୍ୱରିତ ସମାଧାନ କରିବାକୁ ସରକାରଙ୍କ ନେତା ଓ ମନ୍ତ୍ରୀମାନେ ବାର ବାର କହୁଛନ୍ତି। କିନ୍ତୁ ଏକଥା ଶୁଣୁଛି କିଏ। ବ୍ୟବସ୍ଥାରେ କ'ଣ ପରିବର୍ତ୍ତନ ହେଲା, ସେ ନେଇ ତଦନ୍ତ କରିବାକୁ କେହି ନାହିଁ। ଫଳରେ ନେତା ମନ୍ତ୍ରୀଙ୍କ କଥା କେବଳ ଘୋଷଣାରେ ସୀମିତ ହେଲା ଭଳି ମନେ ହେଉଛି। ଗଞ୍ଜାମ ଭଳି ଏକ ବୃହତ୍ତ ଜିଲ୍ଲାରେ ଅନେକ ବିଭାଗର କାର୍ଯ୍ୟ ଧିମେଇ ଚାଲିଛି। ବିଶେଷ କରି ରାଜସ୍ୱ ବିଭାଗ ପ୍ରତି ଜନସାଧାରଣ ଅତିଷ୍ଠ ହେଉଥିବା ଅଭିଯୋଗ ବି ହୋଇଛି। ରାଜସ୍ୱମନ୍ତ୍ରୀ ଲୋକଙ୍କୁ ଉଚିତ ସେବା ଯୋଗାଇବା ଲାଗି ତାଗିଦ କରୁଛନ୍ତି। କିନ୍ତୁ ବାସ୍ତବରେ ତାହା ହେଉନି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହର ସମେତ ଗ୍ରାମାଞ୍ଚଳରେ ହିତାଧିକାରୀ ସେମାନଙ୍କ ପ୍ରମାଣପତ୍ର ସମେତ ବିଭିନ୍ନ କାର୍ଯ୍ୟ ଲାଗି ସ୍ଥାନୀୟ ଆର୍‌ଆଇ ଅଫିସ ଓ ତହସିଲ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏଠାରେ ଉଚିତ ସମୟରେ ସୁବିଧା ସୁଯୋଗ ମିଳିପାରୁନଥିବା ଅଭିଯୋଗ ହୋଇଛି। ବିଶେଷ କରି ବ୍ରହ୍ମପୁର ସହରରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୁଡ଼ିକ ଘୋର ଅବ୍ୟବସ୍ଥା ଦେଇ ଗତି କରୁଛି। ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନ ଲାଗି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଗଲେ ସେଠାକାର ଅଧିକାରୀ ଆବେଦନକାରୀଙ୍କ ଦ୍ୱାରା ହିଁ ତାଙ୍କର କ୍ଷେତ୍ର ପରିଦର୍ଶନ କାର୍ଯ୍ୟ ସାରି ଦେଉଛନ୍ତି। ଗୋଟେ କାଗଜ ଧରାଇ ତୁମ ସାହିର କିଛି ଲୋକଙ୍କ ଦସ୍ତଖତ ଆଣିଦେବାକୁ କହୁଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏଭଳି ଘଟଣା କେବଳ ବ୍ରହ୍ମପୁର ସହର ନୁହେଁ, ବରଂ କୁକୁଡ଼ାଖଣ୍ଡି, ପାତ୍ରପୁର, କନିଷି ଆଦି ବିଭିନ୍ନ ତହସିଲ ଇଲାକାର ଆର୍‌ଆଇ କାର୍ଯ୍ୟାଳୟ ଗୁଡ଼ିକରେ ହେଉଥିବା ଅଭିଯୋଗ ହେଉଛି। ନିକଟରେ ଏଭଳି ଘଟଣାକୁ ଏଡ଼ାଇବା ଲାଗି କୁକୁଡ଼ାଖଣ୍ଡି ତହସିଲଦାର ଆର୍‌ଆଇମାନଙ୍କୁ ତାଗିଦ କରିଛନ୍ତି। ଲୋକାଲ ଷ୍ଟେଟମେଣ୍ଟ ଆର୍‌ଆଇମାନେ ନିଜେ କରିବେ ଏହା ହ୍ୟାଣ୍ଡ ରିଟେନ ହେବ ବୋଲି ସେ ସ୍ପଷ୍ଟ କହିଥିଲେ। ଏହା ପରଠାରୁ ଉକ୍ତ ଇଲାକାରେ ଆର୍‌ଆଇମାନେ କିଛିମାତ୍ରାରେ ସଜାଗ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପାତ୍ରପୁର ବ୍ଲକରେ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବିଭିନ୍ନ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ସାମନ୍ତିଆପଲ୍ଲୀ ସମେତ ଅନ୍ୟ କିଛି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ବ୍ୟବହାରରେ ଆବେଦନକାରୀ ଅତିଷ୍ଠ ହେଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ଯଦି ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ନଦିଅନ୍ତି ତେବେ ଆଗାମୀ ଦିନରେ ଜନ ଅସନ୍ତୋଷ ବ୍ୟାପକ ହେବ ବୋଲି ସ୍ଥାନୀୟ ଅଞ୍ଚଳରୁ ମତପ୍ରକାଶ ପାଇଛି। ସେହିଭଳି କନିଷି

- ଲୋକଙ୍କୁ ମିଳୁନି ତ୍ୱରିତ ସୁବିଧା, ଆର୍‌ଆଇଙ୍କ ବ୍ୟବହାରରେ ଅତିଷ୍ଠ ହିତାଧିକାରୀ
- ଜିଲ୍ଲାର ଅଧାରୁ ଅଧିକ ତହସିଲ ଅଫିସ୍ ଉପରେ ଜନତା କ୍ଷୁବ୍ଧ
- ମନ୍ତ୍ରୀଙ୍କ ତାଗିଦ ଧୂଆଁବାଣ, ଗ୍ରାମାଞ୍ଚଳରେ ସ୍ଥିତି ଜଟିଳ

ତହସିଲରେ ମ୍ୟୁଟେସନ, ଘରବାରି, ଉତ୍ତରାଧିକାରୀ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଓ ଅନ୍ୟାନ୍ୟ ପ୍ରମାଣପତ୍ର ନିର୍ଦ୍ଧାରିତ ସମୟରେ ହେଉନି। ବିଭିନ୍ନ ଆଳ ଦେଖାଇ ମାସ ମାସ ଗଡ଼ାଇ ଚାଲୁଛନ୍ତି ଅଧିକାରୀ। ପରବର୍ତ୍ତୀ ସମୟରେ ଉକ୍ତ ମାମଲାକୁ ଖାରଜ ମଧ୍ୟ କରୁଥିବାର ଅଭିଯୋଗ ରହିଛି। ଯାହାଦ୍ୱାରା ସାଧାରଣ ଲୋକ ପଟ୍ଟା କିମ୍ବା ଅନ୍ୟ ପ୍ରମାଣପତ୍ର ପାଇବା ଲାଗି ନାନାଦି ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କୁ ସେବା ଯେଗାଇବାକୁ ସମୟସୀମା ଧାର୍ଯ୍ୟ ହୋଇଥିଲେ ମଧ୍ୟ ତହସିଲ ଓ ରାଜସ୍ୱ ନୀରିକ୍ଷିକଙ୍କ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଛନ୍ତି। ହାତଗୁଞ୍ଜା ଦେଲେ ଫାଇଲ ତ୍ୱରାନ୍ୱିତ ହେଉଥିବା ଅଭିଯୋଗ ମଧ୍ୟ ହୋଇଛି। ସରାକରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ଆସୁଥିବା ବେଳେ ସରକାରୀ ଜମି ଓ ଜାଗା ଚିହ୍ନଟ କରି ହସ୍ତାନ୍ତର କରିବାରେ ତହସିଲ କର୍ତ୍ତୃପକ୍ଷ ବିଳମ୍ବ କରୁଛନ୍ତି। ଅନ୍ୟପଟେ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ହୋଇଥିଲେ ମଧ୍ୟ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷ ଅଦୃଶ୍ୟ ଶକ୍ତିର ବଶବର୍ତ୍ତୀ ହୋଇ ଉଚ୍ଛେଦ କରୁନଥିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଅନ୍ୟପଟେ ସାର୍ଟିଫିକେଟ ଲାଗି ହିତାଧିକାରୀ ଆର୍‌ଆଇ ଅଫିସକୁ ଦୌଡୁଥିଲେ ମଧ୍ୟ ଅନେକ ଆର୍‌ଆଇ ଫିଲ୍ଡ ଭେରିଫିକେସନକୁ ନଯାଇ ଅଫିସରେ ହିଁ କାମ ସାରି ଦେଉଥିବା ନଜିର ରହିଛି। ଏଭଳି ସ୍ଥଳେ ମନ୍ତ୍ରୀଙ୍କ ତାଗିଦ କେବଳ ଧୂଆଁବାଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବେଳ ଥାଉ ଥାଉ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀ ସଜାଗ ନହେଲେ ଆଗାମୀ ଦିନରେ ଏହା ଜନଆନ୍ଦୋଳନର ରୂପ ନେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

● ବ୍ରହ୍ମପୁରର ବିଜୁଳି ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ଟିପିଏସ୍‌ଓଡିଏଲ୍ ଉଦ୍ୟମ

## କନିଷି ସବ୍‌ଷ୍ଟେସନର କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି



ଭୂତଳ ଲାଇନ୍ ସଂଯୋଗ, ସୁରକ୍ଷା ପ୍ରାଚୀର ନିର୍ମାଣ ସହ ଭିତ୍ତିଭୂମି ନବୀକରଣ

ବ୍ରହ୍ମପୁର,୧୦।୬(ସମିସ): ବ୍ରହ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କନିଷି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ପରେ ସହରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି। କ୍ରମବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବା ସହ ଅପରେସନାଲ ସୁରକ୍ଷା ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପରେ ହଳଦିଆପଦରକୁ ବିଦ୍ୟୁତ ଯୋଗାଉଥିବା ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୩.୧୫ ଏମଭିଏରୁ ୮ଏମଭିଏକୁ ବୃଦ୍ଧି କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ଏହା ଦ୍ୱାରା ଓଭରଲୋଡିଂ ସମସ୍ୟା ହ୍ରାସ ପାଇବ ଏବଂ ହଳଦିଆପଦର, ଅଟୋନଗର, କନିଷି ଓ ଆଖପାଖ ଅଞ୍ଚଳର ପ୍ରାୟ ୭ ହଜାର ଲୋକଙ୍କ ବିଜୁଳି ଚାହିଦା ପୂରଣ ହୋଇପାରିବ। ଏହାସହ ତୁଲୁ, ରଣ୍ଡା ଅଞ୍ଚଳର ଦୁଇଟି ପାୱାର ଟ୍ରାନ୍ସଫର୍ମର ଯଥାକ୍ରମେ ୫ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତାରେ ଚାଲୁଅଛି। ତିନୋଟି ଟ୍ରାନ୍ସଫର୍ମରର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ସୁରକ୍ଷା ଏବଂ ସୁଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ପିଏସ୍‌ଏସ୍ ପରିସରରେ ୧୧କେଭି ଓଭରହେଡ୍ ଲାଇନ୍ ବଦଳରେ ଭୂତଳ ଲାଇନ୍ ସଂଯୋଗ, ସ୍ୱିଚୟାର୍ଡ ଚାରିପାଖରେ ଚେନ୍ ଲିଙ୍କ ଫେନ୍ସିଂ ସ୍ଥାପନ, ସବ୍‌ଷ୍ଟେସନର ନବୀକରଣ, ପାରମ୍ପରିକ କାନ୍ଥ ବଦଳରେ ଡିଟାଚେବଲ୍ ଗ୍ରିଲ୍ ସ୍ଥାପନ ଏବଂ କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷିତ ଯା'ଆସ ପାଇଁ ଏକ ସ୍ୱତନ୍ତ୍ର ମାର୍ଗ ତିଆରି କରାଯାଇଛି। ଏହି ଭିତ୍ତିଭୂମି ବିକାଶ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବା ହେଉଛି ଆମର ଉଦ୍ଦେଶ୍ୟ। କନିଷି ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ପରେ ବ୍ରହ୍ମପୁର ବାସିନ୍ଦା ଏବଂ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସେବା ପାଇବେ, ଯାହା ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହି ପଦକ୍ଷେପ ବ୍ରହ୍ମପୁର ସହରରେ ଉନ୍ନତ ବିଜୁଳି ସେବା ଯୋଗାଇ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁରକ୍ଷିତ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଦିଗରେ କମ୍ପାନୀ ଏହାର ପ୍ରୟାସ ଜାରି ରଖିଛି।

■ ଏମ୍‌କେସିଜିରେ ଜଟିଳ ଅସ୍ତ୍ରୋପଚାର

## ଗୁରୁତରଙ୍କ ଛାତିରୁ ବାହାରିଲା 'ତୀର'

ବ୍ରହ୍ମପୁର,୧୦।୬(ସମିସ): ଏମ୍‌କେସିଜି ମେଡିକାଲରେ ସୋମବାର ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଦୀର୍ଘ ୩ଘଣ୍ଟାର ପରିଶ୍ରମ ପରେ ଡାକ୍ତରୀ ଟିମ ମାଲକାନଗିରି ଜିଲ୍ଲା ଫାଲକାଗୁଡ଼ା ଗ୍ରାମର ତ୍ରିପତି ମୁଦୁଲିଙ୍କ ଛାତିକୁ ଭେଦ କରିଥିବା ଏକ ଧନୁ ତୀରକୁ ସଫଳତାର ସହିତ ବାହାର କରିବାରେ ସକ୍ଷମ ହୋଇଛନ୍ତି। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ତାଙ୍କୁ ବିଭାଗର ସାଧାରଣ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲ୍ଲା ଫାଲକାଗୁଡ଼ା ଗ୍ରାମର ତ୍ରିପତି ମୁଦୁଲି ଓ ତାଙ୍କ ସମ୍ପର୍କୀୟ ଭାଇ ହାଡ଼ି ମୁଦୁଲିଙ୍କ ମଧ୍ୟରେ କୌଣସି କାରଣରୁ ପାରିବାରିକ କଳହ ଲାଗିଥିଲା। ହାଡ଼ି ମୁଦୁଲି ଧନୁ ତୀରରେ ତ୍ରିପତିଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆହତ ତ୍ରିପତିଙ୍କୁ ପରିବାର ବର୍ଗ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଖଇରିପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତ୍ରିପତିଙ୍କୁ କୋରାପୁଟସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତ୍ରିପତିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାକୁ ଡାକ୍ତର ତାଙ୍କୁ ୯ତାରିଖରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତୁରନ୍ତ ରୋଗୀଙ୍କ ଅସ୍ତ୍ରୋପଚାର କରି ଉକ୍ତ 'ତୀର'କୁ ବାହାର କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସିଟିଭିଏସ ବିଭାଗ ମୁଖ୍ୟ ଡା. ସାରଦା ପ୍ରସନ୍ନ ସାହୁଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରାଯାଇଛି। ଦୀର୍ଘ ୩ଘଣ୍ଟାର ଅସ୍ତ୍ରୋପଚାର ପରେ ତ୍ରିପତିଙ୍କ ଫୁସଫୁସ୍ ଓ ଛାତି ମଧ୍ୟରେ ଫସି ରହିଥିବା ଧନୁ ତୀରକୁ ଡାକ୍ତରମାନେ ବାହାର କରିବାରେ ସଫଳ ହୋଇଥିଲେ। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ଏମକେସିଜି ମେଡିକାଲ ସିଟିଭିଏସ ବିଭାଗର ବିଭାଗୀୟ ମୁଖ୍ୟ ଡା. ସାରଦା ପ୍ରସନ୍ନ ସାହୁ କହିଛନ୍ତି। ଅସ୍ତ୍ରୋପଚାର ବେଳେ ଡା. ଶିବ ପ୍ରସାଦ ଦାସ, ଡା. ଜଗଦୀପ୍ ନାୟକଙ୍କ ସମେତ ରେଡିଓଲୋଜି, ଟ୍ରାନ୍ସଫ୍ୟୁଜନ ମେଡିସିନ୍, ପାଥୋଲୋଜି ଏବଂ ସର୍ଜରୀ ଭଳି ବିଭିନ୍ନ ବିଭାଗର ଡାକ୍ତର ଓ ନର୍ସିଂ ଅଫିସର ଉପସ୍ଥିତ ରହି ସହଯୋଗ କରିଥିଲେ।



୯ମ ଦିନରେ ଆଙ୍କୁଶପୁର 'କାଟସ' ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ଆନ୍ଦୋଳନ

# କେନ୍ଦ୍ର ଆୟୁଷ ମନ୍ତ୍ରାଳୟର ହସ୍ତକ୍ଷେପ





'ଏନସିଆଇଏସଏମ'କୁ ତଦନ୍ତ ନିର୍ଦ୍ଦେଶ

- ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲା ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ
- ଅଧ୍ୟକ୍ଷଙ୍କ ସମେତ ୩ଜଣ ଅଧ୍ୟାପକଙ୍କ ବଦଳି ଦାବି
- ଅନଶନବେଳେ ଛାତ୍ର ଅସୁସ୍ଥ, ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର,କୁକୁଡ଼ାଖଣ୍ଡି,୧୦।୬(ସମିସ): ବିଭିନ୍ନ ଦାବିରେ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଆୟୁର୍ବେଦ ମହାବିଦ୍ୟାଳୟ 'କାଟସ'ରେ ଚାଲିଥିବା ଛାତ୍ର ଆନ୍ଦୋଳନ ଉଗ୍ର ହେବାରେ ଲାଗିଛି। ଆନ୍ଦୋଳନ ୯ଦିନରେ ପହଁଞ୍ଚିଥିବା ବେଳେ ଦାବି ପୂରଣ ଜିଦରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଗଣ ଅନଶନ ତୃତୀୟ ଦିନରେ ପହଞ୍ଚିଛି। ଅନଶନର ଦ୍ୱିତୀୟ ଦିବସରେ ଦ୍ୱିତୀୟ ବର୍ଷର ଛାତ୍ର ସବ୍ୟସଚୀ ମହାପାତ୍ର ଅସୁସ୍ଥ ହୋଇଛନ୍ତି। ତାଙ୍କୁ ପ୍ରଥମେ କଞ୍ଚୁରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଛାତ୍ରଛାତ୍ରୀ ନିଜର ଦାବି ହାସଲ ନିମନ୍ତେ ଜିଦରେ ଅଟଳ ରହି ଆନ୍ଦୋଳନକୁ ଜୋରଦାର କରିଛନ୍ତି। ପୂର୍ବରୁ ଛାତ୍ରଛାତ୍ରୀଙ୍କ ଦାବି ଯଥାର୍ଥ ଓ ଅଭିଯୋଗରେ ସତ୍ୟତା ଥିବା ଦର୍ଶାଇ ରାଜ୍ୟର ୬ଟି ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିବାବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଧ୍ୟ ସମର୍ଥନ ଜଣାଇଛି। ଇତି ମଧ୍ୟରେ ଆନ୍ଦୋଳନ ୯ମ ଦିନରେ ପହଞ୍ଚିଥିବା ବେଳେ ବିଭିନ୍ନ ସ୍ତରରେ କେବଳ ତଦନ୍ତ ହେଉଥିଲେ ହେଁ କୌଣସି ନିର୍ଯ୍ୟାସ ବାହାରୁନଥିବା ଅଥବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ପାଇଁ ଆସିଛି ଖୁସି ଖବର। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ରାଜ୍ୟ ସଭାପତି ଶୁଭେନ୍ଦୁ କୁମାର ସାହୁ ଓ ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାମଲଙ୍କ ପକ୍ଷରୁ ଚିଠି ଲେଖି କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ଯାହାର ଫଳ ସ୍ୱରୁପ କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ଏଥିରେ ହସ୍ତକ୍ଷେପ କରିଛନ୍ତି। ଏବଂ ମନ୍ତ୍ରାଳୟର ଅନୁସଚିବ ମଦନ ଲାଲ ମୀନାଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୁଷର ସର୍ବୋଚ୍ଚ ସଂସ୍ଥା 'ଏନସିଆଇଏସଏମ'ର ସଚିବଙ୍କୁ ଘଟଣାର ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯୋଗ୍ୟ ଯେ' କାଟସ ଆୟୁର୍ବେଦ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପରେ ହେଉଥିବା ମାନସିକ ନିର୍ଯାତନା ଓ ଆର୍ଥିକ ଶୋଷଣ ସମେତ ନିର୍ଦ୍ଦିଷ୍ଟ କିଛି ଅଧ୍ୟାପକମାନଙ୍କ ଆକ୍ରୋଶମୂଳକ ବ୍ୟବହାର ଯୋଗୁଁ ନିଜ ନିଜର ଭବିଷ୍ୟତକୁ ନେଇ ଆଶଙ୍କାରେ ପଡିଯାଇଛନ୍ତି ଛାତ୍ରଛାତ୍ରୀ। ବହୁ ଅନୁରୋଧ ସତ୍ତ୍ୱେ କୌଣସି ନିର୍ଯ୍ୟାସ ନବାହାରିବାକୁ ବାଧ ହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆଦରିଥିବା କହିଛନ୍ତି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ଏବିଭିପି, ସମସ୍ତ ୬ଟି ଆୟୁର୍ବେଦ ମହାବିଦ୍ୟାଳୟ ଏପରିକି ନିଖିଳ ଓଡିଶା ଆୟୁଷ ଛାତ୍ର ସଂଘର ସମର୍ଥନ ସହିତ ବର୍ତ୍ତମାନ ଖୋଦ୍ କେନ୍ଦ୍ର ଆୟୁଷ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ସର୍ବୋଚ୍ଚ ସଂସ୍ଥା 'ଏନସିଆଇଏସଏମ' ପକ୍ଷରୁ ହେବାକୁ ଥିବା ତଦନ୍ତରୁ ଛାତ୍ରଛାତ୍ରୀଙ୍କୁ କିଫଳ ମିଳୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର। ଅନ୍ୟପକ୍ଷରେ ବ୍ରହ୍ମପୁର ଏସ୍‌ପି, ଏସ୍‌ଡିପିଓ ସଦର ଥାନା, କୁକୁଡ଼ାଖଣ୍ଡି ତହସିଲଦାର, ବିଡିଓ ଅନଶନସ୍ଥଳକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। କୁକୁଡ଼ାଖଣ୍ଡି ପିଏଚ୍‌ସିର ଦୁଇଜଣ ଡାକ୍ତର ଧାରଣାସ୍ଥଳରେ ରହିବାକୁ ନିର୍ଦ୍ଦେଶ ହୋଇଛି ଓ ୨ଜଣ ଅଛନ୍ତି। ବିଭିନ୍ନ ଦିଗରୁ ଅନଶନ ଭାଙ୍ଗିବା ନିମନ୍ତେ ଚାପ ପଡୁଛି କିନ୍ତୁ ଦାବିପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଛାତ୍ରଛାତ୍ରୀ ଜିଦ ଧରି ବସିଛନ୍ତି। ଏକକାଳୀନ ୮୦ ଜଣ ଛାତ୍ରଛାତ୍ରୀ ଅନଶନରେ ରହିଥିବା ସୂଚନା।

## ଗଞ୍ଜାମରୁ ପ୍ରଥମ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

ବ୍ରହ୍ମପୁର,୧୦।୬(ସମିସ): ଗଞ୍ଜାମ ଜିଲ୍ଲାର ପୋଲସରା ଅଞ୍ଚଳର ଜଣେ ବ୍ୟକ୍ତି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିବାବେଳେ ସେଠାରେ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅବଶ୍ୟ ଦ୍ୱିତୀୟ ପର୍ଯ୍ୟାୟ ଟେଷ୍ଟିଂ ସମୟରେ ସେ ଓକିକ୍ରନ ସବଭାରିଆଣ୍ଟ ଦ୍ୱାରା ଆକ୍ରାନ୍ତ ହୋଇ ପଜିଟିଭ ଥିବା ଜଣାପଡ଼ିଥିଲା। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଭୁବନେଶ୍ୱରରେ ଏକ ହସ୍ପିଟାଲରେ ସଙ୍ଗରୋଧରେ ରଖି ଚିକିତ୍ସା କରାଯାଉଛି। ତେବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କର କିଛି ବି ଲକ୍ଷଣ ନଥିବା ଓ ସେମାନଙ୍କ ଉପରେ ମଧ୍ୟ ନଜର ରଖାଯାଇଥିବା ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଭବାନୀ ଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ କୋଭିଡକୁ ନେଇ ଭୟଭିତ ହେବାର ଆବଶ୍ୟକ ନାହିଁ ତେବେ ସମସ୍ତଙ୍କୁ ସଜାଗ ଓ ସତର୍କ ରହି ପୂର୍ବଭଳି ମାସ୍କ ପରିଧାନ ସହିତ ନିୟମିତ ହାଥ ଧୋଇବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର ମିଶ୍ର।

## 'ଅପରାଧିଙ୍କ ଠାରୁ ବନ୍ଧୁକ ଜବତ କରିବାରେ ପୁଲିସ ବିଫଳ

ବ୍ରହ୍ମପୁର,୧୦।୬(ସମିସ): ବ୍ରହ୍ମପୁର ପୁଲିସ 'ଖୋଜ୍' ଜରିଆରେ ୨୦ ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ଠାରୁ ୧୧ ପିସ୍ତଲ ଜବତ କରିଛି। ବହୁ ଅପରାଧୀଙ୍କ ବିରୁଦ୍ଧରେ ପୁଲିସ 'ଆର୍ମସ ଆକ୍ଟ' ଲଗାଇ କୋର୍ଟ ଚାଲାଣ ମଧ୍ୟ କରିଛି।

ତେବେ ଆର୍ମସ ଆକ୍ଟ ଲାଗିଥିବା ଅପରାଧୀଙ୍କ ନିକଟରୁ ପୁଲିସ ପିସ୍ତଲ, ମାଉଜର ଅଥବା ବନ୍ଧୁକ ଜବତ କରିବାରେ ସଫଳ ହୋଇପାରି ନାହିଁ। ଗତ ଜାନୁଆରୀ ୨୭ତାରିଖ ରାତିରେ ବିଜିପୁର କାଳୀମନ୍ଦିର ନିକଟରେ ଅବିନାଶ ମହାନ୍ତିଙ୍କ ଉପରକୁ ଫାଙ୍କା ଗୁଳିଚାଳନା କରିବା ସହ ତାଙ୍କ ବନ୍ଧୁ ସୁଜନ ପାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ଘଟଣାକୁ ନେଇ ଏତଲା ହେବା ପରେ ଟାଉନ ଥାନା ପୁଲିସ ମାମଲାର ତଦନ୍ତ କରିଥିଲା। ତଦନ୍ତବେଳେ ଫାୟରିଂ ହୋଇଥିବା ସ୍ପଷ୍ଟ ହୋଇଥିଲା। ଘଟଣାରେ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ଗିରଫ ଅଭିଯୁକ୍ତଙ୍କ ନିକଟରୁ କିନ୍ତୁ ପୁଲିସ ବନ୍ଧୁକ ଜବତ କରିପାରି ନାହିଁ। ସେହିପରି 'ସେନାପତି ଗ୍ୟାଙ୍ଗ'ର ମୁଖ୍ୟ ତଥା ଭାପୁରବଜାର ଆକୁଳ ସାହିର ଜୁଲି ସେନାପତି ଓରଫ ରତିକାନ୍ତ ସେନାପତିକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜୁଲି ବିରୋଧରେ ଦୁଇଟି ମାମଲାରେ ପୁଲିସ ଆର୍ମସ ଆକ୍ଟ ଲଗାଇଥିଲା। ଯାହା ଫଳରେ କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହୋଇଥିଲା। ବର୍ତ୍ତମାନ ଜୁଲି ଯଦିଓ କୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳିଛି ହେଲେ ତା' ନିକଟରୁ ଅଥବା ତାର ସହଯୋଗୀଙ୍କ ନିକଟରୁ ପୁଲିସ ପିସ୍ତଲ ବା ବନ୍ଧୁକ ଜବତ କରିପାରିନାହିଁ।

୨୦୨୩ମସିହା ଅକ୍ଟୋବର ମାସରେ ଗୋଷାଣିନୂଆଗାଁ ଆଡୁଆ ସାହିରେ ସନ୍ଧ୍ୟା ସମୟରେ ସନ୍ତୋଷ ପାଣିଗ୍ରାହୀ ଓରଫ ଇଚିଲି ନିଜ ଘର ସମ୍ମୁଖରେ ବସିଥିବା ବେଳେ କିଛି ଯୁବକ ଆକ୍ରମଣ ଅଭିଯୋଗ ହୋଇଥିଲା। ଏଥିରେ ପୁଲିସ 'ଆର୍ମସ ଆକ୍ଟ'ରେ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ହେଲେ ଏହି ମାମଲାରେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ଠାରୁ ବନ୍ଧୁକ ଜବତ କରିବାରେ ବିଫଳ ହୋଇଛି। ଗତ ୬ତାରିଖରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗି ନିକଟ ଶିବାପଦ୍ମା ଡୁପ୍ଲେକ୍ସରେ ରହୁଥିବା ବୃଦ୍ଧା ଅମୂଲ୍ୟ ସାହୁ(୬୨) ନିକଟସ୍ଥ ଶିବ ମନ୍ଦିରକୁ ଯାଉଥିବା ବେଳେ ଭରତବିହାର ନିକଟରେ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ସୁନା ଅଳଙ୍କାର ଲୁଟି ନେଇଥିଲେ।

ଗତ ଏପ୍ରିଲରେ ଗୋପାଳପୁର ଥାନା ଆମ୍ବପୁଆସ୍ଥିତ ଆୟକର କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଭି.ପଦ୍ମାବତୀ ନାମକ ଜଣେ ମହିଳାଙ୍କୁ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ସୁନାଚେନ ଲୁଟିନେଇଥିଲେ। ଏଭଳି ଅନେକ ଘଟଣାରେ ଅପରାଧୀ ବନ୍ଧୁକ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିବା ବେଳେ ପୁଲିସ ବନ୍ଧୁକ ଜବତ କରିପାରିନାହିଁ। ଏଭଳି ପରିସ୍ଥିତିରେ ସହରରେ ଅପରାଧୀ ସତରେ ବନ୍ଧୁକ ରଖି ଅପରାଧ ଘଟାଉଛନ୍ତି ଅଥବା ସେମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ହେଉଛି ତାହା ମଧ୍ୟ ପୁଲିସ ସ୍ପଷ୍ଟ କରୁନାହିଁ। ଅପରେସନ 'ଖୋଜ' ଜରିଆରେ ସହରର ୨୦ଜଣ ଅପରାଧୀଙ୍କୁ ପୁଲିସ ଗିରଫ କରି ସେମାନଙ୍କ ଠାରୁ ବହୁ ବନ୍ଧୁକ ଜବତ କରିବା ପରେ ଅପରାଧୀଙ୍କ ନିକଟରେ ବନ୍ଧୁକ ଭଳି ମାରଣାସ୍ତ୍ର ଥିବା ସ୍ପଷ୍ଟ ହେଉଛି। ତେଣୁ ସେମାନଙ୍କ ଠାରୁ ବନ୍ଧୁକ ଜବତ କରିବା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସହରର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଦିବ୍ୟାଙ୍ଗ ପ୍ରଭାତୀଙ୍କୁ କେବେ ମିଳିବ ଆବାସ

ଅସୁରାଳି,୧୦।୬(ସମିସ):

ଜନ୍ମରୁ ଦୁନିଆ ଦେଖି ନାହାଁନ୍ତି ପ୍ରଭାତୀ ଦାସ (୪୫)। ଜନ୍ମରୁ ଦିବ୍ୟାଙ୍ଗ। ସେ ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ କଲ୍ୟାଣୀ ନଗରୀ ଗ୍ରାମର ବାସିନ୍ଦା। ସେ ମାଧବା ନନ୍ଦ ଦାସ (୭୮) ଓ ମାତା ସୁମତୀ ଦାସ (୭୨)ଙ୍କ କନ୍ୟା। "ସକାଳ' ସମ୍ବାଦପତ୍ର ରେ ଦିବ୍ୟାଙ୍ଗ ପ୍ରଭାତୀ ଦାସଙ୍କ ବିଷୟରେ ଖବର ପ୍ରକାଶ ହେବା ପରେ ଜିଲ୍ଲାପାଳଙ୍କ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ôଥକ ରାଶି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଇଓ ହିମାଂଶୁ ଶେଖର ରାଉତ ରାୟ ମଧ ଅନ୍ତୋଦୟ ଯୋଜନା ଓ ବାସଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ତାହା ପୂରଣ ହୋଇନାହିଁ। ଏବେ ଭରଣପୋଷଣର ଦାୟିତ୍ୱ ତାଙ୍କ ପିତାମାତାଙ୍କ ଉପରେ ନ୍ୟସ୍ତ। ମାତ୍ର ସମ୍ପ୍ରତି



ତାଙ୍କ ଦାୟିତ୍ୱ ନେବା ପାଇଁ ତାଙ୍କ ପିତାମାତା ଅସମର୍ଥ। ଯେହେତୁ ସୁମତି ଓ ମାଧବାନନ୍ଦ ଆସି ଜୀବନର ଶେଷ ସୋପାନରେ ପହଞ୍ଚିଲେଣି। ଚୁଲି ଜଳିବା ପାଇଁ ମାଧବା ନନ୍ଦଙ୍କୁ କରିବାକୁ ପଡ଼େ ପର ଘରେ ମୂଲ। ଯେଉଁ ଦୁଇ ପଇସା ରୋଜଗାର ହେଲା ଘରର ତେଲ ତିଅଣରେ ଯାଏ। ବହୁ ଦୌଡିବା ପରେ ମାତ୍ର ୩ ମାସ ହେଲା ପ୍ରଭାତୀଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳୁଛି।; ମାତ୍ର ଏଯାଏଁ ମିଳିନି ଘର ଖଣ୍ଡିଏ। ପୁଣି ୩୫ କିଲୋ ଜାଗାରେ ପାଉଛନ୍ତି ୫ କିଲୋ। ବାପା ମାଆଙ୍କ ଦୁଃଖ ଆହୁରି ଅଧିକ। ତେଣୁ ଅନୁକମ୍ପା ମହିଳା ସଂଗଠନ ତଥା ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ, ଉପ ସଭାପତି ବିମଳା ନାଥ, ଉପଦେଷ୍ଟା ଦୀପ୍ତି ରଞ୍ଜନ ନାୟକ, ଉପଦେଷ୍ଟା ରତିକାନ୍ତ ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ପ୍ରମୁଖ ଆର୍ôଥକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଚାରିଗାଁରେ ବିକଶିତ କୃଷି ସଂକଳ୍ପ ଅଭିଯାନ



ବନ୍ତ/ଆଗରପଡ଼ା,୧୦।୬(ସମିସ): ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଚାରିଗାଁରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର,ଭଦ୍ରକ,ରାଣୀତାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ବିଶ୍ୱରଞ୍ଜନ ସାମନ୍ତରାୟ, ଭୁବନେଶ୍ୱରସ୍ଥିତ ଆଇସିଏଆର ସିଆଇଡବ୍ଲ୍ୟୁଏ ବୈଜ୍ଞାନିକ ତାନିଆ ସେଠ୍, କୃଷି ଉଦ୍ୟାନ ପରିଚାଳକ ମଣ୍ଟୁ ଚୌଧୁରୀ, ସରପଞ୍ଚ ପ୍ରତିନିଧି ବନମାଳୀ ବେହେରା, ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ବୈଷୟିକ ପରିଚାଳକ ମଦନମୋହନ ରାଉତ, ତାପସ ବେହେରା, ଅମ୍ଳାନ ମଲ୍ଲିକ, ଗ୍ରାମ୍ୟ କୃଷି କର୍ମଚାରୀ ନୀଳକଣ୍ଠ ବାରିକ, ଶିବଶଙ୍କର ମୁର୍ମୁ, ଦିପ୍ତି ରଂଜନ ନାୟକ,ତପନ କୁମାର ସେଠୀ, ଚିନ୍ମୟୀ ଜେନା, ବିମ୍ବାଧର ସେଠୀ, ରଶ୍ମିରଞ୍ଜନ ଜେନା ଉପସ୍ଥିତ ଥିଲେ।

## ରେଳଷ୍ଟେସନରୁ ୩୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ

ଭଦ୍ରକ,୧୦।୬(ସମିସ): ଗଞ୍ଜେଇ ଚୋରା ଚାଲାନ ବେଳେ ମାଡି ବସିଲା ଭଦ୍ରକ ରେଳବାଇ ପୁଲିସ। ଟ୍ରେନରେ ଯିବାକୁ ଅପେକ୍ଷା କରିଥିବା ଦୁଇ ଯୁବକଙ୍କୁ ସନ୍ଦେହ କରି ବ୍ୟାଗ ଯାଞ୍ଚ କରିବା ପରେ ୩୦ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ରେଳବାଇ ପୁଲିସ ଦୁଇ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ହେଲେ ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। ଅଟକ ଅଭିଯୁକ୍ତଙ୍କୁ ପଚରା ଉଚୁରା ଜାରିରହିଛି।

## ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ବନ୍ତ/ଆଗରପଡ଼ା,୧୦।୬(ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ କାଦବରାଙ୍ଗ ପଞ୍ଚାୟତ ବନ୍ତଳା ଗ୍ରାମରେ ସାପ କାମୁଡାରେ ଜଣେ ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଗ୍ରାମର ପ୍ରତୀପ ପ୍ରଧାନ ସପରିବାର ଶ୍ୱଶୁର ଘର ଶେଣ୍ଡତିରାକୁ ଯାଇଥିଲେ। ଗତକାଲି ଉକ୍ତ ଶିଶୁ ପୁତ୍ର ଅନ୍ୟ ପିଲାମାନଙ୍କ ସାଙ୍ଗରେ ବାଡ଼ିରେ ଖେଳୁଥିବା ସମୟରେ ଏକ ନାଗସାପ ଶିଶୁକୁ ଚୋଟ ମାରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଭଦ୍ରକ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବାରିକପୁର,୧୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଣିଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବେଲଗଡିଆ ଗ୍ରାମ ନିବାସୀ ଶିବଚରଣ ସ୍ୱାଇଁ (୬୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଛାତ୍ର ବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ପରିଚିତ ଥିଲେ। ଅବସର ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଜଡିତ ଥିଲେ। କିଛିଦିନ ହେବ ଅସୁସ୍ଥ ଥିବା ବେଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ବେହେରା, ପ୍ରଶାନ୍ତ ସାମଲ, ଶିକ୍ଷକ ଲକ୍ଷ୍ମୀଧର ପଲେଇ, ନିର୍ମଳ ଧଳ, ଚୈତନ୍ୟ ରାଉତ, ବିଶ୍ୱରଞ୍ଜନ ସାମଲ, ଜୟନ୍ତ ପ୍ରଧାନ ଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ବନ୍ତ/ଆଗରପଡ଼ା,୧୦।୬(ସମିସ): ବନ୍ତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ଓଟିଇଟି ପ୍ରମାଣପତ୍ର ଦାଖଲ ସମ୍ବନ୍ଧୀୟ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଅଭିଯୋଗ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀ ଓଟିଇଟି ପ୍ରମାଣପତ୍ର ହାସଲ କରିଛନ୍ତି କାର୍ଯ୍ୟାଳୟ ତରଫରୁ ସେମାନଙ୍କ ପ୍ରମାଣପତ୍ର ସଂଗ୍ରହ କରାଯାଇ ପଦୋନ୍ନତି ତାଲିକା ପ୍ରସ୍ତୁତ କରାଯାଉଥିବା ବେଳେ ୨୦୧୧ ମସିହା ପୂର୍ବରୁ ଯେଉଁମାନେ ଚାକିରିରେ ଯୋଗଦାନ କରିଛନ୍ତି ସେମାନେ ଉକ୍ତ ପଦୋନ୍ନତିରୁ ବଞ୍ଚିତ ହେବେ; ଯାହାକି ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ। ତେଣୁ ବରିଷ୍ଠତାକୁ ବିଚାରକୁ ନେଇ ପଦୋନ୍ନତି ତାଲିକା ପ୍ରସ୍ତୁତ କରିବା ପାଇଁ ବିଇଓଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ନିବେଦନ କରାଯାଇଛି।

## ବାପୁଜୀ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀଙ୍କ ସମାବେଶ



ଅସୁରାଳି,୧୦।୬(ସମିସ): ମହତାବ ନଗର ବାପୁଜୀ ଉଚ୍ଚ ବିଦ୍ୟାଳୟରେ ୧୯୮୨ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାପୁଜୀ ବିଦ୍ୟାଳୟର ଗୁରୁ ନାରାୟଣ ଚନ୍ଦ୍ର ପଣ୍ଡା, ହୃଦାନନ୍ଦ ସାହୁ ଏବଂ ପିଅନ ବାବାଜି ଚରଣ ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ବାରିକ୍, କାଳନ୍ଦୀ ବେହେରା, ଜଗବନ୍ଧୁ ବେହେରା, ମିନତିବାଲା ମହାନ୍ତି, କାଦମ୍ବିନୀ ବଳ, ମଞ୍ଜୁଲତା ଜେନା, ରେଣୁବାଳା ବଳ, ଲୋରିଆ ବଳ, ଅଶୋକ ଦାସ, ଭଗବତ୍ ଖଟୁଆ, ଗୋଲକ ବାରିକ୍, ବିଷ୍ଣୁ ମୋହନ ଦାସ, ଅକ୍ଷୟ ଗିରି, ସୁବାଷ ଦାସ, ନାରାୟଣୀ ପ୍ରଧାନ, ନିତ୍ୟାନନ୍ଦ ସାହୁ, ପ୍ରଦୀପ ଦାସ, ବିଦ୍ୟୁତ୍ ଦାସ, ପ୍ରତିମା ସାହୁ, ହରିହର ସାହୁ, ଅଶ୍ୱିନ ମହାନ୍ତି, ପ୍ରେମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନା କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ବାରିକପୁର,୧୦।୬(ସମିସ): ଭଣ୍ଡାରିପୋଖରୀର ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରାଜୀବ ଗାନ୍ଧୀ ବୈଠକ ଗୃହ ଠାରେ ଏକ ୨ଦିନିଆ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ସରପଞ୍ଚ ଅମୂଲ୍ୟ କୁମାର ନାୟକ ଉଦଘାଟନ କରିଥିଲେ। ଏଥିରେ ବରିଷ୍ଠ ନାଗରିକ ଭାସ୍କର ଚନ୍ଦ୍ର ସାମଲ, ଜଳଧର ବରାଳ, ନିରଞ୍ଜନ ନାୟକ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜୈନିକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ଶିବିରରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ସମାଜସେବୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



ବ୍ୟାସନଗର,୧୦।୬(ସମିସ):ବ୍ୟାସନଗର ଅଞ୍ଚଳ ବୀଣାପାଣି ସାହିର ବାସିନ୍ଦା ସ୍ୱର୍ଗତ ଧନଞ୍ଜୟ ଶତପଥୀଙ୍କ ଦ୍ୱାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ସଭାରେ ବ୍ୟାସନଗର ତଥା ଯାଜପୁର ଜିଲ୍ଲାର ବହୁ ପ୍ରତିଷ୍ଠିତ ରାଜନେତା ଦଳମତ ନିର୍ବିଶେଷରେ ବହୁ ଗୁଣିଜ୍ଞାନୀ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ସେବା ଏବଂ ସମାଜପ୍ରତି ଉତ୍ସର୍ଗବାଦର ଗୁଣଗାନ କରିଥିଲେ। କୋରାଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ପୌରାଧକ୍ଷା ସବିତା ରାଉତ, ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ନାୟକ, ଡା. ଗୌରୀ ଶଙ୍କର ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ନିଗମାନନ୍ଦ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ବ୍ରଜକିଶୋର ପତି ସଭାରେ ଯୋଗଦେଇଥିଲେ। କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସ୍ୱର୍ଗତ ଶତପଥୀଙ୍କୁ ମରଣତ୍ତୋର ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ଡ. ଜଗଦାନନ୍ଦ ମିଶ୍ର, ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ଘଡ଼ାଇ, ବ୍ୟଙ୍ଗକବି ମହେଶ୍ୱର ନାୟକ, ଅକ୍ଷୟ ମୁଦୁଲି, ଶଙ୍କର୍ଷଣ ଶତପଥୀ, କାହ୍ନୁଚରଣ ଭୂତିଆ, ଦାମୋଦର ପଣ୍ଡା, ଅଭିଳାଷ ସାହୁ, ସୁଶାନ୍ତ ନନ୍ଦ, ମାଧବାନନ୍ଦ ଶତପଥୀ, ଭକ୍ତିକାନ୍ତ ତ୍ରିପାଠୀ, ଅନଙ୍ଗ ମଞ୍ଜରୀ ମିଶ୍ର, ଇନ୍ଦିରା ଦାସ, ପୁଷ୍ପାଞ୍ଜଳି ମିଶ୍ର, ଆଭାଞ୍ଜଳି ଶତପଥୀ, ସମାପିକା ଶତପଥୀ ଯୋଗଦେଇଥିଲେ। ପୁତ୍ର ଅଶୋକ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ହୃଦଘାତରେ ବନ କର୍ମଚାରୀଙ୍କ ପରଲୋକ



ସିଂହପୁର,୧୦।୬(ସମିସ): ବିଂଝାରପୁର ବ୍ଲକ ଅଧୀନ ସିଂହପୁର ଗ୍ରାମର କୈଳାସ ନାଥ ସାମଲ (୭୯)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ କଳାହାଣ୍ଡିରେ ବନ କର୍ମଚାରୀ ଭାବେ ଦକ୍ଷତାର ସହିତ କାର୍ଯ୍ୟକରି ଅବସର ନେଇଥିଲେ। ସେ ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ପରଲୋକ ଖବର ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାତିରେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ସ୍ୱର୍ଗତ ସାମଲଙ୍କ ବିୟୋଗରେ ଜିଲ୍ଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ସମାଜସେବୀ କୈଳାସ ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେଉରିଆ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁଶାନ୍ତ କୁମାର ନାୟକ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସାମ୍ବାଦିକ ସୁରେନ୍ଦ୍ର କୁମାର ସାମଲ ଓ ଗୋପାଳ ସୂତାରଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତିମାନେ ଶୋକ ବ୍ୟକ୍ତ କରିଛନ୍ତି।

**● ଓଡ଼ିଶା ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ସାଧାରଣ ଅଧିବେଶନ**

## ଅସାମ୍ବିଧାନିକ ପ୍ରସ୍ତାବ ଓ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ

ଭଦ୍ରକ,୧୦।୬(ସମିସ): ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର ସମ୍ମିଳନୀ କକ୍ଷରେ ସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଧିବେଶନରେ ଅସାମ୍ବିଧାନିକ ପ୍ରସ୍ତାବ ଏବଂ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରାଯାଇଥିଲା। ଏପରିକି ବହୁସଂଖ୍ୟକ ସଭ୍ୟ ଓ ସଭ୍ୟା ନିର୍ବାଚନ ପୂର୍ବରୁ କକ୍ଷତ୍ୟାଗ କରିଥଲେ । ସୂଚନା ଥାଉକି ଏହି ସଂଘ ଓପିଟିସିଏଲ, ଓଏଚ୍‌ପିସି, ଟିପିସିଓଡିଏଲ, ଟିପିଏସଓଡିଏଲ ଓ ଟିପିଡବ୍ଲୁଓଡିଏଲ ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର କୁ ନେଇ ଗଠିତ ଓ ଏହି ସଙ୍ଘର ସଭ୍ୟ ଓ ସଭ୍ୟା ସଂଖ୍ୟା ୮୦୦। ଅଧିବେଶନରେ ୧୫୦ ଜଣ ସଭ୍ୟ ଉପସ୍ଥିତ ଥିଲେ। ସଙ୍ଘର ସମ୍ବିଧାନର ନିୟମ ୮(ସି) ଅନୁଯାୟୀ କୌଣସି ପ୍ରସ୍ତାବ ଆଲୋଚନା ଏବଂ ସ୍ୱୀକୃତି ପାଇଁ ୪୦% (ଅନ୍ୟୁନ ୩୨୦ ଜଣ) ସଭ୍ୟ ସମ୍ମିଳନୀର ଉପସ୍ଥିତି ଆବଶ୍ୟକ। ଯେହେତୁ କୋରମ୍‌ର ଅଭାବ ଥିଲା ତେଣୁ ଅପରାହ୍ନ ଅଧିବେଶନରେ ଆଲୋଚନା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଆସିଥିଲା। କିନ୍ତୁ କିଛି ସଭ୍ୟ ଜୋର୍ ଜବରଦସ୍ତ କର୍ମକର୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥଲେ। ତେଣୁ ବହୁ ସଂଖ୍ୟକ ସଭ୍ୟସଭ୍ୟା ଏହି ସଙ୍ଘ ବିରୋଧୀ କାର୍ଯ୍ୟକୁ ବିରୋଧ କରି କକ୍ଷତ୍ୟାଗ କରିଥଲେ।

## ରକ୍ତଦାନ ଶିବିର; ୪୦ ୟୁନିଟ୍ ସଂଗ୍ରହ



ଯାଜପୁର,୧୦।୬ (ସମିସ): ଯାଜପୁର ମୁଖ୍ୟ ଡାକ ବିଭାଗ ପରିସରରେ ପୋଷ୍ଟାଲ୍ ଡିଭିଜନ ଓ ଲାୟନ୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଡାକ ଅଧିକ୍ଷକ ସୁଭ୍ରକାଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ଜିଲ୍ଲାର ବିଭିନ୍ନ ଡାକ ସବଡିଭିଜନର ଅଧିକାରୀ, କର୍ମଚାରୀ ଓ ମୁଖ୍ୟ ଡାକଘରର ଅଧିକାରୀ, କର୍ମକର୍ତ୍ତା ଓ ଲାୟନ୍ସ କ୍ଲବର ସଦସ୍ୟମାନେ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଡାକ ବିଭାଗ ପକ୍ଷରୁ ଉପ ଅଧିକ୍ଷକ ସଞ୍ଜୟ କୁମାର, ହରିଶଙ୍କର ସୁବୁଦ୍ଧି, ସୁପରଭାଇଜର ପ୍ରକାଶ ଜେନା, ପୋଷ୍ଟମାଷ୍ଟର ଜ୍ଞାନଚାନ୍ଦ ପରିଡ଼ା, ଅମିୟ କୁମାର ପାଢ଼ୀ, ଜୟ ପ୍ରକାଶ ନାୟକ, ଅଜୟସାହୁ, ରାଜେନ୍ଦ୍ର ସାହୁ, ଅମିୟ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ ପକ୍ଷରୁ କ୍ଲବ୍‌ର ସଭାପତି ସମର ବିଜୟ ଶରଣ, ସମ୍ପାଦକ ଅପରାଜେୟ ପଣ୍ଡା, ଅବଦୁଲ ସାଜିଦ୍ ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ପକ୍ଷରୁ ଡା. ପ୍ରଶାନ୍ତ ବିଶ୍ୱାଳ, ଲାବ୍ରୋଟୋରି ଟେକ୍ନିସିଆନ ପାର୍ଥସାରଥି ପୁହାଣ, ହୃଷୀକେଶ ଜେନା ତରୁଣ ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ବିଞ୍ଝାରପୁର,୧୦।୬(ସମିସ): ବିଞ୍ଝାରପୁର ବ୍ଲକ କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ଅରେଇ ଏବଂ ଘଣ୍ଟିଆଲି ପଞ୍ଚାୟତ ଚାଷୀଙ୍କୁ ନେଇ ବରୁଣେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଜ୍ଞାନ ପ୍ରକାଶ ସାହୁଙ୍କ ସଞ୍ଚାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ କେନ୍ଦ୍ରୀୟ ମହିଳା କୃଷିରତ ସଂସ୍ଥାନର ବୈଜ୍ଞାନିକ ଡଃ ବିଶ୍ୱନାଥ ସାହୁ, ବଡ଼ଚଣା କୃଷି କେନ୍ଦ୍ର ବୈଜ୍ଞାନିକ ଡ. ସୁବ୍ରତ କୁମାର ପ୍ରାଣିଗ୍ରାହୀ, ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି ଧର୍ମଶାଳା ଉଦ୍ୟାନ ବିଭାଗ ଅତିରିକ୍ତ ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ଘଣ୍ଟିଆଲି ପଞ୍ଚାୟତର ସରପଞ୍ଚ କାର୍ତ୍ତିକ ଧଳ ଯୋଗଦେଇଥିଲେ। କେନ୍ଦ୍ରିୟ ମହିଳା କୃଷିରତ ସଂସ୍ଥାର ବୈଜ୍ଞାନିକ ଡ. ସାହୁ ଅଧିକ ଫସଲ ଅମଳ ପାଇଁ ଆଧୁନିକ ଜ୍ଞାନ କୌଶଳ ଚାଷର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୃଷକ ନେତା ନିତ୍ୟାନନ୍ଦ ରାଉତ, ଗ୍ରାମ୍ୟ କୃଷି କର୍ମଚାରୀ ସଞ୍ଜୀବ ସାମଲ, ବିକାଶ ବେହେରା, ପ୍ରଭାସ ମହାଲିକ, ବିଟିଏମ ସୁନସେଫ ରଥ ଓ ଏଟିଏମ ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ସମୀକ୍ଷା ବୈଠକ

ଭଦ୍ରକ,୧୦।୬(ସମିସ):



ଭଦ୍ରକ ଜିଲ୍ଲାର ୯ଟି ଶିଶୁ ଯତ୍ନ ଅନୁଷ୍ଠାନ ଗାନ୍ଧି ଓଡ଼ିଶା ବାଳାଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଯୋଗୀଋଷି ଲଛମନ୍ ଦାସ ଶିଶୁ ଆଶ୍ରମ, ମହାପୁରୁଷ ଆଶ୍ରମ, ଶାନ୍ତି ଆଶ୍ରମ, ଆସୀୟାନା ଓପୋନ୍ ସେଲ୍‌ଟର ହୋମ୍, ମାନବ ସେବା କନ୍ୟା ଆଶ୍ରମ, ବାତ୍ସଲ୍ୟ ଓ ଫେଲୋସିପ୍‌ଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଏଥିସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧିର ରଂଜନ ନାୟକ, ଶିଶୁ ମଙ୍ଗଳ ସମିତିର ଅଧୀକ୍ଷକ ଡ.ଦେବରାଜ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ଡି.ଏସ୍.ପି. ଆଇ.ୟୁ.ସି.ଏ.ଡବ୍ଲ୍ୟୁ. ବିଶ୍ୱପତି ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ନାୟକ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଅମର କୁମାର ବାରିକ ଓ ସଦସ୍ୟା ମୌସୁମି ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ପିତାମାତା ଥିବା ଶିଶୁଙ୍କ ଗୃହ ପ୍ରତ୍ୟାବର୍ତ୍ତନ, ଆଧାରକାର୍ଡ଼, ଜାତିଗତ ପ୍ରମାଣପତ୍ର, ସେବା ମାନଦଣ୍ଡ ଉପରେ ଜିଲ୍ଲାପାଳ ସମୀକ୍ଷା କରି ନିର୍ଦ୍ଧାରିତ ସମୟ ଭିତରେ କାର୍ଯ୍ୟ କରିବା ପାଇଁ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଧୀରଜ କୁମାର ବାରିକ, ମହେଶ ଚନ୍ଦ୍ର ଦାସ ଓ ଅନ୍ୟାନ୍ୟ କର୍ମକର୍ତା ସହଯୋଗ କରିଥିଲେ। ଶେଷରେ ଅଧିକାରୀ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କିଷାନ ପଣ୍ଡା କଂଗ୍ରେସ ଶୃଙ୍ଖଳା କମିଟିର ସଦସ୍ୟ ମନୋନୀତ



ଧର୍ମଶାଳା,୧୦।୬(ସମିସ): ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ରାଜ୍ୟ ଶୃଙ୍ଖଳା କମିଟର ସଦସ୍ୟ ଭାବେ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡାଙ୍କୁ ମନୋନୀତ ହୋଇଛନ୍ତି। ଏଥିପାଇଁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଓ ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ବହୁ ନେତା ଓ କର୍ମୀ ଶ୍ରୀ ପଣ୍ଡାଙ୍କୁ କୁମାରୀସ୍ଥ କଂଗ୍ରେସ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ପରିବେଶ ସୁରକ୍ଷା କମିଟି ଆବାହକ ସୁଧାଂଶୁ ଦେଓ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଜିଲ୍ଲା କୃଷକ କଂଗ୍ରେସ ସଭାପତି ବସନ୍ତ ପରିଡ଼ା, ଯାଜପୁର କଂଗ୍ରେସ ବିଧାୟକ ପାର୍ଥୀ ସୁଦୀପ କୁମାର କର, ପ୍ରଫୁଲ୍ଲ ରାୟ, ଦୀପକ ବଳ, ସଞ୍ଜୟ ରାଉତ, ଅମରେନ୍ଦ୍ର ସାମଲ, ନକୁଳ ଜେନା, ବଡ଼ଚଣା ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ଦେବାଶିଷ ପରିଡା, କାର୍ତ୍ତିକ ସାହୁ, ବିପ୍ର ତ୍ରିପାଠୀ, ପଞ୍ଚାୟତ କଂଗ୍ରେସ ସଭାପତି ପ୍ରମୋଦ ମହାନ୍ତି, ସୁକାନ୍ତ ପରିଡା, ସେକ ଇଦୋ, ସାଗର ପାଲ, ମାୟାଧର ରାଉତ, ନକୁଳ ଜେନା, ସତ୍ୟାନନ୍ଦ ମଳିକ, ଟୁଟୁ ପଣ୍ଡା ସହିତ ବହୁ ଦଳୀୟ କର୍ମୀ ସମ୍ବର୍ଦ୍ଧନା ଜଣାଇଛନ୍ତି।





# ‘କାଳିଆ’ ଦେଉଛି ଦୁଇଟି ବାର୍ତ୍ତା

ଭୁବନେଶ୍ୱର, ୧୦।୬(ସମିସ)

ବର୍ତ୍ତମାନ ସମୟରେ ପରିବେଶ ସଚେତନତା ଦିଗରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସ୍ଥାନରେ ପରିବେଶ ଉପଯୋଗୀ ଉପକରଣ ତିଆରି ହେବା ସହ ବିକ୍ରି ମଧ୍ୟ ହେଉଛି। ସେହି ପରିପେକ୍ଷୀରେ ଆଚାର୍ଯ୍ୟ ବିହାରସ୍ଥିତ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ମଧ୍ୟ ତାର ପ୍ରୟାସ ମାଧ୍ୟମରେ ସଂଗ୍ରହାଳୟରେ ପ୍ରଦର୍ଶିତ ବିଭିନ୍ନ ପଶୁ ପକ୍ଷୀଙ୍କ ମଡେଲକୁ ବର୍ଜ୍ୟରେ ତିଆରି କରି ଦେଖାଇଛନ୍ତି। ଏହି କୁମ୍ଭୀର ମଡେଲ୍ ନାମ ରହିଛି କାଳିଆ। ଯେଉଁ ମଡେଲ୍ ଅବର୍ଜନା ପରିଚାଳନା ସମେତ ପରିବେଶ ସୁରକ୍ଷାର ଦୁଇଟି ବାର୍ତ୍ତା ପ୍ରଦାନ କରୁଛି।

ନିକଟରେ ପରିବେଶ ଦିବସ ଅବସରରେ ସଂଗ୍ରହାଳୟ ପରିସରରେ ଏପରି ଏକ କୁମ୍ଭୀରର ମଡେଲ ଉଦ୍‌ଘାଟନ କରି ପ୍ରଦର୍ଶିତ କରାଯାଇଛି। ଯାହାର ନାମ ‘କାଳିଆ’ ଏବଂ ତାର ଲମ୍ବ ୨୩ ଫୁଟ୍ ହୋଇଥିବାବେଳେ ଓଜନ ୮୦ କିଲୋଗ୍ରାମ ରହିଛି। ଏହି ମଡେଲଟି ଭିତରକନିକା ଜାତୀୟ ଉଦ୍ୟାନରେ ଅଭିଲିଖନ



- ବର୍ଜ୍ୟରୁ ତିଆରି ହୋଇଛି ୨୩ ଫୁଟ୍‌ର କୁମ୍ଭୀର
- ଖୁବ୍ ଶୀଘ୍ର ଖୋଲିବ ଡିସକଭରୀ ସେଣ୍ଟର

ହୋଇଥିବା ସବୁଠୁ ବଡ କୁମ୍ଭୀର ଭାବେ ପରିଗଣିତ କରାଯାଏ। ବିଭିନ୍ନ ଆବର୍ଜନାକୁ ସାଇତି ରଖି ସେଥିରେ ସୁନ୍ଦର ସୁନ୍ଦର କାରିଗରି ଦ୍ୱାରା ବେଶ୍ ଆକର୍ଷଣୀୟ ଉପକରଣ ତିଆରି କରି ସେଠାରେ ପ୍ରଦର୍ଶିତ କରାଯାଇଛି। ପୁରୁଣା ଖବର କାଗଜ ଓ ପ୍ଲାଷ୍ଟରୁ ସେ ପୁନଃବ୍ୟବକରି ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଥିବା ଜିରାଫ, ହାତୀ, ଭାଲୁ, କୁମ୍ଭୀର ଆଦିର ମଡେଲ ତିଆରି କରି ସେଠାରେ ପ୍ରଦର୍ଶିତ କରୁଛନ୍ତି। ଏପରି ଆହୁରି ମଡେଲ ତିଆରି ହେବାକୁ ଯୋଜନା ରହିଛି ବୋଲି ସଂଗ୍ରହାଳୟର ମୁଖ୍ୟ ଗୌରବ କହିଛନ୍ତି। କେବଳ ସେତିକି ନୁହଁ ସଂଗ୍ରହାଳୟ ପରିସରରେ ଏହି ଗ୍ୟାଲେରୀ ମଧ୍ୟ ନୂଆକରି ଆରମ୍ଭ ହୋଇଛି। ଯେଉଁଠି ୧୦ ଟି ପ୍ୟାନେଲରେ ପୃଥିବୀର ବିଭିନ୍ନ ପ୍ରଜାତିର ସାପର ସମସ୍ତ ବିବରଣୀ ସମ୍ପର୍କିତ ତଥ୍ୟ ରହିଛି। ଯାହାର ନାମ ‘ଇଷ୍ଟର୍ଣ୍ଣଘାଟ -ଏ ବଟାନିକାଲ ଟ୍ରେଜର୍’ ରଖାଯାଇଛି। ସେଥିରେ ଇଷ୍ଟର୍ଣ୍ଣଘାଟ୍‌ର ମ୍ୟାପ୍, ଡିଜାଇନ୍, ସମ୍ପୂର୍ଣ୍ଣ ତଥ୍ୟ, ତାର ଭିଜୁଆଲସ୍ ଆଦି ପ୍ରଦର୍ଶିତ ହେଉଛି।

ଏହାସହିତ ଆସନ୍ତା କିଛି ମାସ ମଧ୍ୟରେ ସଂଗ୍ରହାଳୟରେ ସେଠାକୁ ଆସୁଥିବା ବିଶେଷକରି ସ୍କୁଲ ପିଲାଙ୍କ ପାଇଁ ଏକ ଡିସକଭରୀ ସେଣ୍ଟର ଆରମ୍ଭ ହେବାକୁ ଯାଉଛି। ଯାହାର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି। ଏହି ଡିସକଭରୀ ସେଣ୍ଟରରେ ପିଲାମାନଙ୍କୁ ନିୟୋଜିତ କରିବାଭଳି ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟର ବ୍ୟବସ୍ଥା ରହିବ। ଏ ସମ୍ବନ୍ଧରେ ସଂଗ୍ରହାଳୟର ମୁଖ୍ୟ କହିଛନ୍ତି ଆସନ୍ତା ଜୁଲାଇରେ ସେହି ଗ୍ୟାଲେରୀକୁ ନେଇ କିଛି କାମ ବାକି ରହିଛି। ଶୀଘ୍ର କାମସାରି ଏହାକୁ ଆରମ୍ଭ କରିବାକୁ ପ୍ରୟାସ ଚାଲିଛି ବୋଲି ସେ କହିଥିଲେ।

## ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର, ୧୦।୬(ସମିସ): ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ମଙ୍ଗଳବାର ରାଜ୍ୟ ମହିଳା ଏବଂ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ କରି ବୃଦ୍ଧି ପାଉଥିବା ରକ୍ତହୀନତା ଓ ଦୃଷ୍ଟି ସମସ୍ୟା ଚିନ୍ତାଜନକ ବୋଲି ରାଜ୍ୟପାଳ କହିବା ସହିତ ଏହାର ନିରାକରଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ ପ୍ରତିଷ୍ଠାନରେ ଉପଲବ୍ଧ ସୁବିଧା, ମାଳତୀ ଚୌଧୁରୀ ନିବାସ, ରେସିପି ଓ ଟୋୟାଥନ ପ୍ରଦର୍ଶନ ୟୁନିଟ, ମଡେଲ ଅଙ୍ଗନବାଡି କେନ୍ଦ୍ର, ଯୋଗକେନ୍ଦ୍ର ଏବଂ ପାଠାଗାର ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର କାର୍ଯ୍ୟଧାରା ସମ୍ପର୍କିତ ତଥ୍ୟ ରାଜ୍ୟପାଳଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇଥିଲା। ରାଜ୍ୟପାଳଙ୍କ ଗସ୍ତ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ରଥଯାତ୍ରା ପାଇଁ ଚଳଚଞ୍ଚଳ ସୁଦର୍ଶନଙ୍କ ଦାରୁପୀଠ



ଧଉଳି, ୧୦।୬(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଗଡ଼କଣ୍ଟୁଣିଆସ୍ଥିତ ଚକ୍ରରାଜ ସୁଦର୍ଶନ ଦାରୁଙ୍କ ନବମତମ ରଥଯାତ୍ରା ନିମନ୍ତେ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଥଯାତ୍ରା ନିମନ୍ତେ ଚଳ ଚଞ୍ଚଳ ହୋଇପଡ଼ିଛି ଚକ୍ରରାଜ ସୁଦର୍ଶନ ଦାରୁଙ୍କ ରଥଖଳା। ଅକ୍ଷୟତୃତୀୟା ଠାରୁ ରଥ କାଠ ଅନୁକୂଳ ହୋଇ ଖଳାରେ ଚାଲିଛି ରଥ ନିର୍ମାଣ। ମୁଖ୍ୟ ମହାରଣା ନୀଳ ଓଝା କହିବା ଅନୁଯାୟୀ ଏଥର ରଥର ଉଚ୍ଚତା ୨୩ ଫୁଟ୍, ଚଉଡା ୧୨ ଫୁଟ୍, ଲମ୍ବା ୧୪ ଫୁଟ୍ ରହିଥିବା ବେଳେ ୬ଟି ଚକା, ୩ଟି ଅଖ, ୧୪ଟି କୁମ୍ଭ, ୧୨ଟି ଆଡି ଆଦି କାଠରେ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ସେହିପରି ମନ୍ଦିର ଟ୍ରଷ୍ଟ ବୋର୍ଡ଼ର୍ କୋଷାଧ୍ୟକ୍ଷ ଚକ୍ରଧର ନାୟକ କହିଛନ୍ତି ନିକଟରେ ଭୁବନେଶ୍ୱର ପୁଲିସ୍ କମିସନରଙ୍କ ତରଫରୁ ବିଭିନ୍ନ ଅଞ୍ଚଳରେ ରଥଯାତ୍ର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

## ୟୁନିକ୍ ବିୟୁଟି ପେଜେଣ୍ଟ ‘ଜେମ୍ସ ଅଫ ଓଡ଼ିଶା ଇଣ୍ଡିଆ’ ଆରମ୍ଭ



ଭୁବନେଶ୍ୱର, ୧୦।୬(ସମିସ):ସମସ୍ତେ ଚାହାଁନ୍ତି ନିଜ ନିଜର ଦକ୍ଷତା ଅନୁସାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ। ବିଶେଷ କରି ଝିଅ ବା ମହିଳାମାନେ ଘର ଚଳାଇବା ସହିତ ପରିବାର କଥା ବୁଝିବା ପରେ ବଳକା ସମୟରେ ଘର କୋଣରେ ବସି ରହିବାକୁ ପସନ୍ଦ କରୁନାହାଁନ୍ତି। ଏକ ଭିନ୍ନ ପରିକଳ୍ପନାରେ ଅନିତା ମଣ୍ଡଳ ସେହି ମହିଳାମାନଙ୍କ ଇଚ୍ଛା ଶକ୍ତିକୁ ଉଡାଣ ଦେବା ପାଇଁ ପ୍ରୟାସ କରିଛନ୍ତି। ଶୁଭ୍ରଦୀପ ଏଣ୍ଟରପ୍ରାଇଜେସ ଆୟୋଜିତ କରିଛନ୍ତି ଏକ ୟୁନିକ୍ ବ୍ୟୁଟି ପେଜାଣ୍ଟ ‘ଜେମ୍ସ ଅଫ ଓଡ଼ିଶା ଇଣ୍ଡିଆ’। ଯାହାକୁ ନର୍ଚ୍ଚିଂ ନେଷ୍ଟ ନାମକ ସଂସ୍ଥା ପ୍ରସ୍ତୁତ କରୁଛନ୍ତି। ଏହି ଇଭେଣ୍ଟ ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଏହାର ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି। ଏହି ସମ୍ମିଳନୀରେ ଉମାଶଙ୍କର ଦାସ, ଅନୀତା ମଣ୍ଡଳ, ଅଭିନେତା ହରିହର ଦାଶ ଚଳଚ୍ଚିତ୍ର ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଣୟ ଜେଠୀ, କୋରିଓଗ୍ରାଫର ଅଭୟ ସେଠୀ ଏବଂ ଡ. ମୋନାଲିସା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ୟୁନିକ୍ ବ୍ୟୁଟି ପେଜାଣ୍ଟ କଣ୍ଟେଷ୍ଟରେ ତିନିଟି ବର୍ଗରେ କଣ୍ଟେଷ୍ଟ ହେବ ଏବଂ ଏହି କଣ୍ଟେଷ୍ଟରେ ବୟସ, ଜାତି, ଧର୍ମ, ମୋଟା, ପତଳାର ପ୍ରତିବନ୍ଧକ ନାହିଁ। ଏପରିକି ବିକଳାଙ୍ଗ ମାନେ ମଧ୍ୟ ନିଜ ପ୍ରତିଭାର ପ୍ରଦର୍ଶନ ପାଇଁ ଭାଗ ନେଇପାରିବେ। ତେବେ ୧୬ ବର୍ଷରୁ ୪୦ ବର୍ଷ ପର୍ଯ୍ୟନ୍ତ ମହିଳା ମାନଙ୍କୁ ନେଇ ‘ରାଣୀ’, ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନେଇ ‘ମହାରାଣୀ’ ଏବଂ ଭିନ୍ନକ୍ଷମଙ୍କୁ ନେଇ ‘ଶ୍ରୀଶକ୍ତି’ ଆଖ୍ୟା ଦିଆଯାଇଛି। ଭିନ୍ନକ୍ଷମ ପ୍ରତିଯୋଗୀଙ୍କ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ମାଆମାନଙ୍କ ସଂଘର୍ଷକୁ ଏହି ଇଭେଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯିବ। ଏହି ଇଭେଣ୍ଟରେ ଭାଗ ନେବା ପାଇଁ ମେ ମାସରୁ ରେଜିଷ୍ଟ୍ରେସନ ଆରମ୍ଭ ହୋଇଥିବା ବେଳେ ଏହା ଜୁନ ମାସ ଶେଷ ପର୍ଯ୍ୟନ୍ତ ସୁଯୋଗ ରହିଛି।

## ସମ୍‌ରେ ପ୍ରଥମଥର ମହିଳା ଫିଜିଓଥେରାପିଙ୍କୁ ନେଇ କର୍ମଶାଳା

ଭୁବନେଶ୍ୱର, ୧୦।୬(ସମିସ): ଓଡ଼ିଶାରେ ପ୍ରଥମ ଥର ପାଇଁ ସମ୍ ହସ୍ପିଟାଲ୍‌ରେ ଫିଜିଓଥେରାପି ବିଭାଗ ପକ୍ଷରୁ ଟ୍ରାନ୍ସଭଜାଇନାଲ୍ ଓ ଟ୍ରାନ୍ସରେକ୍ଟାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ ସମ୍ପର୍କିତ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସାରା ଦେଶରୁ ପ୍ରାୟ ୭୭ ଜଣ ମହିଳା ଫିଜିଓଥେରାପିଷ୍ଟ ଯୋଗ ଦେଇଥିବା ବେଳେ ଅହମ୍ମଦାବାଦର ବିଶିଷ୍ଟ ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ଧାରା ଶାହ କର୍ମଶାଳାର ପ୍ରସଙ୍ଗକୁ ନେଇ ତଥ୍ୟ ପ୍ରଦାନ କରିଥିଲେ। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପ୍ରଥମ ଥର ପାଇଁ ଏକ ଇଂଟିମେଟ ହେଲ୍‌ଥ ଚେକ୍‌ଅପ୍ କ୍ଲିନିକ୍ ଆରମ୍ଭ କରିବାର ଯୋଜନା କରୁଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଚଳଚ୍ଚିତ୍ର ‘ଶମ୍ଭୁ’ର ପୋଷ୍ଟର୍ ରିଲିଜ୍



ଭୁବନେଶ୍ୱର, ୧୦।୬(ସମିସ): ଅନୁପମା ମୁଭିଜ୍ ଦ୍ୱାରା ନିର୍ମିତ ଚଳଚ୍ଚିତ୍ର ‘ଶମ୍ଭୁ’ର ପୋଷ୍ଟର ଉନ୍ମୋଚନ ଉତ୍ସବ ରୋଟାରୀକ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏବି ଚଳଚ୍ଚିତ୍ରର ପ୍ରଯୋଜକ ବିଭୂତି ଭୂଷଣ ଜେନାଙ୍କ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଦିଲ୍ଲୀପ ପଣ୍ଡା। ଏହି ଓଡ଼ିଆ ଚଳଚ୍ଚିତ୍ର ‘ଶମ୍ଭୁ’ର କାହାଣୀ ସାମାଜିକ ଜନ ଜୀବନରେ ଘଟୁଥିବା ଘଟଣାବଳୀ ଉପରେ ପର୍ଯ୍ୟବଶିତ। ଅନୁପମା ଜେନାଙ୍କ କାହାଣୀକୁ ସଂଳାପ ଲେଖିଛନ୍ତି ଅଧ୍ୟାପକ ରଜନୀ ରଞ୍ଜନ ଓ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦୀପକ ଜେନା। ମନୁଷ୍ୟ ଜୀବନୀର ପ୍ରଥମ ପ୍ରତାରଣା, ପ୍ରତିଶୋଧ, ସଂଘର୍ଷ, ତଥା ହିଂସା, ଲୋକ, ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର, ଅପରାଧର ପୃଷ୍ଠଭୂମି ଉପରେ ଶମ୍ଭୁ ଚଳଚ୍ଚିତ୍ରର କାହାଣୀ ଗତିଶୀଳ। ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଯାତ୍ରା ଅଭିନେତା ପୀୟୂଷ, ଶୁଭମ୍ ଓ ତମାନ୍ନା। ଓଡ଼ିଆରେ ସାମାଜିକ କଥାବସ୍ତୁକୁ ନେଇ ଏହା ହେଉଛି ଅନ୍ୟତମ ଆକ୍ସନ ମୁଭି। ଚଳଚ୍ଚିତ୍ରର ସୁଟିଂ ଓଡ଼ିଶାର ବିଭିନ୍ନ ଐତିହାସିକ ସ୍ଥାନ ଏବଂ ମନୋରମ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ କରାଯାଇଛି। ଏହାଛଡ଼ା କଟକର ଐତିହାସିକ ସ୍ଥାନ ବାରବାଟୀ ଦୁର୍ଗ, ବାଲିଯାତ୍ରା ପଡ଼ିଆ, ଗଡ଼ଗଡ଼ିଆ ଘାଟ, ଚଣ୍ଡୀମନ୍ଦିର, ଗୋରା କବର, ଭୂଆଶୁଣି ପୀଠ ପ୍ରଭୃତି ସ୍ଥାନମାନଙ୍କରେ ମଧ୍ୟ ସୁଟିଂ କରାଯାଇଛି। କାହାଣୀର ଆବଶ୍ୟକତା ଅନୁଯାୟୀ ଚଳଚ୍ଚିତ୍ରକୁ ଆହୁରି ରୁଚିମନ୍ତ କରିବା ପାଇଁ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ, ଧାର୍ମିକ, ଐତିହାସିକ, ଲୋକପ୍ରିୟ ସ୍ଥାନଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇଛି। ଏହି ସିନେମା ରଥଯାତ୍ରାକୁ ମୁକ୍ତଲାଭ କରିବ ବୋଲି ସିନେ ଟିମ୍ ପକ୍ଷରୁ କୁହାଯାଇଛି।

## ଉତ୍କଳ ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ



ଭୁବନେଶ୍ୱର, ୧୦।୬(ସମିସ): ଉତ୍କଳ ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ନୂଆପଲ୍ଲୀ ମା’ ଦରୁଆଣୀ ଆଦର୍ଶ କ୍ଲବ୍ ପରିସରରେ ବୃକ୍ଷରୋପଣ କରାଯାଇଛି। ଏଥିରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ବିଜେଡି ନେତା ସୌମେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୌସୁମୀ ଋତୁକୁ ଆଖି ଆଗରେ ରଖି ଅନେକ ଗଛ ଲଗାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିରେ ଶ୍ରୀକୃଷ୍ଣ କ୍ଲବ୍ ଓ ରାଧାମୋହନ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସମେତ ଯୁବଗୋଷ୍ଠୀ ସାମିଲ ହୋଇଥିଲେ। ଫାଉଣ୍ଡେସନର ଅଧ୍ୟକ୍ଷା ରଶ୍ମିରାଣୀ ବେହେରା ଓ ତାଙ୍କ ଟିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଶ୍ୱଜିତ୍ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଅନ୍ତାରେ ‘ଘରେ ଘରେ ଜୀବନ ବୀମା’



ବାଲିଅନ୍ତା, ୧୦।୬(ସମିସ): ବାଲିଅନ୍ତା ପଞ୍ଚାୟତ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ସଭାକକ୍ଷରେ ଆଜି କଟକ ଶାଖା ଭାରତୀ ଆକ୍ସା ଜୀବନ ବୀମା ସଂସ୍ଥା ଆନୁକୂଲ୍ୟରେ ‘ଘରେ ଘରେ ଜୀବନ ବୀମା’ ଶୀର୍ଷକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ସଭାପତିତ୍ୱ କରି ଜୀବନ ବୀମାର ଉପକାରିତା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଭାରତୀ ଆକ୍ସା ଜୀବନ ବୀମା କଟକ ଶାଖା କ୍ଲଷ୍ଟର ମୁଖ୍ୟ ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ଶାଖା ପ୍ରବନ୍ଧକ ପ୍ରବୋଧ କୁମାର ବାରିକ ଉପ ଶାଖା ପ୍ରବନ୍ଧିକା ସୁଚିତ୍ର ମହାରଣା ପ୍ରମୁଖ ଯୋଗ ଦେଇ ଜୀବନ ବୀମା ନେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭ୍ୟସଭ୍ୟା, ବିଭିନ୍ନ ମହିଳାମଣ୍ଡଳ ସଦସ୍ୟା, ପ୍ରାଣୀମିତ୍ର, କୃଷିମିତ୍ର, ଏମ୍‌ବିକେ, ସିଆରପି, ଯୁବକ ଯୁବତୀ ଏବଂ ସ୍ୱେଚ୍ଛାସେବୀ ସାମିଲ ଥିଲେ।

## ତିରୁପତି ମେଡିକାଲ କଲେଜରେ ଗରିବ ମେଧାବୀଙ୍କୁ ମାଗଣା ଶିକ୍ଷା



ଭୁବନେଶ୍ୱର, ୧୦।୬(ସମିସ): ରାମାଏଲ ୟାମା ଫାଉଣ୍ଡେସନ୍ ଏବଂ ମାତୃଦେବ ଭବ ସତ୍‌ସଙ୍ଗ ପକ୍ଷରୁ ଆନ୍ଧ୍ରସ୍ଥିତ ଶ୍ରୀ ମଲ୍ଲିକାର୍ଜୁନ ଶୈବପୀଠ ଶ୍ରୀସାଇଲମ୍ ଠାରେ ‘ମାଆର ସ୍ୱର୍ଗୀୟ ସ୍ୱୀକୃତି ଓ ଗରିମାମୟ ଅଧ୍ୟାୟ’କୁ ନେଇ ଏକ ଧର୍ମସଭା ଅନୁଷ୍ଠିତ ହୋଇଛି। ବହୁ ସାଧୁସନ୍ଥ ଓ ପୀଠାଧିପତି ଯୋଗଦେଇ ମାଆର ଗରିମାମୟ ଜୀବନ ଉପରେ ଆଲୋକପାତ କରିଛନ୍ତି। ପୁନମ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ବି.ପି ମିଶ୍ର, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଫାଇନାଇଟ୍ ଇନ୍‌ଫରମେସନ୍ ସଲ୍ୟୁସନ୍‌ର ଏମ୍.ଡି ନବୀନ କୁମାର, ସ୍ଥାନୀୟ ଯୁବନେତା ଅରବିନ୍ଦ ରେଡ୍ଡୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଆଧ୍ୟାତ୍ମିକ ସଭାରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ପାଣିଗ୍ରାହୀ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ମେଡିକାଲ କଲେଜର ଗରିବ ମେଧାବୀଙ୍କୁ ବିଭିନ୍ନ ପାରାମେଡିକାଲ ପାଠ୍ୟକ୍ରମରେ ମାଗଣା ଶିକ୍ଷା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

**ରଜ ପାଇଁ ଏବେଠାରୁ ସଜବାଜ**

# ଝୁଲିବ ରଜଦୋଳି, ବୁଲିବ ପିଠାଗାଡ଼ି

ଭୁବନେଶ୍ୱର, ୧୦।୬(ସମିସ)

ଆଉ ମାତ୍ର ୨ଦିନ ପରେ ରଜ ପର୍ବ। ଏଥିପାଇଁ ରାଜଧାନୀରେ ଉତ୍କଣ୍ଠା ଓ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷର ରଜଦୋଳି ସାଙ୍ଗକୁ ପ୍ରମୁଖ ଆକର୍ଷଣ ମଧ୍ୟରେ ରହିଛି ରାଜଧାନୀର ବିଭିନ୍ନ ଛକରେ ଓଟିଡିସି ପକ୍ଷରୁ ‘ପିଠା ଅନ୍ ହ୍ୱିଲ୍’ କ୍ରମରେ ପିଠାଗାଡ଼ି ବୁଲିବ। ସେହିଭଳି ପ୍ରଥମଥର ପାଇଁ ପ୍ରଦର୍ଶନୀ ପଡ଼ିଆରେ ରଜ ମହୋତ୍ସବ ଆୟୋଜନ କରାଯାଇ ସେଠାରେ ମହିଳାଙ୍କୁ ମାଗଣା ମେହେନ୍ଦି ସେବା ଯୋଗାଇ ଦିଆଯିବ।

ଚଳିତବର୍ଷ ରଜପର୍ବକୁ ବ୍ୟାପକ କରିବାକୁ ଓଟିଡିସସି ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ହେବ ରଜପର୍ବ ମହୋତ୍ସବ। ଏଠାରେ ରଜ ଦୋଳି ସାଙ୍ଗକୁ ରଜ ପାନ ଓ ପିଠାର ସ୍ୱତନ୍ତ୍ର ଷ୍ଟଲ ଖୋଲାଯିବାର କାର୍ଯ୍ୟକ୍ରମ ରହିଛି। ତା ସାଙ୍ଗକୁ ମେହେନ୍ଦୀ, ଅଳତା ଆଦି ପାଇଁ ମଧ୍ୟ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯାଇଛି। ଯେଉଁଠାରେ ଯୁବତୀ ଏବଂ ମହିଳାମାନେ ମାଗଣାରେ ଅଳତା ଓ ମେହେନ୍ଦି ଲଗାଇପାରିବେ। ସେହିପରି ପାନ୍ଥନିବାସ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠା ପାଇଁ ସ୍ୱତନ୍ତ୍ର ଷ୍ଟଲ ସହ ନିମନ୍ତ୍ରଣ ମଧ୍ୟ ଷ୍ଟଲ ରହିବ। ୩ ଦିନ ଧରି ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପାନ୍ଥନିବାସରେ ପ୍ରବଳ ଭିଡ଼ ଜମୁଥିବାରୁ ପ୍ରଦର୍ଶନୀ ପଡ଼ିଆରେ ଓଟିଡିସି ପକ୍ଷରୁ ଦ୍ୱିତୀୟ ରଜ ମହୋତ୍ସବ ଆୟୋଜନ କରାଯାଉଥିବା ଜଣାପଡ଼ିଛି। ସେହିପରି ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଟିଡିସିର ରଜ ମହୋତ୍ସବ ପାଇଁ ସଜେଇ ହେବ ପାନ୍ଥନିବାସ। ପହିଲି ରଜରୁ ଶେଷ ରଜ ଯାଏ ପୋଡ଼ ପିଠାରୁ ଆରମ୍ଭ କରି ଚକୁଳି ପିଠା, ତରକାରୀ, କାକରା ପିଠା, ବିଭିନ୍ନ ପ୍ରକାରର ମଣ୍ଡା ପିଠା ଉପଲବ୍ଧ ହେବ। ‘ପିଠା ଅନ୍ ହ୍ୱିଲ୍’ରେ ୩ଦିନ ଧରି ରୂପାଲି ଛକ, ରାଜମହଲ ଛକ, ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ରସୁଲଗଡ଼, ଲକ୍ଷ୍ମୀସାଗର ଆଦି ଛକ ଆଦି ବିଭିନ୍ନ ସ୍ଥାନରେ ମନ ପସନ୍ଦର ପାରମ୍ପରିକ ପିଠା ଯୋଗାଇଦିଆଯିବ ବୋଲି ପାନ୍ଥନିବାସ ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରଦର୍ଶନୀ ପଡ଼ିଆରେ ମାଗଣାରେ ଅଳତା ଓ ମେହେନ୍ଦ ସଜ୍ଜା**

କଲ୍ୟାଣପୁର ସ୍ୱସ୍ତିବନ ଠାରେ ମଧ୍ୟ ଏଥର ଝୁଲିବ ୫୦୦ ଦୋଳି। ଭୁବନେଶ୍ୱର ରଜ ମହୋତ୍ସବ ସମିତି ପକ୍ଷରୁ ୧୪ରୁ ୧୭ ତାରିଖ ଯାଏ ଆୟୋଜିତ ଏହି ଉତ୍ସବରେ ଓଡ଼ିଶାର କୋଣ ଅନୁକୋଣରୁ ବ୍ୟକ୍ତିମାନେ ଯୋଗଦେବେ। ରଜ ଦୋଳି ସହ ଝୋଟି, ରଂଗୋଲି, ପୁଚି ଖେଳ, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର, ସାଧାରଣ ଜ୍ଞାନ, ଶଙ୍ଖ, ହୁଳହୁଳି, କବାଡ଼ି, ନୃତ୍ୟ, ସଙ୍ଗୀତ, ପଶା ଖେଳ ଆଦି ସହ ପିଲାମାନଙ୍କ ପାଇଁ ମିକି ମାଉସ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ଏହାସହ ପ୍ରତିଦିନ ସମସ୍ତଙ୍କ ପାଇଁ ନିଶୁଳ୍କ ପ୍ରସାଦ ସେବନ ବ୍ୟବସ୍ଥା ରହିବ ବୋଲି ସମିତିର ସଭାପତି ତଥା ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ସୂଚନା ଦେଇଛନ୍ତି। ପାତ୍ରପଡ଼ାରେ ମହାରାଜା କ୍ରିକେଟ୍ ଆସୋସିଏସନ୍ ଓ ପାତ୍ରପଡ଼ା, ଭଗବାନପୁର ଯୁବ ବାହିନୀର ମିଳିତ ସହଯୋଗରେ ୪ଦିନ ଧରି ଦୋଳି ସାଙ୍ଗକୁ, ରଜପାନ, ପାରମ୍ପରିକ ପିଠା ବିକ୍ରି ଓ ପ୍ରଦର୍ଶନ କରାଯିବ ବୋଲି ମହାରାଜା କ୍ରିକେଟ୍ ଆସୋସିଏସନ୍ ବରିଷ୍ଠ ସଦସ୍ୟ ରବୀନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଏଥର ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜ ମହୋତ୍ସବ ପାଳିତ ହେବ। ସଂଗ୍ରହାଳୟର ଉଦ୍ୟାନରେ ପାରମ୍ପରିକ ଢଙ୍ଗରେ ଦୋଳି ବନ୍ଧାଯିବ। ଯେଉଁଠି ପର୍ଯ୍ୟଟକମାନେ ଟିକଟ୍ କରି ଦୋଳି ଖେଳିପାରିବେ। ସଂଗ୍ରହାଳୟର ଉଦ୍ୟାନରେ ଥିବା ସବୁଜ ଗାଲିଚା ପ୍ରାକୃତିକ ପରିବେଶ ମଧ୍ୟରେ ଦର୍ଶକମାନେ ଅନୁଭବ କରିବେ ପାରମ୍ପରିକ ରଜ ମଉଜ। ପହିଲି ରଜରୁ ଆରମ୍ଭ ହୋଇ ୩ ଦିନ ଧରି ଏହା ଚାଲିବ ବୋଲି ସୂଚନା ରହିଛି।

ଚଳିତ ବର୍ଷ ୧୩ ତାରିଖ ଠାରୁ ୧୬ ପର୍ଯ୍ୟନ୍ତ ନୟାପଲ୍ଲୀ ରାବଣ ପୋଡ଼ି ପଡ଼ିଆରେ ପାଳନ କରାଯିବ ରଜ ମହୋତ୍ସବ। ୪ ଦିନ ଧରି ରଜ ମହୋତ୍ସବରେ ବହୁ ମହିଳା ମାନେ ନିଜ ନିଜ ହାତ ତିଆରି ପିଠା ପଣା ସାଙ୍ଗକୁ ବିଭିନ୍ନ ଖାଦ୍ୟ ପରିବେଷଣ କରାଯିବ। ଚଳିତ ବର୍ଷ ୮୦ ରୁ ଉର୍ଦ୍ଧ୍ୱ ଷ୍ଟଲ ସାଙ୍ଗକୁ ୨୦ରୁ ଉର୍ଦ୍ଧ୍ୱ ଦୋଳିର ବ୍ୟବସ୍ଥା ରହିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ବିଷ୍ଣୁମୋହନ୍ କବିଙ୍କ ସହ ବିଶିଷ୍ଟ ହାସ୍ୟ ଅଭିନେତା ପପୁ ପପପମ୍ ଯୋଗଦେବେ।



### ପ୍ରଥମ ଥର ପଟିଆଗଡ଼ରେ ରଜ ଉତ୍ସବ

ଚଳିତ ବର୍ଷ ପ୍ରଥମ କରି ପଟିଆଗଡ଼ରେ ପାଳିତ ହେବ ରଜ ଉତ୍ସବ। ସ୍ଥାନୀୟ ଏଲ୍‌ଏ ଲନ୍ ଠାରେ ୧୪, ୧୫, ୧୬ ତିନିଦିନ ଧରି ଧୁମଧାମରେ ପାରମ୍ପରିକ ଭାବେ ରଜ ପାଳନ କରାଯିବ। ଏଥିପାଇଁ ବାଉଁଶ ଦୋଳି, ପଟା ଦୋଳି, ଚକ୍ରି ଦୋଳି, ରଜ ଗୀତ ସାଙ୍ଗକୁ ରଜ ପାନ ଓ ପିଠା ପ୍ରତିଯୋଗିତା କରାଯିବ। ନାଚ, ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ୧୦ ବର୍ଷ ହେଲା ଅସମ୍ପୂର୍ଣ୍ଣ ମା’ ମାଉଲି ମନ୍ଦିର



**କୋକସରା, ୧୦।୬ (ସମିସ):** କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ଝୁଲେନବର ଗ୍ରାମର ମୁଖ୍ୟ ଦେବୀ ମା’ ମାଉଲିଙ୍କ ମନ୍ଦିର ଦୀର୍ଘ ୧୦ ବର୍ଷ ହେବ ଅସମ୍ପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଦଦରା ଦଦରା ହୋଇ ପଡ଼ିରହିଛି। ଏନେଇ ଗ୍ରାମବାସୀ ଅନେକ ଆପତ୍ତି ଅଭିଯୋଗ କଲେ ମଧ୍ୟ ପ୍ରଶାସନ କୌଣସି ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଏଣୁ ଦେବୀଙ୍କ ପୂଜା ଅର୍ଚ୍ଚନାରେ ବାଧା ସୃଷ୍ଟି ହେଉଛି। ୧୦ ବର୍ଷ ତଳେ ଏହି ମନ୍ଦିର ନିର୍ମାଣ ନିମନ୍ତେ ସରକାରୀ ଅନୁଦାନ ଦିଆ ଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅମଳରେ ଆଦିବାସୀଙ୍କ ଦେବାଦେବୀଙ୍କ ପୀଠ ବାଦ୍ ପଡୁଛି। ଏଣୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ଉକ୍ତ ମନ୍ଦିରଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଏହା ଯେକୌଣସି ସମୟରେ ଭୁଶୁଡ଼ି ଯିବାର ଆଶଙ୍କା ରହିଛି ବୋଲି ୱାର୍ଡ଼ସଭ୍ୟ ବିପିନ ମାଝୀ, ନବ ଦଳପତି, ଲଖଣ ନାଏକ, ଡିଙ୍ଗର ମାଝୀ, କମଳ ପୁଝାରୀ ଦେବ ଦଳପତି ପ୍ରମୁଖ କହିଛନ୍ତି।

# ଶିଶୁଶ୍ରମିକ ମୁକ୍ତ ଓଡ଼ିଶା ସମ୍ପର୍କରେ ଆଲୋଚନା




**ମ.ରାମପୁର, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ସେବାଜଗତଠାରେ ସିଏସିଏଲ୍ ଓଡ଼ିଶା ଓ ସେବାଜଗତ ତରଫରୁ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ସମ୍ପର୍କରେ ଏକ ଆଲୋଚନା ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା ସ୍ୱର୍ଣ୍ଣଲତା ସାହୁ ମଞ୍ଚାସୀନ ଥିଲେ। କର୍ତ୍ତବ୍ୟ ସଂଗଠନର ମୁଖ୍ୟ ଅଶୋକ ପଟ୍ଟନାୟକ, ଅନ୍ତ୍ୟୋଦୟ ସଂଗଠନର ମୁଖ୍ୟ ଦିଲୀପ ଦାଶ, ଏଲ ଗୁଣନିଧି, ଦାପ୍ତା ସଂଗଠନ ମୁଖ୍ୟ ଆଦର୍ଶ ଶର୍ମା, ଆଦିବାସୀ ନେତା ଧନସିଂ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବାକୁ ସମସ୍ତଙ୍କୁ ଅଣ୍ଟା ଭିଡ଼ି ଆଗେଇ ଆସିବାକୁ ହେବ ବୋଲି ମତ ପ୍ରକାଶ ପାଇଥିଲା। ସେବାଜଗତର ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରଦୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶଙ୍କର ସୁନା, କୌରବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର



**ଭବାନୀପାଟଣା, ୧୦।୬(ସମିସ):** କଳାହାଣ୍ଡି ପ୍ରାଇଭେଟ ସ୍କୁଲ ଆସୋସିଏସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ସଂଘର ଅଧ୍ୟକ୍ଷ ଶିବରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ପ୍ରଶିକ୍ଷକ ଆଲୋକ ମହାନ୍ତି ଜିଲ୍ଲାର ୧୩ଟି ବ୍ଲକରୁ ଯୋଗଦେଇଥିବା ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମହମ୍ମଦ ୟୁସୁଫ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଷ୍ମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସତ୍ୟଜିତ କର, କନ୍ଦେଶ୍ୱର ପୁରୋହିତ, ମମତା ପଟ୍ଟନାୟକ, ବିଜୟ ମେହେର, ମନୋଜ ପଟ୍ଟନାୟକ, ମୁକୁନ୍ଦ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୀମାନ୍ତ ଗାଁ ଗୋଲାବେଡ଼ା

# ମିଳୁନି ମୌଳିକ ସୁବିଧା, ଦୁର୍ବିସହ ଜୀବନ ବିତାଉଛନ୍ତି ଲୋକ





**ସିନାପାଲି, ୧୦।୬(ସମିସ):**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ଼ ପଞ୍ଚାୟତର ଦୁର୍ଗମ ତଥା ସୀମାନ୍ତରେ ଅବସ୍ଥିତ ଗୋଲାବେଡ଼ା ଗ୍ରାମରେ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ଜଳ, ବିଦ୍ୟୁତ୍, ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହୋଇ ଆଜି ବି ଜଙ୍ଗଲି ଜୀବନ ବିତାଉଛନ୍ତି। ଅନେକ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ କାଟୁଛନ୍ତି। ପ୍ରଶାସନର ଦୂରଦୃଷ୍ଟି ଅଭାବ ସାଙ୍ଗକୁ ଉଦାସୀନତା ମନୋଭାବ ଯୋଗୁଁ ଗାଁକୁ ବିକାଶ ଛୁଇଁ ପାରିନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରସାଶନର ନଜର ପଡୁନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନା ବହୁ ଦୂରରେ ଥିବା ପାହାଡ଼ି ଗାଁ ଗୋଲାବେଡ଼ା ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ଅବସ୍ଥିତ। ଏଠାରେ ଆଦିବାସୀ ଓ ପହରିଆ ଜନଜାତିର ଲୋକେ ବସବାସ କରୁଛନ୍ତି। ଏହା ଏକ ଅଣ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ୨୦୦ରୁ ଅଧିକ ଜନସଂଖ୍ୟା ରହିଛି। ସମସ୍ତେ ଗରୀବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନଯାପନ କରୁଛନ୍ତି। ବଣ ଜଙ୍ଗଲ କୋଳରେ ଆଶ୍ରୟ ନେଇ ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ଏହି ଗାଁର ଲୋକେ ଜଙ୍ଗଲ ଜମିକୁ ଦଖଲ କରି ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଚାଷବାସ କରି ଯାହା ଉପାର୍ଜନ କରନ୍ତି ସେଥିରେ ପରିବାର ଚଳେ। ସେତିକିରେ ବି ପରିବାର ଚଳାଇବା କଷ୍ଟକର ହୋଇ ପଡେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଆଜି ବି ଅନେକ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଯାହା ଫଳରେ ଭଙ୍ଗା ଦଦରା ଝାଟି ମାଟି କୁଡିଆରେ ପଲିଥିନ ଢାଙ୍କି ଦୁଃସ୍ଥ ଜୀବନଯାପନ କରୁଛନ୍ତି। ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଦୁଇ ବର୍ଷ ପୂର୍ବେ ଗ୍ରାମର ସୋଲାର ପମ୍ପ ଯୋଗେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ଏକ ନଳକୂପରେ ସଂଯୋଗ କରାଯାଇଥିଲା। ହେଲେ କିଛି ଦିନ ପରେ ଖରାପ ହୋଇ କାମକୁ ଆସୁନି। ଫ୍ଲୋରାଇଡ ବହୁଳ ଅଞ୍ଚଳ ହୋଇଥିବା ବେଳେ ବାଧ୍ୟ ହୋଇ ଗୋଟିଏ ନଳକୂପର ଦୁର୍ଗନ୍ଧଯୁକ୍ତ ପାଣି ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି। ତାହାବି ଗ୍ରୀଷ୍ମ ଋତୁରେ ଶୋଷ ମେଣ୍ଟାଇ ପାରେ ନି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନାହିଁ। ଜଙ୍ଗଲି ପଥର ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ଉପରେ ଅନେକ ଛୋଟ ବଡ଼ ନାଳ ରହିଛି। ଯାହାଫଳରେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଅନେକ ଶିଶୁ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହୋଇ ରହିଛନ୍ତି। ମିନି ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି ବୋଲି କ୍ଷୋଭର ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୩ କିଲୋମିଟର ଦୂରରେ ନଙ୍ଗଲବୋର୍ଡ ଅଧୀନରେ ଥିବା ଅଙ୍ଗନବାଡି କେନ୍ଦ୍ର ରହିଛି। ଜଙ୍ଗଲି ରାସ୍ତାରେ ଶିଶୁମାନଙ୍କୁ ନେବା ଆଣିବା ଅସମ୍ଭବ ହୋଇ ପଡ଼ିଛି। ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ଅନ୍ଧାରୀ ମୂଳକରେ ରହି ଅନ୍ଧାରୀ ଜୀବନ ବିତାଉଛନ୍ତି। ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ମୋବାଇଲ ସେବା ପାଇବାରେ ବଞ୍ଚିତ ହୁଅନ୍ତି। ଗାଁ ଠାରୁ ମାତ୍ର ୧ କିଲୋମିଟର ଦୂରରେ ଥିବା ଟଙ୍କାମାଳ ଓ ନଙ୍ଗଲବୋର୍ଡ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇ ସାରିଥିବା ବେଳେ ଏହି ଗାଁ ଲୋକେ ଆଜି ପର୍ଯ୍ୟନ୍ତ ଆଲୁଅ ଦେଖିବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ତଥା ଜନପ୍ରତିନିଧିଙ୍କୁ ଅଭିଯୋଗ କରିଥିବା ବେଳେ କେହି ଦୃଷ୍ଟି ଦେଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଛତିଶଗଡ଼ ଓ ଓଡ଼ିଶାର ଶେଷ ସୀମାରେ ଅବସ୍ଥିତ ଏହି ଗାଁ ରେ ଅନେକ ସମସ୍ୟା ରହିଛି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସମସ୍ୟା ଭିତରେ ବୁଡ଼ି ରହିଛନ୍ତି। ଗ୍ରାମର ଅନେକ ବିଧବା ଓ ବୃଦ୍ଧବୃଦ୍ଧା ଭତ୍ତା ଅପେକ୍ଷାରେ ରହିଛନ୍ତି। ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ଥିବା ସୀମାନ୍ତ ଗୋଲାବେଡ଼ାବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।ଏ ସମ୍ପର୍କରେ ନଙ୍ଗଲବୋର୍ଡ ସରପଞ୍ଚ ଜଗଦୀଶ ମାଝିଙ୍କୁ ପଚାରିବାରୁ ଗାଁ ରାସ୍ତା ପାଇଁ ମନରେଗା ଯୋଜନାରେ ସାମିଲ କରାଯିବ ଓ ବିଧବା ଭତ୍ତା ପାଇଁ ଡାକ୍ତରଙ୍କ ଦ୍ୱରା ଦିଆଯାଉଥିବା ମୃତ୍ୟୁ ପ୍ରମାଣପତ୍ର ବିଳମ୍ବ ଯୋଗୁଁ ଭତ୍ତା ପାଇବାରୁ ବିଳମ୍ବ ହୋଇଛି ଓ ପାନୀୟ ଜଳ ସମସ୍ୟା ଦୂର ପାଇଁ ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଛି ବୋଲି ପ୍ରକାଶ କରିଥିଲେ।ସେହିପରି ବିଦ୍ୟୁତ୍ ସଂଯୋଗ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛି। ହେଲେ ଆଜି ହେବ କାଲି ହେବ ବୋଲି କହି ଚାଲିଛନ୍ତି ବୋଲି ପ୍ରକାଶ କରିଥିଲେ।

**ବିଦ୍ୟୁତ୍ ସଂଯୋଗ ନ ହେଲେ ଆନ୍ଦୋଳନ ଚେତାବନୀ**

## ସଂସ୍କାର ଭାରତୀର ‘କବିର କବିତାରେ ସିନ୍ଦୂର’

**ଭବାନୀପାଟଣା, ୧୦।୬ (ସମିସ):** ଭାରତୀୟ ସାହିତ୍ୟ, ସଂସ୍କୃତି, ସଂସ୍କାର ଓ କଳା ପ୍ରତି ସମର୍ପିତ ଅଖିଳ ଭାରତୀୟ ସଂଗଠନ ସଂସ୍କାର ଭାରତୀର ଉତ୍କଳ-ପଶ୍ଚିମ ପ୍ରାନ୍ତ ସାହିତ୍ୟ ବିଭାଗ ତରଫରୁ ରାଜ୍ୟ ସ୍ତରୀୟ ଦେଶାତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ନିମନ୍ତ୍ରିତ କବିଙ୍କୁ ନେଇ ହୋଇଥିବା ଏହି ‘କବିର କବିତାରେ ସିନ୍ଦୂର’ କାର୍ଯ୍ୟକ୍ରମରେ କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାର କବି ଯୋଗ ଦେଇଥିଲେ। ଉତ୍କଳ-ପଶ୍ଚିମ ପ୍ରାନ୍ତର ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ବିଭାଗ ସଂଯୋଜକ ବିରଞ୍ଚି ନାରାୟଣ ମୁଣ୍ଡ ପରିଚାଳନା କରିଥିଲେ। ଶିଳ୍ପୀ ଲିପ୍ସା ମହାରଣା ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। କବି ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ କବି ଡ. ଦୀନବନ୍ଧୁ ସାହୁ, ତିଳକରାମ ନିଆଲ, ଜୟଦେବ ସିଠା, ଭାରତୀ ହୋତା, ମଳୟ ଆନନ୍ଦ ତ୍ରିପାଠୀ, ଜ୍ୟୋତି ପ୍ରକାଶ ଗଡ଼ାତ୍ୟା, ଡ. ଅନିରୁଦ୍ଧ କୁର୍କୁରିଆ ପ୍ରମୁଖ କବିତାରେ ବିଜୟୀ ଭାରତୀୟ ସେନା ଓ ମାଟି ମା’ର ଜୟଗାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଲେଖିକା ମୀନାକୁମାରୀ ମୁଣ୍ଡ, ଅଶ୍ୱିନ ପଣ୍ଡା ଓ ଯୁଧିଷ୍ଠିର ମୁଦୁଲି ଉପସ୍ଥିତ ଥିଲେ।

# ଗୋଲାମୁଣ୍ଡା ବ୍ଲକ ଯାଦବ ସମିତି ଗଠନ

**ଗୋଲାମୁଣ୍ଡା, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଡୁଡୁକେଲସ୍ଥିତ ଯାଦବ ଭବନ୍ ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ ଓ କଳାହାଣ୍ଡି ଜିଲ୍ଲା ଯାଦବ ଅଭ୍ୟର୍ଥନା କମିଟିର ସାଧାରଣ ସମ୍ପାଦକ ତ୍ରିପୁର ନାଏକ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରୀକ୍ଷିତ ଖର୍ସେଲ ସଭା ପରିଚାଳନା କରିଥିଲେ। ଗଣ୍ଡାମେର ଗ୍ରାମରୁ କୁନି କୁନି ଝିଅମାନେ ସ୍ୱାଗତ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ଯାଦବ ମହାସଭାର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସର୍ବ ସମ୍ମତି କ୍ରମେ ଗିରିଧାରୀ ତେଜିଙ୍କୁ ସଭାପତି ଓ ପରୀକ୍ଷିତ ଖର୍ସେଲଙ୍କୁ ସାଧାରଣ ସମ୍ପାଦକ ଭାବରେ ଚୟନ କରାଯାଇଛି। ଉପ ସଭାପତି ଭାବେ ରେବା କଟା, ଦୀନରାମ କଟା, ତିଳେଶ୍ୱର ଘି, ଟଙ୍କଧର ବାଗ, ଯୁଗ୍ମ ସମ୍ପାଦକ ଭାବେ ସଦାଶିବ ବେମାଲ, ଲବଣୀ ଗୋପାଳ, ପଙ୍କଜ ନାଗ ଓ କୋଷାଧ୍ୟକ୍ଷ ଭାବେ ଧନେଶ୍ୱର ଚଳାନ ନିଦ୍ୱର୍ନ୍ଦ୍ୱରେ ଚୟନ ହୋଇଛନ୍ତି।



# ‘ଫୁଲ ପାଖୁଡ଼ାରେ ଶୀତ’ ଉନ୍ମୋଚିତ



ଭବାନୀପାଟଣା, ୧୦।୬ (ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ପ୍ରିୟପତ୍ର ପକ୍ଷରୁ ଗାଳ୍ପିକା ରଶ୍ମି ରଞ୍ଜିତା ସିଂହଙ୍କ ଗଳ୍ପ ସଂକଳନ ‘ଫୁଲ ପାଖୁଡ଼ାରେ ଶୀତ’ ଉନ୍ମୋଚିତ ହୋଇଛି। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଡକ୍ଟର ହେମନ୍ତ ଛୋଟରାୟ, ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ଦୟାନିଧି ତ୍ରିପାଠୀ, ପୌର୍ଣ୍ଣମାସୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରକୁ ପ୍ରବାସିନୀ ମିଶ୍ର ଏବଂ ଆରତୀ ଜେ ଦାସ ସଂଯୋଜନା କରିଥିଲେ। ମହେନ୍ଦ୍ର ଦାଶ, କଳ୍ପନା ମିଶ୍ର, ସତ୍ୟଭାମା ନାୟକ, ସନ୍ନ୍ୟାସୀ ନାୟକ, ଯୋଗେଶ୍ୱର ନାୟକ, ସଦାଶିବ ମିଶ୍ର, ଶୁଭଶ୍ରୀ ସିଂହ, ପ୍ରତିଭା ଦାଶ, ଚନ୍ଦ୍ରଶେଖର ମହାରାଣା, ବିଚିତ୍ରାନନ୍ଦ ମହାପାତ୍ର, ବିଜୟ ପଣ୍ଡା, ମହାମାୟା ତେଜାନୀ, ସରୋଜିନୀ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ଡମ୍ବ ସମାଜର ସାଂଗଠନିକ ବୈଠକ



**କୋକସରା, ୧୦।୬(ସମିସ) :** କୋକସରା ବ୍ଲକ ସଦର ମହକୁମାସ୍ଥିତ ଧାନ ମଣ୍ଡିଠାରେ କୋକସରା ବ୍ଲକସ୍ତରୀୟ ଆଞ୍ଚଳିକ ଡମ୍ବ ସମାଜର ସାଂଗଠନିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ବନମାଳୀ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେବାନନ୍ଦ ନାଏକ, ଗୋବର୍ଦ୍ଧନ ବାଗ, ମାର୍କଣ୍ଡ ବେମାଲ, ହିରାଲାଲ ବାଗ, ବଳରାମ ବାଗ, ସମ୍ପାଦକ ଧବଳେଶ୍ୱର ନାଗ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବ୍ଲକର ୨୨ ଗୋଟି ପଞ୍ଚାୟତରୁ ସମାଜର ପଞ୍ଚାୟତସ୍ତରୀୟ ସଭାପତି, ସମ୍ପାଦକ, କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ କୋକସରା ଓ କାଉଡୋଲାଠାରେ ଅର୍ଦ୍ଧ ନିର୍ମିତ ଥିବା ସମାଜ ଭବନ କାର୍ଯ୍ୟ ସମ୍ପନ୍ନ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଉପସଭାପତି ଭାବେ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ଭାବେ ଖଗେଶ୍ୱର ପାଣିଗ୍ରାହୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ଦୁର୍ଗାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ନୂତନ ଭାବେ ଦାୟିତ୍ୱ ନେଇଥିବା ପଦାଧିକାରୀ ଦେବାନନ୍ଦ ନାଏକ ଶପଥ ପାଠ କରାଇଥିଲେ। ଗୋବର୍ଦ୍ଧନ ବେମାଲ ଓ ବୈକୁଣ୍ଠ ଜାଲ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ କ୍ଷେତ୍ରରାମ ପାତ୍ର, ଅଜୟ ଦୀପ, ଯୁଗେଶ୍ୱର ବେଶ୍ରା, ଉଗ୍ରସେନ ବାଗ, ରାମଚନ୍ଦ୍ର ପାଣିଗ୍ରାହୀ, କୌଶିକ ଦୁଆରୀ, ରତ୍ନାକର ବେମାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ମଣ୍ଡି ପରିଦର୍ଶନ

**କୋକସରା, ୧୦।୬(ସମିସ):**

ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମଙ୍ଗଳବାର କୋକସରା ବ୍ଲକର ମୋଟେର ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ତେବେ ତାଙ୍କ ମଣ୍ଡି ପରିଦର୍ଶନରେ ଦଳୀୟ କର୍ମୀମାନେ ଫଟୋ ଉଠାଇ ଖୁସ୍ ହୋଇଥିବାବେଳେ ଚାଷୀ କିନ୍ତୁ ନିରାଶ। ଯାହା ଏବେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ମଣ୍ଡି ପରିଦର୍ଶନକୁ ନେଇ ଚର୍ଚ୍ଚା ଯୋର ଧରିଛି। ଗତ କିଛି ଦିନ ହେଲା କୋକସରା ଅଞ୍ଚଳରେ ବର୍ଷା ଲାଗି ରହିଛି। ଅନେକ ଚାଷୀଙ୍କ ଧାନ କଟା ହୋଇ କ୍ଷେତରେ ଥିବାବେଳେ ବିକ୍ରି ନିମନ୍ତେ ଟୋକନ ପାଇଥିବା ଚାଷୀ ମଣ୍ଡିକୁ ଆଣି ରଖିଛନ୍ତି। ଆଉ କିଛି ଚାଷୀ ମଣ୍ଡିକୁ ଆଣି ନ ପାରି ଜାତୀୟ ରାଜପଥ ଉପରେ କଷ୍ଟ ଉପାର୍ଜିତ ଧାନକୁ ରଖିଛନ୍ତି। ଏଣେ ମୋଟେର ମଣ୍ଡି ଧିମାରେ ଚାଲିଛି। ପାଖାପାଖି ୩ ହଜାର କୁଇଣ୍ଟାଲରୁ ଅଧିକ ଧାନ ମଣ୍ଡିରେ ପଡ଼ିଛି। ବର୍ଷା ଯୋଗୁଁ ଅନେକ ଚାଷୀଙ୍କ ଧାନ ଭିଜି ଯାଇଛି। ତେଣୁ ଶୀଘ୍ର ଧାନ ଉଠାଣ ଓ ଟାର୍ଗେଟକୁ ନେଇ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କୁ ଚାଷୀ କହିଥଲେ ସେ କିନ୍ତୁ ଚାଷୀଙ୍କ କଥାକୁ ଗୁରୁତ୍ୱ ନ ଦେଇ ତରତର ହୋଇ ଚାଲି ଯାଇଥିଲେ। ଶ୍ରୀ ସାହୁ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପାଇଁ ଆସିଥିଲେ ନାଁ ଚାଷୀଙ୍କ ଦୁଃଖ ବୁଝିବା ପାଇଁ ଆସିଥିଲେ ବୋଲି ଅନେକ ଚାଷୀ ଆଲୋଚନା ଆରମ୍ଭ କରିଥିଲେ। ଏମିତି କି ଅଞ୍ଚଳର ଚାଷୀ ଓ ସାଧାରଣ ଜନତା ଅସନ୍ତୋଷ ବ୍ୟକ୍ତ କରିବା ସହ ଏମାନେ କୃଷକଙ୍କ ହିତପାଇ ନୁହଁ ବରଂ ନିଜର ପ୍ରଚାର ପ୍ରସାର ପାଇଁ ଆସିଥିଲେ ବୋଲି ମତବ୍ୟକ୍ତ କରିଛନ୍ତି।



## ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

# ତାଲିକାରେ ୨୪ ଶହ ଗ୍ରୁପ୍; ଯୋଗଦେଲେ ମାତ୍ର ୧୩

ନିଆଳି,୧୦।୬(ସମିସ):

ନିଆଳି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମଙ୍ଗଳବାର ନିଆଳି ସ୍ଥିତ ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନିଆଳି ବ୍ଲକରେ ୨୪ ଶହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ରହିଥିବା ବେଳେ ଏହି ପ୍ରତିଯୋଗିତାରେ ମାତ୍ର ହାତଗଣତି ୧୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦେଇଥିଲେ। ଯାହାକୁ

**ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରତିଯୋଗିତା ଆୟୋଜନ କରାଯାଉଥିବା ଅଭିଯୋଗ**

ନେଇ ନିଆଳି ବ୍ଲକର ଅଧିକାଂଶ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାଯାଇଛି। ନିଆଳି ବ୍ଲକରେ ୨୩ଟି ପଞ୍ଚାୟତ ରହିଥିବା ବେଳେ ପ୍ରତ୍ୟେକ ପଞ୍ଚାୟତରୁ ଗୋଟିଏ ଲେଖାଏଁ ଗ୍ରୁପ୍ ଯୋଗଦେଇଥିଲେ ୨୩ଟି ଗ୍ରୁପ୍ ଯୋଗ ଦେଇଥାନ୍ତା। ମାତ୍ର ଏହି ପ୍ରତିଯୋଗିତାରେ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବାରୁ ୨୩ଟି ପଞ୍ଚାୟତ ମଧ୍ୟରୁ ମାତ୍ର ୮ଟି ପଞ୍ଚାୟତରୁ ମାତ୍ର ୧୩ଟି ଗୋଷ୍ଠୀ ଯୋଗଦେଇଥିବା ଚର୍ଚ୍ଚା ହେଉଛି। ଏହି ପ୍ରତିଯୋଗିତାରେ ନିଆଳି ପୂର୍ବଖଣ୍ଡର ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ, ନିଆଳି ପୂର୍ବଖଣ୍ଡ ମା କୁତାମଚଣ୍ଡୀ ସ୍ୱୟଂ ସହାୟିକା ଗୋଷ୍ଠୀ, ନିଆଳି ଗାୟାସାହିର ବିଶ୍ୱକଲ୍ୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, ନିଆଳି ବାରଗୋଡିଆର ମା' ବାଲ୍ୟମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବିଳାସୁଣୀର ମହାବୀର ସ୍ୱୟଂ ସହାୟିକା ଗୋଷ୍ଠୀ, ବିନିଶପୁରର କନକ ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ, ଏରଞ୍ଚର ଦଧିଭଦ୍ରା ସ୍ୱୟଂ ସହାୟିକା ଗୋଷ୍ଠୀ, ଏକବେରୁଆଁର ମା ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ, ବିଳାସୁଣୀ ପଞ୍ଚାୟତର ବିନାୟକ ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷ୍ଣପ୍ରସାଦର ବାବା ମୁକ୍ତେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ, ବାହାରଣା ପଞ୍ଚାୟତର ଗୋରେଖନାଥ ସ୍ୱୟଂ ସହାୟିକା ଗୋଷ୍ଠୀ, ଶଗଡାଇଲୋ ପଞ୍ଚାୟତର ବାବା ବଟଗୋସାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦେଇଥିବା ବେଳେ ପାରମ୍ପରିକ ଖାଦ୍ୟ ମଣ୍ଡାପିଠା, କ୍ଷୀରି, ମସଲା ପନୀର ପକୋଡା, କ୍ଷୀରଗଇଣ୍ଠା, ଗୁପ୍‌ଚୁପ୍, ପୁରୀ, ସୁଜି ହାଲୁଆ, ଚୁଡାଘଷା, ପକୁଡି, ସରୁଚକୁଳି, କାକରା, ବରା, ଚଟଣୀ ଇତ୍ୟାଦି ଖାଦ୍ୟ ପ୍ରତିଯୋଗିତାରେ ସ୍ଥାନ ପାଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଏରଞ୍ଚର ଦଧିଭଦ୍ରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫ ହଜାର ଟଙ୍କା ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଳାସୁଣୀ ମହାବୀର ସ୍ୱୟଂ ସହାୟିକା ଗୋଷ୍ଠୀକୁ ୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ବିଡିଓ ଧର୍ମରଞ୍ଜନ ପଣ୍ଡା, ଏବିଡିଓ ପଲ୍ଲବୀ ରାଉତ, ସହକାରୀ ଯନ୍ତ୍ରୀ ରାମରତନ ଭୂୟାଁ ଓ ମହିଳା ଶିଶୁ ବିକାଶ ଅଧିକାରିଣୀ ସଂଯୁକ୍ତା ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଏରଞ୍ଚର ଦଧିଭଦ୍ରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବାରବାଟୀ ପ୍ୟାଲେସ୍‌ରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବା ପାଇଁ ମନୋନୀତ ହୋଇଛି।



## ସାନ୍ତପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ



ନିଶ୍ଚିନ୍ତକୋଇଲି,୧୦।୬(ସମିସ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସାନ୍ତପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଡାକ୍ତର ଏବଂ ତାଙ୍କ ସହଯୋଗୀମାନେ ଠିକ୍ ସମୟରେ ଆସୁ ନ ଥିବାରୁ ବହୁ ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ସକାଳ ୮ଟାରୁ ଖୋଲାଯିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିଲା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ଟା ପୂର୍ବରୁ କେହି ଆସୁ ନ ଥିବା ଜଣାଯାଇଛି। ମଙ୍ଗଳବାର ୨୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ଚିକିତ୍ସା ପାଇଁ ଆସିଥିଲେ ମଧ୍ୟ ସେବା ପାଇବା ପାଇଁ ତାଙ୍କୁ ୨ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ବର୍ତ୍ତମାନ ବହୁ ଲୋକ ଥଣ୍ଡା, ସର୍ଦ୍ଦି, କାଶ ଓ ଜ୍ୱରରେ ପୀଡ଼ିତ ହୋଇଥିବାରୁ ସେମାନେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ସେବା ପାଇଁ ଆସୁଥିଲେ ମଧ୍ୟ ବହୁ ସମୟ ଧରି ଡ଼ାକ୍ତରଙ୍କୁ ଅପେକ୍ଷା କରି ରହୁଥିବା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଆଟେଣ୍ଡାଣ୍ଟଙ୍କୁ ପଚାରିବାରୁ, ଗାଡ଼ି ଖରାପ ହୋଇଥିବାରୁ ଡାକ୍ତର ଡ଼େରିରେ ଆସୁଥିବା ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ଘଟଣାର ସତ୍ୟତା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅସହାୟ ମହିଳାଙ୍କ ଦିବ୍ୟାଙ୍ଗ ପୁତ୍ରର ଶବଦାହ କରାଇଲେ ସରପଞ୍ଚ

ନିଶ୍ଚିନ୍ତକୋଇଲି,୧୦।୬(ସମିସ): ଅସୁରେଶ୍ୱର ପଞ୍ଚାୟତ ୧ନଂ ୱାଡର୍ କୂଳଗାଁଇଶାଳୋ ଗ୍ରାମରେ ବିଧବା ବାସନ୍ତୀ ଖଟୁଆ ଏବଂ ତାଙ୍କ ରୋଗୀଣା ଦିବ୍ୟାଙ୍ଗ ପୁତ୍ର ପ୍ରକାଶ ଖଟୁଆ ବାସ କରନ୍ତି। ଅନ୍ୟ ଜଣେ ପୁତ୍ର ଥିଲେ ମଧ୍ୟ ସେ ତାଙ୍କ ଶଶୁର ଘରେ ରହନ୍ତି। ଏହି ପରିବାରଟି ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ରୋଗୀଣା ପୁଅକୁ ନେଇ ବିଧବା ଜଣକ କଷ୍ଟେମଷ୍ଟେ ତେଲ ଲୁଣର ସଂସାରକୁ ଚଳାଇଥାନ୍ତି। ଦୀର୍ଘ ଦିନ ହେବ ଦିବ୍ୟାଙ୍ଗ ପ୍ରକାଶ ଚର୍ମରୋଗ ସହ କାମଳା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ହଠାତ୍ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଏ ସଂକ୍ରାନ୍ତରେ ସ୍ଥାନୀୟ ୱାଡର୍ ସଭ୍ୟଙ୍କ ପ୍ରତିନିଧି ଦୀପକ କୁମାର ପଣ୍ଡା ସରପଞ୍ଚ ଗୌତମୀ ଦାସଙ୍କୁ ଅବଗତ କରାଇଥିଲେ। ଶ୍ରୀମତୀ ଦାସ ଏହି ମୃତ୍ୟୁ ଖବର ପାଇ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଦେବା ପାଇଁ ତାଙ୍କର ପ୍ରତିନିଧି ଅନନ୍ତ କୁମାର ଦାସଙ୍କୁ ସମ୍ପୃକ୍ତ ବିଧବାଙ୍କ ଘରକୁ ପଠାଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ଶ୍ରୀ ଦାସ ବିଧବା ଘରେ ଯାଇଁ ଦେଖନ୍ତି କି ମୃତ ଦିବ୍ୟାଙ୍ଗ ପୁତ୍ରର ଶବ ବହୁ ସମୟ ଧରି ପଡ଼ି ରହିଛି। ବିଧବା ଜଣକ ଶବ ସତ୍କାର ପାଇଁ ପାଖ ପଡ଼ୋଶୀଙ୍କୁ କହିଥିଲେ ମଧ୍ୟ କେହି ତାଙ୍କ ଘରକୁ ଆସି ନ ଥିଲେ। ଏ ସଂକ୍ରାନ୍ତରେ ବିଧବା ଜଣକ କହିବା ପରେ ଶ୍ରୀ ଦାସ ପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି ଅରୁଣ ମିଶ୍ର, ନାଏବ ସରପଞ୍ଚ ରବୀନ୍ଦ୍ର ପରିଡ଼ା ଅନ୍ୟ ଜଣେ ୱାଡର୍ ସଭ୍ୟ ହଳଧର ମଳିକ, ସ୍ୱେଚ୍ଛାସେବୀ ଅନୁପ କୁମାର ରଥ, ଦିଲ୍ଲୀପ କୁମାର ଘଡ଼ାଇ, ମହେନ୍ଦ୍ର ମହାନ୍ତି, ଭଗବାନ ପଣ୍ଡା, ଅଶୋକ ଶ୍ରୀପଦ ପଣ୍ଡା, ଭିକାରୀ ଦାସଙ୍କୁ ଡ଼କାଇ ନିଜେ ବିଳମ୍ବିତ ରାତିରେ ଶବକୁ ନେଇ ସମସ୍ତ ଖର୍ଚ୍ଚ କରି ଗ୍ରାମ ଶ୍ମଶାନରେ ଦାହ କରିଥିଲେ। ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ବଡ଼ଭାଇଙ୍କୁ ତାଙ୍କ ଶଶୁର ଘରୁ ମଧ୍ୟ ଡ଼କାଇଥିଲେ। ଶେଷକୃତ୍ୟ ସମ୍ପନ୍ନରେ ବଡ଼ଭାଇ ଟୁବୁ ମୁଖାଗ୍ନି ଦେଇଥିଲେ।

## ରାଜପଥପାର୍ଶ୍ୱରୁ ମୃତଦେହ ଉଦ୍ଧାର

ଟାଙ୍ଗୀ,୧୦।୬(ସମିସ): ମଙ୍ଗଳବାର ଅପରାହ୍ନରେ ୧୬ନଂ ଜାତୀୟ ରାଜପଥ ପାଶ୍ୱର୍ ଟାଙ୍ଗୀ ଥାନା ହରିଅନ୍ତା ନିକଟରୁ ଏକ ଅଜଣା ବ୍ୟକ୍ତିର ମୃତଦେହ ପୁଲିସ ଉଦ୍ଧାର ପୂର୍ବକ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୨ ଓ କେହି ଦୁର୍ବୃତ୍ତ ଅନ୍ୟତ୍ର ହତ୍ୟାକରି ଏଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଏହି ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ଉପରୁ ପରଦା ହଟିବ ବୋଲି ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ମା'ଜାଗୁଲାଇ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ନାଟକ ମଞ୍ଚସ୍ଥ



ନରସିଂହପୁର,୧୦।୬(ସମିସ): ଲେହେଙ୍ଗ ମା'ଜାଗୁଲାଇ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ହରଷ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ତାର ଛୋଟ ବଡ଼ କଳାକାରମାନଙ୍କୁ ନେଇ ଏ ବର୍ଷ ସାମାଜିକ ନାଟକ "ମାୟା ନଗରୀରେ ମିଛ ବନ୍ଧନ' ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟଅତିଥି ରୂପେ ରାଜ୍ୟ ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ବଡମ୍ବା ନରସିଂହପୁରର ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିବା ବେଳେ ଯୁବ ବିଜୁ ଜନତା ଦଳର ସଭାପତି ନିର୍ମଳ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମା' ଜାଗୁଲାଇ ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ଦେବୀପ୍ରସାଦ ମିଶ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଭିନ୍ନ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ନରସିଂହପୁର,୧୦।୬(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ଚତରାପଦା ଗ୍ରାମର ସଜନପୁର ସାହିର ପୂଜା ସିଂ (୨୨) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ଖବର ପାଇ ପୁଲିସ ପହଞ୍ଚି ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ପୂଜା ଆତ୍ମହତ୍ୟା କରିଛନ୍ତି ବୋଲି ସୂଚନା ମିଳିଛି। ଏନେଇ ନରସିଂହପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ନରସିଂହପୁର ଥାନା ପୁଲିସ ପୂଜାଙ୍କ ସ୍ୱାମୀ ସୁଦର୍ଶନ ସିଂକୁ ଅଟକ ରଖିଛନ୍ତି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଡାକ୍ତରଖାନାକୁ ପଠାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୧୦।୬(ସମିସ): କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିବା ନିମାଇଁଚରଣ ସାହୁଙ୍କୁ ସ୍କୁଲ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ସାମଲ ଅବସର ଗ୍ରହଣ କରିବା ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ସାହୁ ଏହ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ନେଇଛନ୍ତି। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁଚିସ୍ମିତା ରଥ, କାର୍ଯ୍ୟାଳୟ ସହକାରୀ ଦୀପ୍ତିଭାନୁ ପଟ୍ଟନାୟକ ଓ ଶିକ୍ଷା କର୍ମଚାରୀ ଶୈଳେନ୍ଦ୍ର ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟିର ସଭ୍ୟସଭ୍ୟା ଶ୍ରୀ ସାହୁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପରେ ବିଦ୍ୟାଳୟରେ କିଭଳି ଉଚ୍ଚକୋଟୀର ଶିକ୍ଷାଦାନ କରାଯିବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ସଠିକ୍ ସମୟରେ କରାଯିବା ଏବଂ ସ୍କୁଲ ପରିଚାଳନାରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଯନ୍ତ୍ରଣା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,୧୦।୬(ସମିସ): ନିଶ୍ଚିନ୍ତକୋଇଲି ଥାନା ବଡ଼କ୍ଷୀର ପଞ୍ଚାୟତ କାଚରାପାଟଣା ଗ୍ରାମର ପ୍ରଗତି ଚାନ୍ଦଙ୍କ ପତ୍ନୀ ଅଞ୍ଜନା ଚାନ୍ଦ (୪୮) ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଅସହ୍ୟ ରୋଗ ଯନ୍ତ୍ରଣା ସହି ନ ପାରି ମଙ୍ଗଳବାର ସକାଳେ ମହିଳା ଜଣଙ୍କ ତାଙ୍କ ଗୁହାଳ ପାଖରେ ଥିବା ଛଣ ଚାଳିରେ ବେକରେ ରଶି ଲଗାଇ ଦେଇଥିଲେ। ପରିବାର ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ଯୁବନେତା ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ସମେତ ବହୁ ନେତୃବୃନ୍ଦ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନପୁଅ ନରେଶ ଚାନ୍ଦ ମୁଖାଗ୍ନି ଦେଇଥିଲେ।

## ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ ଦାବି



ନରସିଂହପୁର,୧୦।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ପୁରୁଷୋତ୍ତମପୁର କଳିକା ମନ୍ଦିରଠାରୁ କାଠଖୁଣ୍ଟ ସ୍କୁଲ ପର୍ଯ୍ୟନ୍ତ ଯାଇଥିବା ଉଭୟ ପାଶ୍ୱର୍ର ସରକାରୀ ଜାଗା (ରାସ୍ତା) କୁ କିଛି ଲୋକ ଜବରଦଖଲ କରି ରଖିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଜବରଦଖଲକାରୀଙ୍କୁ ହଟାଯାଉ ନାହିଁ। ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ସରକାରୀ ଜାଗା ଚିହ୍ନଟ କରି ଜବରଦଖଲକାରୀଙ୍କୁ ଉଚ୍ଛେଦ ଦାବିରେ ପୁରୁଷୋତ୍ତମପୁର ଗ୍ରାମର ଶତାଧିକ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ବିଶ୍ୱରଂଜନ ବିଶ୍ୱାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବଦଳୁଛି ଦେଓଝରର ଜଳପ୍ରପାତର ରୂପରେଖ



ନରସିଂହପୁର,୧୦।୬(ସମିସ): ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରାଙ୍କ ପ୍ରଚେଷ୍ଟାରେ ବଦଳୁଛି କଟକ ଜିଲ୍ଲା ନରସିଂହପୁର ଦେଓଝର ଜଳ ପ୍ରପାତର ରୂପରେଖ। ଜଳ ପ୍ରପାତ ନିକଟକୁ ସଂଯୋଗୀକରଣ ପାଇଁ ନୂଆବ୍ରିଜ, ମାଟି ରାସ୍ତା, ପର୍ଯ୍ୟଟନ ଋତୁରେ ଜଳ ପ୍ରପାତ ନିକଟକୁ ବ୍ୟାଟେରୀ ଚାଳିତ ଗାଡି ଚଳାଚଳ ନେଇ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ଓଲବ ଅଞ୍ଚଳର ଭୌଗଳିକ ଚିତ୍ରକୁ ବଦଳାଇ ଯୁବକଙ୍କୁ ରୋଜଗାର ଦେବାକୁ ନୂଆ ବିଧାୟକ ଶ୍ରୀ ଦଳବେହେରା ଉଦ୍ୟମ ଜାରି ରଖିଛନ୍ତି। ଭିନ୍ନକ୍ଷମ, ବୃଦ୍ଧ ବୃଦ୍ଧା ସମସ୍ତେ କିଭଳି ଏହି ପର୍ଯ୍ୟଟନ ସ୍ଥଳକୁ ଉପଭୋଗ କରିବେ ସେ ନେଇ ବିଧାୟକ ବ୍ଲୁପ୍ରିଣ୍ଟ କରିଛନ୍ତି।

## ଜେକେପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ରେଡ୍‌ଡ୍ରାଗନ୍ ଚାମ୍ପିଅନ

ଚୌଦ୍ୱାର,୧୦।୬(ସମିସ): ଚୌଦ୍ୱାର ଯଯାତି କେଶରୀ କ୍ଲବ ପରିସରରେ ଯଯାତି କେଶରୀ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ଏହି ଲିଗ ମ୍ୟାଚରେ ଆଖପାଖ ଅଞ୍ଚଳର ୮ଟି ଟିମ ଯୋଗଦେଇ ୪୦ଟି ମ୍ୟାଚ୍ ଖେଳିଥିଲେ। ଫାଇନାଲ ମ୍ୟାଚ୍ ରେଡ ଡ୍ରାଗନ ଓ ମା' ମଙ୍ଗଳା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଡ ଡ୍ରାଗନ ନିର୍ଦ୍ଧାରିତ ୫ ଓଭରରେ ୩୨ ରନ ସଂଗ୍ରହ କରିଥିବା ବେଳେ ମା' ମଙ୍ଗଳା ମାତ୍ର ୨୯ରନରେ ସୀମିତ ରହିଥିଲା। ଫଳରେ ରେଡ ଡ୍ରାଗନ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ କାଉନସିଲର ବିଜୟ ମଲ୍ଲିକ, ଆଶୁତୋଷ ଦାସ, ଚାରବାଟିଆ ବଜାର ସଭାପତି ପ୍ରଶାନ୍ତ ବରାଳ, ଲୋକନାଥ ସାହୁ, ନୀଳମଣି କର, ବିଜେପି ନେତା ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପୌର ଉପାଧ୍ୟକ୍ଷ ତଥା ଜେକେପିଏଲର ସଭାପତି ଶୁଭେନ୍ଦୁ ସାମଲ ଚାମ୍ପିଅନ ଦଳକୁ ୨୫ ହଜାର ନଗଦ ଅର୍ଥ ସହିତ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୫ ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଟେଙ୍ଗେଟେଙ୍ଗେ ବିନ୍ଧାଣି ଓ ଡ୍ୟାନସିଂ ପିଣ୍ଟୁ ଡାଇବୁ ସମସ୍ତ ଖେଳ ପରିଚାଳନା କରିଥିଲେ।




## ରଥଯାତ୍ରା ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ



ଚୌଦ୍ୱାର, ୧୦।୬(ସମିସ):

ଚୌଦ୍ୱାର ଚାରବାଟିଆସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ସୁପରିଚାଳନା ଓ ସମନ୍ୱୟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଠାକୁର ରାଜା ତଥା ମହାପ୍ରଭୁଙ୍କ ଆଦ୍ୟସେବକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ୧୩ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ସମସ୍ତ ସହଯୋଗ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ବଡ଼ଦାଣ୍ଡକୁ ଅବରୋଧ ମୁକ୍ତ କରାଇବା ସହିତ ନୂତନ ଆଲୋକୀକରଣ ବ୍ୟବସ୍ଥା, ୩୦ ଫୁଟ ଉଚ୍ଚତାର ନୂତନ ରଥ ନିର୍ମାଣ ସହିତ କାଶୀ ବିଶ୍ୱନାଥ ମନ୍ଦିରର ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ସମସ୍ତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସାମଲ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଶମ୍ଭୁନାଥ ସେଠୀ, ପ୍ରିୟଦର୍ଶିନୀ ଶତପଥି, ଆରଆଣ୍ଡବି ନିର୍ବାହୀ ଯନ୍ତ୍ରୀ ନିର୍ମଳ ପଣ୍ଡା, ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଶ୍ୱାଳ, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଦେହୁରୀ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ସ୍ୱାଇଁ, ଅଗ୍ନିଶମ ବିଭାଗ ଅଧିକାରୀ ବିଷ୍ଣୁପ୍ରସାଦ ଦାସ, ଫରେଷ୍ଟର ଭଗବାନ ପଲେଇ, ଚୌଦ୍ୱାର ଆରଆଇ ବର୍ଷାରାଣୀ ମହାନ୍ତି, ରଞ୍ଜନ ମହାନ୍ତି, ଇମ୍ପାର ଲୋକସଂପର୍କ ଅଧିକାରୀ ମାନସ ବସନ୍ତିଆ, ଅଭିଷେକ ଘୋଷ, ଚୌଦ୍ୱାର ଥାନା ଏସିପିଙ୍କ ପ୍ରତିନିଧି ସୌମ୍ୟଜିତ୍ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରଥଯାତ୍ରାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ସେବାୟତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୁଶୀଲ ଦାସ, ରଞ୍ଜନ ବାରିକ, ଆନ୍ତର୍ଜାତୀୟ ଚାରଣ ଗୋଷ୍ଠିର ଚୌଦ୍ୱାର ପ୍ରତିନିଧି ସରୋଜିନୀ ନାୟକ, କାଉନସିଲର ବିଜୟ ମଲ୍ଲିକ, ଟ୍ରଷ୍ଟି ସୁବ୍ରତ ସାମଲ, ସ୍ୱାଧୀନ ଦାସ, ଆଶୁତୋଷ ଦାସ, ଗୌରାଙ୍ଗ ଦାସ, ଅଜୟ ସ୍ୱାଇଁ, ବୈଷ୍ଣବ ପ୍ରଧାନ, ସହଦେବ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟି ମୀନକେତନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମା' ଯାଗେଶ୍ୱରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଫୁଲନଖରା,୧୦।୬(ସମିସ): ସଇନ୍ଧା-ବାଲିସାହି ଗ୍ରାମର ଆରାଧ୍ୟା ଦେବୀ ମା' ଜାଗେଶ୍ୱରୀଙ୍କ ପୀଠରେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞାବସରରେ ଅଙ୍କୁରାରୋପଣ, କଳସ ଶୋଭଯାତ୍ରା ଆଦି ଅନୁଷ୍ଠିତ ହେବା ସହ ଓଡ଼ିଶୀ କୀର୍ତ୍ତନ, ବ୍ରହ୍ମଜ୍ଞାନ ଭଜନ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ସଧାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ଭଳି ଯଜ୍ଞସ୍ଥଳକୁ କଳସ ଶୋଭାଯାତ୍ରା ହୋଇସାରିବା ପରେ ସଇନ୍ଧା ଗ୍ରାମର ଗୋପୀନାଥ ଦେବ ଏବଂ ବାଲିସାହି ଗ୍ରାମର ମଦନମୋହନ ଏକ ସୁସଜ୍ଜିତ ବିମାନରେ ଯଜ୍ଞସ୍ଥଳକୁ ଆସି ଉପବେଶନ କରିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ଶହ ଶହ ଭକ୍ତମାନଙ୍କ ସହ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦୁଇ ଗ୍ରାମର ମିଳିତ ସହଭାଗିତାରେ ଅନୁଷ୍ଠିତ ଏହି ଯଜ୍ଞଦ୍ୱାରା ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।





# ରାଜଧାନୀ ପରେ କଟକ

## ଡ୍ରଗ୍ସ କଣ୍ଟ୍ରୋଲ୍ ସ୍କ୍ୱାଡ୍‌ର ଛାନ୍‌ଭିନ୍

କଟକ, ୧୦।୬(ସମିସ)

ସହରରେ ଦିନକୁ ଦିନ ନିଶା ସାମଗ୍ରୀ କାରବାର ବଢ଼ିବାରେ ଲାଗିଛି। ମୁଖ୍ୟତଃ ଔଷଧ ଦୋକାନ ଗୁଡ଼ିକରେ ନିଶାଯୁକ୍ତ କଫ୍-ସିରପ୍ ଓ ବେଆଇନ ଗର୍ଭପାତ କିଟ୍ ବିକ୍ରି କରାଯାଉଛି। ଏସସିବି ମେଡିକାଲର ଆଖପାଖ ଅଞ୍ଚଳ ସମେତ ମର୍କତନଗର, ବାଦାମବାଡ଼ି ଭଳି ଅଞ୍ଚଳରେ ଏହି କାରବାର ଜୋରଦାର୍ ହେଉଥିବା ଉଭୟ ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଏବଂ କମିଶନରେଟ୍ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଆଜି ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ମଙ୍ଗଳାବାଗ ପୁଲିସ ଔଷଧ ଦୋକାନ ଗୁଡ଼ିକରେ ଚଢ଼ଉ କରିଥିଲେ। ରାଣୀହାଟ,

■ ବିପୁଳ ଗର୍ଭପାତ ବଟିକା ଜବତ
■ ଆଗୁଆ ସୂଚନା ପାଇ ଫିଙ୍ଗିଦେଲେ ଦୋକାନୀ

ଏସ୍‌ସିବି ନିକଟସ୍ଥ ମେଡିକାଲ ରୋଡ୍ ଓ କଲେଜଛକ ଅଞ୍ଚଳର ଔଷଧ ଦୋକାନଗୁଡ଼ିକରେ ଅନ୍‌ୱାଣ୍ଟେଡ୍ କିଟ୍ (ଗର୍ଭପାତ ବଟିକା), ନିଶାଯୁକ୍ତ କଫ୍ ସିରପ ଓ ବେଆଇନ ମେଡିସନ୍ ଅବାଧରେ ବିକ୍ରି କରାଯାଉଥିଲା। ତେବେ ଚଢ଼ଉ ସମୟରେ ଔଷଧ ଦୋକାନଗୁଡ଼ିକରୁ ବିପୁଳ ପରିମାଣରେ ଅନ୍‌ୱାଣ୍ଟେଡ୍ କିଟ୍ ଜବତ କରାଯାଇଛି। ଏଥିସହ ଦୋକାନୀଙ୍କଠାରୁ ମେଡିସନର କ୍ରୟ ବିକ୍ରୟ



ଚିଠା ଯାଞ୍ଚ କରାଯାଇଥିଲା। ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ ବିନା ଏହି ମେଡିସିନ ବିକ୍ରି କରିବାକୁ ସ୍କ୍ୱାଡ୍ ତାଗିଦ କରିଥିଲା। ଅନ୍ୟପଟେ ଚଢ଼ଉର ଆଗୁଆ ସୂଚନା ପାଇ ଔଷଧ ଦୋକାନୀ ନିଶାଯୁକ୍ତ କଫ୍ ସିରପ୍ ଦୋକାନରୁ ହଟାଇ ଦେଇଥିବା ଅଭିଯୋଗ ଉଠିଛି। ଏନେଇ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଧର୍ମଦେବ ପୁହାଣ କହିଛନ୍ତି ଯେ ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ବିକ୍ରି ହେଉଥିବା ଅଭିଯୋଗ ଥିବାରୁ ଏହି ଯାଞ୍ଚ କରାଯାଇଥିଲା। ମେଡିସିନ ଦୋକାନୀଙ୍କ ମେଡିକସିନ କିଣାବିଣାର ତଥ୍ୟକୁ ମଧ୍ୟ ଯାଞ୍ଚ କରାଯାଇଛି। ନିୟମ ମୁତାବକ ବିନା ଡାକ୍ତର ପରାମର୍ଶରେ ଅନ୍‌ୱାଣ୍ଟେଡ୍ କିଟ୍ କୌଣସି ଦୋକାନୀ ବିକ୍ରି କରି ପାରିବେ ନାହିଁ। ମୁଖ୍ୟତଃ ଅବିବାହିତ ମହିଳାମାନେ ବିନା ଡାକ୍ତର ପରାମର୍ଶରେ ଏହାକୁ ବ୍ୟବହାର କରୁଥିବାବେଳେ ତାଙ୍କ ଜୀବନ ବିପଦକୁ ଠେଲି ଦେଉଥିବା ଘଟଣା ସାମ୍ନାକୁ ଆସିବାରୁ ଏଭଳି ଯାଞ୍ଚ କରାଯାଇଛି। ଏଥିସହ ମେଡିସିନ ଦୋକାନୀଙ୍କୁ ସଚେତନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି କଟକ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ହରପ୍ରିୟା ମଲ୍ଲିକ କହିଛନ୍ତି ଯେ ଏହି କିଟ୍ ବ୍ୟବହାର କରିବା ବହୁ କ୍ଷତିକାରକ ଥିବାବେଳେ ବିନା ଡାକ୍ତର ପରାମର୍ଶରେ ବ୍ୟବହାର କରିବା ଓ ଏହାକୁ ବିକ୍ରି କରିବା ବେଆଇନ ରହିଛି। ଦୋକାନୀଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ସେ କହିଛନ୍ତି। ଯାଞ୍ଚ ସମୟରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଟିମ୍‌ର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି, ୨୦୧୬ ମାର୍ଚ୍ଚ ୧୦ରେ ଦେଶରେ କୋଡିନ୍ ଫସଫେଟ୍ ମିଶ୍ରିତ କଫ୍ ସିରପ୍ ପ୍ରସ୍ତୁତି ଓ ବିକ୍ରି ଉପରେ ନିଷେଧାଦେଶ ଜାରି ରହିଛି। ଏଥିରେ ନିଶାର ମାତ୍ରା ଅଧିକ ରହୁଥିବାରୁ ଏହା ଶରୀର ଉପରେ କୁପ୍ରଭାବ ପକାଉଛି। ସରକାରୀ ଭାବେ ଏହା ବନ୍ଦ ହୋଇଯିବା ପରେ କଟକରେ କଫ’ କମାଇବା ପାଇଁ ଏହାକୁ ସେବନ କରିବାକୁ ଡାକ୍ତର ପରାମର୍ଶ ଦେଉ ନାହାନ୍ତି। କିନ୍ତୁ ଏଥିରେ ଥିବା ନିଶାର ମାତ୍ରା ଏବେ ନିଶା ମାଫିଆଙ୍କ ପାଇଁ ବଡ଼ ବ୍ୟବସାୟର ମାଧ୍ୟମ ପାଲଟିଛି। ସହରର ବିଭିନ୍ନ ଔଷଧ ଦୋକାନରେ ୧୦୦ ଏମଏଲ୍ ‘କୋରେକ୍ସ କଫ୍ ସିରପ୍ ୧୨୩ରୁ ୧୪୫ ଟଙ୍କାରେ ମିଳିଯାଉଥିବା ବେଳେ ‘ୱିନିସେରେକ୍ସ କଫ ସିରପ୍ ୮୦ରୁ ୯୫ ଟଙ୍କା ଏବଂ ‘ଏସକଫ୍ କଫ ସିରପ୍’ ୮୨-୯୦ ଟଙ୍କାରେ ମିଳିଯାଉଛି। ଅଳ୍ପ ମୂଲ୍ୟରେ ଏହି କଫ୍ ସିରପ୍ ମିଳିଯାଉଥିବାରୁ ଏହାକୁ ବେଆଇନ ଭାବେ କମ୍ପାନି ପ୍ରସ୍ତୁତ କରି ଓଡ଼ିଶା ବଜାରକୁ ଚାଲାଣ କରୁଛି। ଏ ପ୍ରକାର ଔଷଧ କାରଖାନା ହିମାଚଳପ୍ରଦେଶ ଓ ମେଘାଳୟର ପାର୍ବତ୍ୟାଞ୍ଚଳରେ ପ୍ରସ୍ତୁତ ହେଉଛି। ସେଠାରୁ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଓ ଓଡ଼ିଶା ବଜାରକୁ ଚାଲାଣ ହେଉଛି। ପଶ୍ଚିମବଙ୍ଗରେ ପହଞ୍ଚିବା ପରେ ସେଠି କଲିକତାର କାଳୀଘାଟ ଅଞ୍ଚଳରେ ଥିବା ଗୋଦାମରେ ଠୁଳ ହେଉଛି। ସେଠାରୁ କଟକ-କଲିକତା ବସ୍ ଯୋଗେ କଟକ ଓଏମପି ଓ ବାଦାମବାଡ଼ି ବସଷ୍ଟାଣ୍ଡରେ ପହଞ୍ଚୁଛି। କଟକ ସହରରେ ଏହି ନିଶା କଫ୍-ସିରପ୍ ସାମଗ୍ରୀ ବେଆଇନ ଭାବେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଚଢ଼ଉ ଜୋରଦାର କରାଯିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲ୍ ବୋର୍ଡ ପକ୍ଷରୁ ସୂଚନା ମିଳିଛି।




୧୬ ନମ୍ବର ଜାତୀୟ ରାଜପଥର ବରମୁଣ୍ଡା ଫ୍ଲାଏଓଭର ଉପରେ ୪ଦିନ ହେଲା ଅଟକି ରହିଛି ବସ୍।

■ ଦୀର୍ଘ ବର୍ଷ ଅପେକ୍ଷାର ଅନ୍ତ

## ଏସ୍‌ସିବିକୁ ଆସିଲା ଅତ୍ୟାଧୁନିକ ସିଟି ସ୍କାନ ମେସିନ୍

କଟକ, ୧୦।୬(ସମିସ): ଦୀର୍ଘବର୍ଷ ଅପେକ୍ଷାର ଅନ୍ତ ଘଟିବା ସହ ଏସ୍‌ସିବି ମେଡିକାଲକୁ ଅତ୍ୟାଧୁନିକ ସିଟି ସ୍କାନ ମେସିନ ଅଣାଯାଇଛି। ସୋମବାର ବିଳମ୍ବିତ ରାତିରେ ଏହା ମେଡିକାଲରେ ପହଞ୍ଚିଥିଲା। ଆଞ୍ଚଳିକ ନିଦାନ କେନ୍ଦ୍ର(ଆରଡିସି)ରେ ଏହାକୁ ରଖାଯାଇଛି। ୫ଦିନ ଭିତରେ ଏହାକୁ ସଂସ୍ଥାପନ କରାଯିବ। ପରେ ଡ୍ରାଏରନ ଚାଲିବ। ସିଟି ସ୍କାନ ନେଇ ରୋଗୀ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହେବା ନିଶ୍ଚିତ ହୋଇଛି। ମେସିନ ଅଣାଯିବା ନିମନ୍ତେ ବିଗତ କିଛି ବର୍ଷ ହେବ ଯୋଜନା ଚାଲିଥିଲା। ଟେଣ୍ଡର କରାଯାଇଥିଲେ ସୁଦ୍ଧା ମେସିନ ଅଣାଯାଇ ପାରୁନଥିଲା। ଏହି ଘଟଣାକୁ ନେଇ ହାଇକୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ମେସିନ ଅଣାଯିବା ଦିଗରେ ଗୁରୁତ୍ୱ ଦେବାକୁ ଓଡ଼ିଶା ଷ୍ଟେଟ ମେଡ଼ିକାଲ କର୍ପୋରେସନ ଲିମିଟେଡ୍(ଓଏସ୍ଏମସିଏଲ) ଓ ବଡ ମେଡିକାଲର ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ତବଲା ଶବ୍ଦକୋଷ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୦।୬(ସମିସ): ତବଲା ବାଦକ ଓ ଲେଖକ କୁଳମଣି ସାହୁଙ୍କ ଲିଖିତ ପୁସ୍ତକ ‘ତବଲା ଶବ୍ଦକୋଷ’ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଡ଼ ହରମୋହନ ଖୁଣ୍ଟିଆ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସଚିଦାନନ୍ଦ ଦାସ ଓ ଡ଼ ବିଜୟ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଅର୍ପିତା ସାହୁଙ୍କ ଦ୍ୱାରା ଗୁରୁବନ୍ଦନା, ଗୁରୁ କିଶୋର କୁମାର ସାହୁଙ୍କ ଏକକ ତବଲା ବାଦନ, ଅସିତ ମହାପାତ୍ର ବଂଶୀ ବାଦନ, ବୁଦ୍ଧାଦିତ୍ୟ ପ୍ରଧାନ ସିତାର ପରିବେଷଣ କରିଥିଲେ। ଏହି ପୁସ୍ତକଟି ଭାରତର ପ୍ରାଚୀନ ଓ ପ୍ରତିଷ୍ଠିତ ଅବନଦ୍ଧ ବାଦ୍ୟଯନ୍ତ୍ରର ଧ୍ୱନି ବୈଭବ ଓ ଶବ୍ଦ ରଚନା ସାଙ୍ଗୀତିକ ଭାଷା କୁ ଉତ୍ସର୍ଗ କରାଯାଇଥିବା ଏକ ଅଦ୍ୱିତୀୟ ଅଭିଧାନ ଏହି ପୁସ୍ତକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପ୍ରେମୀ, ଶିକ୍ଷାର୍ଥୀ, ଶିକ୍ଷକ, ସଙ୍ଗୀତାନୁସନ୍ଧାନ କେନ୍ଦ୍ର ପାଇଁ ଏକ



ମାର୍ଗଦର୍ଶୀ ଗ୍ରନ୍ଥ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଜୟ କୁମାର ବିଶ୍ୱାଳ ପରିଚାଳନା କରିଥିଲେ।

## ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରୀନିବାସ କର୍ମଚାରୀଙ୍କ ୭ ଦଫା ଦାବି



ଭୁବନେଶ୍ୱର, ୧୦।୬(ସମିସ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରୀନିବାସ କର୍ମଚାରୀ ମହାସଂଘ ପକ୍ଷରୁ ଓଡ଼ିଶାର ୧୭ଟି ଜିଲ୍ଲାର ୱାର୍ଡେନ୍, ମେଟ୍ରୋନ୍, ରୋଷେୟାମାନଙ୍କର ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ପ୍ରଥମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାନେତ୍ରୀ ତିଳୋତ୍ତମା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସୁପ୍ରିମକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ପ୍ରଶାନ୍ତ ବର୍ମା, ରାଜ୍ୟ ଆବାହକ ଦିଗମ୍ବର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅନେକ ବର୍ଷ ହେବ ନିଯୁକ୍ତି ହୋଇଥିଲେ ମଧ୍ୟ ସିଧାସଳଖ ଭାବରେ ଦରମା ଦିଆ ନ ଯାଇ ଆଉଟ୍ ସୋର୍ସିଂରେ ରୋଷେୟା ଓ ମେଟ୍ରୋନ୍ ଏବଂ ୱାର୍ଡେନ୍ ଦିଆଯାଉଛି। ଦରମା ମଧ୍ୟ ନିୟମିତ ଭାବେ ପ୍ରତି ମାସରେ ଦିଆଯାଉନାହିଁ। ତେଣୁ ଓଡ଼ିଶାର ପ୍ରତ୍ୟେକ ଅନ୍ୱେଷା ହଷ୍ଟେଲ୍ ଗୁଡ଼ିକର କର୍ମଚାରୀମାନେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରେ ବେତନ ବୃଦ୍ଧି ସହିତ ପ୍ରତି ମାସରେ ନିୟମିତ ଭାବେ ଦରମା ପ୍ରଦାନ, ପ୍ରତି ମାସରେ ଇପିଏଫ୍ କଟାଯିବା ବ୍ୟବସ୍ଥା ଠିକ୍ ଭାବେ କରିବା, ବାର୍ଷିକ ୧୫ଦିନ ଛୁଟି ପ୍ରଦାନ, ଆଉଟସୋର୍ସିଙ୍ଗ ବ୍ୟବସ୍ଥା ବନ୍ଦ କରିବା ଏବଂ ବେତନ ସିଧାସଳଖ ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦାନ ଭଳି ୭ ଦଫା ଦାବି ଉପସ୍ଥାପନା କରିଥିଲେ। ଏହି ସମ୍ମିଳନୀରେ ସାଧାରଣ ସମ୍ପାଦିକା ରଶ୍ମିତା ଶତପଥୀ, ଶ୍ରୀୟାସ୍ମିତା ରାମ, ଭାରତୀ ନାୟକ, ମଧୁସୂଦନ ମହାପାତ୍ର, ରୁକ୍ମିଣୀ ଭୋଇ, ଯମୁନା ଶବର ପ୍ରମୁଖ ଯୋଗଦେଇ ନିଜ ନିଜର ଦାବି ଆଲୋଚନା କରିଥିଲେ।

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ ମିଳିତ ମଞ୍ଚ

ଭୁବନେଶ୍ୱର, ୧୦।୬(ସମିସ)

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ନବୋଦୟ ଯୁବ ସଂଗଠନର ସମ୍ମିଳନୀ କକ୍ଷରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିଟ୍‌ଫଣ୍ଡ ଠକାମୀର ଶିକାର ହୋଇଥିବା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ଏଯାଏଁ କୌଣସି ପଦକ୍ଷେପ ନେଇ ନ ଥିବା କହି କ୍ଷୋଭ ପ୍ରକାଶ କରିଛି ମିଳିତ ମଞ୍ଚ। ଏନେଇ ଦୁଇ ଥର ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଛୋଟ ବଡ଼ ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦେବାର ପ୍ରତିଶ୍ରୁତି ଦୋହରାଇଥିଲେ ବି ସରକାର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନ ନେବା ବିଡ଼ମ୍ବନା ଦାୟକ ବୋଲି ସଭାରେ ମତ ପ୍ରକାଶ ପାଇଛି। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ପକ୍ଷରୁ ଯେଉଁସବୁ ଦାବି ଉପସ୍ଥାପିତ ହୋଇଆସିଛି ସେଥିମଧ୍ୟରୁ ତହସିଲ୍ ଜରିଆରେ ପ୍ରତ୍ୟେକ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା, ଚିହ୍ନିତ ଅସାଧୁ ସଂସ୍ଥା ବିରୋଧରେ ତ୍ୱରିତ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ମନିଟ୍ରେଲ୍ କରି ଜମାକାରୀଙ୍କ ଟଙ୍କା ଉଦ୍ଧାର କରି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ଭଳି ଦାବି ଉପସ୍ଥାପନା କରାଯାଇଛି। ଏହି ଦାବି ଭିତ୍ତିରେ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ରାଜ୍ୟର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ରାଜରାସ୍ତାକୁ ବାହାରିବାକୁ ବାଧ୍ୟ ହେବେ ବୋଲି ମିଳିତ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜମାକାରୀ ମିଳିତମଞ୍ଚର ରାଜ୍ୟ ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଅନ୍ୟତମ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।




ବଡ଼ ମେଡିକାଲରେ ରୋଗୀସେବା ଓଲଟାପାଲଟା

## ଲିଫ୍ଟ ଅଚଳ; ଶିଡ଼ିରେ ବୁହା ହେଉଛନ୍ତି ରୋଗୀ



କଟକ, ୧୦।୬(ସମିସ): ବଡ଼ ମେଡିକାଲରେ ରୋଗୀଙ୍କୁ ଉପଯୁକ୍ତ ସୁବିଧାସୁଯୋଗ ମିଳୁନାହିଁ। ରୋଗୀ ସେବା ସମ୍ପୂର୍ଣ୍ଣ କାମଚଳା ଢ଼ଙ୍ଗରେ ଚାଲିଛି। ଯାହାର ନଗ୍ନ ଚିତ୍ର ନିୟମିତ ଦେଖିବାକୁ ମିଳିଲାଣି। ଷ୍ଟ୍ରେଚର ସଙ୍କଟ ଯୋଗୁଁ ରୋଗୀଙ୍କୁ କାନ୍ଧରେ ବୋହିବାକୁ ପଡୁଛି। ବ୍ୟାଟେରୀ ଗାଡ଼ି ଅଭାବ ଯୋଗୁଁ ରୋଗୀ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାତାୟତରେ ସମସ୍ୟା ଭୋଗୁଛନ୍ତି। ଇତି ମଧ୍ୟରେ ଆଜି ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଲିଫ୍ଟ ଅଚଳ ଯୋଗୁଁ ଜଣେ ଗୁରୁତର ରୋଗୀଙ୍କୁ ୪ ମହଲାରୁ ତଳକୁ ଆଣିବା ନିମନ୍ତେ ସମସ୍ୟା ହେବା ସହ ବିପଦଜନକ ଅବସ୍ଥାରେ ସିଡ଼ିରେ ବୋହି ଅଣାଯାଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ଭେଷଜ ବିଭାଗରେ ଘଟିଥିବା ଜଣାପଡ଼ିଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ରୋଗୀଙ୍କ ଜୀବନ ସହ ଖେଳ ଚାଲିଛି ବୋଲି ବିପିନ ବିହାରୀ ମଲ୍ଲିକ ନାମକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।

ବଡ଼ ମେଡିକାଲରେ ରୋଗୀ ସେବା ଦିନକୁ ଦିନ ପ୍ରଭାବିତ ହେବାରେ ଲାଗିଲାଣି। ବିଭିନ୍ନ କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଷ୍ଟ୍ରେଚର ସଙ୍କଟ ବିଗତ କିଛି ବର୍ଷ ହେବ ଲାଗି ରହିଥିଲେ ସୁଦ୍ଧା ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଆଜି ସାମାଜିକ ଗଣମାଧ୍ୟମରେ ହୋଇଥିବା ଅଭିଯୋଗ ଅନୁସାରେ, ଜଣେ ଗୁରୁତର ରୋଗୀଙ୍କୁ ୪ ମହଲାରୁ ତଳକୁ ଅଣାଯାଇଥାନ୍ତା। ହେଲେ ବିଭାଗର ଲିଫ୍ଟ ଅଚଳ ଯୋଗୁଁ କିଛି ଘଣ୍ଟା ରୋଗୀ ସମ୍ପର୍କୀୟ ଅପେକ୍ଷା କରି ରହିଥିଲେ। ମାତ୍ର ଅଚଳାବସ୍ଥା ଦୂର ନହେବାରୁ ବାଧ ହୋଇ ଷ୍ଟ୍ରେଚରରେ ବୋହି ତଳକୁ ଆଣିଥିଲେ। ବିପଦଜନକ ଅବସ୍ଥାରେ ରୋଗୀଙ୍କୁ ଅଣାଯାଉଥିବା ଫଟୋ ଭାଇରାଲ ହେଉଛି। ସମ୍ପୃକ୍ତ ରୋଗୀଙ୍କୁ ସିଡ଼ି ଦ୍ୱାରା ବୋହି ଅଣାଯିବା ବେଳେ ଯଦି କୌଣସି ଅଘଟଣ ଘଟିଥାନ୍ତା, ତାହେଲେ ଏଥି ପାଇଁ କିଏ ଦାୟୀ ରହିଥାନ୍ତା ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲରେ ବ୍ୟାଟେରୀ ଗାଡି ସମସ୍ୟା ଲାଗି ରହିଥିବା ଜଣାପଡ଼ିଛି। ଆଜି ହେମାଟୋଲୋଜି ଓପିଡି ନିକଟରେ କିଛି ରୋଗୀ ୱାର୍ଡକୁ ସ୍ଥାନାନ୍ତର ହେବା ନିମନ୍ତେ ଘଣ୍ଟାଏରୁ ଅଧିକ ସମୟ ଅପେକ୍ଷା କରି ରହିଥିଲେ ସୁଦ୍ଧା ବ୍ୟାଟେରୀ ଗାଡି ପହଞ୍ଚି ନଥିଲା। ରୋଗୀମାନେ ବାଧ ହୋଇ ଚାଲିଚାଲି ୱାର୍ଡକୁ ଯାଉଥିବା ଦେଖିବାକୁ ମିଳିଥିଲା। ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଗୋଟିଏ ୱାର୍ଡରୁ ଅନ୍ୟତ୍ର ନେବା ଆଣିବା କରିବା କିମ୍ବା କାଜୁଆଲିଟିରୁ ୱାର୍ଡକୁ ନେବା ନିମନ୍ତେ ବ୍ୟାଟେରୀ ଗାଡି ବ୍ୟବସ୍ଥା ଦୀର୍ଘ ୧୫ ବର୍ଷ ହେବ ଉପଲବ୍ଧ ରହିଛି। ଏହାର ରକ୍ଷଣାବେକ୍ଷଣା କରିବା ନିମନ୍ତେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଟେରୀ ଗାଡିର ସେବା ବାବଦରେ ଲୋକେ ସହଜରେ ଜାଣି ପାରିବା ନିମନ୍ତେ ମେଡିକାଲ ପରିସରରେ ୪ଟି ସହାୟତା କେନ୍ଦ୍ର ଖୋଲିଛି। ହେଲେ ମେଡିକାଲରେ ବ୍ୟାଟେରୀ ଗାଡିର ରକ୍ଷଣାବେକ୍ଷଣା ଠିକ୍ ଭାବେ କରାଯାଉ ନଥିବାରୁ ରୋଗୀ ସମସ୍ୟା ବହୁଗୁଣିତ ହେବାରେ ଲାଗିଛି।

## ଆଜି ହାତୀବେଶ ଧାରଣ କରିବେ ମହାପ୍ରଭୁ



ପୁରୀ, ୧୦।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ହାତୀବେଶ (ଗଜାନନ ବେଶ) ଧାରଣ କରିବେ ମହାପ୍ରଭୁ। ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ବେଶ ନିର୍ମାଣ ମଙ୍ଗଳବାର ଶେଷ ହୋଇଛି। ବୁଧବାର କାହାଳୀ, ଘଣ୍ଟ ଆଦି ବାଜି ଶ୍ରୀମନ୍ଦିରକୁ ଯିବ ଏହି ବେଶ। ସ୍ନାନ ଓ ଛେରାପହଁରା ନୀତି ସମ୍ପନ୍ନ ପରେ ହାତୀବେଶ ଧାରଣ କରିବେ ମହାପ୍ରଭୁ। ଦରଜି, ଚିତ୍ରକର, ଶୋଲ କାରିଗର ମିଶି ଏହି ବେଶ ପ୍ରସ୍ତୁତ କରିଛନ୍ତି।

ମହାପ୍ରଭୁ ହାତୀବେଶ ଧାରଣ କରିବା ପଛରେ ଏକ ଜନଶ୍ରୁତି ରହିଛି। ଦାକ୍ଷିଣାତ୍ୟର ଗଣପତି ଭଟ୍ଟ ନାମକ ଜଣେ ଗଣେଶ ଭକ୍ତ ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ଗଣପତିଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତାଙ୍କୁ ଉପାସନା କରୁ ନ ଥିଲେ। ସେ ଗଣେଶଙ୍କୁ ହିଁ ପରଂବ୍ରହ୍ମ ବୋଲି ବିଶ୍ୱାସ କରୁଥିଲେ। ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ବେଦୀରେ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। କିନ୍ତୁ ଗଣପତିଙ୍କୁ ନ ପାଇ ଅଭିମାନରେ ଫେରିଯାଉଥିଲେ। ଭକ୍ତର ମନକଥା ଜାଣି ମୁଦିରଥଙ୍କୁ ମହାପ୍ରଭୁ ସ୍ୱପ୍ନାଦେଶ କଲେ। ଅଧା ରାସ୍ତାରୁ ଗଣପତି ଭଟ୍ଟଙ୍କୁ ଫେରାଇ ଆଣିବା ସହିତ ପୁନଃ ଦର୍ଶନ ନିମନ୍ତେ ମୁଦିରଥଙ୍କୁ ସ୍ୱପ୍ନରେ କହିଲେ। ଗଣପତି ଫେରିଆସି ସ୍ନାନ ବେଦୀ ଉପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। ଦର୍ଶନ କରିବା ସମୟରେ ମହାପ୍ରଭୁ ଗଣେଶ ରୂପରେ ପ୍ରତୀୟମାନ ହୋଇଥିଲେ। ସେହି ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ସ୍ନାନ ଯାତ୍ରାରେ ସ୍ନାନ ବେଦୀରେ ମହାପ୍ରଭୁ ହାତୀବେଶ ବା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥା’ନ୍ତି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।

### ଦେବସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳାର୍ପଣ | ରାତି ୪ଟା ୩୦ |
| ଡୋରଲାଗି ଓ ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ | ଭୋର୍ ୫ରୁ ସକାଳ ୭ |
| ମଙ୍ଗଳ ଆଳତି | ୯ଟା |
| ମଇଲମ | ୯ଟା ୧୫ |
| ତଡ଼ପଲାଗି | ୯ଟା ୨୫ |
| ଅଧରପୋଛା | ୯ଟା ୪୫ |
| ଅବକାଶ | ପୂର୍ବାହ୍ଣ ୧୦ଟା ୨୦ |
| ରୋଷହୋମ | ୧୦ଟା ୩୦ |
| ସୂର୍ଯ୍ୟପୂଜା | ୧୦ଟା ୫୫ |
| ଦ୍ୱାରପାଳ ପୂଜା | ୧୧ଟା ୧୦ |
| ବେଶ ଶେଷ | ୧୧ଟା ୨୫ |
| ଜଳବିଜେ, ପୂଜା ଓ ସ୍ନାନ | ୧୨ଟା ୨୦ରୁ ଅପରାହ୍ଣ ୧ଟା ୪୫ |
| ମଇଲମ, ମେକାପ ଓ ନୂଆଲୁଗା ଲାଗି | ୨ଟା ୫୦ |
| ଛେରାପହଁରା | ୩ଟା ୩୦ |
| ହାତୀବେଶ | ୪ଟା ୩୦ |
| ମହନ୍ତ ଶାଢ଼ିବନ୍ଧା | ୪ଟା ୩୦ |
| ଘଣ୍ଟଛତା, ସକାଳ ଧୂପ | ୫ଟା ୪୫ରୁ ସନ୍ଧ୍ୟା ୭ଟା ୨୦ |
| ଦକ୍ଷିଣଘର ଭୋଗ | ୬ଟା ୩୦ |
| ସାହାଣମେଲା | ସନ୍ଧ୍ୟା ସାଢ଼େ ୭ରୁ ରାତି ସାଢ଼େ ୧୦ |
| ହାତୀବେଶ ମଇଲମ | ରାତି ୧୧ଟା |
| ପୁଷ୍ପାଞ୍ଜଳି ଓ ଡୋରଲାଗି | ରାତି ୧୧ଟା ୧୦ |
| ବାହୁଡ଼ା ପହଣ୍ଡି | ରାତି ସାଢ଼େ ୧୧ରୁ ୨ଟା |
| ସୁନାଚିତା ଓ ରାହୁରେଖା ମଇଲମ | ୨ଟା ୩୦ |

## ଉଚ୍ଛେଦବେଳେ ପୁଲିସ ଓ ଜବରଦଖଲକାରୀ ଧସ୍ତାଧସ୍ତି



ଟାଙ୍ଗୀ, ୧୦।୬(ସମିସ): ଟାଙ୍ଗୀ ଥାନା ଚିଲିକା ତହସିଲ୍ ଅଧୀନସ୍ଥ ସୋରଣ ପାଞ୍ଚାୟତ ଭଗବତୀପୁର ମୌଜାର ଖାତା ନମ୍ବର-୧୦୯୫ ଓ ୨୦୦୪ ଏହି ଦୁଇଟି ପ୍ଲଟ୍‌ରୁ ସରକାରୀ ଜାଗାରୁ ପୂର୍ବ ନିର୍ଦ୍ଧାରିତ ନୋଟିସ୍ ଅନୁସାରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ସମୟରେ ପୁଲିସ ଓ ଜବରଦଖଲକାରୀ ଧସ୍ତାଧସ୍ତି ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ଚିଲିକା ଅତିରିକ୍ତ ତହସିଲ୍‌ଦାର ବିଷ୍ଣୁପ୍ରିୟା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ସୁପରଭାଇଜର ଅମୀର ନାୟକ, ସୋରଣ ରାଜସ୍ୱ ନିରୀକ୍ଷକ ସମେତ ଅନ୍ୟ ଅଧିକାରୀ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି। ଏହା ସହିତ କିଛି ଦିନ ପୂର୍ବେ ସୋରଣ ଗ୍ରାମବାସୀଙ୍କ ସମୂହ ନିଷ୍ପତ୍ତି କ୍ରମେ ସୋରଣ ଡାକ୍ତରଖାନା ଚତଃପାର୍ଶ୍ୱରେ ଥିବା ସରକାରୀ ଜଗା ଜବରଦାଖଲ ଉଚ୍ଛେଦ ହୋଇଥିଲା। କିନ୍ତୁ ସେହି ସରକାରୀ ଜାଗାକୁ କିଛି ଜବରଦଖଲକାରୀ ପୁନର୍ବାର କବ୍‌ଜା କରିଥିଲେ। ମଙ୍ଗଳବାର ସେ ଜାଗାକୁ ମଧ୍ୟ ପୁନର୍ବାର ଉଚ୍ଛେଦ କରାଯାଉଥିବାବେଳେ କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିବାର ଆଶଙ୍କା ନେଇ ଟାଙ୍ଗୀ ଥାନା ଅଧିକାରୀ ରବୀନ୍ଦ୍ର ଭୂଜବଳଙ୍କ ତତ୍ତ୍ୱାବଧାନରେ ପୁଲିସ ବାହିନୀ ଉପସ୍ଥିତ ଥିଲେ ମଧ୍ୟ କିଛି ବିରୋଧୀ ପୁଲିସକୁ ଆକ୍ରମଣ କରିଥିଲେ। ଫଳରେ ଧସ୍ତାଧସ୍ତି, ମୁହାମୁହିଁ ହୋଇଥିବା ଜଣାପଡ଼ିଛି। ଜବରଦଖଲକାରୀଙ୍କ ପ୍ରତିରୋଧ ଯୋଗୁଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇଆଇସି ଶ୍ରୀ ଭୂଜବଳ ସୂଚନା ଦେଇଛନ୍ତି।

## ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

ବାଲୁଗାଁ, ୧୦।୬(ସମିସ): ବାଣପୁର ଥାନା ଅନ୍ତର୍ଗତ କୋଟବିଦ୍ୟାଧରପୁର ଶାସନ ଗ୍ରାମରେ ଜନ୍ମିତ ଶିକ୍ଷାବିତ୍ ପ୍ରଫେସର ଡ. ମୃତ୍ୟୁଞ୍ଜୟ ଶତପଥୀ(୮୧)ଙ୍କର ସୋମବାର ସନ୍ଧ୍ୟା ୬ଟାରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ସାନପୁଅ ଲଲାଟେନ୍ଦୁ ଶତପଥୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଶତପଥୀ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଦୀର୍ଘ ୨୮ ବର୍ଷ ଧରି ଓ ଭଞ୍ଜନଗର ମହାବିଦ୍ୟାଳୟରେ ୨ ବର୍ଷ ଅଧ୍ୟାପକ ଭାବେ ନିଜର କାର୍ଯ୍ୟ ନିର୍ବାହ କାରିବା ପରେ ବେଗୁନିଆ ମହାବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟରେ ୩ ବର୍ଷ ଲେଖାଏଁ ଅଧ୍ୟକ୍ଷ ପଦରେ ରହି ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଅବସର ଗ୍ରହଣ କରି ଥିଲେ। ତାଙ୍କ ବିୟୋଗରେ ମଙ୍ଗଳବାର ବାଲୁଗାଁ ଓ ବାଣପୁର ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ପୁରାତନ ଛାତ୍ରମାନଙ୍କ ତରଫରୁ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା, ବିଦ୍ୟାଧର ଜୁଝାରସିଂହ, ସୁବ୍ରତ ତ୍ରିପାଠୀ, ହିମାଂଶୁ ଦାଶ, ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ଡ. ଅକ୍ଷୟ ମିଶ୍ର, ରୀନା ରାଉତ, ବିମଳ ପଣ୍ଡା, ବିଶ୍ୱଜିତ୍ ଦାସ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।



## ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଗିରଫ

ଖୋର୍ଦ୍ଧା, ୧୦।୬(ସମିସ): ଜନୈକ ବିବାହିତ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶିଳ୍ପାଞ୍ଚଳ ପୁଲିସ ଗିରଫ କରିଛି। ଗିରଫ ଜଣକ ହେଲେ ନିଆଳ ଚମ୍ପାପୁରର ରଶ୍ମିରଞ୍ଜନ ଦାସ(୪୬)। ସୂଚନା ଅନୁସାରେ, ରଶ୍ମିରଞ୍ଜନ ଉକ୍ତ ୪୧ ବର୍ଷୀୟ ମହିଳାଙ୍କ କିଛି ଫଟୋ ତାଙ୍କ ମୋବାଇଲ୍‌ରୁ କୌଶଳକ୍ରମେ ନେଇ ଭାଇରାଲ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲା। ଏଥିରେ ପ୍ରତିବାଦ କରିବାରୁ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ମହିଳା ଜଣକ ୨୦୨୪ ଅକ୍ଟୋବର ୨୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲେ ହେଁ ରଶ୍ମିରଞ୍ଜନ ପୁନର୍ବାର ମହିଳାଙ୍କୁ ହଇରାଣ କରିଥିଲେ। ଗତ ୧୫ ତାରିଖରେ ମହିଳାଙ୍କ ଅଶ୍ଳୀଳ ଫଟୋ ରଶ୍ମିରଞ୍ଜନ କେତେକ ଲୋକଙ୍କୁ ଦେଖାଇଥିବା ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ରଶ୍ମିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପଣ୍ଡାଳମ୍‌ରେ ରାମଲୀଳା ନାଟକ ଉଦ୍‌ଯାପିତ

ବେଗୁନିଆ, ୧୦।୬(ସମିସ): ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ୍ ଗ୍ରାମରେ ଅକ୍ଷୟ ତୃତୀୟାଠାରୁ ଚାଲିଥିବା ରାମଲୀଳା ନାଟକ ଉଦ୍‌ଯାପିତ ହୋଇଛି। ଏଥିରେ ଗୁରୁ ତାରେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ରାମଲୀଳା ନାଟକଟି ଶ୍ରୀରାମଙ୍କ ଜନ୍ମଠାରୁ ଆରମ୍ଭ କରି ରାଜ୍ୟାଭିଷେକ ପର୍ଯ୍ୟନ୍ତ କଳାକାରମାନେ ନିଖୁଣ ଭାବରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ।

## କ୍ୟାଡର୍ ନିୟମକୁ ଟାଙ୍ଗୀ ବ୍ଲକ୍ ସେବା ସମିତି କର୍ମଚାରୀ ସଂଘର ସ୍ୱାଗତ

ନିରାକାରପୁର, ୧୦।୬(ସମିସ): ଏଣିକି ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ର କର୍ମଚାରୀ ପାଇଁ କ୍ୟାଡର ନିୟମ (ରେଗୁଲାଇଜେସନ) ଲାଗୁ ହେବା ପାଇଁ ରାଜ୍ୟ ସରକାର ସୋମବାର ଏହାକୁ ଅନୁମୋଦନ କରିଛନ୍ତି। ଦୀର୍ଘଦିନ ହେବ ପ୍ୟାକ୍ସ କର୍ମଚାରୀଙ୍କ ଏହା ଦାବି ଥିଲା ଓ ରାଜ୍ୟ ସରକାର ମଧ୍ୟ ସମବାୟ ସମିତି କାର୍ଯ୍ୟାଳୟରେ କେମିତି ଦୁର୍ନୀତି କମିବ ଆଉ ସ୍ୱଚ୍ଛ ଓ ସମୃଦ୍ଧ ହୋଇପାରିବ ସେଥିପ୍ରତି ନଜର ରଖି କ୍ୟାଡର ନିୟମ ପ୍ରଣୟନ କରିଛନ୍ତି। ଏହି ନିୟମ ଲାଗୁ କରିବାକୁ ସମବାୟ ସମିତି ସମୂହର ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୬୨ରେ ୩୩-ବି ଓଡ଼ିଶା ସମବାୟ ସମିତି ନୀତି ଲାଗୁ କରିବାକୁ ରାଜ୍ୟ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରତାପ ଚନ୍ଦ୍ର ରାଉତ ସମବାୟ ସମିତିର ସମୂହଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସମବାୟ ବିଭାଗର ଏଭଳି ଯୁଗାନ୍ତକାରୀ, ଦୃଷ୍ଟାନ୍ତମୂଳକ, ସମ୍ମାନଯୋଗ୍ୟ, ସ୍ୱଚ୍ଛ ଓ ସ୍ପଷ୍ଟ ପଦକ୍ଷେପକୁ ଟାଙ୍ଗୀ ବ୍ଲକ ସେବା ସମିତି କର୍ମଚାରୀ ସଂଘ ତରଫରୁ ଅନେକ ଅନେକ ସାଧୁବାଦ ଓ ଶୁଭକାମନା ଜଣାଇଛନ୍ତି।

### ଉଗ୍ରତାରା ପୀଠରେ ରଜ ଯାତ୍ରାକୁ ଆଉ ୩ ଦିନ

# ଉନ୍ନୟନମୂଳକ କାର୍ଯ୍ୟ ଅଧପନ୍ତରିଆ







ନିରାକାରପୁର, ୧୦।୬(ସମିସ)

ରାଜ୍ୟର ଅନ୍ୟତମ ଶକ୍ତି ପୀଠ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ମୁଳିଝରଗଡ଼ରେ ବିଦ୍ୟମାନ ମା' ଉଗ୍ରତାରାଙ୍କ ପୀଠରେ ଆଉ ୩ ଦିନରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରସିଦ୍ଧ ରଜ ଯାତ୍ରା ଓ ମା' ଉଗ୍ରତାରା ମହୋତ୍ସବ। ଏ ପର୍ଯ୍ୟନ୍ତ କେବଳ ଯାତ୍ରା ଅନୁଷ୍ଠିତ ଉଦ୍ଦେଶ୍ୟରେ ପ୍ରଶାସନ ନାମକୁ ମାତ୍ର ପ୍ରସ୍ତୁତି ବୈଠକ ସାରି ତାଙ୍କର କାର୍ଯ୍ୟଭାର ସମାପନ କରିବାକୁ ଲାଗିପଡ଼ିଛନ୍ତି। କିନ୍ତୁ ଏହାର ପାରିପାର୍ଶ୍ୱିକ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତିକରଣ ଓ ଭକ୍ତଙ୍କ ଅସୁବିଧା ପାଇଁ ଉପଲବ୍ଧ ବ୍ୟବସ୍ଥାର ତଦାରଖ ନ କରିବା ଦୁର୍ଭାଗ୍ୟଜନକ ଭଳି ମନେହେଉଛି। ମନ୍ଦିରର ଉନ୍ନତିକରଣ ସହ ମା'ଙ୍କ ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶିଳାନ୍ୟାସ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ। ମା'ଙ୍କ ପୀଠର ନବୀକରଣ ହେବା ଦ୍ୱାରା ଭକ୍ତମାନେ ନୂତନ ଅନୁଭବ ପାଇବା ସହ ବହୁ ଭକ୍ତଙ୍କ ସମାଗମ ହେବ। ଭକ୍ତମାନେ ପରିକ୍ରମା ମାର୍ଗରେ ଯାଇ ମା' ଉଗ୍ରତାରାଙ୍କୁ ଦର୍ଶନ କରିପାରିବେ ବୋଲି ଉଦ୍ୟମ କରାଯାଇଥିଲା। ଖ୍ୟାତନାମା ଉଗ୍ରତାରାଙ୍କ ମନ୍ଦିର ୧୬ନଂ ଜାତୀୟ ରାଜପଥଠାରୁ ୩ କିଲୋମିଟର ଦୂର ସହ ଭୂଷଣ୍ଡପୁର ରେଳ ଷ୍ଟେସନଠାରୁ ୧ କିଲୋମିଟର ଦୂରରେ ଅବସ୍ଥିତ। ବହୁ ପୁରାତନ ମନ୍ଦିର ହୋଇଥିବାରୁ ପ୍ରତ୍ୟେକ ଦିନ ଏହି ପୀଠକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୨୨ ନଭେମ୍ବର ୨୧ରେ ପୂର୍ବତନ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମା' ଉଗ୍ରତାରାଙ୍କ ମନ୍ଦିରକୁ ଅଚାନକ ପରିଦର୍ଶନ କରି ଏହାର ରୂପାନ୍ତରୀଣ

- ମୁଖ୍ୟ ସ୍ୱାଗତ ତୋରଣ ପ୍ରତି ମନ୍ଦିର ପ୍ରଶାସନର ଅଣଦେଖା
- ଲଗାଯାଇଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ ଗାଏବ
- ଅସୁରକ୍ଷିତ ଓ ଚାବି ବନ୍ଦ ଶୌଚାଳୟ ପ୍ରତି ଭକ୍ତ ମୁହଁ ଫେରାଉଛନ୍ତି

ଯୋଜନାର କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ତାହା ପରଖିଥିଲେ। ମା' ଉଗ୍ରତାରାଙ୍କ ପରିକ୍ରମା ମାର୍ଗ ସହ ସେବାୟତଙ୍କ ବିଶ୍ରାମ ଭବନ, ତୀର୍ଥଯାତ୍ରୀ ବିଶ୍ରାମ ଗୃହ, ଦୋକାନ ଘର, ଭୋଗ ମଣ୍ଡପ, ସୂଚନା କେନ୍ଦ୍ର ସହ ମନ୍ଦିର ପୁଷ୍କରିଣୀ ସମୂହର କାର୍ଯ୍ୟ ପାଇଁ ୨୪ କୋଟି ୪୫ ଟଙ୍କା ମଞ୍ଜୁର କରାଯାଇଥିଲା। ଏହାର ନିର୍ମାଣ ଦାୟିତ୍ୱ ଓବିସିସିକୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟ ଆରମ୍ଭ କରି ୨୦୨୫ ଏପ୍ରିଲ୍ ୧୯ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ହେବା ପରେ ଉକ୍ତ କାର୍ଯ୍ୟ ଏବେ ଅଧପନ୍ତରିଆ ହୋଇ ପଡ଼ିରହିଛି। କୌଣସି କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ।

ସେହିପରି ୧୬ନଂ ଜାତୀୟ ରାଜପଥରୁ ମନ୍ଦିରକୁ ରାସ୍ତାକୁ ପ୍ରବେଶ କରିବା ଦିଗରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍ୱାଗତ ତୋରଣ ଏବେ ଦୟନୀୟ ଅବସ୍ଥାରେ କଳଙ୍କି ଲାଗି ରହିଛି। ବର୍ଷକୁ ଥରେ ରଜଯାତ୍ରା ସମୟରେ ମନ୍ଦିର ଟ୍ରଷ୍ଟ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମନ୍ଦିର ରଙ୍ଗଠାରୁ ଆରମ୍ଭ କରି ୭ ଦିନ ଯାତ୍ରା ଓ ୫ ଦିନ ଧରି ଉଗ୍ରତାରା ମହୋତ୍ସବ ଅନୁଷ୍ଠିତ ହେଉଥିଲେ ବି ଦୀର୍ଘ ବର୍ଷ ଧରି ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ସହାୟତାରେ ସମ୍ପୂର୍ଣ୍ଣ ଲୁହାରେ ନିର୍ମିତ ହୋଇଥିବା ସ୍ୱାଗତ ତୋରଣ ଏବେ ଅବହେଳିତ ଅବସ୍ଥାରେ କେବଳ ଦଣ୍ଡାୟମାନ ହୋଇ ଭକ୍ତମାନଙ୍କୁ ବାଟ କଢ଼େଇ ନେଉଛି। ଶୁଣିବାକୁ ମିଳୁଛି ସେହି ଗେଟ୍‌ର ନିର୍ମାଣ ଦିନଠାରୁ ଏପର୍ଯ୍ୟନ୍ତ ସାମାନ୍ୟ ରଙ୍ଗ ଟିକେ କରିବାକୁ କାହାର ଯେମିତି ଆଗ୍ରହ ନାହିଁ। ସେ ଗେଟ୍‌ଟି ବର୍ତ୍ତମାନ ଧୀରେ ଧୀରେ କଳଙ୍କି ଲାଗିବାକୁ ବସିଲାଣି।

କିନ୍ତୁ ମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ କାହାରି ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବିଷୟ। ପୂର୍ବରୁ ଏଠାରେ ଅନେକଗୁଡ଼ିଏ ଆଲୋକ ବ୍ୟବସ୍ଥା କରାଯାଇଥିବାବେଳେ ଏବେ ମାତ୍ର ଗୋଟିଏ ଲାଇଟ୍ ଜଳୁଛି। ଏହି ପୀଠକୁ ଜାତୀୟ ରାଜପଥରୁ ମନ୍ଦିର ପର୍ଯ୍ୟନ୍ତ ଆସିବା ବାଟର ଉଭୟ ପାର୍ଶ୍ୱରେ ସାଂସଦଙ୍କ ଉଦ୍ୟମରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବା ବେଳେ ଆଉ ଗୋଟିଏ ବି ଲାଇଟ୍ ନାହିଁ। ଅସାମାଜିକ ଲୋକେ ଏହାକୁ ଭାଙ୍ଗି ଉପାଡ଼ି ନେଇଗଲେ। ରଜ ଯାତ୍ରା ଆଉ ମାତ୍ର ୩ ଦିନ ଥିବାବେଳେ ବହୁ ସଂଖ୍ୟାରେ ଜନସାଧାରଣ ଓ ବେପାରୀ ଭାଇମାନଙ୍କର ସମାଗମ ହେବ। କିନ୍ତୁ ଏଠାରେ ଓଟିଡିସି ଓ ଭୁବନେଶ୍ୱର ଲାୟନ୍ସ କ୍ଲବ୍ ତରଫରୁ ଥିବା ଶୌଚାଳୟ ଅବସ୍ଥା ନ କହିଲେ ଭଲ। ଅନ୍ୟ ଏକ ଜିଲ୍ଲା ପରିଷଦ ଅର୍ଥ ଦ୍ୱାରା ନିର୍ମାଣ ଶୌଚାଳୟ ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ତେଣୁ ଯାତ୍ରା ସମୟରେ ଏହାର ମନ୍ଦିର ସଂଲଗ୍ନ ଅଞ୍ଚଳ ଅପରିଷ୍କାର ହେବାର ଆଶଙ୍କା କରାଯାଉଛି। ତେଣୁ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ ଏଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି। ଯେମିତି ଲୋକେ ଏଠାକୁ ଆସି ଖୁସିରେ ଯାତ୍ରାର ମଜା ଉଠାଇ ଯିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




ବାଲୁଗାଁ, ୧୦।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ପଞ୍ଚାୟତ ସମିତି ଅଧୀନ ବିରିବାଡ଼ି ଗ୍ରାମ ପଞ୍ଚାୟତର ଶ୍ରୀଲୋକନାଥ ଦେବ ମାନସିଂ ବିଦ୍ୟାପୀଠ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ସାଗରିକା ନାଥ ଉପସ୍ଥିତ ରହି ମିଳିତ ଅଭିଯୋଗ ଶୁଣାଣି କରିଥିବାବେଳେ ବିରିବାଡ଼ି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମ ସହ ଆଖପାଖ ଗ୍ରାମ ପଞ୍ଚାୟତର ସମୁଦାୟ ୧୬୬ଟି ଅଭିଯୋଗ ବିଚାର ପାଇଁ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୧୫୫ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବାବେଳେ ୧୧ଟି ବିଭିନ୍ନ ଗ୍ରାମର ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ। ଉକ୍ତ ଶିବିରରେ ୫ଟି ଅଭିଯୋଗର ତ୍ୱରିତ ଫଇସଲା କରିବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବିରିବାଡ଼ି ଗ୍ରାମର ମନୋଜ କୁମାର ଗୁମାନସିଂଙ୍କୁ ୧୫ ହଜାର ଟଙ୍କା, ହରିପୁର ଗ୍ରାମର ହକିମ ଦଳାଇଙ୍କୁ ୧୫ହଜାର ଟଙ୍କା ଓ କୁହୁଡ଼ି ଗ୍ରାମର ମେଘନାଦ ତରାଇଙ୍କୁ ୧୦ ହଜାର ଟଙ୍କା ସହ ମୋଟ୍ ୩ ଜଣ ହିତାଧିକାରୀଙ୍କୁ ଚିକିତ୍ସା ଖର୍ଚ୍ଚ ନିମନ୍ତେ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ସ୍ଥଳେ ସୋରଣ ଗ୍ରାମର ରଞ୍ଜିତା ବାରିକଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଅର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉକ୍ତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସହକାରୀ ଜିଲ୍ଲାପାଳ ଶ୍ରୀତପା ମିଶ୍ର ଓ ଭୁବନେଶ୍ୱରୀ କଅଁର, ଖୋର୍ଦ୍ଧା ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ଶିବଲାଲ ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଚିଲିକା ତହସିଲ୍‌ଦାର କାହ୍ନୁ ଚରଣ ଘଡ଼େଇ ଓ ବିଡିଓ ପୁନମ ମହାପାତ୍ର ପ୍ରମୁଖଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକୀୟ ସହଯୋଗ କରିଥିଲେ।

## ଜଟଣୀରେ ନିର୍ମାଣ ହେବ ସାମ୍ବାଦିକ ଭବନ



ଜଟଣୀ, ୧୦।୬(ସମିସ): ମଙ୍ଗଳବାର ଜଟଣୀରେ ସାମ୍ବାଦିକ ଭବନ ତଥା ସାମ୍ବାଦିକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବଡ଼ ନୂଆଗାଁଠାରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟରେ ଏହି ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯିବ। ଜଟଣୀ ବିଧାୟକଙ୍କ ପାଣ୍ଠିରୁ ଅନୁଦାନ ମିଳିବା ପରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ପୌର ଅଧ୍ୟକ୍ଷ ଅନନ୍ତ ବେହେରା, ସାଂସଦ ପ୍ରତିନିଧି ସତୀଶ ଶର୍ମା ଏବଂ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥି ଏବଂ ଅନ୍ୟମାନେ ବୃକ୍ଷରୋପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ରବି ସ୍ୱାଇଁ, ଈଶ୍ୱର ସାମନ୍ତରାୟ, ମହମ୍ମଦ ଇସ୍ମାଇଲ୍ ଅଲ୍ଲୀ, ସଂଗ୍ରାମ ହୋତା, ଅମରେଶ ରାଉତରାୟ, ରବୀନ୍ଦ୍ର ମହାକୁଡ଼, ହୃଦାନନ୍ଦ କୋଦମାସିଂହ, ସନ୍ତୋଷ ବାରିକ, ଶ୍ରୀକାନ୍ତ ପ୍ରଧାନ, ସାଦ୍ଦିକ ଅଲ୍ଲୀ, ଶ୍ରୀକାନ୍ତ ପରିଜା, ସଜ୍ଜନ ଅଗ୍ରୱାଲ, ସତ୍ୟପ୍ରକାଶ, ବିଟୁ ମହେଶ, ନିରଞ୍ଜନ ବେହେରା, ଲଳିତ ମହାରଣା, ବିଶ୍ୱଜିତ୍ ସାମନ୍ତରାୟ, ମହେନ୍ଦ୍ର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଖୋର୍ଦ୍ଧା, ୧୦।୬(ସମିସ): ସଦର ଥାନା ଅନ୍ତର୍ଗତ ଗଡ଼ଗଡ୍ଡୁମ୍ ଗ୍ରାମରେ ଜଣେ ମହିଳାଙ୍କୁ ସାମାନ୍ୟ କଥାକୁ କେନ୍ଦ୍ର କରି କାଠଫାଳିଆରେ ଆକ୍ରମଣ କରିବା ଯୋଗୁଁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଆହତ ମହିଳା ଜଣକ ହେଲେ ପ୍ରତିମା ପ୍ରଧାନ। ଏନେଇ ତାଙ୍କ ପୁତୁରା ତଥା ସାମ୍ବାଦିକ ଜାଗେଶ୍ୱର ପ୍ରଧାନ ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ଗତ ୭ ତାରିଖ ସନ୍ଧ୍ୟା ୭ଟା ସମୟରେ ସାହିର ଶ୍ରୀନିବାସ ପ୍ରଧାନ ଜାଗେଶ୍ୱରଙ୍କ ଦାଦା ଲକ୍ଷ୍ମଣଙ୍କୁ ପାଗଳ କହି ତାଚ୍ଛଲ୍ୟ କରୁଥିଲେ। ଏହି ସମୟରେ ପ୍ରତିମା ବାହାରି ଏପରି ନ କହିବାକୁ ବାରଣ କରିଥିଲେ। ମାତ୍ର ଏଥିରେ ଉତ୍‌କ୍ଷିପ୍ତ ହୋଇ ଶ୍ରୀନିବାସ ଅତି ନିର୍ମମଭାବେ ପ୍ରତିମାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରତିମା ତଳେ ପଡ଼ିଥିବାବେଳେ ସମ୍ପର୍କୀୟ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ପରେ ଘଟଣା ପରଠାରୁ ଶ୍ରୀନିବାସ ଫେରାର୍ ଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ବେଗୁନିଆ, ୧୦।୬(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସିଫାର ମତ୍ସ୍ୟ ବୈଜ୍ଞାନିକ ଗୌରୀ ଶଙ୍କର ଶାହା ମୁଖ୍ୟ ଅତିଥି, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁରେନ୍ଦ୍ର ସିଂହ ମୁଖ୍ୟବକ୍ତା, ସହକାରୀ କୃଷି ଅଧିକାରୀ ଶୁଭ୍ରାନ ରାଉଳ, କୃଷି ଅଧିଦର୍ଶକ ଶ୍ରୀନିବାସ ଦାଶ ଓ ସମିତିସଭ୍ୟ ନଳିନୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ଉପସ୍ଥିତ ଚାଷୀମାନଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ୍ୟ କୃଷି କର୍ମଚାରୀ ବିଭୂତି ଭୂଷଣ ଦଳବେହେରା ଓ କୃଷକସାଥି ପଦ୍ମ ଚରଣ ବେହେରା ପରିଚାଳନା କରିଥିଲେ।

### ଜିଲ୍ଲାସ୍ତରୀୟ ବାତ୍ସଲ୍ୟ ମେଳା

# ଝିଅଙ୍କୁ ମିଶନ୍ ବାତ୍ସଲ୍ୟରେ ସାମିଲ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ଖୋର୍ଦ୍ଧା, ୧୦।୬(ସମିସ)




ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ୍‌ଠାରେ ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରୋତ୍ସାହନରେ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆୟୋଜନରେ ଜିଲ୍ଲାସ୍ତରୀୟ ବାତ୍ସଲ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଭଲ ପାଠ ପଢୁଥିବା ଝିଅ ବା ୬୦ ପ୍ରତିଶତରୁ ଅଧିକ ନମ୍ବର ରଖୁଥିବା ଝିଅମାନଙ୍କୁ ପ୍ରାଥମିକତା ଭିତିରେ ମିଶନ ବାତ୍ସଲ୍ୟ ଯୋଜନାରେ ସାମିଲ କରି ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସର୍ବାଙ୍ଗିଣ ଉନ୍ନତିରେ ସମସ୍ତ ଅଧିକାରୀ ଉତରଦାୟିତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ୍ୟ ଜିଲ୍ଲାପାଳ କହିଲେ ବର୍ତ୍ତମାନ ଈଶ୍ୱର ପ୍ରକୃତ ସମୟ ଆମକୁ ଦେଇଛନ୍ତି। ଏଣୁ ନିଜର ବାକ୍‌ଶକ୍ତି ତୀକ୍ଷ୍ଣ କରି ନିଜ ଭିତରେ ଥିବା ମେଧାକୁ ପରିସ୍ଫୁଟନ କରି ମିଶନ ବାତ୍ସଲ୍ୟରେ ଅଂଶୀଦାର ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇ +୨ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦୀପାଳି ଦାସ, ପିଙ୍କି ସିଂହ, ଶୁଭଲକ୍ଷ୍ମୀ ଦଳାଇ, ମହେଶ୍ୱର ଗିରିଙ୍କୁ ଏବଂ ଏଚ୍‌ଏସ୍‌ଇ/ସିବିଏସ୍‌ଇ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଯମୁନା ନାଏକ, ଶିବାନୀ ନାୟକ, ଶ୍ରୀମାନ ରବୀନ୍ଦ୍ର, ରଶ୍ମିତା ହେମ୍ବ୍ରମ୍, ବର୍ଷା ପ୍ରିୟଦର୍ଶିନୀ, ଏନ୍. ଗଣେଶ, ସାବିତ୍ରୀ ମଲ୍ଲିକ, ସୌମ୍ୟ ଆର୍ ମହାନ୍ତିଙ୍କୁ ୪ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିଥିଲେ।

ଯୋଜନାର ଦୁଇଜଣ ସଫଳ ହିତାଧିକାରୀ ଦେବସ୍ମିତା ହୋତା ଏବଂ ଚିନ୍ମୟୀ ବିଶୋଇ ନିଜର ପ୍ରେରଣାଦାୟୀ ଅନୁଭୂତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ୟୁନିସେଫ୍ ପରାମର୍ଶଦାତା ଘାସିରାମ ପଣ୍ଡା ପ୍ରମୁଖ ଏହି ଯୋଜନାର ବିଭିନ୍ନ ରୂପରେଖ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସଞ୍ଚାଳନ କରିଥିଲେ। ଏହି ମେଳାରେ ଖୋର୍ଦ୍ଧା, ବାଣପୁର, ବେଗୁନିଆ, ଚିଲିକା, ଟାଙ୍ଗୀ, ବୋଲଗଡ଼ ୬ଟି ବ୍ଲକକୁ ନେଇ ମିଶନ ବାତ୍ସଲ୍ୟ ମେଳାରେ ମିଶନ ବାତ୍ସଲ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସିଡିପିଓ, ଅଭିଭାବକ, ଛାତ୍ରଛାତ୍ରୀ, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ, ଶିଶୁମଙ୍ଗଳ ସମିତି ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ।

## ଟାଙ୍ଗୀ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପ୍ରତିଯୋଗିତା

ଟାଙ୍ଗୀ, ୧୦।୬(ସମିସ): ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଟାଙ୍ଗୀ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ଟି ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୬୦ ଜଣ ମହିଳା ଅଂଶଗ୍ରହଣ କରି ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା ବିଭିନ୍ନ ପ୍ରକାର ପିଠା, ମିଠା, ଜଳଖିଆ, ତରକାରୀ ଇତ୍ୟାଦି ମା'ମାନେ ପ୍ରସ୍ତୁତ କରିଥିଲେ। ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ଟାଙ୍ଗୀ ତହସିଲ୍‌ଦାର ନିଷ୍ଠା ମହାପାତ୍ର, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଜ୍ୟୋତ୍ସ୍ନାମୟୀ ପଣ୍ଡା ବିଚାରପତି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ନୂଆଗଡ଼ ପଞ୍ଚାୟତ ମା' ମଙ୍ଗଳା ମଣ୍ଡଳ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ, ଟାଙ୍ଗୀ ପଞ୍ଚାୟତର ଆୟୁଷ୍ମାନ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ ଗୋଷ୍ଠୀକୁ ଯଥାକ୍ରମେ ୫ ହଜାର ଓ ୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରକାଶ ଚନ୍ଦ୍ର ବଳିୟାରସିଂ ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ରଶ୍ମିତା ଇନ୍ଦ୍ରଜିତ।

